# ନିତିଦିନ
NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY
29 NOVEMBER 2025
ଶନିବାର
୨୯ ନଭେମ୍ବର ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 193 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୧୯୩ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


## ବିଧାନସଭାରେ ୧୭,୪୪୦ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଉପସ୍ଥାପିତ

# କୃଷି, ସାମାଜିକ କ୍ଷେତ୍ର ବିକାଶକୁ ଫୋକସ୍

### ସମୃଦ୍ଧ ଓଡ଼ିଶା ୨୦୩୬, ବିକଶିତ ଓଡ଼ିଶା ସ୍ୱପ୍ନ ସାକାର ଲକ୍ଷ୍ୟ






**ଭୁବନେଶ୍ୱର,୨୮।୧୧/ଏନ୍ଏନ୍ଏସ୍:**

ଓଡ଼ିଶା ସରକାର ପୁଣି ଥରେ ଏକ 'ପପୁଲିଷ୍ଟ ଅତିରିକ୍ତ ବଜେଟ୍' ଆଣିଛନ୍ତି। ଏହାର ପରିମାଣ ରହିଛି ୧୭,୪୪୦ କୋଟି ଟଙ୍କା। ସରକାର ଏହାକୁ ସମତୁଲ ଓ ଜନକଲ୍ୟାଣକାରୀ ଅତିରିକ୍ତ ବଜେଟ୍ ଭାବେ ଅବହିତ କରିଛନ୍ତି। ଫୋକସ୍‌ରେ ରହିଛି କୃଷି, ସାମାଜିକ କ୍ଷେତ୍ର ଓ ଗାଁ ବିକାଶ। ଏଥିସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ମହିଳା ସଶକ୍ତିକରଣ କ୍ଷେତ୍ର ପ୍ରତି ବି ଅଧିକ ବ୍ୟୟବରାଦ ହୋଇଛି।

ଶୁକ୍ରବାର ବିଧାନସଭାରେ ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅନ୍ତଃରୀଣ ବଜେଟ୍ ଉପସ୍ଥାପନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏକ ଜନମଙ୍ଗଳ ରାଷ୍ଟ୍ରରେ ସମ୍ବଳର ଉପଲବ୍ଧତା ଏବଂ ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାକୁ ଆଖି ଆଗରେ ରଖି ଉପଲବ୍ଧ ସମ୍ବଳର ପୁନଃବିନିଯୋଗ ତଥା ବିଭିନ୍ନ ସୂତ୍ରରୁ ସହବନ୍ଧିତ ସମ୍ବଳର ପ୍ରାପ୍ତି ମାଧ୍ୟମରେ ଅତିରିକ୍ତ ବଜେଟ୍ ପାଇଁ ବ୍ୟୟବରାଦ କରାଯାଇଛି। ରାଜ୍ୟ ସରକାରଙ୍କ ଅଧୀନରେ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ନିମନ୍ତେ ଅତିରିକ୍ତ ପାଣ୍ଠିର ଆବଶ୍ୟକତା ରହିଛି। ପ୍ରଚଳିତ ରହିଥିବା କେନ୍ଦ୍ର ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଏବଂ ଭାରତ ସରକାରଙ୍କ ଦ୍ୱାରା ଘୋଷିତ ନୂତନ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ନିମନ୍ତେ ଅତିରିକ୍ତ ବ୍ୟୟବରାଦ କରାଯାଇଛି। ଓଡ଼ିଶା ଆକସ୍ମିକ ପାଣ୍ଠିରୁ ନିଆଯାଇଥିବା ଅଗ୍ରୀମ ଅର୍ଥର ଭରଣା ତଥା ବିଭିନ୍ନ ଦାବି ଅନ୍ତର୍ଗତ ହିସାବ ବ୍ୟବସ୍ଥାପନା କରିବା ଉପରେ ବି ଅତିରିକ୍ତ ବଜେଟ୍‌ରେ ଗୁରୁତ୍ୱ ଦିଆଯାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅତିରିକ୍ତ ବ୍ୟୟ ବିବରଣ, ୨୦୨୫-୨୬ରେ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକୁ ୧୬୪ କୋଟି ଟଙ୍କା ହସ୍ତାନ୍ତର ପାଇଁ ପ୍ରସ୍ତାବ ରହିଛି। ରାଜ୍ୟ ସରକାର କୃଷକ କଲ୍ୟାଣ ଓ ଖାଦ୍ୟ ନିରାପତ୍ତା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ସାଧାରଣ ବଣ୍ଟନ ବ୍ୟବସ୍ଥା ଅଧୀନରେ ଧାନ କ୍ରୟ ପାଇଁ ରିଭଲଭିଂ ପାଣ୍ଠି ପାଇଁ ୩୦୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ରିହାତି ପାଇଁ ୧୩୨୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସମୃଦ୍ଧ କୃଷକ ଯୋଜନା ଅଧୀନରେ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ଇନପୁଟ୍ ସହାୟତା ପାଇଁ ୮୫୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା ପାଇଁ ବ୍ୟୟବରାଦ କରାଯାଇଛି। କୁକୁଡ଼ା ପାଳନ ବିକାଶ ପାଇଁ ୧୩୭ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ପାଇଁ ବ୍ୟୟବରାଦ କରାଯାଇଛି। ଗୋପାଳନ ପାଇଁ ୯୧ କୋଟି ଟଙ୍କା ବରାଦ ସହ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ପାଇଁ ୧୧୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଜଳ ନିଅଣ୍ଟ ଥିବା ଅଞ୍ଚଳରେ ଭୂତଳ ଜଳର ସହନୀୟ ଉତ୍ତୋଳନ ପାଇଁ ୧୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଚାଷୀଙ୍କୁ ଋଣ ସୁଧ ଛାଡ଼ ପାଇଁ ସମବାୟ ବ୍ୟାଙ୍କ ଓ ପ୍ୟାକ୍ସ ପାଇଁ ୩୦୦ କୋଟି ଟଙ୍କା ଏବଂ ସମବାୟ ସଂସ୍ଥାଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ୯୬ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ସ୍ୱାସ୍ଥ୍ୟ ସେବା ଓ ସାମାଜିକ କ୍ଷେତ୍ରରେ ବିକାଶ ଉପରେ ଫୋକସ୍ ଦିଆଯାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ୯୯୪ କୋଟି ଟଙ୍କା ପ୍ରଦାନ କରାଯାଇଛି। କଟକ ମେଡିକାଲ୍ କଲେଜରେ ନୂଆ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଆବଶ୍ୟକୀୟ ଉନ୍ନତିକରଣ ନିମନ୍ତେ ୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅଧୀନରେ ସୁଲଭ ତୃତୀୟକ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରିବା ପାଇଁ ୪୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ ପାଇଁ ୧୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଜାତୀୟ ଗ୍ରାମୀଣ ଜୀବିକା ମିଶନ ପାଇଁ ୪୨୬ କୋଟି, ରାସ୍ତା ଓ ସେତୁ ରକ୍ଷଣାବେକ୍ଷଣ ପାଇଁ ୨୫୦ କୋଟି, ଗ୍ରାମୀଣ ପାଇପ ଜଳ ଯୋଗାଣ ପ୍ରକଳ୍ପ ପାଇଁ ୧୧୬ କୋଟି ଓ ଜାତୀୟ ବିପର୍ଯ୍ୟୟ ବିପଦ ପ୍ରଶମନ ପାଣ୍ଠି ୧୭୧ କୋଟି ବ୍ୟୟବରାଦ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ କ୍ଷେତ୍ରରେ ସଡ଼କ ପୁନଃନିର୍ମାଣ ଯୋଜନା ପାଇଁ ୨୮ କୋଟି ଟଙ୍କା ଆବଣ୍ଟନ କରାଯାଇଛି । ଓସ୍ୱାନର ହରିଜଣ୍ଟାଲ୍ କନେକ୍ଟିଭିଟି ପାଇଁ ୭୧ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଭାରତ ନେଟ ପ୍ରକଳ୍ପ ପାଇଁ ୨୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ପୁରୀରେ 'ସବ୍‌ମେରାଇନ୍ କେବୁଲ୍ ଲ୍ୟାଣ୍ଡିଂ ଷ୍ଟେସନ୍ ପାଇଁ ୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ସଂସ୍କୃତି ଓ ପର୍ଯ୍ୟଟନ ପାଇଁ ପ୍ରୋତ୍ସାହନ ଦିଆଯାଇଛି। ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଅଧୀନରେ ୧୦୦ କୋଟି ଟଙ୍କା ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସଂସ୍କୃତି ନିର୍ଦ୍ଦେଶାଳୟକୁ ୩୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। କଳାମଣ୍ଡଳ ପ୍ରତିଷ୍ଠାନ ପାଇଁ ୨୦ କୋଟି ଟଙ୍କା, କଳା, ସଂସ୍କୃତି ଓ ଐତିହ୍ୟର ପ୍ରୋତ୍ସାହନ ପାଇଁ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକୁ ୬୦ କୋଟି ଟଙ୍କାର ଅନୁଦାନ ପ୍ରସ୍ତାବ, ରବୀନ୍ଦ୍ର ମଣ୍ଡପ ଓ କଳା ମଣ୍ଡପର ନବୀକରଣ ପାଇଁ ୧୦ କୋଟି ଟଙ୍କା ଏବଂ ରାଜ୍ୟ ସଂଗ୍ରହାଳୟ ଓ ଗବେଷଣା ପାଇଁ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ପର୍ଯ୍ୟଟନ ସୂଚନା ଏବଂ ପ୍ରଚାର ପାଇଁ ୫୦ ଟଙ୍କା ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟନର ଉନ୍ନତିକରଣ ଏବଂ ▶▶ ୫

### କେଉଁ ପ୍ରମୁଖ କ୍ଷେତ୍ରକୁ କେତେ

- କୃଷି ଓ ଆନୁସଙ୍ଗିକ କ୍ଷେତ୍ର- ୧୬୭୩ କୋଟି
- ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ସମୁଦାୟ ୧୧୬୪ କୋଟି
- ଶିକ୍ଷା କ୍ଷେତ୍ରକୁ ସମୁଦାୟ ୨୩୨୭ କୋଟି
- ଅନୁସୂଚିତ ଜାତି, ଜନଜାତି, ଓବିସି, ସଂଖ୍ୟାଲଘୁଙ୍କ ବିକାଶ ପାଇଁ ୫୩୧ କାଟି
- ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ପାଇଁ ୫୭୬ କୋଟି
- ବୃକ୍ଷରୋପଣ କ୍ଷତିପୂରଣ ପାଣ୍ଠି ପାଇଁ ୨୪୨ କୋଟି
- ଭିତ୍ତିଭୂମି ବିକାଶ ପାଇଁ ୧୯୫୫ କୋଟି
- ସହରୀ ବିକାଶ ପାଇଁ ୩୦୩ କୋଟି
- ଖାଦ୍ୟ ଯୋଗାଣ, ଗ୍ରାହକ କଲ୍ୟାଣ ପାଇଁ ୪୩୨୯ କୋଟି
- ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପାଇଁ ୧୯୫୫ କୋଟି
- ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ପାଇଁ ୬୧୬ କୋଟି
- ମିହିଳା ଓ ଶିଶୁ ବିକାଶ ପାଇଁ ୩୦୩ କୋଟି
- ସୁଭଦ୍ରା ଯୋଜନା ପାଇଁ ୨୯୫ କୋଟି
- ଶିଳ୍ପ, ଏମ୍ଏସ୍ଏମ୍ଇ ବିକାଶ ପାଇଁ ୩୩୭ କୋଟି
- ଓଡ଼ିଆ ଭାଷା, ସଂସ୍କୃତି, ହସ୍ତତନ୍ତ ବୟନଶିଳ୍ପ ପାଇଁ ୩୬୩ କୋଟି
- ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଅଧୀନରେ ୧୦୦ କୋଟି
- ଆଭ୍ୟନ୍ତରୀଣ ସୁରକ୍ଷା, ଆଇନ ପାଇଁ ୩୧୬ କୋଟି
- ପୁରୀରେ 'ସବ୍‌ମେରାଇନ୍ କେବୁଲ୍ ଲ୍ୟାଣ୍ଡିଂ ଷ୍ଟେସନ୍ ପାଇଁ ୪ କୋଟି

## ୨ ଓଡ଼ିଆ ଅଣପ୍ରଶାସନିକ ଅଧିକାରୀଙ୍କୁ ଆଇଏଏସ୍ ନିଯୁକ୍ତି




**ଭୁବନେଶ୍ୱର,୨୮।୧୧/ଏନ୍ଏନ୍ଏସ୍:**

ଓଡ଼ିଶାର ଦୁଇ ଅଣପ୍ରଶାସନିକ ଅଧିକାରୀଙ୍କୁ ଆଇଏଏସ୍ ନିଯୁକ୍ତି ମିଳିଥିବା ସୂଚନା ମିଳିଛି। ସମ୍ପୃକ୍ତ ଦୁଇଜଣ ଅଧିକାରୀ ହେଉଛନ୍ତି ଓଡ଼ିଶା ଇଞ୍ଜିନିୟରିଂ ସେବାର ସୁନ୍ଦର ମାଧବ ପାଢୀ ଏବଂ ଓଡ଼ିଶା ଅର୍ଥ ସେବାର ସ୍ମିତା ପାଣି। ଉଭୟଙ୍କୁ ଆଇଏଏସ୍ ନିଯୁକ୍ତି ନେଇ କେନ୍ଦ୍ର କର୍ମୀକ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

### ଦମ୍ ଦେଖାଇଲା ଭାରତର ଜିଡିପି

## ୨ୟ ତ୍ରୈମାସରେ ଅଭିବୃଦ୍ଧି ହାର ୮.୨%

**ନୂଆଦିଲ୍ଲୀ, ୨୮।୧୧/ଏଜେନ୍ସି:**

କମାଲ୍ କଲା ଭାରତ। ଦମ୍ ଦେଖାଇଲା ଜିଡିପି। ୨୦୨୫-୨୬ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ (ଜୁଲାଇ-ସେପ୍ଟେମ୍ବର)ରେ ଜିଡିପି ୮.୨% ହାରରେ ଅଭିବୃଦ୍ଧି ହାସଲ କରିଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ) ପକ୍ଷରୁ ଶୁକ୍ରବାର ଜାରି ବିବୃତ୍ତିରେ ଏସମ୍ପର୍କରେ ସୂଚନା ଦିଆଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଆମେରିକା ପକ୍ଷରୁ ବର୍ଦ୍ଧିତ ଶୁଳ୍କଜନିତ ଚାପ ଏବଂ ଘରୋଇ ନିବେଶ କ୍ଷେତ୍ରରେ ମନ୍ଥରତା ସତ୍ତ୍ୱେ ଭାରତର ଅଭିବୃଦ୍ଧି ହାର ବୃଦ୍ଧି ପାଇବା ନିଶ୍ଚିତ ଭାବେ ଏକ ସୁଖଦ ଖବର। କେବଳ ସେତିକି ନୁହେଁ ୮.୨%ର ଅଭିବୃଦ୍ଧି ଗତ ୬ ତ୍ରୈମାସରେ ରେକର୍ଡ ହୋଇଥିବା ଜିଡିପି ହାର ତୁଳନାରେ ମଧ୍ୟ ସର୍ବାଧିକ। ତେବେ ମୁଡିଜ୍ ପକ୍ଷରୁ କିନ୍ତୁ ଭାରତର ଜିଡିପି ଏହି ସମୟ ସୁଦ୍ଧା ୭% ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ସୂଚନାଯୋଗ୍ୟ ପୂର୍ବ ବର୍ଷ (୨୦୨୪-୨୫)ର ଏହି ସମାନ ସମୟ ଅର୍ଥାତ୍ ୨ୟ ତ୍ରୈମାସରେ ଆର୍ଥିକ ଅଭିବୃଦ୍ଧି ହାର ୫.୬% ଥିଲା ଏବଂ ଏପ୍ରିଲ-ଜୁନ୍‌ରେ ଏହା ୭.୮% ଥିଲା। ପ୍ରଧାନମନ୍ତ୍ରୀ






ନରେନ୍ଦ୍ର ମୋଦୀ ସଦ୍ୟତମ ଅର୍ଥନୈତିକ ତଥ୍ୟକୁ ସ୍ୱାଗତ କରି ୨୦୨୫-୨୬ ର ଦ୍ୱିତୀୟ ତ୍ରୈମାସିକରେ ୮.୨% ଜିଡିପି ଅଭିବୃଦ୍ଧିକୁ 'ଅତ୍ୟନ୍ତ ଉତ୍ସାହଜନକ' ବୋଲି କହିଛନ୍ତି। ଶୁକ୍ରବାର ପ୍ରକାଶିତ ସର୍ବଶେଷ ସରକାରୀ ତଥ୍ୟ ଅନୁଯାୟୀ, ଉତ୍ପାଦନ କ୍ଷେତ୍ରରେ ଦୃଢ଼ ଅଭିବୃଦ୍ଧି ମଧ୍ୟରେ ଭାରତର ମୋଟ୍ ଘରୋଇ ଉତ୍ପାଦ (ଜିଡିପି) ୮.୨% ରହିବା ଗତ ୬ଟି ତ୍ରୈମାସରେ

### ଅଭିବୃଦ୍ଧି ଅତ୍ୟନ୍ତ ଉତ୍ସାହଜନକ: ପ୍ରଧାନମନ୍ତ୍ରୀ

ସର୍ବାଧିକ ଭାବେ ବୃଦ୍ଧି ବୋଲି ବିବେଚନା କରାଯାଉଛି। ସିଧାସଳଖ କହିଲେ ଏହା ଆଶାଠାରୁ ବହୁତ ଅଧିକ, କାରଣ ବିଶ୍ଳେଷକମାନେ ଏହି ସମୟ ସୁଦ୍ଧା ୭% ରୁ ୭.୫% ମଧ୍ୟରେ ଅର୍ଥନୈତିକ ଅଭିବୃଦ୍ଧି ରହିବା ନେଇ ଆକଳନ କରିଥିଲେ। '୨୦୨୫-୨୬ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ପ୍ରକୃତ ଜିଡିପି କିମ୍ବା ସ୍ଥିର ମୂଲ୍ୟରେ ଜିଡିପି ୪୮.୬୩ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି, ଯାହା ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ୪୪.୯୪ ଲକ୍ଷ କୋଟି ଟଙ୍କା ହିଁ ରହିଥିଲା।

ଭାରତୀୟ ଅର୍ଥନୀତି ସେପଟେମ୍ବର ୨୦୨୪ ତ୍ରୈମାସିକ (ଋଣ୨୫ ର ଦ୍ୱିତୀୟ ତ୍ରୈମାସିକ) ରେ ୫.୬% ହାରରେ ଅଭିବୃଦ୍ଧି ପାଇଥିଲା, ଯାହା ସାତ ତ୍ରୈମାସିକ ସର୍ବନିମ୍ନ ଥିଲା, ଏବଂ ପୂର୍ବ ତ୍ରୈମାସିକ (ଋଣ୨୬ ର ପ୍ରଥମ ତ୍ରୈମାସିକ) ରେ ଏହା ୭.୮% କୁ ପୁନର୍ବାର ବୃଦ୍ଧି ପାଇଛି। ଅର୍ଥନୀତିର ସ୍ୱାସ୍ଥ୍ୟ ଟ୍ରାକ୍ କରିବା ପାଇଁ ଜିଡିପି ବ୍ୟବହାର କରାଯାଏ। ଏହା ଏକ ସମୟ ମଧ୍ୟରେ ଏକ ଦେଶ ମଧ୍ୟରେ ସମସ୍ତ ସାମଗ୍ରୀ ଏବଂ ସେବାର ମୂଲ୍ୟ ଦର୍ଶାଇଥାଏ। ଅତଏବ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ତଥ୍ୟ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଗ୍ରାମାଞ୍ଚଳ ଚାହିଦା, ସରକାରୀ ଖର୍ଚ୍ଚ ଏବଂ ବର୍ଦ୍ଧିତ ଉତ୍ପାଦନ ଅଭିବୃଦ୍ଧି ଅର୍ଥନୀତିକୁ ▶▶ ୫

## ବଢ଼ିଲା ମାଓ ଆତ୍ମସମର୍ପଣ ରାଶି

**ଭୁବନେଶ୍ୱର,୨୮।୧୧/ଏନ୍ଏନ୍ଏସ୍:**

ମାଓବାଦୀଙ୍କୁ ଶେଷ ସୁଯୋଗ। ବଢ଼ିଲା ମାଓ ଆତ୍ମସମର୍ପଣ ଅର୍ଥ ରାଶି। ଆତ୍ମସମର୍ପଣ କଲେ ମାଓବାଦୀଙ୍କୁ ମିଳିବ ଅଧିକ ଅର୍ଥରାଶି। ମାଓବାଦୀଙ୍କ ଆତ୍ମସମର୍ପଣ ରାଶି ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଲାଇଟ୍ ମେସିନ୍ ଗନ୍ ସହିତ ଆତ୍ମସମର୍ପଣ କଲେ ମାଓବାଦୀଙ୍କୁ ମିଳିବ ୪ଲକ୍ଷ ୯୫ହଜାର ଟଙ୍କା। ଏ.କେ-୪୭ ସହ ଆତ୍ମସମର୍ପଣ କଲେ ୩ଲକ୍ଷ ୩୦ହଜାର ଟଙ୍କା । ଏସ୍ଏଲ୍ଆର ସହ ଆତ୍ମସମର୍ପଣ କଲେ ମାଓବାଦୀଙ୍କୁ ମିଳିବ ୧ଲକ୍ଷ ୬୫ହଜାର ଟଙ୍କା । ୧୦ଲକ୍ଷ ପୁରସ୍କାର ଥିବା ମାଓବାଦୀ ଯଦି ଆତ୍ମସମର୍ପଣ କରିବେ ତେବେ ତାଙ୍କୁ ୫ଲକ୍ଷ ଟଙ୍କା ମିଳିବ । ଏହାସହିତ ସେମାନଙ୍କ ନାଁରେ ଥିବା ସବୁ ଛୋଟମୋଟ ମାମଲା ପ୍ରତ୍ୟାହାର କରିବେ ସରକାର। ସେହିପରି ପଲିଟବ୍ୟୁରୋ, ସେଣ୍ଟ୍ରାଲ କମିଟି ମେମ୍ବରଙ୍କୁ ମିଳିବ ୧କୋଟି ୧୦ଲକ୍ଷ, ଷ୍ଟେଟ୍ କମିଟି ସଦସ୍ୟ, ସ୍ପେଶାଲ ▶▶ ୫

## ଦୁର୍ଘଟଣାରେ ୩ ଯୁବକ ମୃତ

**ଢେଙ୍କାନାଳ,୨୮।୧୧/ଏନ୍ଏନ୍ଏସ୍:**

ଢେଙ୍କାନାଳରେ ମର୍ମନ୍ତୁଦ ଦୁର୍ଘଟଣା। ଚାଲିଗଲା ୩ ଜୀବନ। ୫୫ନମ୍ବର ଜାତୀୟ ରାଜପଥରର ଢେଙ୍କାନାଳ ସହରରଉପକଣ୍ଠ ଗୋବିନ୍ଦପୁର ନିକଟରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଗତକାଲି ବିଳମ୍ବିତ ରାତ୍ରିରେ କୌଣସି ଅଜଣା ଗାଡ଼ି ଏକ ସ୍କୁଟିକୁ ଧକ୍କା ଦେବା ଫଳରେ ସ୍କୁଟିରେ ଥିବା ୩ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ଗୋବିନ୍ଦପୁର ଫାଣ୍ଡି ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛି। ମୃତକ ମାନେ ଢେଙ୍କାନାଳ ତୁମୁସିଂହା ଥାନା ମାଛିଆ ଗ୍ରାମର ମିଥୁନ ପାତ୍ର, କଟକ ମାହାଙ୍ଗା ଥାନା ଜଳେଶ୍ୱରପୁର ଗ୍ରାମର ଜଗନ୍ନାଥ ଦାଶ ଓ ଅନୁଗୁଳ ବନ୍ତଳା ଥାନା ଅନ୍ତର୍ଗତ କା ଗ୍ରାମର ସୁରେନ୍ଦ୍ର ବେହେରା ବୋଲି ଜଣାପଡ଼ିଛି। ମୃତ ଯୁବକମାନେ ଚୌଦ୍ୱାର ▶▶ ୫

## ଖୋଲିବନି ୨୦ରୁ କମ୍ ଛାତ୍ରଛାତ୍ରୀ ଥିବା ସ୍କୁଲ୍

**ଭୁବନେଶ୍ୱର,୨୮।୧୧/ଏନ୍ଏନ୍ଏସ୍:**

ଖୋଲିବନି ୨୦ରୁ କମ୍ ଛାତ୍ରଛାତ୍ରୀ ଥିବା ସ୍କୁଲ୍। ବିଧାନସଭାରେ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନର ଉତ୍ତର ରଖି ଏହି ସୂଚନା ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଶ୍ରୀ ଗଣ୍ଡ କହିଛନ୍ତି ଯେ ପୂର୍ବ ସରକାର ୨୦ ରୁ ଅଧିକ ଛାତ୍ରଛାତ୍ରୀ ଥିବା ସ୍କୁଲକୁ ବନ୍ଦ କରିଥିଲେ। ତେବେ ରାଜ୍ୟ ସରକାର ବନ୍ଦ ହୋଇଥିବା ୨୦ ରୁ ଅଧିକ ପିଲା ଥିବା ସ୍କୁଲ ଖୋଲିବାକୁ ବିଚାର କରୁଛନ୍ତି। ଗତ ସରକାର ତରବରିଆ ଭାବେ ସ୍କୁଲ ବନ୍ଦ କରିଥିଲେ, ଆମ ସରକାର ଏବେ ଚିନ୍ତା କରୁଛନ୍ତି। ଯେଉଁ ଜିଲ୍ଲାରେ ୨୦ରୁ ଅଧିକ ପିଲା ଥିବା ସ୍କୁଲ୍ ଅଛି ଜିଲ୍ଲାସ୍ତରୀୟ କମିଟିରୁ ରାଜ୍ୟସ୍ତରୀୟ କମିଟିକୁ ଆସିଲେ ବିଚାର କରାଯିବ। ଆମେ ଏଭଳି ୪୬ଟି ସ୍କୁଲ ଖୋଲିଛୁ। ଅଉ ୫ଟି ସ୍କୁଲ୍ ପାଇଁ ପ୍ରପୋଜାଲ ଆସିଥିଲା। ଗୋଟେ ରିଜେକ୍ଟ ହୋଇଛି, ଆଉ ୪ଟିକୁ ବିଚାର କରୁଛୁ ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଉତ୍ତର ରଖିଛନ୍ତି।

## ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲିବା ପ୍ରସ୍ତାବ ସ୍ଥଗିତ

**ପୁରୀ,୨୮।୧୧/ଏନ୍ଏନ୍ଏସ୍:**

ଶ୍ରୀଗୁଣ୍ଡିଚା ମନ୍ଦିର ସର୍ବସାଧାରଣ ଭକ୍ତଙ୍କ ପାଇଁ ଖୋଲାଯିବା ପ୍ରସ୍ତାବ ଏବେ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଏବଂ ଶ୍ରୀମନ୍ଦିର ବରିଷ୍ଠ ସୁପରଭାଇଜରଙ୍କ ଜରୁରୀ ରିପୋର୍ଟ ତଥା ଭକ୍ତ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ନଜରରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ପରିଚାଳନା କମିଟିଙ୍କ ପରାମର୍ଶ ତଥା ଅଧିସ୍ୱୀକୃତି ଅନୁସାରେ କିଛିଦିନ ତଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ ଏବଂ ପରେ, ପରିଚାଳନା କମିଟିର ବରିଷ୍ଠ ସେବକ ସଦସ୍ୟ ଏବଂ ଅଧିକାରୀବୃନ୍ଦ ଶ୍ରୀଗୁଣ୍ଡିଚା ମନ୍ଦିର ଅନୁଧ୍ୟାନ କରିଥିଲେ। ଏହାପରେ ଆସନ୍ତା ଡିସେମ୍ବର ୧ ତାରିଖରୁ ଏହାକୁ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଲାଗି ଖୋଲାଯିବା ନେଇ ବିଚାର କରାଯାଇଥିଲା। ତେବେ ଏହା ଭିତରେ ଶ୍ରୀଗୁଣ୍ଡିଚା ମନ୍ଦିର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ପାଇଁ ଆହୁରି ଅଧିକ ସମୟ ଆବଶ୍ୟକ ବୋଲି ଅତିରିକ୍ତ ମୁଖ୍ୟ ଯନ୍ତ୍ରି ରିପୋର୍ଟ ଦେଇଛନ୍ତି। ଏଥିସହ ମନ୍ଦିର ମଧ୍ୟରେ ଷ୍ଟିଲ ବିମ୍ ଲଗାଯିବା ପ୍ରସ୍ତାବ ▶▶ ୫

# ବିଶ୍ୱର ସର୍ବୋଚ୍ଚ 'ରାମ' ପ୍ରତିମା ଉନ୍ମୋଚିତ

### ଭାରତ ଏକ 'ସାଂସ୍କୃତିକ ପୁନର୍ଜାଗରଣ' ଦେଖୁଛି: ମୋଦୀ

**ପାଣାଜୀ, ୨୮।୧୧/ଏଜେନ୍ସି:**

ଦକ୍ଷିଣ ଗୋଆର କାନକୋନାର ପରତାଗାଲିରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଏକ ୭୭ ଫୁଟ୍ ଉଚ୍ଚତା ବିଶିଷ୍ଟ କାଂସ୍ୟ ପ୍ରତିମାକୁ ଉନ୍ମୋଚନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଶ୍ରୀ ସଂସ୍ଥାନ ଗୋକର୍ଣ୍ଣ ଜୀବୋତ୍ତମ ମଠର ୫୫୦ତମ ବର୍ଷ ପାଳନ ଅବସରରେ ପ୍ରଭୁଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରାଯାଇଛି। ଗୋଆ ସରକାରଙ୍କ ଅନୁସାରେ ଏହା ବିଶ୍ୱର ସବୁଠାରୁ ଉଚ୍ଚ ଶ୍ରୀରାମଙ୍କ ପ୍ରତିମା। ତେବେ ଏହି ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମୋଦୀ କହିଛନ୍ତି ଯେ, ଭାରତ ଏକ 'ସାଂସ୍କୃତିକ ପୁନର୍ଜାଗରଣ' ଦେଖୁଛି, ଏବଂ ଅଯୋଧାରେ ରାମ ମନ୍ଦିର ନିର୍ମାଣ, କାଶୀ ବିଶ୍ୱନାଥ ଧାମ ଏବଂ ଉଜ୍ଜୟିନୀରେ ମହାକାଳ ମହାଲୋକର ପ୍ରସାରଣ ଜାତିର 'ଜାଗରଣ'କୁ ପ୍ରତିଫଳିତ କରୁଛି, ଯାହାକି ନୂତନ ଶକ୍ତି ସହିତ ଏହାର ଆଧାତ୍ମିକ ଐତିହ୍ୟକୁ ଆଗକୁ ବଢ଼ାଉଛି। ତେବେ ଏହି ନବଜାଗରଣ ଭବିଷ୍ୟତ ପିଢ଼ିକୁ ସେମାନଙ୍କର ମୂଳ ସହିତ ଜଡିତ ରହିବାକୁ ପ୍ରେରଣା ଦେବ।



ଗୋଆର ଇତିହାସକୁ ଉଲ୍ଲେଖ କରି ଶ୍ରୀ ମୋଦୀ କହିଛନ୍ତି ଯେ ଏପରି ସମୟ ଥିଲା ଯେତେବେଳେ ଗୋଆର ମନ୍ଦିର ଏବଂ ସ୍ଥାନୀୟ ପରମ୍ପରାକୁ ଧ୍ୱଂସର ସମ୍ମୁଖୀନ ହେବାକୁ ପଡିଥିଲା। ସେହିପରି ଶ୍ରୀ ସଂସ୍ଥାନ ଗୋକର୍ଣ୍ଣ ଜୀବୋତ୍ତମ ମଠକୁ ପ୍ରଶଂସା କରି ମୋଦୀ କହିଛନ୍ତି ଯେ, ଏହି ମଠର ମିଶନ ହେଉଛି ଲୋକଙ୍କ ହୃଦୟକୁ ସଂଯୋଗ କରିବା ଏବଂ ପରମ୍ପରା ଏବଂ ଆଧୁନିକତା ମଧ୍ୟରେ ଏକ ସେତୁ ନିର୍ମାଣ କରିବା। ଯେତେବେଳେ ସମାଜ ଏକାଠି ହୁଏ, ଯେତେବେଳେ ପ୍ରତ୍ୟେକ ଅଞ୍ଚଳ ଏବଂ ପ୍ରତ୍ୟେକ ବର୍ଗ ଏକ ହୋଇ ଠିଆ ହୁଏ, ସେତେବେଳେ ହିଁ ଏକ ରାଷ୍ଟ୍ର ବଡ଼ ଉନ୍ନତି କରିଥାଏ। ବିକଶିତ ଭାରତର ଯାତ୍ରାରେ, ମଠ ଏକ ପ୍ରମୁଖ ଏବଂ କେନ୍ଦ୍ରୀୟ ଭୂମିକା ଗ୍ରହଣ କରେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ୯ଟି ସଂକଳ୍ପ ନେବାକୁ ମଧ୍ୟ କହିଥିଲେ, ଯଥା, ଜଳ ସଂରକ୍ଷଣ, ବୃକ୍ଷରୋପଣ, ସ୍ୱଚ୍ଛତା, 'ସ୍ୱଦେଶୀ' (ସ୍ୱଦେଶୀ ଉତ୍ପାଦର ବ୍ୟବହାର), 'ଦେଶ ଦର୍ଶନ' (ଭାରତ ଭ୍ରମଣ), ପ୍ରାକୃତିକ କୃଷି, ସୁସ୍ଥ ଜୀବନଶୈଳୀ, ଯୋଗ ଏବଂ କ୍ରୀଡା, ଏବଂ ଅଭାବୀ ଲୋକଙ୍କୁ ▶▶ ୫

# ଏଆଇ ପକ୍ଷରୁ ଲୋକପ୍ରିୟ ପୁସ୍ତକ ଉପରେ ୪୫% ପର୍ଯ୍ୟନ୍ତ ରିହାତି

**ଭୁବନେଶ୍ୱର,୨୮।୧୧/ଏନ୍‌ଏନ୍‌ଏସ୍:** ଶିଶୁ ଦିବସରେ ଏଆଇ ସବୁଠାରୁ ଲୋକପ୍ରିୟ ପୁସ୍ତକଗୁଡ଼ିକର ଏକ କ୍ୟୁରେଟେଡ୍ ସଂଗ୍ରହ ଆଣୁଛି। କାଳଜୟୀ ଶାସ୍ତ୍ରୀୟ ଏବଂ ଦୁଃସାହସିକ କାହାଣୀରୁ ଶିକ୍ଷାଗତ ପୁସ୍ତକ ପର୍ଯ୍ୟନ୍ତ, ଗ୍ରାହକମାନେ ସର୍ବାଧିକ ବିକ୍ରୟ ହେଉଥିବା ଲେଖକ ଏବଂ ପ୍ରକାଶକଙ୍କ ବିଭିନ୍ନ ପୁସ୍ତକରୁ ଅନୁସନ୍ଧାନ କରିପାରିବେ। ପାଠକମାନେ ୪୫% ପର୍ଯ୍ୟନ୍ତ ରିହାତି ଏବଂ ଅତିରିକ୍ତ ୧୦% ତୁରନ୍ତ ବ୍ୟାଙ୍କ ରିହାତି ମଧ୍ୟ ପାଇପାରିବେ। ଏହା ବ୍ୟତୀତ ପ୍ରତ୍ୟେକ ୩ ଟି ଶିଶୁ ପୁସ୍ତକ ଖୁବକମ୍ ସମୟ ମଧ୍ୟରେ ପାଠପକ ପାଇପାରିବେ। କିଛି ଲୋକପ୍ରିୟ ପୁସ୍ତକ ମଧ୍ୟରେ ଅନ୍ତର୍ଭୁକ୍ତ ଦି କିଡ୍ ହୁ କମ ଫ୍ରମ୍ ସ୍ପେସ୍, ଡାଏରୀ ଅଫ୍ ଏ ୱିମ୍ପି କିଡ୍, ଇଟ୍ ଇଜ୍ ଟାଇମ୍ ଟୁ ସେ ଗୁଡନାଇଟ୍, ଦି ମ୍ୟାଜିକ୍ ଅଫ୍ ଦି ଲଷ୍ଟ ଟେମ୍ପଲ୍, ହ୍ୟାରି ପର୍ଟର, ଡଗ୍ ମ୍ୟାନ୍ ହାସଟ୍ୟାଗ ୧୪: ବିଗ୍ ଜିମ୍ ବିଲିଭସ୍ ଏବଂ ତେଲୁଗୁ ଆକହାରମାଲା ଲାଙ୍ଗୁଏଜ୍ ପ୍ୟାକ୍ ଏବଂ ଶ୍ରେଷ୍ଠ ବାଲ୍ କାହାନିଆଁ ଆଦି ରହିଛି। ସେହିଭଳି ଦି ପଞ୍ଚତନ୍ତ୍ର ଅଫ୍ ବିଷ୍ଣୁ ଶର୍ମା (ଓଡ଼ିଆ), କିଣ୍ଡର୍ ସିରିଜ୍ କନ୍ନଡ ଅକ୍ଷରମାଲେ ରାଇଟିଂ ବୁକ୍ ଭଳି ପୁସ୍ତକ ରହିଛି।

# ନିଃସନ୍ତାନ ସମସ୍ୟା ଦୂର ପାଇଁ ସଚେତନତା ଜରୁରୀ

**ଭୁବନେଶ୍ୱର,୨୮।୧୧/ଏନ୍‌ଏନ୍‌ଏସ୍:** ଅନ୍ତର୍ଜାତୀୟ ମାନର ଏନ୍‌ଆଇଏଫ୍ ସେଣ୍ଟର୍ ଆରମ୍ଭ ହୋଇଛି। ଉଭୟ ଟିୟର ୧ ଓ ଟିୟର ୨ ସହରଗୁଡ଼ିକରେ ନିଃସନ୍ତାନ ସମସ୍ୟା ବୃଦ୍ଧି ପାଉଥିବାବେଳେ ଏହାର ସମାଧାନ ଦିଗରେ ବେଶ ସହାୟକ ହେବ ବୋଲି ଡକ୍ଟର ରୋହିତ କହିଛନ୍ତି। ସେ କହିଥିଲେ ଯେ ଲୋକଙ୍କୁ ସଚେତନ କରିବା ଲାଗି ଉଦ୍ୟମ ହେବା ଉଚିତ। ସଠିକ୍ ଚିକିତ୍ସା ଓ ସଫଳତା ହାର ବୃଦ୍ଧି କରିବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏଠାରେ ବ୍ୟବହାର ହୋଇଛି। ଲ୍ୟାବ୍‌ଗୁଡ଼ିକରେ ଇଲେକ୍ଟ୍ରୋନିକ୍ ୱିଟ୍‌ନେସିଙ୍ଗ୍ ସିଷ୍ଟମ୍‌ଗୁଡ଼ିକର ବ୍ୟବହାର ହୋଇଥାଏ ଯାହା ଲ୍ୟାବ୍ ବୈଜ୍ଞାନିକଙ୍କୁ ଏକ ଆଲାରାମ ସିଷ୍ଟମ ଭଳି ସତର୍କ କରିଥାଏ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏମ୍ବ୍ରୋଲୋଜିଷ୍ଟଙ୍କ ପାଇଁ ଲ୍ୟାବ୍‌ରେ ଦ୍ୱିତୀୟ ଚକ୍ଷୁ ଭଳି କାର୍ଯ୍ୟ କରିଥାଏ। ସେହିପରି ଡକ୍ଟର ଗାୟତ୍ରୀ ଶତପଥୀ କହିଛନ୍ତି ଯେ ଏକ ବଡ଼ ସମସ୍ୟା ହେଉଛି ଲୋକମାନେ ପରାମର୍ଶ ନେବାରେ ବହୁ ବିଳମ୍ବ କରିଥାନ୍ତି। ବୟସ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ ଏ ଦିଗରେ ଲୋକ ସଚେତନ ହେବା ଆବଶ୍ୟକ। ସେହିପରି ପରିଚାଳନା ଅଧିକାରୀ ବିଶ୍ୱନାଥ ଗାଙ୍ଗୁଲି କହିଛନ୍ତି ଯେ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ସ୍ଥାୟୀ ଫଳାଫଳ ନିଶ୍ଚିତ କରିବା ପାଇଁ ଦକ୍ଷ ଚିକିତ୍ସକ ଓ ଏମ୍ବ୍ରୋଲୋଜିଷ୍ଟଙ୍କ ଦ୍ୱାରା ସମର୍ଥିତ ଆନ୍ତର୍ଜାତୀୟ ମାନଦଣ୍ଡଗୁଡିକୁ ଅନୁସରଣ କରୁଛୁ।

# ଅର୍ଥ ହଡ଼ପ ଅଭିଯୋଗରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗିରଫ

**ଫୁଲବାଣୀ,୨୮।୧୧/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କୋଏରମାଣ୍ଡୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିନାୟକ ନାୟକଙ୍କୁ ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ଗିରଫ କରିଛି ଭିଜିଲାନ୍ସ ବିଭାଗ।



ବିନାୟକଙ୍କ ନିଜ ଘର ରାଇକିଆ ବ୍ଲକ ହାଟପଦା ଅଞ୍ଚଳରେ ହୋଇଥିବା ବେଳେ ସେ କୋଏରମାଣ୍ଡୁ ପଞ୍ଚାୟତରେ କାର୍ଯ୍ୟରତ ଥିଲେ। ସେ ଦୀର୍ଘ ଦିନ ହେବ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉନଥିବା ଅଭିଯୋଗ ହୋଇ ଆସୁଥିଲା। ଅଭିଯୋଗ ଅନୁସାରେ, ବିନାୟକ ନାୟକ ଗତ ୨୦୨୫ ମସିହାରେ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ପାଇଁ ଆସିଥିବା ସିଏଫ୍‌ସି ଅନୁଦାନରୁ ୧୨ ଲକ୍ଷ ୮୭ ହଜାର ୨୦୧ ଟଙ୍କା ଆତ୍ମସାତ କରିଥିବା ନେଇ ଭିଜିଲାନ୍ସ ବିଭାଗରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ୧୮/୨୫ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା। ଆଜି ବିନାୟକଙ୍କୁ ଫୁଲବାଣୀ ଟାଉନ ଥାନା ଅଞ୍ଚଳରୁ ଗିରଫ କରାଯାଇଥିବା ଭିଜିଲାନ୍ସ ଡିଏସ୍‌ପି ହେମନ୍ତ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# କୁଇଜ୍ ପ୍ରତିଯୋଗିତାରେ ଡିଏସ୍‌ବିଏମ୍ ଛାତ୍ର ଚାମ୍ପିଅନ୍

**ଭୁବନେଶ୍ୱର,୨୮।୧୧/ଏନ୍‌ଏନ୍‌ଏସ୍:** ସମୃଦ୍ଧ ଓଡ଼ିଶାରେ ଡିଏଭି ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟ ୟୁନିଟ୍- ୮ ସଫଳତା ହାସଲ କରିଛି। ଡିଏସ୍‌ବିଏମ୍‌ର ବି.କମ୍ ତୃତୀୟ ସେମିଷ୍ଟର୍ ଛାତ୍ର ଆଦିତ୍ୟ କକ୍କଡ କୁଇଜ୍ ପ୍ରତିଯୋଗିତାର ବରିଷ୍ଠ ବର୍ଗରେ ବିଜେତା ହୋଇଛନ୍ତି। ରାଜ୍ୟର ପ୍ରମୁଖ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟର ଅଂଶଗ୍ରହଣକାରୀମାନଙ୍କ ବିରୁଦ୍ଧରେ ପ୍ରତିଯୋଗିତା କରି ସେ ଚାମ୍ପିଅନ୍ସ ଟ୍ରଫି ହାସଲ କରିଛନ୍ତି। ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟଅତିଥି, ଏମ୍‌ଏସ୍‌ଏମ୍‌ଇ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସମ୍ମାନିତ ଅତିଥି ଏବଂ ଓଡ଼ିଶାର ଉନ୍ନୟନ କମିଶନର ଅନୁ ଗର୍ଗ ଉପସ୍ଥିତ ଥିଲେ। ଡିଏସ୍‌ବିଏମ୍‌ର ଚେୟାରମ୍ୟାନ୍ ଡକ୍ଟର ଅରୁଣ କୁମାର ରଥ ଏହି ଅନନ୍ୟ ସଫଳତା ପାଇଁ ହୃଦୟର ସହିତ କୃତଜ୍ଞତା ଜ୍ଞାପନ କରିଥିଲେ ଏବଂ ସେମାନଙ୍କ ବିଜୟ ପାଇଁ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ସଫଳତା ପାଇଁ ଖୁସି ହୋଇ ଡିଏସ୍‌ବିଏମ୍‌ର ଅଧ୍ୟକ୍ଷ ଡଃ. ଡି. ଏନ. ମିଶ୍ର ଅନୁଷ୍ଠାନର ପ୍ରତିନିଧିତ୍ୱ କରୁଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ପ୍ରତିବଦ୍ଧତା, ପ୍ରସ୍ତୁତି ଏବଂ ଉତ୍ସର୍ଗକୁ ପ୍ରଶଂସା କରିଥିଲେ।

## ସମୃଦ୍ଧ ଓଡ଼ିଶା ୨୦୩୬ ସମ୍ମିଳନୀ ଉଦ୍‌ଯାପିତ

# ସମ୍ବଳ ଅର୍ଥନୀତିରୁ ଜ୍ଞାନ ଅର୍ଥନୀତି ଆଡ଼କୁ ଅଗ୍ରସର ହେଉଛି ଓଡ଼ିଶା: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୮।୧୧/ଏନ୍‌ଏନ୍‌ଏସ୍:** ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ) ଦ୍ୱାରା ଆୟୋଜିତ ଦୁଇ ଦିନିଆ ସମୃଦ୍ଧ ଓଡ଼ିଶା ସମ୍ମିଳନୀ ଜନତା ମଇଦାନଠାରେ ଉଦ୍‌ଯାପିତ ହୋଇଯାଇଛି। ସମାରୋହରେ ଉପମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ କୃଷି ଓ କୃଷକ ବିକାଶ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉନ୍ନୟନ କମିଶନର୍ ଓ ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ଏବଂ ଶକ୍ତି ବିଭାଗର ମୁଖ୍ୟ ସଚିବ ବିଶାଲ କୁମାର ଦେବ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ଆମେ ଏକ ସମ୍ବଳ ଅର୍ଥନୀତିରୁ ଏକ ଜ୍ଞାନ ଅର୍ଥନୀତି ଆଡକୁ ଅଗ୍ରସର ହେଉଛୁ। ଓଡିଶାରେ ସର୍ବୋଚ୍ଚ ପୁଞ୍ଜି ନିବେଶ ଅନୁପାତ ରହିଛି। ଆମର ସରକାର ୨୦୩୬ ପାଇଁ ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଆମେ କୃଷି-ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜି ନିବେଶ ଆବଶ୍ୟକ କରୁଛୁ। ଓଡ଼ିଶା ହେଉଛି ଏକ କୃଷି-ସମୃଦ୍ଧ ରାଜ୍ୟ, ଯାହା ସଫଳ ଭାବେ ଏକ ଆମଦାନୀକାରୀରୁ ଏକ ଶୁଦ୍ଧ ରପ୍ତାନୀକାରୀରେ ପରିବର୍ତ୍ତନ ହେଉଛି। ସେ ଏକ ଦକ୍ଷ ମାନବସମ୍ବଳ ଆଧାର ବିକଶିତ କରିବା ପାଇଁ ଦୃଢ଼ ଶିଳ୍ପ-ଶିକ୍ଷାନୁଷ୍ଠାନ ସହଭାଗିତା ପାଇଁ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି, ଯାହା ରାଜ୍ୟର ତ୍ୱରାନ୍ୱିତ ଶିଳ୍ପାୟନକୁ ସମର୍ଥନ କରୁଥିବ। ସେହିପରି ଉନ୍ନୟନ କମିଶନର୍ ଅନୁ ଗର୍ଗ କହିଛନ୍ତି ଯେ ରାଜ୍ୟ ସରକାର ୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପହଞ୍ଚିବା ପାଇଁ ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ସ୍ଥିର କରିଛନ୍ତି, ଯାହା ଜାତୀୟ ଜିଡିପିରେ ଓଡିଶାର ଯୋଗଦାନକୁ ବର୍ତ୍ତମାନର ୩.୮%ରୁ ଯଥାକ୍ରମେ ୪% ଓ ୫%କୁ ବୃଦ୍ଧି କରିବ। ପରେ ସଚିବ ଶ୍ରୀ ଦେବ କହିଛନ୍ତି ଯେ ନିକଟ ବର୍ଷଗୁଡ଼ିକରେ ଓଡ଼ିଶା ଇଲେକ୍ଟ୍ରୋନିକ୍ସ, ଆଇଟି ଓ ସେମିକଣ୍ଡକ୍ଟର ନିବେଶଗୁଡ଼ିକ ପାଇଁ ସଫଳତାର ସହ ନିଜକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ଅବସ୍ଥାପିତ କରିଛି। ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି ଯେ ଓଡ଼ିଶାକୁ ସମୃଦ୍ଧ କରିବା ପାଇଁ ଆମେ ସରକାରଙ୍କ ସହିତ ନାଗରିକଙ୍କର ସାମୂହିକ ସମର୍ଥନ ଆବଶ୍ୟକ କରୁଛୁ। ବୃହତ ଶିଳ୍ପଗୁଡିକ କ୍ଷୁଦ୍ର ଶିଳ୍ପଗୁଡିକୁ ସମର୍ଥନ କରିବା ଉଚିତ ଏବଂ ସ୍ଥାନୀୟ ଏମଏସଏମଇଗୁଡିକରୁ କ୍ରୟ କରିବା ଉଚିତ। ୟୁସିସିଆଇଏଲର ଅଧ୍ୟକ୍ଷ ଡଃ ପ୍ରବୋଧ ମହାନ୍ତି କହିଛନ୍ତି ଯେ ସମୃଦ୍ଧ ଓଡ଼ିଶା ସମ୍ମିଳନୀ ଉଦ୍ୟୋଗିକ ଉତ୍ସାହର ଏକ ଜୀବନ୍ତ ପ୍ରଦର୍ଶନୀ ଥିଲା ଯାହା ସହଭାଗିତା ବିକଶିତ କରିବା ସହ ବାସ୍ତବ ସମୟର ବ୍ୟବସାୟ ସୁଯୋଗ ସୃଷ୍ଟି କରିଛି। ଶେଷରେ ଅଧ୍ୟକ୍ଷ ଡଃ ବ୍ରହ୍ମା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପୁସ୍ତକ ଲୋକାର୍ପଣ ଉତ୍ସବ ଓ କବିତା ଆସର




**ଭୁବନେଶ୍ୱର,୨୮।୧୧/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର କଳିଙ୍ଗ ପୁସ୍ତକ ମେଳା ମଞ୍ଚରେ କୋଠଘର ପ୍ରକାଶନୀ ପକ୍ଷରୁ ୭ ଜଣ ଲେଖକ ଏବଂ କବିଙ୍କର ପୁସ୍ତକ ଲୋକାର୍ପିତ ସହିତ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। କୋଠଘର ସମ୍ପାଦିକା, ପ୍ରକାଶିକା ଅମ୍ବିକା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବରେଣ୍ୟ ଅତିଥି ପଦ୍ମଶ୍ରୀ ଡ.ଦେବୀ ପ୍ରସନ୍ନ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ, ରବି ସ୍ୱାଇଁ, କଥାକାର ଲକ୍ଷ୍ମୀ ଚାନ୍ଦଙ୍କ କରକମଳରେ କାହ୍ନୁଚରଣ ପାଣିଗ୍ରାହୀଙ୍କ କବିତା ପୁସ୍ତକ, ଅନୁଭବର ସ୍ୱର, ଅର୍ଜ୍ଜୁନୀ ଚରଣ ପାଣିଗ୍ରାହୀଙ୍କ ପ୍ରବନ୍ଧ ପୁସ୍ତକ ଦେବୀ ଓ ଦେବୀମାନଙ୍କ କଥା, ବାସନ୍ତୀ ଦେଈଙ୍କ ଏଇତ ଜୀବନ, ସଂଯୁକ୍ତା ସାହୁଙ୍କ କବିତାର ମଧୁ ଗୀତି, କବି ପ୍ରତାପ ଶେଖର ସାହୁଙ୍କ ବିକ୍ଷିପ୍ତ ସ୍ୟାହିର ଛିଟା, ରବୀନ୍ଦ୍ର ହୋତାଙ୍କ ଜଣେ ଆଚାର୍ଯ୍ୟର ଆତ୍ମ କଥା ଲୋକାର୍ପିତ ହୋଇଯାଇଛି। ପ୍ରଥମ ଅଧିବେଶନରେ କୋଠଘର ଆମ ସାହିତ୍ୟ ପରିବାରର ସଭାପତିଙ୍କ ସଭାପତିତ୍ୱରେ କବିତା ଆସରରେ ୧୦୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ।

ମଞ୍ଚ ପରିଚାଳନା କରିଥିଲେ ଭାଷା ବିଜ୍ଞାନୀ ଡଃ. ଦେବାଶିଷ ମହାପାତ୍ରଏବଂ ସୁଚିସ୍ମିତା ମିଶ୍ର। କବିତା ସଂଯୋଜନା କରିଥିଲେ ଡ଼ଃ. ପ୍ରତାପ ରଞ୍ଜନ ମହାନ୍ତି, ଲିନା ଶତପଥୀ, ରାଜଲକ୍ଷ୍ମୀ ତ୍ରିପାଠୀ ଓ ସସ୍ମିତା ହୋତା। ଶେଷରେ କାର୍ଯ୍ୟକାରୀ ସଭାପତି ଆଶୁତୋଷ ମେହେର ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ 'ଏଏଆଇ ପାଭିଲିୟନ୍'କୁ ମିଳିଲା ସ୍ୱର୍ଣ୍ଣ

**ଭୁବନେଶ୍ୱର,୨୮।୧୧/ଏନ୍‌ଏନ୍‌ଏସ୍:** ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ) ତାହାର ଉତ୍କୃଷ୍ଟ ପ୍ୟାଭିଲିୟନ୍ ଡିଜାଇନ୍, ନୂତନ ଡିଜିଟାଲ୍ ଅଭିଜ୍ଞତା ଏବଂ ଭାରତର ବିକାଶଶୀଳ ବିମାନ କ୍ଷେତ୍ରର ସଫଳ ପ୍ରଦର୍ଶନ ପାଇଁ ସ୍ୱର୍ଣ୍ଣ ପୁରସ୍କାର ଲାଭ କରିଛି। ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ) ଅଧ୍ୟକ୍ଷ ବିପିନ କୁମାର ଭାରତ ବାଣିଜ୍ୟ ପ୍ରୋତ୍ସାହନ ସଂଗଠନର ପରିଚାଳନା ନିର୍ଦ୍ଦେଶକ ଡ଼ଃ ନୀରଜ ଖରୱାଲଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। 'ଏକ ଭାରତ, ଶ୍ରେଷ୍ଠ ଭାରତ' ବିଷୟ ଆଧାରିତ ଏଏଆଇ ପ୍ୟାଭିଲିୟନ୍ ପରିଦର୍ଶକ ଓ ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିଥିଲା। ଦେଶପ୍ରେମୀ ଉତ୍ସାହକୁ ଜାଗ୍ରତ କରି ବନ୍ଦେ ମାତରମ୍‌ର ୧୫୦ ବର୍ଷ ପାଳନକୁ ବିଶେଷ ଭାବେ ଆକର୍ଷିତ କରିଥିଲା। ପ୍ୟାଭିଲିୟନ୍‌ରେ ଉଡ଼ାନ୍, ଷ୍ଟାର୍ଟ-ଅପ୍ ପଲିସି ଓ ଏୟାର କନେକ୍ଟିଭିଟି ମ୍ୟାପ୍ ପରି ପ୍ରମୁଖ ପଦକ୍ଷେପ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ପ୍ୟାଭିଲିୟନ୍‌ର ପ୍ରମୁଖ ଆକର୍ଷଣ ଥିଲା ଏଟିସି ପ୍ରଦର୍ଶନ, ଯେଉଁଠାରେ ଏଟିସି – ସିଏନ୍‌ଏସ୍ କନସୋଲ୍ ସହିତ ଆଧୁନିକ ଯୋଗାଯୋଗ, ନାଭିଗେସନ୍ ଏବଂ ନିରୀକ୍ଷଣ ପ୍ରଯୁକ୍ତିବିଦ୍ୟାର ପ୍ରଦର୍ଶନୀ ହୋଇଥିଲା। ଏହି ପ୍ରଦର୍ଶନ ଭାରତର ଉନ୍ନତ ବିମାନ ଟ୍ରାଫିକ୍ ପରିଚାଳନାର ସଫଳ ପ୍ରଗତିକୁ ଦୃଢ଼ଭାବେ ପ୍ରତିଫଳିତ କରିଥିଲା।

# ପିଜିଟି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଭୁବନେଶ୍ୱର,୨୮।୧୧/ଏନ୍‌ଏନ୍‌ଏସ୍:** ଆଜି ଶେଷ ହୋଇଛି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପିଜିଟି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ଓ ଅର୍ଥନୀତି ବିଷୟର ସ୍ନାତକୋତ୍ତର ବା ପିଜିଟି ଶିକ୍ଷକଶିକ୍ଷୟତ୍ରୀମାନେ ଯୋଗ ଦେଇଥିଲେ। ଏହି ପ୍ରଶିକ୍ଷଣରେ ୯୦ ଜଣ ପିଜିଟି ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ଯୋଗଦେଇ ପିଜିଟି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ଉପରେ ଗୁରୁତ୍ୱ ଦେବା ନିମନ୍ତେ ନିଜର ଦକ୍ଷତା ବୃଦ୍ଧି ଜରୁରୀ ବୋଲି ସୂଚନା ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କୁ ଭୟହୀନ ପରିବେଶରେ ଚାପମୁକ୍ତ ପାଠପଢ଼ା ଉପରେ ଗୁରୁତ୍ୱାରୋପ କରିବା ନିମନ୍ତେ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକ ସ୍ନିଗ୍ଧା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ବିନିତା ସେନାପତି, ଯୁଗ୍ମ ନିର୍ଦ୍ଦେଶକ, ଜିତେନ୍ଦ୍ର ନାୟକ, ଉପ ନିର୍ଦ୍ଦେଶକ, ଡ଼. ଉମାକାନ୍ତ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଉପନିର୍ଦ୍ଦେଶିକ ସିଏଚ. ବିଜୟଲକ୍ଷ୍ମୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପାଞ୍ଚଦିନିଆ ତାଲିମ କାର୍ଯ୍ୟକ୍ରମରେ ପିଜିଟିମାନଙ୍କ ଦକ୍ଷତା ବିକାଶ ଉପରେ ପ୍ରାଧାନ୍ୟ ଦିଆଯାଇଥିଲା ଓ ବୃତ୍ତି ସମ୍ବନ୍ଧୀୟ ସଚେତନତା, ଶିକ୍ଷକମାନଙ୍କ ବୃତ୍ତିଗତ ବିକାଶ, ଶ୍ରେଣୀଗୃହ ପରିଚାଳନା, ଗ୍ରୁପ୍ ଆକ୍ଟିଭିଟି, ଆକାଂକ୍ଷା ବିଦ୍ୟାଳୟର ରୂପରେଖ ଆଦି ସମ୍ପର୍କରେ ତାଲିମ୍ ଦିଆଯାଇଛି ଓ ପ୍ରତ୍ୟେକ ଦିନ ପାଞ୍ଚଟି ଅଧିବେଶନ, ମୋଟ୍ ୨୫ ଟି ଅଧିବେଶନ ସମେତ ସ୍ଥାନୀୟ ପରିଭ୍ରମଣ ମଧ୍ୟ ଆୟୋଜିତ କରାଯାଇଥିଲା। ଶେଷରେ ମତାମତ ଗ୍ରହଣ ଏବଂ ସାର୍ଟିଫିକେଟ ପ୍ରଦାନ କରାଯାଇଛି।

# 'ଶାକାହାରୀ ଖାଦ୍ୟ ପ୍ରତି ଆକୃଷ୍ଟ ହେବା ଉଚିତ୍'

**ଭୁବନେଶ୍ୱର,୨୮।୧୧/ଏନ୍‌ଏନ୍‌ଏସ୍:** ଶାକାହାରୀ ଆହାରରେ ଆବଶ୍ୟକ ପୋଷକତତ୍ତ୍ୱର ଅଭାବ ହୋଇପାରେ, କିନ୍ତୁ ସଠିକ୍ ଯୋଜନାବଦ୍ଧ ଆହାର ସହିତ ସନ୍ତୁଳିତ ଏବଂ ପୋଷଣସମୃଦ୍ଧ ଭୋଜନ ଗ୍ରହଣ କରିବା ସମ୍ପୂର୍ଣ୍ଣ ଭାବରେ ସମ୍ଭବ ବୋଲି ଆଜି ମ୍ୟାକ୍ସ ହେଲ୍‌ଥକେୟାର୍‌ର ରିଜିଓନାଲ୍ ହେଡ୍ ଅଫ୍ ଡାଏଟେଟିକ୍ସ ରତିକା ସମଦ୍ଦାର ଭେଗନ୍ ବା ଶାକାହାରୀ ହେବାକୁ ଚେଷ୍ଟା କରୁଥିବା ଲୋକମାନଙ୍କ ପାଇଁ କିଛି ପରାମର୍ଶ ପ୍ରଦାନ କରିଛନ୍ତି। ସେ କହିଥିଲେ ଯେ ଏକ ସୁସ୍ଥ ଭେଗାନ୍ ଡାଏଟର ମୂଳଦୁଆ ହେଉଛି ସମ୍ପୂର୍ଣ୍ଣ, ସର୍ବନିମ୍ନ ପ୍ରକ୍ରିୟାକୃତ ଖାଦ୍ୟ। ସେ ସୁସ୍ଥ ଚର୍ବିର ଏକ ଭଲ ଉତ୍ସ ଭାବରେ ନଟ୍ସ- ବିଶେଷକରି ବାଦାମ୍ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିରେ ଡାଏଟ୍ରି ଫାଇବର ଏବଂ ଭିଟାମିନ୍ ଇ, ମ୍ୟାଗ୍ନେସିୟମ୍, ଫାଇବର ଏବଂ ପୋଟାସିୟମ୍ ସମେତ ୧୫ଟି ଆବଶ୍ୟକୀୟ ପୋଷକଯୁକ୍ତ ପଦାର୍ଥରେ ପରିପୂର୍ଣ୍ଣ। ଏହା ସହିତ ସେ ଫଳ ଏବଂ ବିଭିନ୍ନ ପନିପରିବା, ଏକ ଚତୁର୍ଥାଂଶ ଡାଲି ପରି ସୁସ୍ଥ ପ୍ରୋଟିନ୍ ଉତ୍ସ ଏବଂ ଅନ୍ୟ ଏକ ଚତୁର୍ଥାଂଶ ବ୍ରାଉନ୍ ଚାଉଳ, ସମ୍ପୂର୍ଣ୍ଣ ଗହମ ଏବଂ ବାଜରା ପରି ସମ୍ପୂର୍ଣ୍ଣ ଶସ୍ୟରେ ପୂରଣ କରିବାକୁ ପରାମର୍ଶ ଦେଇଛନ୍ତି।

# ସୃଷ୍ଟି ଏକାଡେମୀର ୨୭ତମ ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର,୨୮।୧୧/ଏନ୍‌ଏନ୍‌ଏସ୍:** ସୃଷ୍ଟି ଏକାଡେମୀ ମ୍ୟାନେଜମେଣ୍ଟ କ୍ୟାମ୍ପସ୍ ପରିସରରେ ୨୭ତମ ଜାତୀୟ ସମ୍ମିଳନୀ ୪.୦ ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହକୁ ଇଣ୍ଟରନ୍ୟାସ୍‌ନାଲ୍ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଡ଼ଃ. ପ୍ରତାପ ଚନ୍ଦ୍ର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

ସମ୍ମାନିତ ଅତିଥି ଭାବେ ଗ୍ଲୋବାଲ୍ କ୍ୟାପାବିଲିଟି ସେଣ୍ଟର୍‌ର ରିଲେସନ୍‌ସିପ୍ ମ୍ୟାନେଜର୍ ଦେବାକାନ୍ତ ମିଶ୍ର, ମଡେର୍ନ୍ ଟ୍ରେଡ୍‌ର ବ୍ୟାପାର ମୁଖ୍ୟ ସମ୍ବିତ ପଣ୍ଡା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଫେସର ଦେବାକାନ୍ତ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ କର୍ମଚାରୀମାନଙ୍କ ପାଇଁ ନୂତନ ଦକ୍ଷତା କିପରି ଆବଶ୍ୟକ ଏବଂ କେଉଁଠାରେ ଉନ୍ନତ ଦକ୍ଷତା-ଭିତ୍ତିକ କୌଶଳ ଅଧ୍ୟୟନ କରିବା ଜରୁରୀ। ଯାହାକି ଡିଜିଟାଲ୍ ପରିବର୍ତ୍ତନରେ ମାନବ ସମ୍ବଳ ବିଭାଗ ଏହାର ମୁଖ୍ୟ ଭୂମିକା ନେବେ ବୋଲି ଅନ୍ୟତମ ଅତିଥି ପ୍ରଫେସର୍ ଦେବାକାନ୍ତ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଦୁଇଦିନିଆ ସମ୍ମିଳନୀ ମୁଖ୍ୟତଃ ୪ଟି ପର୍ଯ୍ୟାୟରେ ଆଲୋଚନା କରାଯାଇଥିଲା, ଯେଉଁଥିରେ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟର ମ୍ୟାନେଜମେଣ୍ଟ୍ ବିଭାଗର ପ୍ରଫେସରମାନେ ଅଂଶଗ୍ରହଣ କରିଥିଲେ। ଅମୃତା ରଥ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋରଞ୍ଜନ ଦାସ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାରଦା ପ୍ରସାଦ ସାହୁ, ଇଣ୍ଟରନ୍ୟାସ୍‌ନାଲ୍ ମ୍ୟାନେଜମେଣ୍ଟ୍‌ର ମୁଖ୍ୟ ପ୍ରଫେସର ମାନୀତ ମିଶ୍ରା ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପ୍ରୋ-ଭାଇସ୍ ଚାନ୍‌ସେଲର୍ ପ୍ରଫେସର ଅନୁପ ସମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ଏବଂ ସ୍ୱାତି ସୁଚରିତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସମ୍ମିଳନୀ ପ୍ରଫେସର୍ ଅନୁରାଧା ମିଶ୍ରାଙ୍କ ସଂଯୋଜନା ଏବଂ କାର୍ଯ୍ୟକାରୀ ସମ୍ପାଦକ ରୋଜି ବାରିକଙ୍କ ମିଳିତ ଉଦ୍ୟମରେ ହୋଇଥିଲା। ଶେଷରେ ରୋଜି ବାରିକ ଧନ୍ୟବାଦ୍ ଦେଇଥିଲେ। ଅନୁଷ୍ଠାନର ଉପାଧ୍ୟକ୍ଷ ପ୍ରଫେସର ପ୍ରଜ୍ଞାନ ପରିମିତା ସାଡାଙ୍ଗୀ, ଜକ୍କି ସମିର ଖାନ୍, ସନତ ପଟ୍ଟନାୟକ, ଅର୍ପଣ ମହାପାତ୍ର ଏବଂ ରାଜ୍ୟର ବିଭିନ୍ନ ମ୍ୟାନେଜମେଣ୍ଟ ବିଭାଗରେ ପଢୁଥିବା ରିସର୍ଚ୍ଚ ସ୍କଲାର୍ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

# ଯଖପୁରା-କେନ୍ଦୁଝର-ନୟାଗଡ଼ ରେଳ ସେକ୍ସନ୍ ଯାଞ୍ଚ

**ଭୁବନେଶ୍ୱର,୨୮।୧୧/ଏନ୍‌ଏନ୍‌ଏସ୍:** ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ ଆଜି ରେଳମଣ୍ଡଳର ବରିଷ୍ଠ ଅଧିକାରୀଙ୍କ ସହିତ ଖୋର୍ଦ୍ଧା ରୋଡରୁ ଜଖପୁରା ଏବଂ ନୟାଗଡ଼ (କେନ୍ଦୁଝର) ରେଳ ସେକ୍ସନ ପର୍ଯ୍ୟନ୍ତ ନିରୀକ୍ଷଣ କରିଛନ୍ତି। ଏହି ନିରୀକ୍ଷଣ ସମୟରେ ସୁରକ୍ଷା ମାନଦଣ୍ଡକୁ ସୁଦୃଢ଼ କରିବା, ଭିତ୍ତିଭୂମି ନିର୍ଭରଯୋଗ୍ୟତାକୁ ଉନ୍ନତ କରିବା ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ରେଳ କରିଡର୍‌ରେ ସୁଗମ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା ସମ୍ବନ୍ଧରେ ବିଶେଷ ଧ୍ୟାନ ଦିଆଯାଇଥିଲା। ଶ୍ରୀ ତ୍ରିପାଠୀ ମଧ୍ୟ ଟ୍ରାକ୍ ଜ୍ୟାମିତି, ଆଲାଇନମେଣ୍ଟ, ସେତୁ, କଲଭର୍ଟ, ଲେଭଲ କ୍ରସିଂ, ସିଗନାଲିଂ ସ୍ଥାପନ, ଇଣ୍ଟରଲକିଂ ବ୍ୟବସ୍ଥା, ଟର୍ଣ୍ଣଆଉଟ୍, ଡ୍ରେନେଜ୍ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ସୁରକ୍ଷା କାର୍ଯ୍ୟର ସ୍ଥିତି ସମୀକ୍ଷା କରିଥିବାବେଳେ ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ବାଡ଼ ଏବଂ ସୁରକ୍ଷା ବ୍ୟବସ୍ଥାଗୁଡ଼ିକର ମଧ୍ୟ ସମୀକ୍ଷା କରିଥିଲେ।

ଟ୍ରାକ୍ ନବୀକରଣ, ସେତୁ ପୁନର୍ବାସ, ଷ୍ଟେସନ ୟାର୍ଡ ଉନ୍ନତି, ଲାଇନ-କ୍ଷମତା ବୃଦ୍ଧି ପ୍ରକଳ୍ପଗୁଡ଼ିକ ସହିତ ସିଗନାଲିଂ ଏବଂ ବିଦ୍ୟୁତିକରଣ ପ୍ରଣାଳୀର ଉନ୍ନୟନ ସମେତ ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ମଧ୍ୟ ଶ୍ରୀ ତ୍ରିପାଠୀଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିଲା। ସାମଗ୍ରିକ ଯାତ୍ରା ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ଯାତ୍ରୀ ସୁବିଧା ଯେପରିକି ପରିଷ୍କାର ପରିଚ୍ଛନ୍ନତା, ଆଲୋକ, ପାନୀୟ ଜଳ ସୁବିଧା, ବସିବା ବ୍ୟବସ୍ଥା, ସୂଚନା ଓ ପ୍ରଦର୍ଶନୀ ବୋର୍ଡ ଏବଂ ଷ୍ଟେସନରେ ସୁରକ୍ଷା ବ୍ୟବସ୍ଥା ଗୁଡିକ ମଧ୍ୟ ଯାଞ୍ଚ କରାଯାଇଥିଲା। ଏହି ନିରୀକ୍ଷଣର ଲକ୍ଷ୍ୟ ହେଉଛି ସୁରକ୍ଷିତ ଟ୍ରେନ ପରିଚାଳନା, ଉନ୍ନତ ଭିତ୍ତିଭୂମି ସ୍ଥାପନ, ଏହାର ବ୍ୟବହାର ଏବଂ ଯାତ୍ରୀ ଓ ପଣ୍ୟ ଗ୍ରାହକଙ୍କ ପାଇଁ ଉତ୍ତମ ସେବା ସୁନିଶ୍ଚିତ କରି ଏହି ଅଞ୍ଚଳରେ ନିର୍ଭରଯୋଗ୍ୟ ଏବଂ ଦକ୍ଷ ରେଳ ସଂଯୋଗୀକରଣ ପ୍ରଦାନ କରିବା ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା।

## ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ପ୍ରକଳ୍ପ

# ପୂର୍ବ-ପଶ୍ଚିମ ଓଡ଼ିଶା ସଂଯୋଗୀକରଣରେ ମହତ୍ତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ

**ଭୁବନେଶ୍ୱର,୨୮।୧୧/ଏନ୍‌ଏନ୍‌ଏସ୍:** ୩୦୧ କି.ମି ଦୈର୍ଘ୍ୟ ବିଶିଷ୍ଟ ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ନୂତନ ରେଳ ଲାଇନ ଓଡ଼ିଶାର ଏକ ପରିବର୍ତ୍ତନଶୀଳ ପ୍ରକଳ୍ପ ଭାବରେ ଭିତ୍ତିଭୂମି ଉନ୍ନତିକରଣ ପାଇଁ ପ୍ରସ୍ତୁତ ହେଉଛି, ଯାହା ଉପକୂଳ ଓଡ଼ିଶାକୁ ଏହାର ପଶ୍ଚିମ ଅଞ୍ଚଳ ସହିତ ସଂଯୋଗ କରିବ। ଏହି ଲାଇନ୍ ନୟାଗଡ, ବୌଦ୍ଧ, ସୋନପୁର ଏବଂ ବଲାଙ୍ଗୀର ଜିଲ୍ଲା ପାଇଁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବ ଯାହା ଆଞ୍ଚଳିକ ବାଣିଜ୍ୟକୁ ସୁଦୃଢ଼ କରିବା ସହିତ ସନ୍ତୁଳିତ ସାମାଜିକ-ଆର୍ଥିକ ବିକାଶକୁ ସମର୍ଥନ କରିବ। ଏହି ପ୍ରକଳ୍ପଟି ଦୁର୍ଗମ ଭୂମି, ବିଶେଷକରି ଦଶପଲ୍ଲା ଏବଂ ବୌଦ୍ଧ ମଧ୍ୟରେ ହୋଇଥିବାରୁ, ଗୁରୁତ୍ୱପୂର୍ଣ୍ଣ ଇଞ୍ଜିନିୟରିଂ ଆବଶ୍ୟକ। ମୁଖ୍ୟ କାର୍ଯ୍ୟଗୁଡ଼ିକ ମଧ୍ୟରେ ଅନେକ ସୁଡ଼ଙ୍ଗ, ଭାୟାଡାକ୍ଟ, ଗଭୀର କଟିଂ ଏବଂ ଉଚ୍ଚ ବନ୍ଧ ଅନ୍ତର୍ଭୁକ୍ତ ଯାହା ଟ୍ରେନର ନିରାପଦ ଏବଂ ସହଜ ଗତିବିଧି ନିଶ୍ଚିତ କରିବ। ପରିବେଶଗତ କ୍ଷତିକୁ କମ୍ କରିବା ପାଇଁ ଅନେକ ସୁଡ଼ଙ୍ଗ ନିର୍ମାଣାଧୀନ ଥିବାବେଳେ ଦୀର୍ଘ ଭାୟାଡାକ୍ଟ ଉପତ୍ୟକା, ନଦୀ ଏବଂ ସମ୍ବେଦନଶୀଳ ଜଙ୍ଗଲ ଅଞ୍ଚଳ ଦେଇ ନିରାପଦ ପଥ ସୁନିଶ୍ଚିତ କରିବ। ଏହି ପ୍ରକଳ୍ପର ଏକ ନିର୍ଣ୍ଣାୟକ ବୈଶିଷ୍ଟ୍ୟ ହେଉଛି ଆଗାମୀ ଭୁତାଙ୍ଗ ଜଳସେଚନ ପ୍ରକଳ୍ପ ଜଳଭଣ୍ଡାର ସହିତ ସଂଲଗ୍ନ ହେବା ପାଇଁ ନିର୍ମିତ ଭାରତର ଦ୍ୱିତୀୟ ଦୀର୍ଘତମ ରେଳ ଭାୟାଡକ୍ଟ ନିର୍ମାଣ। ଏହି ପ୍ରକଳ୍ପର ଏକ ନିର୍ଣ୍ଣାୟକ ବୈଶିଷ୍ଟ୍ୟ ହେଉଛି ଆଗାମୀ ଭୁତାଙ୍ଗ ଜଳସେଚନ ପ୍ରକଳ୍ପ ଜଳଭଣ୍ଡାର ସହିତ ସଂଯୁକ୍ତ ହେବା ପାଇଁ ନିର୍ମିତ ଭାରତର ଦ୍ୱିତୀୟ ଦୀର୍ଘତମ ରେଳବାଇ ଭାୟାଡକ୍ଟ ନିର୍ମାଣ। ଅନ୍ୟ ପଟେ ଯଦି ଦେଖିବା ଏହି ପ୍ରକଳ୍ପରେ ହାତୀ ଅଣ୍ଡରପାସ୍ ଏବଂ ଓଭରପାସ୍, ବନ୍ୟପ୍ରାଣୀ କରିଡର୍ ଏବଂ ହାତୀ ଏବଂ ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ ଅବାଧ ଗତିବିଧି ସୁନିଶ୍ଚିତ କରିବା ପାଇଁ ବନ କର୍ତ୍ତୃପକ୍ଷଙ୍କ ପରାମର୍ଶରେ ଡିଜାଇନ୍ କରାଯାଇଥିବା ସିଷ୍ଟମ ଅନ୍ତର୍ଭୁକ୍ତ। ଏହି ବୈଶିଷ୍ଟ୍ୟଗୁଡ଼ିକ ବାସସ୍ଥାନ ବିଖଣ୍ଡନକୁ ହ୍ରାସ କରିବା ସହିତ ମାନବ-ପଶୁ ସଂଘର୍ଷକୁ ମଧ୍ୟ ହ୍ରାସ କରିଥାଏ। ଏହା କାର୍ଯ୍ୟକ୍ଷମ ହେବା ପରେ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ଲାଇନ ବାଣିଜ୍ୟକୁ ବୃଦ୍ଧି କରିବ, ପରିବହନରେ ଉନ୍ନତି ଆଣିବ, ଜଙ୍ଗଲ ଅଞ୍ଚଳରେ ପର୍ଯ୍ୟଟନକୁ ସମର୍ଥନ କରିବ ଏବଂ ପରିବେଶ ସୁରକ୍ଷାକୁ ପ୍ରାଥମିକତା ଦେଇ ରେଳ ନେଟୱାର୍କକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ଯାହା ଏହାକୁ ପୂର୍ବ ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରେଳ ବିକାଶ ମଧ୍ୟରୁ ଗୋଟିଏ କରିବ।





ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇ ଦିନିଆ ଓଡ଼ିଶା ଗସ୍ତ ସାରି ଶୁକ୍ରବାର ଦିଲ୍ଲୀ ଫେରିଯାଉଛନ୍ତି

# ଆଧୁନିକ ଅଡିଟିଂ ବ୍ୟବସ୍ଥା ସୁଶାସନର ଚାବିକାଠି: ରାଜ୍ୟପାଳ

**ଭୁବନେଶ୍ୱର,୨୮।୧୧/ଏନ୍‌ଏନ୍‌ଏସ୍:** ଆଧୁନିକ ଅଡିଟିଂ ଅଭ୍ୟାସ ସୁଶାସନର ଚାବିକାଠି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଶୁକ୍ରବାର ଜୟଦେବ ଭବନରେ ଅନୁଷ୍ଠିତ ପଞ୍ଚମ ଅଡିଟ୍ ସପ୍ତାହ ପାଳନର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଆଧୁନିକ ଶାସନର ସଠିକ୍ କାର୍ଯ୍ୟାନ୍ୱୟନ ପାଇଁ ଅଡିଟିଂ ଅଭ୍ୟାସକୁ ରୂପାନ୍ତରିତ କରିବାର ଆବଶ୍ୟକତା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି। ନିଜ ଉଦବୋଧନରେ ରାଜ୍ୟପାଳ କହିଥିଲେ ଯେ, ଆଧୁନିକ ଅଡିଟିଂ ବିଶ୍ଳେଷଣାତ୍ମକ, ପ୍ରଯୁକ୍ତିବିଦ୍ୟା-ଚାଳିତ ଏବଂ ଭବିଷ୍ୟତ-ମୁଖୀ ହେବା ଆବଶ୍ୟକ ଓ ସାଧାରଣ ଖର୍ଚ୍ଚ ଏବଂ ଆର୍ଥିକ ବ୍ୟବସ୍ଥାର ଯାଞ୍ଚକୁ ଉନ୍ନତ କରିବା ପାଇଁ ଏହା ତଥ୍ୟ ବିଶ୍ଳେଷଣ, ବାସ୍ତବତା ଓ ମୂଲ୍ୟାଙ୍କନ ଭିତ୍ତିକ ହେବା ଉଚିତ। ଅଡିଟର ଭୂମିକା କେବଳ ଆକାଉଣ୍ଟ ଯାଞ୍ଚ କରିବାରେ ସୀମିତ ନୁହେଁ। ବର୍ତ୍ତମାନ ଅଡିଟ୍ ଶାସନ, ପ୍ରଯୁକ୍ତିବିଦ୍ୟା ଏବଂ ଜନସାଧାରଣଙ୍କ ଆଶା ଅକଙ୍କ୍ୟାର ସଂଯୋଗସ୍ଥଳ ଭାବେ ଉଭା ହୋଇଛି। ଡିଜିଟାଲ ପ୍ଲାଟଫର୍ମ ଏବଂ ଦିନକୁ ଦିନ ବହୁଳ ସରକାରୀ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଅଡିଟରେ ବାସ୍ତବତାକୁ ଆକଳନ କରିବା, ନିୟନ୍ତ୍ରଣରେ ଉନ୍ନତି ଆଣିବା ଏବଂ ସୂଚନାଯୁକ୍ତ ନିଷ୍ପତ୍ତି ନେବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ରାଜ୍ୟପାଳ କହିଥିଲେ।




ଭାରତର ଅଡିଟ୍ ସଂସ୍ଥାଗୁଡ଼ିକର ଇତିହାସ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ୧୫୦ବର୍ଷରୁ ଅଧିକ ସମୟ ଧରି ଏହା ଜନସାଧାରଣଙ୍କ ଉତ୍ତରଦାୟିତ୍ୱବୋଧର ମୂଳଦୁଆ ରହିଆସିଛି ଏବଂ ଏହା ସରକାରୀ ସମ୍ବଳର ଉତ୍ତରଦାୟୀ ଏବଂ ସ୍ୱଚ୍ଛ ବ୍ୟବହାର ସୁନିଶ୍ଚିତ କରି ଶାସନରେ ବିଶ୍ୱାସକୁ ସୁଦୃଢ଼ କରିବାରେ ସହାୟକ ହୋଇଛି। ପ୍ରଯୁକ୍ତିବିଦ୍ୟା ଆଧାରିତ ବ୍ୟବସ୍ଥାକୁ ଗ୍ରହଣ କରିବାରେ ଓଡ଼ିଶାର ଅଗ୍ରଗତିକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏଥି ସହିତ 'ସମାଧାନ' ଭଳି ପଦକ୍ଷେପକୁ ଅଭିଯୋଗ ପରିଚାଳନାରେ ଉଭୟ ଦକ୍ଷତା ଓ ସହାନୁଭୂତିର ମଡେଲ ବୋଲି ରାଜ୍ୟପାଳ ବର୍ଣ୍ଣନା କରିଥିଲେ। ଡିଜିଟାଲ ଅଡିଟ୍ ଉପକରଣ, ବିଶ୍ଳେଷଣ ଓ ଦକ୍ଷତା ବିକାଶକୁ ଆପଣେଇ ରାଜ୍ୟକୁ ଆଧୁନିକ ଅଡିଟ୍ ସଂସ୍କାରରେ ଅଗ୍ରଣୀ କରିଥିବାରୁ ଓଡ଼ିଶାର ଆକାଉଣ୍ଟାଣ୍ଟ ଜେନେରାଲ୍ (ଏଜି)କାର୍ଯ୍ୟାଳୟକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।

କୃତ୍ରିମ ବୁଦ୍ଧିମତ୍ତା ଓ ଉନ୍ନତ ବିଶ୍ଳେଷଣର ବ୍ୟବହାର ସମେତ ନବସୃଜନ, ସହଯୋଗ ଏବଂ ବୃତ୍ତିଗତ ଉତ୍କର୍ଷ ଉପରେ ଅଡିଟର ଭବିଷ୍ୟତ ନିର୍ଭର କରେ ବୋଲି ରାଜ୍ୟପାଳ ଅବତାରଣା କରିଥିଲେ। ପାରଦର୍ଶିତା ଏବଂ ସଂସ୍ଥାଗତ ବିଶ୍ୱସନୀୟତାକୁ ସୁଦୃଢ଼ କରିବା ପାଇଁ ଏକ ଆଗୁଆ, ସମନ୍ୱିତ ଏବଂ ପରାମର୍ଶମୂଳକ ଅଡିଟ ଫ୍ରେମୱାର୍କର ଆବଶ୍ୟକତା ଉପରେ ମଧ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ଓଡ଼ିଶାର ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ୍ (ଏ ଆଣ୍ଡ ଇ) ଡି .ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ(ଅଡିଟ-୧) ସୁବୁ ଆର. ଧନ୍ୟବାଦ ଦେଇଥିଲେ।

## ଅତିରିକ୍ତ ବଜେଟରେ ବିଭାଗୱାରୀ ବ୍ୟୟବରାଦ

| କ୍ରମାଙ୍କ ନଂ | ବିଭାଗ ନାମ | ଅତିରିକ୍ତ ବ୍ୟୟବରାଦ(କୋଟିରେ) |
|---|---|---|
| ୧ | ଗୃହ ବିଭାଗ | ୨୬୨ |
| ୨ | ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ | ୭୫ |
| ୩ | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ | ୪୬ |
| ୪ | ଆଇନ ବିଭାଗ | ୫୪ |
| ୫ | ଅର୍ଥ ବିଭାଗ | ୧୪୨୨ |
| ୬ | ବାଣିଜ୍ୟ ବିଭାଗ | ୨ |
| ୭ | ନିର୍ମାଣ ବିଭାଗ | ୯୦୦ |
| ୮ | ଓଡ଼ିଶା ବିଧାନସଭା | ୫୨ |
| ୯ | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | ୪୩୨୯ |
| ୧୦ | ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ୨୦୦୦ |
| ୧୧ | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ | ୫୩୧ |
| ୧୨ | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | ୧୧୫୯ |
| ୧୩ | ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ | ୩୦୩ |
| ୧୪ | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ | ୯ |
| ୧୫ | କ୍ରୀଡ଼ା ଓ ଯୁବସେବା ବିଭାଗ | - |
| ୧୬ | ଯୋଜନା ଓ ସଂଯୋଜନ ବିଭାଗ | ୦ |
| ୧୭ | ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ | ୩୫୩ |
| ୧୮ | ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ | - |
| ୧୯ | ଶିଳ୍ପ ବିଭାଗ | ୩୨୬ |
| ୨୦ | ଜଳସମ୍ପଦ ବିଭାଗ | ୨୦୫ |
| ୨୧ | ପରିବହନ ବିଭାଗ | ୮୨ |
| ୨୨ | ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ | ୫୬୬ |
| ୨୩ | କୃଷି ଓ କୃଷକ ସଶକ୍ତିକରଣ ବିଭାଗ | ୮୫୮ |
| ୨୪ | ଇସ୍ପାତ ଓ ଖଣି ବିଭାଗ | ୦ |
| ୨୫ | ସୂଚନା ଓ ଲୋକସମ୍ପର୍କ ବିଭାଗ | ୨ |
| ୨୬ | ଅବକାରୀ ବିଭାଗ | ୪୨ |
| ୨୭ | ବିଜ୍ଞାନ ଓ ବୈଷୟିକ ଶିକ୍ଷା ବିଭାଗ | ୭ |
| ୨୮ | ଗ୍ରାମ୍ୟ ଉନ୍ନୟନ ବିଭାଗ | ୨୬୩ |
| ୨୯ | ସଂସଦୀୟ ବ୍ୟାପାର ବିଭାଗ | ୫ |
| ୩୦ | ଶକ୍ତି ବିଭାଗ | ୪୮୮ |
| ୩୧ | ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ | ୪୯ |
| ୩୨ | ପର୍ଯ୍ୟଟନ ବିଭାଗ | ୩୦ |
| ୩୩ | ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ବିଭାଗ | ୩୫୭ |
| ୩୪ | ସମବାୟ ବିଭାଗ | ୨୫୪ |
| ୩୫ | ସରକାରୀ ଉଦ୍ୟୋଗ ବିଭାଗ | ୦ |
| ୩୬ | ମହିଳା ଓ ଶିଶୁ ବିକାଶ ବିଭାଗ | ୭୫୧ |
| ୩୭ | ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ | ୧୧୦ |
| ୩୮ | ଉଚ୍ଚଶିକ୍ଷା ବିଭାଗ | ୩୨୭ |
| ୩୯ | ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ | ୭୦ |
| ୪୦ | ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ | ୧୧ |
| ୪୧ | ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ | ୧୦ |
| ୪୨ | ବିପର୍ଯ୍ୟୟ ପରିଚାଳନା ବିଭାଗ | - |
| ୪୩ | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ | ୩୧୪ |
| ୪୪ | ମିଶନ ଶକ୍ତି ବିଭାଗ | ୮୦୭ |

### ପିଏମ୍ ଓ ସିଏମ୍‌ଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ପ୍ରସଙ୍ଗ

# ମନ୍ମଥଙ୍କ ବିରୋଧରେ ମାମଲା ରୁଜୁ

**ଭୁବନେଶ୍ୱର,୨୮।୧୧/ଏନ୍‌ଏନ୍‌ଏସ୍:** ଅଡ଼ୁଆରେ ବିଜେଡି ନେତା ମନ୍ମଥ ରାଉତରାୟ। ମହଙ୍ଗା ପଡ଼ିଲା ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ। ସାଇବର ଥାନାରେ ଏତଲା ପରେ ରୁଜୁ ହେଲା ମାମଲା, ଲାଗିଛି ସଂଗୀନ ଦଫା। ଗତ ନୂଆପଡ଼ା ଉପ-ନିର୍ବାଚନବେଳେ ମନ୍ମଥ କରିଥିବା ତାଚ୍ଛଲ୍ୟ ବିରୋଧରେ ଆଇନର ଆଶ୍ରୟ ନେଇଛି ବିଜେପି ଲିଗାଲ ସେଲ। ମନ୍ମଥଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ବିଜେପି ବିଧାୟକ ବାବୁ ସିଂ ଦାବି କରିଥିବାବେଳେ ମନ୍ମଥ କହିଛନ୍ତି ସେ କୋର୍ଟଙ୍କ ଦ୍ୱାରସ୍ଥ ହେବେ। ଗତ ନୂଆପଡ଼ା ଉପନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଆକ୍ଷେପ କରିଥିଲେ ମନ୍ମଥ ।



ଏଭଳି ଆପତ୍ତିଜନକ ମନ୍ତବ୍ୟକୁ ନେଇ ମନ୍ମଥଙ୍କ ବିରୋଧରେ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲା ବିଜେପି ଲିଗାଲ ସେଲ୍ । ସେହି ଅଭିଯୋଗ ଆଧାରରେ ହୋଇଛି ମାମଲା । ମନ୍ମଥଙ୍କ ନାଁରେ ଲାଗିଛି ବିଏନଏସ୍ ୨୯୪(୨) ଏବଂ ୨୯୬ ଅର୍ଥାତ୍ ଆପତ୍ତିଜନକ ମନ୍ତବ୍ୟ ଦେବା, ବିଏନଏସ ୩୫୩(୨) ଅର୍ଥାତ୍ ମିଛ ଗୁଜବ ତିଆରି କରିବା ଓ ବିଏନଏସ ୩୫୬(୨) ସମ୍ମାନହାନି। ଏଥି ସହ ଆଇଟି ଆକ୍ଟ ୬୭ ବି ଲାଗିଛି ମନ୍ମଥଙ୍କ ବିରୋଧରେ। ବିଜେପି ବିଧାୟକ ବାବୁ ସିଂ କହିଛନ୍ତି ମନ୍ମଥଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ। ତେଣେ ମନ୍ମଥ କହିଛନ୍ତି ସେ କୋର୍ଟଙ୍କ ଦ୍ୱାରସ୍ଥ ହେବେ।

### ମୁଲତବି ପ୍ରସ୍ତାବ ଆଲୋଚନା ଶେଷରେ ଆଇନମନ୍ତ୍ରୀଙ୍କ ଉତ୍ତର

# ନୂଆ ସରକାର ଗଠନ ପରଠୁ କମିଛି ମହିଳା ହିଂସା

**ଭୁବନେଶ୍ୱର,୨୮।୧୧/ଏନ୍‌ଏନ୍‌ଏସ୍:** ନୂଆ ସରକାର ଗଠନ ହେବା ପରଠାରୁ ରାଜ୍ୟରେ ହିଂସା କମିଛି। ବିଶେଷକରି ମହିଳା ହିଂସା ହ୍ରାସ ପାଇଛି। ରାଜ୍ୟରେ ଦୁଷ୍କର୍ମ ମାମଲା ୩.୩% ହ୍ରାସ ପାଇଛି। ମହିଳାଙ୍କ ଉପରେ ଏସିଡ୍ ଆକ୍ରମଣ ମାମଲାରେ ୬୬.୭% ହ୍ରାସ ପାଇଛି। ମହିଳା ଚାଲାଣ ମାମଲାରେ ୨୪.୧% ହ୍ରାସ ପାଇଛି। ଯୌତୁକ ହତ୍ୟା ମାମଲାରେ ୨୦.୬% ହ୍ରାସ ପାଇଛି। ଯୌତୁକ ନିର୍ଯାତନା ମାମଲାରେ ୭.୨% ହ୍ରାସ ପାଇଛି। ଏହା ହିଁ ରାଜ୍ୟ ସରକାରଙ୍କ ବଡ଼ ଉପଲବ୍ଧି। ଶୁକ୍ରବାର ବିଧାନସଭାରେ ବିରୋଧୀ ଦଳଙ୍କ ପକ୍ଷରୁ ଅଣାଯାଇଥିବା ମୂଲତବୀ ପ୍ରସ୍ତାବ ଆଲୋଚନା ଶେଷରେ ଏହି ତଥ୍ୟ ରଖିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ସେ କହିଛନ୍ତି ଯେ ବିରୋଧୀଙ୍କ ଅଭିଯୋଗ ତଥ୍ୟ ଉପରେ ଆଧାରିତ ନୁହେଁ। କାରଣ ମହିଳାମାନଙ୍କ ସୁରକ୍ଷାକୁ ଆମ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି। ମାମଲାଗୁଡ଼ିକର ତୁରନ୍ତ ପଞ୍ଜୀକରଣ, ସଠିକ ତଦନ୍ତ, ବିଚାର ପ୍ରକ୍ରିୟା ଉପରେ ନଜର ରଖିବା, ପୀଡ଼ିତାମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବା ସହିତ ଉପଯୁକ୍ତ ପରାମର୍ଶ ଦ୍ୱାରା ସେମାନଙ୍କର ମାନସିକ ସ୍ୱାସ୍ଥ୍ୟର ଯତ୍ନ ତଥା ଥଇଥାନ ସହିତ ପୀଡ଼ିତାମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ପ୍ରାଥମିକତା ଦିଆଯାଇଛି।

ଆଇନ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ବିଜେପି ସରକାର ଶାସନକୁ ଆସିବାର ୧୫ ମାସ ଅର୍ଥାତ ୧ ଜୁଲାଇ ୨୦୨୪ରୁ ୩୦ସେପ୍ଟେମ୍ବର ୨୦୨୫ ମଧ୍ୟରେ ମହିଳା ଓ ଶିଶୁମାନଙ୍କ ପ୍ରତି ହେଉଥିବା ଅପରାଧିକ

**ଦୁଷ୍କର୍ମ ମାମଲା ୩.୩% ହ୍ରାସ**

**ଯୌତୁକ ହତ୍ୟା ମାମଲା ୨୦.୬% ହ୍ରାସ**

ମାମଲାକୁ ଯଦି ପୂର୍ବ ୧୫ ମାସ ଅର୍ଥାତ ୧ଏପ୍ରିଲ ୨୦୨୩ରୁ ୩୦ଜୁନ ୨୦୨୪ ମଧ୍ୟରେ ହୋଇଥିବା ଅପରାଧକୁ ତୁଳନା କରାଯାଏ, ତେବେ ଅପରାଧ ସଂଖ୍ୟା ଅପେକ୍ଷାକୃତ ଭାବେ ସ୍ଥିର ରହିଛି। ୧ ଜୁଲାଇ



୨୦୨୪ରୁ ୩୦ସେପ୍ଟେମ୍ବର ୨୦୨୫ ମଧ୍ୟରେ ରାଜ୍ୟରେ ମହିଳାଙ୍କ ବିରୋଧରେ ଘଟୁଥିବା ଅପରାଧର ମୋଟ୍ ୪୦,୯୪୭ଟି ମାମଲା ପଞ୍ଜିକୃତ ହୋଇଥିବା ବେଳେ ୧ ଏପ୍ରିଲ ୨୦୨୩ରୁ ୩୦ ଜୁନ ୨୦୨୪ ମଧ୍ୟରେ ୪୦,୭୭୧ ମାମଲା ରହିଛି।

ଆଇନ ମନ୍ତ୍ରୀ କହିଛନ୍ତି ଯେ ମହିଳାଙ୍କୁ ଅସମ୍ମାନ ମାମଲାରେ ୨୨.୨% ହ୍ରାସ ପାଇଛି। ମୋଲେଷ୍ଟସନ ୧.୯% ହ୍ରାସ ପାଇଛି। ମହିଳାଙ୍କ ସୁରକ୍ଷା ପାଇଁ ସରକାର ବିଭିନ୍ନ ଶାଖା ଖୋଲିଛନ୍ତି। ମହିଳା ଏବଂ ଶିଶୁ ଅପରାଧ ନିରାକରଣ ଶାଖା ରହିଛି।ଏହି ଶାଖାକୁ ମହିଳା ଏବଂ ଶିଶୁ ବିରୁଦ୍ଧରେ ଘଟୁଥିବା ଅପରାଧର ଜଘନ୍ୟ ମାମଲା ଯଥା ମାନବ ଚାଲାଣ, ଯୌନ ଅପରାଧ, ଘରୋଇ ହିଂସା, ଏସିଡ୍ ଆକ୍ରମଣ, ଶିଶୁ ଶ୍ରମିକ, ଗୁଣୀ ଗାରେଡିର ଶିକାର ଇତ୍ୟାଦି ଉପରେ ନଜର ରଖିବା ପାଇଁ ଦାୟିତ୍ୱ ଦିଆଯାଇଛି। ରାଜ୍ୟର ଘୃଣ୍ୟ ଏବଂ ଚାଞ୍ଚଲ୍ୟକର ଅପରାଧର ତଦନ୍ତ ପାଇଁ ସ୍ୱତନ୍ତ୍ର ପୁଲିସ ଷ୍ଟେସନ କାର୍ଯ୍ୟ କରୁଛି।



## ବିଧାନସଭା ଖବର

# 'ସ୍କୁଲ୍ ଫେରିଛନ୍ତି ୬୦, ୭୨୯ ଡ୍ରପଆଉଟ୍ ପିଲା'

**ଭୁବନେଶ୍ୱର,୨୮।୧୧/ଏନ୍‌ଏନ୍‌ଏସ୍:** ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୬୦ ହଜାର ୭୨୯ ଡ୍ରପ୍ ଆଉଟ ପିଲା ସ୍କୁଲକୁ ଫେରି ଆସିଛନ୍ତି। ବିଧାନସଭାରେ ଏହି ଉତ୍ତର ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଶୁକ୍ରବାର ସପ୍ତଦଶ ବିଧାନସଭା ପଞ୍ଚମ ତଥା ଶୀତ ଅଧିବେଶନର ଦ୍ୱିତୀୟ ଦିବସ ଧାର୍ଯ୍ୟ ସାଢ଼େ ଦଶରେ ଆରମ୍ଭ ହୋଇଥିଲା। ବାଚସ୍ପତି ସୁରମା ପାଢ଼ୀ ଆସନ ଗ୍ରହଣ କରିବା କ୍ଷଣି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ରାଜ୍ୟରେ ସ୍କୁଲଗୁଡ଼ିକରେ ଛାତ୍ରଛାତ୍ରୀ ଡ୍ରପଆଉଟ ନେଇ ଆଲୋଚନା ହୋଇଥିଲା। ବକ୍ତା ବିଧାୟିକା ସୁବାସିନୀ ଜେନା ମୂଳ ପ୍ରଶ୍ନ କରିଥିଲା ବେଳେ ଅତିରିକ୍ତ ପ୍ରଶ୍ନ ପଚାରିଥିଲେ ପ୍ରସନ୍ନ ଆଚାର୍ଯ୍ୟ, ରାଜା ସ୍ୱାଇଁ, ସିଦ୍ଧାନ୍ତ ମହାପାତ୍ର, ପ୍ରମିଳା ମଲ୍ଲିକ।



ଉତ୍ତରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ, ସ୍କୁଲଗୁଡିକରେ ଡ୍ରପଆଉଟ କମାଇବା ପାଇଁ ସରକାର ସବୁ ବ୍ୟବସ୍ଥା କରିଛନ୍ତି ଓ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୬୦ ହଜାର ୭୨୯ ଡ୍ରପ ଆଉଟ୍ ପିଲା ସ୍କୁଲକୁ ଫେରି ଆସିଛନ୍ତି। ହେଲେ ଆଦିବାସୀ ଓ ସଂଖ୍ୟା ଲଘୁ ଅଞ୍ଚଳରେ ଡ୍ରପ ଆଉଟ କମାଇବା ପାଇଁ ସୁବାସିନୀଙ୍କ ସହ ଅନ୍ୟ ସଦସ୍ୟମାନେ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି। ମନ୍ତ୍ରୀ ଏହାକୁ ଗୁରୁତ୍ୱର ସହ ନିଆ ଯାଇ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ବିଧାନସଭାରେ ଉଠିଲା ମଣ୍ଡି ପ୍ରସଙ୍ଗ

# ଧାନ ନଉଠାଇଲେ ସ୍ଥିତି ଭୟଙ୍କର ହେବ: ବିଜେଡି

**ଭୁବନେଶ୍ୱର,୨୮।୧୧/ଏନ୍‌ଏନ୍‌ଏସ୍:** ବିଧାନସଭାରେ ଉଠିଲା ମଣ୍ଡି ପ୍ରସଙ୍ଗ। ଧାନ ନଉଠାଇଲେ ଆଗକୁ ସ୍ଥିତି ଭୟଙ୍କର କରିବାକୁ ଚେତାବନୀ ଦେଇଛି ବିଜେଡି। ଧାନ ନଉଠେଇଲେ ରାଜ୍ୟରେ ନିଆଁ ଲାଗିବ। ସରକାର ଚାଷୀଙ୍କ ସହ ଖେଳନ୍ତୁ ନାହିଁ ବୋଲି କହିଛି ବିଜେଡି। ଏହାସହ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗୁଛନ୍ତି ସରକାର। ଗୋଦାମରେ ଜାଗା ନାହିଁ କହୁଛନ୍ତି, ସରକାର ଶୀଘ୍ର ଷ୍ଟକ ଭେରିଫିକେସନ କରନ୍ତୁ ବୋଲି କହିଛନ୍ତି ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ। ପ୍ରଥମରୁ ମଣ୍ଡି ଖୋଲିବା ପାଖାପାଖି ମାସେ ବିଳମ୍ବିତ ହୋଇସାରିଛି। ଏବେ ଚାଷୀଙ୍କୁ ଧାନ ବିକିବାକୁ ଟୋକନ ମିଳିନି। ମିଲର୍ସଙ୍କ ସହ ଚୁକ୍ତି କରିବାକୁ ସରକାର ବି ଯେପରି ଭୁଲିଯାଇଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ତେବେ ଏହାର ଜବାବ ରଖି ବିଜେପି ବିଧାୟକ ସନ୍ତୋଷ ଖଟୁଆ କହିଛନ୍ତି ଚାଷୀଙ୍କ ଠି ନିଆଁ ଲାଗିନି, ନିଆଁ ଆଉ କୋଉଠି ଲାଗିଛି। ସରକାର ରେକର୍ଡ ସଂଖ୍ୟକ ଚାଷୀ ପଞ୍ଜୀକରଣ କରିଛନ୍ତି। ୨୦ ଲକ୍ଷ୍ୟ ଚାଷୀ ଏପର୍ଯ୍ୟନ୍ତ ପଞ୍ଜୀକରଣ କରିସାରିଲେଣି। ଜିଲ୍ଲାସ୍ତରରେ ଭିନ୍ନ ଭିନ୍ନ ତାରିଖରେ ଧାନ ଉଠାଯିବ। ତାର ସାତ ଦିନ ପୂର୍ବରୁ ଟୋକେନ୍ ଦିଆଯିବ। ଗତବର୍ଷ ମଧ୍ୟ ସବୁ ଚାଷୀଙ୍କର ଧାନ ଉଠିଥିଲା। ଉପଯୁକ୍ତ ସମୟରେ ଚାଷୀଙ୍କ ଧାନ ଉଠେଇବୁ ବୋଲି ଶ୍ରୀ ଖଟୁଆ କହିଛନ୍ତି।

# ନବମ ଶ୍ରେଣୀରେ ୧୨ ହଜାରରୁ ଅଧିକ ଛାତ୍ରଛାତ୍ରୀ ଫେଲ୍

**ଭୁବନେଶ୍ୱର,୨୮।୧୧/ଏନ୍‌ଏନ୍‌ଏସ୍:** ନବମଶ୍ରେଣୀ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସରକାରୀ ବିଦ୍ୟାଳୟରେ ୧୨ ହଜାରରୁ ଅଧିକ ଛାତ୍ରଛାତ୍ରୀ ଫେଲ୍ ହୋଇଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକରେ ନବମ ଶ୍ରେଣୀରେ ଫେଲ୍ ହୋଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୬ଶହରୁ ଅଧିକ ରହିଛି। ଶୁକ୍ରବାର ବିଧାନସଭାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଚଳିତ ଶିକ୍ଷାବର୍ଷରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ୩,୭୪,୦୩୦ ଜଣ ଛାତ୍ରଛାତ୍ରୀ ନବମଶ୍ରେଣୀ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୧୨,୭୫୬ ଜଣ ଫେଲ୍ ହୋଇଥିଲେ। ଫେଲ୍ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୩୪୧ ଜଣ ପୁର୍ନବାର ନବମଶ୍ରେଣୀରେ ପଢ଼ିଥିବାବେଳେ ୭୪୫୧ ଜଣ ପାଶ୍ ଫେଲ୍ ତାଲିକାରେ ରହିଥିଲେ। ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକରେ ୫୧୫୮ ଜଣ ଛାତ୍ରଛାତ୍ରୀ ନବମଶ୍ରେଣୀରେ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୬୫୭ ଜଣ ଫେଲ୍ ହୋଇଥିଲେ। ଏହି ଫେଲ୍ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୨୭ ଜଣ ପୁର୍ନବାର ନବମ ଶ୍ରେଣୀରେ ପାଠ ପଢିଥିବାବେଳେ ୧୩୦ ଜଣ ଫେଲ୍ ତାଲିକାରେ ରହିଥିଲେ।

# 'ବାରବାଟୀକୁ ବିଶ୍ୱସ୍ତରୀୟ କରାଯାଉ'

**ଭୁବନେଶ୍ୱର,୨୮।୧୧/ଏନ୍‌ଏନ୍‌ଏସ୍:** ବିଧାନସଭାର ଶୂନ୍ୟକାଳରେ ଉଠିଲା ବାରବାଟୀ ପ୍ରସଙ୍ଗ। ବାରବାଟୀ ଷ୍ଟାଡିଅମକୁ ବିଶ୍ୱସ୍ତରୀୟ କରିବାକୁ ବିଧାୟିକା ସୋଫିଆ ଫିର୍ଦୋସ୍ ଦାବି କରିଛନ୍ତି। ସେ କହିଛନ୍ତି ଯେ ପୂର୍ବରୁ ଏନେଇ ଘୋଷଣା ହୋଇଥିଲା କିନ୍ତୁ ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। ଆଗକୁ ଭାରତ ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଅଛି। ବିସିସିଆଇ ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଷ୍ଟାଡିଅମର ଉନ୍ନତିକରଣ କରାଯାଉ ବୋଲି ସେ ଦାବି କରିଛନ୍ତି।



ଏହାଛଡ଼ା ସୋଫିଆ କହିଛନ୍ତି ଯେ କଂଗ୍ରେସ ସମୟରେ ବାରବାଟୀ ଷ୍ଟାଡିଅମ ନିର୍ମାଣ ହୋଇଥିଲା। ୨୪ ବର୍ଷ ବିଜେଡି ସରକାରରେ ବାରବାଟୀ ଷ୍ଟାଡିଅମକୁ ଅବହେଳା କରାଗଲା। ଶେଷ ଆଡ଼କୁ ପୂର୍ବତନ ସରକାର ବିଶ୍ୱସ୍ତରୀୟ ଷ୍ଟାଡିଅମ୍ କରିବାକୁ ଘୋଷଣା କଲେ। ଏ ସରକାରକୁ ଦେଢ଼ ବର୍ଷରୁ ଅଧିକ ସମୟ ବିତିଗଲା କିନ୍ତୁ ବିଶ୍ୱସ୍ତରୀୟ ଷ୍ଟାଡିଅମରେ ଅପଗ୍ରେଡ କରାଗଲା ନାହିଁ। ତେଣୁ ଏଥିପ୍ରତି ସରକାର ଗୁରୁତ୍ୱ ଦେଇ ତୁରନ୍ତ ଏହାକୁ ଅପଗ୍ରେଡ୍ କରାଯାଉ ବୋଲି ସୋଫିଆ ଦାବି କରିଛନ୍ତି।

# ରାଜ୍ୟର ସମସ୍ତ କଲେଜରୁ ହଟିବ ଜବରଦଖଲ

**୮ କଲେଜରୁ ଆସିଛି ଯୌନ ନିର୍ଯାତନା ଅଭିଯୋଗ**



**ଭୁବନେଶ୍ୱର,୨୮।୧୧/ଏନ୍‌ଏନ୍‌ଏସ୍:** ଆଉ ଜବରଦଖଲକାରୀଙ୍କୁ ନିସ୍ତାର ନାହିଁ। ରାଜ୍ୟର ସମସ୍ତ କଲେଜରୁ ହଟିବ ଜବରଦଖଲ। ଶୁକ୍ରବାର ଏନେଇ ବିଧାନସଭାରେ ସୂଚନା ଦେଇଛନ୍ତି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ସେ କହିଛନ୍ତି ଯେ ଭଦ୍ରକ ମହିଳା ମହାବିଦ୍ୟାଳୟରେ କେତେକ ଲୋକ ଜବରଦଖଲ କରିଥିଲେ। ଆମ ସରକାର ଆସିବା ପରେ ସେମାନଙ୍କୁ ସେଠାରୁ ଉଚ୍ଛେଦ କରାଯାଇ ମହାବିଦ୍ୟାଳୟକୁ ଜବରଦଖଲମୁକ୍ତ କରାଯାଇଛି। ଏହାଛଡ଼ା ସବୁ ଜିଲ୍ଲାପାଳଙ୍କୁ ମହାବିଦ୍ୟାଳୟକୁ ଜବରଦଖଲମୁକ୍ତ କରିବା ଲାଗି କଡ଼ା ନିର୍ଦ୍ଦେଶ ଦିଆଯାଇଛି ବୋଲି ସୂର୍ଯ୍ୟବଂଶୀ ସୂରଜ ବିଧାନସଭାରେ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ୮ଟି କଲେଜରୁ ଛାତ୍ରୀ ଯୌନ ନିର୍ଯାତନା ଓ ଶୋଷଣ ଅଭିଯୋଗ ଆସିଛି । ଏନେଇ ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ପ୍ରଶ୍ନରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଗୃହରେ ଉତ୍ତର ରଖିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ରାଉରକେଲା ସ୍ୱୟଂଶାସିତ କଲେଜରୁ ୩ଘଟଣା ସାମ୍ନାକୁ ଆସିଛି। ଜିଏମ୍ ବିଶ୍ୱବିଦ୍ୟାଳୟ ଓ ଯାଜପୁର ବାଲିଆ କଲେଜରୁ ଗୋଟିଏ ଅଭିଯୋଗ ଆସିଛି। ଅନୁଗୁଳ, ବରଗଡ଼, ଟିଟିଲାଗଡ଼ରୁ ଗୋଟିଏ ଲେଖାଏଁ ଏଭଳି ଅଭିଯୋଗ ଆସିଛି। ବାଲେଶ୍ୱର ଏଫଏମ୍ କଲେଜରେ ବି ଏଭଳି ଗୋଟିଏ ଅଭିଯୋଗ ଆସିଛି। ୭ଟି ଘଟଣାରେ ଅଧ୍ୟାପକଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ନଜରକୁ ଆସିଛି। ଗୋଟିଏ କଲେଜରୁ ରାଗିଂ ଅଭିଯୋଗ ଆଣିଛନ୍ତି ଛାତ୍ରୀ।

### ରାଜଧାନୀରେ ସ୍କୁଲ୍ ଉପରକୁ ବୋମା ମାଡ଼

# ପୁଲିସ୍, ସାଇଣ୍ଟିଫିକ୍ ଟିମ୍ ଓ ଏନ୍‌ଆଇଏର ତନାଘନା

**ଭୁବନେଶ୍ୱର,୨୮।୧୧/ଏନ୍‌ଏନ୍‌ଏସ୍:** ରାଜଧାନୀରେ ଚାଞ୍ଚଲ୍ୟ, ସ୍କୁଲ ଉପରକୁ ବୋମା ମାଡ଼। ଶୁକ୍ରବାର ସକାଳ ପ୍ରାୟ ୮ଟା ସମୟରେ ଭୁବନେଶ୍ୱର ଗାଡ଼କଣସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ଗେଟ୍ ନମ୍ବର ୩ ପାଖରେ ଅଜଣା ଦୁର୍ବୃତ୍ତ ୨ଟି ବୋମା ମାଡ଼ କରି ଚମ୍ପଟ ମାରିଛନ୍ତି। ପୁଲିସ୍, ସାଇଣ୍ଟିଫିକ୍ ଟିମ୍ ଓ ଏନଆଇଏ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରିବା ସହ ତନାଘନା ଚଳାଇଛି। ଦୁର୍ବୃତ୍ତଙ୍କୁ ଧରି ତୁରନ୍ତ ବୋମାମାଡ଼ର କାରଣ ଖୁଲାସା କରିବାକୁ ସବୁ ମହଲରେ ଦାବି ହୋଇଥିବାବେଳେ ସିସିଟିଭି ଯାଞ୍ଚ ସହ ସବୁ ଦିଗରୁ ତଦନ୍ତ ଚାଲିଥିବା ପୁଲିସ କମିଶନର କହିଛନ୍ତି।

**ବିଧାନସଭାରେ ପ୍ରସଙ୍ଗ ଉଠାଇଲା ବିଜେଡି**

ଆଜି ସମୟ ସକାଳ ପ୍ରାୟ ୮ଟା। ଗାଡ଼କଣ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୩ର ପ୍ରାଇମେରୀ ଗେଟ୍ ଆଗରେ ହଠାତ୍ ହୋଇଥିଲା ବୋମା ମାଡ଼। କେହି କିଛି ବୁଝି ପାରିନଥିଲେ, ପ୍ରଚଣ୍ଡ ଶବ୍ଦ ଶୁଣି ସମସ୍ତେ ଚମକି ପଡ଼ିଥିଲେ। ଚାରିଆଡ଼ ଧୂଁଆ ମୟ। ଫାଟକ ସାମ୍ନାରେ ବିଛାଡ଼ି ହୋଇ ପଡ଼ିଥିଲା ଲୁହା କଣ୍ଟା, ଦରପୋଡ଼ା ସୁତୁଲି ଓ କାଗଜ ସାଙ୍ଗକୁ ବାରୁଦ। ସ୍କୁଲ ଗେଟ୍ ଏବଂ ପାଚେରୀ ଉପରକୁ ଲାଗ ଲାଗ ୨ଟି ବୋମା ଫିଙ୍ଗି ଅଜଣା ଦୁର୍ବୃତ୍ତ ଚମ୍ପଟ୍ ମାରିଥିଲେ।

ବୋମା ମାଡ଼ର ମାତ୍ର ଅଧଘଣ୍ଟା ତଳେ ଉକ୍ତ ଗେଟ୍ ବାଟେ ସ୍କୁଲକୁ ପ୍ରବେଶ କରିଥିଲେ ଶହ ଶହ କୁନି କୁନି ପିଲା। ସେମାନଙ୍କୁ ଛାଡ଼ି ବି ଫେରି ଯାଇଥିଲେ ଅଭିଭାବକ। ଏଇ ସ୍କୁଲ ଗେଟକୁ ଲାଗି ରହିଛି ରେଲୱେ କଲୋନୀ। ତେଣୁ ବୋମା ମାଡ଼ର ପ୍ରଚଣ୍ଡ ଶବ୍ଦ ଶୁଣି ସମସ୍ତେ ଚକିତ ଓ ଆଚମ୍ବିତ। ଅଧ ଘଣ୍ଟା ଆଗରୁ ହୋଇଥିଲେ କ'ଣ ଯେ ଘଟିଥାନ୍ତା ସମସ୍ତଙ୍କ ମନରେ ସେ ଶଙ୍କା। ତୁରନ୍ତ ଅଭିଯୁକ୍ତ ମାନଙ୍କୁ ଧରି କଡ଼ା ଦଣ୍ଡ ଦେବାକୁ ଦାବି ଉଠିଛି।

ସ୍କୁଲରେ ବୋମା ମାଡ଼ ଖବର ପାଇ ମଞ୍ଚେଶ୍ୱର ଥାନା ପୁଲିସ୍ ତତକ୍ଷଣାତ୍ ପହଞ୍ଚି ତନାଘନା ଆରମ୍ଭ କରିଥିଲା। ନିଜେ ପୁଲିସ କମିଶନର ବି ଘଟଣାସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ କରିଥିଲେ। ଆରପିଏଫ ଓ ଜିଆରପି ମଧ ତନାଘନା କରିଥିଲେ। ସାଇଣ୍ଟିଫିକ୍ ଟିମ୍ ବି କ୍ରାଇମ ସ୍ପଟ୍‌ରୁ ଲୁହା କଣ୍ଟା ଓ ବାରୁଦ ନମୁନା ସଂଗ୍ରହ କରିଛି। ସ୍କୁଲ୍ ବାହାରେ ଓ ଭିତରେ ଲାଗିଥିବା ସିସିଟିଭି କୁ ବି ଯାଞ୍ଚ କରାଯାଇଛି। ଏପଟେ ରାଷ୍ଟ୍ରପତି



ଭୁବନେଶ୍ୱରରେ ଉପସ୍ଥିତ ଥିବାବେଳେ ବୋମାମାଡ଼ ସୂଚନା ପାଇ ସ୍ପଟ୍‌କୁ ଧାଇଁ ଯାଇଥିଲା ଏନଆଇଏ ଟିମ୍। ତେବେ ଏଠି ପ୍ରଶ୍ନ- କିଏ ଓ କାହିଁକି ସ୍କୁଲ ଉପରକୁ କଲା ବୋମା ମାଡ଼ ? କେତେଜଣ ଦୁର୍ବୃତ୍ତ ଆସିଥିଲେ ? କାହାକୁ ଟାର୍ଗେଟ୍ କରିଥିଲେ ? ଏସବୁର ପ୍ରଶ୍ନ ଜାଣିବାକୁ ତଦନ୍ତକୁ ପୁଲିସ୍ ଜୋରଦାର କରିଥିବାବେଳେ ସ୍କୁଲ କର୍ତ୍ତୃପକ୍ଷ କିନ୍ତୁ ଏ ନେଇ ମୁହଁ ଖୋଲି ନାହାନ୍ତି। ତେଣେ ପୋଲିସ କମିଶନର କହିଛନ୍ତି କାରଣ ଖୋଜା ଚାଲିଛି, ଦୁର୍ବୃତ୍ତଙ୍କୁ ଧରିବାକୁ ଚେଷ୍ଟା ଚାଲିଛି। ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ପ୍ରତାପ କେଶରୀ ଦେଓ ଆଜି ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇଥିଲେ। ସେ ବାଚସ୍ପତି ସୁରମା ପାଢୀଙ୍କୁ ଅନୁରୋଧ କରିଥିଲେ ଯେ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ- ନମ୍ବର -୩ ନିକଟରେ ବୋମାମାଡ ପ୍ରସଙ୍ଗ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ତଥ୍ୟ ସଂଗ୍ରହ କରି ଗୃହକୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦିଅନ୍ତୁ। ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଥିଲେ ଯେ ବିଭାଗୀୟ ମନ୍ତ୍ରୀ ଏ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବେ।

# ଏସିଆ ପାୱାର ଇଣ୍ଡେକ୍ସ-୨୦୨୫

# ଭାରତ ୩ୟ ପ୍ରମୁଖ ସାମରିକ ଶକ୍ତି

**ନୂଆଦିଲ୍ଲୀ, ୨୮।୧୧/ଏଜେନ୍ସି:** ଏସିଆ ପାୱାର ଇଣ୍ଡେକ୍ସ-୨୦୨୫ରେ ଭାରତକୁ ବିଶ୍ୱର ପ୍ରମୁଖ ଶକ୍ତିର ମାନ୍ୟତା ପ୍ରଦାନ କରାଯାଇଛି । ଭାରତ ଏଥର ଏହି ଇଣ୍ଡେକ୍ସ ବା ସୂଚକାଙ୍କରେ ତୃତୀୟ ସ୍ଥାନ ହାସଲ କରିଛି, ଯାହାକି ଭାରତକୁ 'ପ୍ରମୁଖ ଶକ୍ତି'ର ମାନ୍ୟତା ଦେଇଛି । ତେବେ ପାକିସ୍ତାନ ସହ ତିକ୍ତତା ମଧ୍ୟରେ ଭାରତୀୟ ସେନାର 'ଅପରେସନ୍ ସିନ୍ଦୂର'ରେ ପ୍ରଦର୍ଶନ ଆଧାରରେ ଅଷ୍ଟ୍ରେଲିଆ-ଭିତ୍ତିକ ଥିଙ୍କ୍ ଟ୍ୟାଙ୍କ୍ ଭାବେ ପରିଚିତ ଲୋୱି ଇନ୍‌ଷ୍ଟିଚ୍ୟୁଟ୍ ଅଧ୍ୟୟନରେ ଭାରତ ଏହି ସ୍ଥାନ ହାସଲ କରିଛି । ପ୍ରକାଶ ଗତ ବର୍ଷ (୨୦୨୪)ରେ ଭାରତକୁ ଏହି ତାଲିକାରେ ମଧ୍ୟମ ଧରଣର ଶକ୍ତି ମାନ୍ୟତା ଦିଆଯାଇଥିଲା । ଅନ୍ୟପକ୍ଷେ ଭାରତ ଉପରେ ଥିବା ଦୁଇ ଦେଶ ହେଲେ ଆମେରିକା (୧ମ ସ୍ଥାନ) ଏବଂ ଚୀନ୍ (୨ୟ ସ୍ଥାନ) । ଏହି ଦୁଇ ଦେଶ ଦୀର୍ଘ ସମୟ ଧରି ଏସିଆ ପାୱାର ଇଣ୍ଡେକ୍ସରେ ନିୟମିତ ଭାବେ ନିଜ ସ୍ଥାନ ବଜାୟ ରଖିଆସିଛନ୍ତି । ଲୋୱି ଅଧ୍ୟୟନ ଏସିଆର ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଏକ ରାଷ୍ଟ୍ରର ବାହ୍ୟ ପରିବେଶକୁ ପ୍ରଭାବିତ କରିବାର କ୍ଷମତାର ମୂଲ୍ୟାଙ୍କନ କରେ ।

ସିଧାସଳଖ କହିଲେ 'ଅପରେସନ୍ ସିନ୍ଦୁର' ଭାରତର ସାମରିକ ର୍‍ୟାଙ୍କିଂକୁ ଅନେକାଂଶରେ ବୃଦ୍ଧି କରିଛି । ୨୦୨୪ରେ କିନ୍ତୁ ଭାରତ 'ମଧ୍ୟମ ଶକ୍ତି' ମଧ୍ୟରେ ସ୍ଥାନ ପାଇଥିଲା, ଯାହାର ବ୍ୟାପକ ସ୍କୋର ୩୮.୧ ଥିଲା । କିନ୍ତୁ ଚଳିତ ବର୍ଷ ଭାରତ ୪୦ ସ୍କୋର କରିବା ସହ ୩ୟ ସ୍ଥାନକୁ ଉନ୍ନୀତ ହୋଇଛି । ଯେତେବେଳେ କି ଜାପାନ ଏବଂ ରୁଷ୍ ଯଥାକ୍ରମେ ୩୮.୮ ଏବଂ ୩୨.୧ ସ୍କୋର କରି ଚତୁର୍ଥ ଏବଂ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି । ଅର୍ଥାତ୍ ଭାରତ ଏବେ ଜାପାନ୍ ଏବଂ ରୁଷ୍ ଠାରୁ ମଧ୍ୟ ସାମରିକ ସାମର୍ଥ୍ୟ କ୍ଷେତ୍ରରେ ବେଶ୍ ଆଗରେ ରହିଛି । ଅନ୍ୟପକ୍ଷେ ଯଦି ଭାରତର ସାମର୍ଥ୍ୟକୁ ୨ୟ ସ୍ଥାନରେ ଥିବା ଚୀନ୍ ସହ ତୁଳନା କରାଯାଏ ତେବେ ଦେଶ ଏବେ ବି ଚୀନ୍ ତୁଳନାରେ ଏକ ବଡ଼ ଆକାଂକ୍ଷାଗତ ପାର୍ଥକ୍ୟ ଦେଖୁଛି । କାରଣ ଚୀନ୍ ଏବେ ୭୩.୭ ପଏଣ୍ଟ ସହ ୨ୟ ସ୍ଥାନରେ ରହିଛି । ଭାରତକୁ ଏହାର ପାଖାପାଖି ହେବା ପାଇଁ ମଧ୍ୟ ଅନେକ କିଛି କରିବାକୁ ହେବ । ସେହିପରି ଆମେରିକା ୮୦.୫ ପଏଣ୍ଟ ସହିତ ର୍‍ୟାଙ୍କିଂରେ ଶୀର୍ଷରେ ରହିଛି । ବିସ୍ତୃତ ମୂଲ୍ୟାଙ୍କନ ଅନୁସାରେ, ଆର୍ଥିକ ଏବଂ ସାମରିକ କ୍ଷମତା ଦୃଷ୍ଟିରୁ ଭାରତର ସ୍ଥାନ ଏହାର ଅଭିବୃଦ୍ଧି ଦ୍ୱାରା ସମର୍ଥିତ ।

ଉଲ୍ଲେଖନୀୟ ଯେ, ଭାରତ ଆଭ୍ୟନ୍ତରୀଣ ନିବେଶରେ ବୃଦ୍ଧି ଦ୍ୱାରା ଆର୍ଥିକ ସମ୍ପର୍କରେ ୯ମ ସ୍ଥାନକୁ ଉନ୍ନୀତ ହୋଇଛି । ଲୋଇ ପ୍ରତିଷ୍ଠାନ କହିଛି ଯେ ଭାରତର ଭୂରାଜନୈତିକ ପ୍ରାସଙ୍ଗିକତାରେ ସାମାନ୍ୟ ଅଗ୍ରଗତି ଅନ୍ତର୍ଜାତୀୟ ସଂଯୋଗ, ଲାଭ ଏବଂ ପ୍ରଯୁକ୍ତିବିଦ୍ୟା ବିକାଶ ମାଧ୍ୟମରେ ମାପ କରାଯାଇଥିଲା । ଏହା ଭାରତର ସାମରିକ କ୍ଷମତାକୁ ସ୍ଥିର ଭାବରେ ବୃଦ୍ଧି ପାଇଥିବା ମଧ୍ୟ ଉଲ୍ଲେଖ କରିଛି । ସେହିପରି ପ୍ରତିରକ୍ଷା ନେଟୱାର୍କ କ୍ଷେତ୍ରରେ ଭାରତ ଏହାର ସର୍ବାଧିକ ହ୍ରାସ ଦେଖିଛି । ଭାରତର ସ୍ଥାନ ଏହି କ୍ଷେତ୍ରରେ ୧୧ତମ ସ୍ଥାନକୁ ଖସିଯାଇଛି । ଏହା ୨୦୨୪ ର୍‍ୟାଙ୍କିଂ ତୁଳନାରେ ଦୁଇ ସ୍ଥାନ ତଳକୁ ଖସିଯାଇଛି, ଯାହାକୁ ଫିଲିପାଇନ୍ସ ଏବଂ ଥାଇଲ୍ୟାଣ୍ଡ ଭଳି ଦେଶ ମଧ୍ୟ ପଛରେ ପକାଇ ଦେଇଛନ୍ତି । ତେବେ ସାମଗ୍ରିକ ଭାବରେ, ପ୍ରତିଷ୍ଠାନ ସିଦ୍ଧାନ୍ତରେ ପହଞ୍ଚିଛି ଯେ ପ୍ରତିରକ୍ଷା ସହଭାଗୀତା ନିର୍ମାଣରେ ଚ୍ୟାଲେଞ୍ଜ ଜାରି ରହିଥିବା ସତ୍ତ୍ୱେ ଭାରତର ସାମ୍ପ୍ରତିକ ସାମରିକ ଅଭିଜ୍ଞତା ଏବଂ ଅର୍ଥନୈତିକ ଗତି ଏହାର ଆଞ୍ଚଳିକ ସ୍ଥିତିକୁ ମଜବୁତ କରିଛି ।




## ଭାରତର ସାମରିକ ସ୍ଥାନକୁ ବହୁଗୁଣିତ କରିଛି ଅପରେସନ୍ ସିନ୍ଦୂର

---

### ଏକ୍ସପ୍ରେସ୍‌ୱେରେ ଭୟଙ୍କର ଦୁର୍ଘଟଣା

## ପରିବାରର ୭ ମୃତ



**ଲକ୍ଷ୍ନୌ, ୨୮।୧୧/ଏଜେନ୍ସି:** ଶୁକ୍ରବାର ସକାଳେ ସାହାରନ୍‌ପୁର ଦିଲ୍ଲୀ-ଡେରାଡୁନ୍ ଏକ୍ସପ୍ରେସୱେରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ସୟଦ୍ ମାଜରା ଗାଁର ଏକ ପରିବାର କାରରେ ଯାତ୍ରା କରୁଥିବା ସମୟରେ ଡେରାଡୁନରୁ ଆସୁଥିବା ଏକ ଦ୍ରୁତଗାମୀ ପଥର ବୋଝେଇ ଡମ୍ପର ଟ୍ରକ୍ ନିୟନ୍ତ୍ରଣ ହରାଇ ସେମାନଙ୍କ କାର୍ ଉପରେ ଓଲଟି ପଡିଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ କାରରେ ଥିବା ଡ୍ରାଇଭର ସମେତ ୭ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ଯୁବତୀ ଏବଂ ଏକ ଶିଶୁ ମଧ୍ୟ ସାମିଲ ଥିବା ପୁଲିସ୍ କହିଛି । ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସାହାରନପୁର ଜିଲ୍ଲାରେ ଘଟିଥିବା ସଡ଼କ ଦୁର୍ଘଟଣା ସମ୍ପର୍କରେ ଅବଗତ ହୋଇଛନ୍ତି । ସେ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।

## ୧ରୁ ଶସ୍ତା ହେବ ଏଲ୍‌ପିଜି ଗ୍ୟାସ୍

**ନୂଆଦିଲ୍ଲୀ,୨୮।୧୧/ଏଜେନ୍ସି:** ପ୍ରତି ମାସର ପ୍ରଥମ ତାରିଖକୁ ନେଇ ଦେଶବାସୀ ସାମାନ୍ୟ ଭୟଭୀତ ହୋଇପଡିଥାନ୍ତି । କାରଣ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ



ସମ୍ପର୍କୀତ ଯାହାକିଛି ବି ବଡ଼ ଘଟଣା ଘଟେ ସେସବୁ ପ୍ରତ୍ୟେକ ମାସର ପହିଲା ତାରିଖରେ ହିଁ ଦେଖିବାକୁ ମିଳିଥାଏ । ଏଲ୍‌ପିଜି ଗ୍ୟାସ୍ ଦାମ୍ ବୃଦ୍ଧି କ୍ଷେତ୍ରରେ ଏହା ଖାଉଟିମାନଙ୍କ ପକେଟ୍ ଉପରେ ଗୁରୁତର ଭାବେ ପ୍ରଭାବ ପକାଇଥାଏ । କିନ୍ତୁ ଏଥର ଆସନ୍ତା ମାସ ଅର୍ଥାତ୍ ଡିସେମ୍ବର ପହିଲାରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୨୦ ଟଙ୍କା ପର୍ଯ୍ୟନ୍ତ ହ୍ରାସ ପାଇପାରେ ବୋଲି ଆଶା କରାଯାଉଛି । ଏହି ପରିମାଣର ହ୍ରାସ ନିଶ୍ଚିତ ଭାବରେ ଗ୍ରାହକମାନଙ୍କୁ ମୁଦ୍ରାସ୍ଫୀତିରୁ କିଛି ଆଶ୍ୱସ୍ତି ପ୍ରଦାନ କରିବ । ମୂଲ୍ୟ ହ୍ରାସ ସମ୍ପର୍କରେ ଏପର୍ଯ୍ୟନ୍ତ ଯଦିଓ ସରକାରୀ ସ୍ତରରେ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ କିନ୍ତୁ ଦେଶର ଅନେକ ଗଣମାଧ୍ୟମ ସଂସ୍ଥା ସେମାନଙ୍କ ରିପୋର୍ଟରେ ଏପରି ଦାବି କରୁଥିବାର ଦେଖିବାକୁ ମିଳୁଛି ।

---

### ତୃଣମୂଳ କଂଗ୍ରେସର ସଂଗୀନ ଅଭିଯୋଗ

## ଏସ୍‌ଆଇଆର୍ ଯୋଗୁଁ ୪୦ ଜଣଙ୍କ ମୃତ୍ୟୁ ହୋଇଛି

**କୋଲକତା, ୨୮।୧୧/ଏଜେନ୍ସି:** ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା କାର୍ଯ୍ୟକାରୀ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୪୦ ଜଣଙ୍କ ମୃତ୍ୟୁ ହୋଇଛି । ଏଭଳି ଏକ ସାଂଘାତି ଅଭିଯୋଗ ଆଣିଛି ତୃଣମୂଳ କଂଗ୍ରେସ୍ (ଟିଏମ୍‌ସି) । ଟିଏମ୍‌ସି ଅଭିଯୋଗ କରିଛି ଯେ, ସିଇସି ଜ୍ଞାନେଶ କୁମାରଙ୍କ ହାତରେ ଏବେ ରକ୍ତର ଛିଟା ଲାଗିଛି । ଟିଏମ୍‌ସିର ରାଜ୍ୟସଭା ସାଂସଦ ନେତା ଡେରେକ୍ ଓ'ବ୍ରାଏନଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ପ୍ରତିନିଧିମଣ୍ଡଳୀ ନୂଆଦିଲ୍ଲୀ ସ୍ଥିତ ଭାରତୀୟ ନିର୍ବାଚନ ଆୟୋଗ (ସିଇସି)ଙ୍କୁ ଭେଟି ଏନେଇ ଅଭିଯୋଗ କରିଛନ୍ତି । ଟିଏମ୍‌ସିର ଏହି ୧୦ଜଣିଆ ପ୍ରତିନିଧି ଦଳ ସିଇସିଙ୍କ ସମ୍ମୁଖରେ କେବଳ ଅଭିଯୋଗ କରିନାହାନ୍ତି ବରଂ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ଆତ୍ମହତ୍ୟା କରିଥିବା ୪୦ଜଣଙ୍କ ନାମ ଏବଂ ସବିଶେଷ ବିବରଣୀ ଥିବା ଏକ ତାଲିକା ମଧ୍ୟ ପ୍ରଦାନ କରିଛନ୍ତି । ପ୍ରକାଶ, ଟିଏମ୍‌ସି ପକ୍ଷରୁ ପଶ୍ଚିମବଙ୍ଗରେ ଚାଲିଥିବା ଏସ୍‌ଆଇଆର୍ ପ୍ରକ୍ରିୟାକୁ ବିରୋଧ କରାଯାଇଆସୁଛି ।



ଟିଏମସିର ଏହି ପ୍ରତିନିଧିମଣ୍ଡଳୀରେ ଲୋକସଭା ସାଂସଦ ମହୁଆ ମୋଇତ୍ର, ଶତାବ୍ଦୀ ରାୟ, କଲ୍ୟାଣ ବାନାର୍ଜୀ, ପ୍ରତିମା ମଣ୍ଡଳ, ସାଜଦା ଅହମ୍ମଦ ଏବଂ ରାଜ୍ୟସଭା ସାଂସଦ ଡୋଲା ସେନ୍, ମମତା ଠାକୁର, ସାକେତ ଗୋଖଲେ ଏବଂ ପ୍ରକାଶ ଚିକ୍ ବାରିକ ପ୍ରମୁଖ ସାମିଲ ରହିଥିଲେ । ମୁଖ୍ୟ ନିର୍ବାଚନ ଆୟୋଗଙ୍କ ସହ ବୈଠକ ପରେ ଓ'ବ୍ରାଏନ୍ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ତାଙ୍କ ଦଳ ନିର୍ବାଚନ ଆୟୋଗଙ୍କ ସମ୍ମୁଖରେ ମୁଖ୍ୟତଃ ପାଞ୍ଚଟି ପ୍ରଶ୍ନ ଉଠାଇଛି, କିନ୍ତୁ ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାର କୌଣସି ଉତ୍ତର ଦେଇନାହାଁନ୍ତି । ସାଂସଦ ମହୁଆ ମୋଇତ୍ର କହିଛନ୍ତି ଯେ ସିଇସିଙ୍କୁ ଏସ୍‌ଆଇଆର୍ ପାଇଁ ପ୍ରାଣ ହରାଇଥିବା ୪୦ଜଣଙ୍କର ତାଲିକା ପ୍ରଦାନ କରାଯିବା ସତ୍ତ୍ୱେ ଆୟୋଗ ଏହାକୁ କେବଳ ଅଭିଯୋଗ ବୋଲି ଖାରଜ କରିଛନ୍ତି ।

ଓ'ବ୍ରାଏନ୍ କହିଛନ୍ତି ଯେ ଟିଏମ୍‌ସି, ଏସ୍‌ଆଇଆର୍ ଧାରଣାକୁ ବିରୋଧ କରେ ନାହିଁ, କିନ୍ତୁ ଏହା ଯେଉଁ 'ଅଣଯୋଜନାମୂଳକ ଉପାୟରେ' କରାଯାଉଛି ତାହାକୁ ତାଙ୍କ ଦଳ ବିରୋଧ କରୁଛି । ସିଇସିଙ୍କୁ ପ୍ରଦାନ କରାଯାଇଥିବା ୪୦ଜଣିଆ ତାଲିକା ମଧ୍ୟରୁ ୧୮ଜଣ ବିଏଲ୍‌ଓ ବା ବୁଥ୍‌ସ୍ତରୀୟ ଅଧିକାରୀ ସାମିଲ ଥିଲେ । ସୂଚନାଯୋଗ୍ୟ, ପଶ୍ଚିମବଙ୍ଗରେ ଶାସକ ଦଳ ଟିଏମ୍‌ସି ଦ୍ୱାରା ରାଜ୍ୟରେ ଏସ୍‌ଆଇଆର ପ୍ରକ୍ରିୟା ବିରୁଦ୍ଧରେ ବିରୋଧ ପ୍ରଦର୍ଶନ ଜାରି ରହିଥିବା ବେଳେ ସିଇସିଙ୍କ ସହ ଟିଏମ୍‌ସି ପ୍ରତିନିଧିଙ୍କ ଏହି ବୈଠକ ଅନୁଷ୍ଠିତ ହୋଇଛି ।

---

### ଲଦାଖ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବଡ଼ ନିଷ୍ପତ୍ତି

## ଉପରାଜ୍ୟପାଳଙ୍କ ଠାରୁ ଆର୍ଥିକ କ୍ଷମତା ପ୍ରତ୍ୟାହାର

**ନୂଆଦିଲ୍ଲୀ,୨୮।୧୧/ଏଜେନ୍ସି:** ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଲଦାଖର ଲେଫ୍ଟନାଣ୍ଟ ଗଭର୍ଣ୍ଣର (ଉପରାଜ୍ୟପାଳ)ଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିବା ଆର୍ଥିକ କ୍ଷମତାରୁ ମୁକ୍ତ କରିଛି । ଏଣିକି ଏସମ୍ପର୍କୀତ ନିଷ୍ପତ୍ତି ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ନିଆଯିବ ଅର୍ଥାତ୍ ଏହି କ୍ଷମତାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସିଧାସଳଖ ବ୍ୟବହାର କରିବ ।



ଏନେଇ ଏକ ନିର୍ଦ୍ଦେଶନାମା ମଧ୍ୟ ଜାରି କରାଯାଇଛି । ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପାଖରେ ପୂର୍ବରୁ ଉପରାଜ୍ୟପାଳଙ୍କ ପାଖରେ ଥିବା ୧୦୦ କୋଟି ପର୍ଯ୍ୟନ୍ତ ଯୋଜନା ଏବଂ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରିବାର କ୍ଷମତା ରହିବ । ସେହିପରି, ୨୦ କୋଟି ପର୍ଯ୍ୟନ୍ତ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରିବା ପାଇଁ ପ୍ରଶାସନିକ ସଚିବଙ୍କ ଆର୍ଥିକ କ୍ଷମତା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ହସ୍ତାନ୍ତର କରାଯାଇଛି, ଯେତେବେଳେ ମୁଖ୍ୟ ଇଞ୍ଜିନିୟର ଏବଂ ବିଭାଗୀୟ ମୁଖ୍ୟ, ଡେପୁଟି କମିଶନର ଏବଂ ଅଧୀକ୍ଷଣ ଇଞ୍ଜିନିୟରଙ୍କ ସମେତ, ୩ କୋଟିରୁ ୧୦ କୋଟି ମଧ୍ୟରେ ବିଭିନ୍ନ କାର୍ଯ୍ୟକୁ ଅନୁମୋଦନ କରିବା ପାଇଁ ନ୍ୟସ୍ତ କ୍ଷମତା ବ୍ୟବହାର କରିବାରୁ ନିଷେଧ କରାଯାଇଛି ।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶ ଆଧାରରେ, ଲଦାଖର ଲେଫ୍ଟନାଣ୍ଟ ଗଭର୍ଣ୍ଣର କବିନ୍ଦର ଗୁପ୍ତା, ଏହି ସମ୍ପର୍କରେ ଏକ ନିର୍ଦ୍ଦେଶ ଜାରି କରିଛନ୍ତି । ପୂର୍ବରୁ ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କ ପାଖରେ ଥିବା ୧୦୦ କୋଟି ପର୍ଯ୍ୟନ୍ତ ସରକାରୀ ଘରୋଇ ସହଭାଗୀତା (ପିପିପି) ମୋଡ ଅଧୀନରେ ଯୋଜନା/ପ୍ରକଳ୍ପ ପାଇଁ ଅନୁମୋଦନ ବର୍ତ୍ତମାନ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଉପରେ ନ୍ୟସ୍ତ ହେବ । ଉପରାଜ୍ୟପାଳଙ୍କ ୧୦୦ କୋଟି ପର୍ଯ୍ୟନ୍ତ ପ୍ରଶାସନିକ ଅନୁମୋଦନ ଏବଂ ଖର୍ଚ୍ଚ ପ୍ରଦାନ କରିବାର କ୍ଷମତା ଏବଂ ପ୍ରଶାସନିକ ସଚିବଙ୍କ ୨୦ କୋଟି ପର୍ଯ୍ୟନ୍ତ ଅନୁମୋଦନ ପ୍ରଦାନ କରିବାର କ୍ଷମତା ମଧ୍ୟ ପରିବର୍ତ୍ତନ କରାଯାଇଛି । ଏହି ଅନୁମୋଦନଗୁଡ଼ିକ ଏବେ ଗୃହ ମନ୍ତ୍ରଣାଳୟ ଦ୍ୱାରା ପ୍ରଦାନ କରାଯିବ ।

---

## ଶ୍ରୀଲଙ୍କାରେ 'ଡିଟୱାହା'ର କରାଳ ରୂପ, ୫୬ ମୃତ

**କଲମ୍ବୋ,୨୮।୧୧/ଏଜେନ୍ସି:** ସାମୁଦ୍ରିକ ବାତ୍ୟା ଡିଟୱାହା ପ୍ରଭାବରେ ଶ୍ରୀଲଙ୍କାରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଏହି ବାତ୍ୟା ଯୋଗୁଁ ବର୍ତ୍ତମାନ ସୁଦ୍ଧା ୫୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୨୩ରୁ ଅଧିକ ନିଖୋଜ ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି । ସେହିପରି ଭୂସ୍ଖଳନ ତଥା ବର୍ଷା କାରଣରୁ ଅନେକ ଘରଦ୍ୱାର ଭାଙ୍ଗିଯିବା ସହ ଅନେକ ଲୋକ ବେସାହାରା ହୋଇପଡିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମବେଦନା ଜଣାଇବା ସହ ଶ୍ରୀଲଙ୍କା ଉଦ୍ଦେଶ୍ୟରେ ରିଲିଫ୍ ଏବଂ ଅନ୍ୟାନ୍ୟ ସହାୟତା ଯୋଗାଇବା ନେଇ ଘୋଷଣା କରିଛନ୍ତି । ଅନ୍ୟପକ୍ଷେ ଡିଟୱାହା ଏବେ ଭାରତୀୟ ରାଜ୍ୟ ତାମିଲନାଡୁ ଆଡକୁ ମୁହାଁଇଛି । ଆସନ୍ତା ୩୦ ସକାଳ ସୁଦ୍ଧା ତାମିଲନାଡୁ ଉପକୂଳ ଛୁଇଁ ବୋଲି କୁହାଯାଉଛି । ତାମିଲନାଡୁ ସମେତ ଆନ୍ଧ୍ରପ୍ରଦେଶର ଅନେକ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସ୍ଥିତିକୁ ଦୃଷ୍ଟିରେ ରଖି ତାମିଲନାଡୁ ସରକାର ସ୍କୁଲ-କଲେଜ ଛୁଟି ଘୋଷଣା କରିଛନ୍ତି ।





## ୧୦ ଲକ୍ଷ ମହିଳାଙ୍କୁ ୧୦୦୦ କୋଟି ବାଣ୍ଟିଲେ ନୀତୀଶ

**ପାଟନା, ୨୮।୧୧/ଏଜେନ୍ସି:** ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆଜି ରାଜ୍ୟର ମହିଳାବର୍ଗର ପ୍ରାୟ ୧୦ଲକ୍ଷ ହିତାଧିକାରୀଙ୍କୁ ଡିବିଟି (ସିଧାସଳଖ ବ୍ୟାଙ୍କ୍ ଟ୍ରାନ୍ସଫର) ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି । ମହିଳାଙ୍କୁ ଆର୍ଥିକ ସହାୟତା ପ୍ରଦାନ ଉଦ୍ଦେଶ୍ୟରେ ନୀତୀଶ କୁମାର ବିଧାନସଭା ନିର୍ବାଚନ ପୂର୍ବରୁ ହିଁ ମୁଖ୍ୟମନ୍ତ୍ରୀ ମହିଳା ଯୋଜନା ନାମରେ ଏକ ଯୋଜନା ଆରମ୍ଭ କରିଥିଲେ । ତେବେ ଏବେ ଯେତେବେଳେ ବିଧାନସଭା ନିର୍ବାଚନ ଶେଷ ହୋଇସାରିଛି ସେତେବେଳେ ମଧ୍ୟ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପୂର୍ବକ ସେ ଆଜି ଦିନରେ ମୋଟ୍ ୧୦୦୦ କୋଟି ଟଙ୍କା ଆବଣ୍ଟିତ କରିଛନ୍ତି । ଏପର୍ଯ୍ୟନ୍ତ ୧ କୋଟି ୪୦ ଲକ୍ଷ ମହିଳା ଏହି ଯୋଜନାରେ ଉପକୃତ ହୋଇସାରିଛନ୍ତି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ।

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମହିଳାମାନଙ୍କୁ ଆର୍ଥିକ ରୂପରେ ସଶକ୍ତ କରିବା ପାଇଁ ତଥା ସ୍ୱାବଲମ୍ବୀ ବା ଆତ୍ମନିର୍ଭରଶୀଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନାକୁ ଆହୁରି ଅଧିକ ବ୍ୟାପକ କରିଛନ୍ତି । ଆଜି ସକାଳ ୧୧:୩୦ରେ ତାଙ୍କ ବାସଭବନସ୍ଥିତ ସଂକଳ୍ପ ଅଡିଟୋରିୟମ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଡିବିଟି ମାଧ୍ୟମରେ ସେ ଏହି ରାଶି ପ୍ରଦାନ କରିଛନ୍ତି । ତେବେ ଆଜିର ଏହି କାର୍ଯ୍ୟକ୍ରମରେ ଗୃହମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ସହ ମନ୍ତ୍ରୀ ବିଜୟ କୁମାର ଚୌଧୁରୀ ଉପସ୍ଥିତ ରହିଥିଲେ । ଆଗରୁ ୬ଟି କିସ୍ତି ମିଳିଥିବା ବେଳେ ବିହାର ନିର୍ବାଚନ ପରେ ମହିଳାଙ୍କୁ ପ୍ରଥମ କିସ୍ତି ମିଳିଛି ।



ଅନ୍ୟପକ୍ଷେ ଡିସେମ୍ବର ୧୪ସୁଦ୍ଧା ସବୁ କିସ୍ତି ମିଳିଯିବ ବୋଲି ନୀତୀଶ କୁମାର କହିଛନ୍ତି । ଏହି କିସ୍ତି ଦେଇ ବିହାର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତି କେବଳ ନିର୍ବାଚନ ପର୍ଯ୍ୟନ୍ତ ନୁହେଁ, ଆମ ସରକାର ନିର୍ବାଚନ ପରେ ମଧ୍ୟ ଦେଇଥିବା କଥାକୁ କାର୍ଯ୍ୟକାରୀ କରିଥାଏ । ଆର୍ଥିକ ସହାୟତା ଭାବେ ପ୍ରଦାନ କରାଯାଇଥିବା ଏହି ଅର୍ଥ ରାଶି ସହାୟତାରେ ମହିଳାମାନେ ଦୁଗ୍ଧ ଉତ୍ପାଦନ, ହସ୍ତଶିଳ୍ପ, କୃଷିଭିତ୍ତିକ କାମ, ସିଲେଇ ଏବଂ ଛୋଟ ବ୍ୟବସାୟ ମାଧ୍ୟମରେ ଭଲ ରୋଜଗାର କରୁଥିବାର ମଧ୍ୟ ଦେଖିବାକୁ ମିଳୁଛି ।

---

### ଇନ୍‌ଫ୍ଲୁଏନ୍‌ସର ଶୁଭଙ୍କର ମିଶ୍ରାଙ୍କ ବିବାଦୀୟ ଟିପ୍ପଣୀ

## ଶ୍ରୀମନ୍ଦିର ଗଲେ ପ୍ରେମୀଯୁଗଳଙ୍କ ସମ୍ପର୍କ ଭାଙ୍ଗିଯାଏ

**ମୁମ୍ବଇ, ୨୮।୧୧/ଏଜେନ୍ସି:** ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍‌ସର ଶୁଭଙ୍କର ମିଶ୍ର ପୁରୀ ଶ୍ରୀମନ୍ଦିରକୁ ନେଇ ବିବାଦୀୟ ଟିପ୍ପଣୀ କରିଥିବା ଅଭିଯୋଗ ହୋଇଛି । ସେ ନିଜର ଏକ ପଡ୍‌କାଷ୍ଟ ଭିତ୍ତିକ କାର୍ଯ୍ୟକ୍ରମରେ ପୁରୀ ଶ୍ରୀଜଗନ୍ନାଥଙ୍କ ମନ୍ଦିର ସମ୍ପର୍କରେ କହିଛନ୍ତି ଯେ, ଯଦି ବିବାହ ପୂର୍ବରୁ ପ୍ରେମୀଯୁଗଳ ଭୁଲ୍‌ବଶତଃ ମଧ୍ୟ ଜଗନ୍ନାଥ ମନ୍ଦିରକୁ ଆସୁଛନ୍ତି ତେବେ ସେମାନଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥାଏ ବା ସମ୍ପର୍କ ସବୁଦିନ ପାଇଁ ଭାଙ୍ଗିଯାଇଥାଏ । ଯାହାଫଳରେ ପ୍ରେମୀଯୁଗଳ ଭବିଷ୍ୟରେ କେବେବି ବିବାହ କରିପାରନ୍ତି ନାହିଁ । ଶୁଭଙ୍କର ନିଜର ଏହି ଦାବିକୁ ଯଥାର୍ଥତା ପ୍ରତିପାଦନ କରିବା ଉଦ୍ଦେଶ୍ୟରେ ଏହା ମଧ୍ୟ କହିଥିଲେ ଯେ ଶ୍ରୀମନ୍ଦିର ଉପରେ ମା' ରାଧାରାଣୀଙ୍କ ଅଭିଶାପ ରହିଛି । କାରଣ ଦିନେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜଗନ୍ନାଥ ରୂପ ଦର୍ଶନ କରିବା ପାଇଁ ମନ୍ଦିରରେ ଆସି ପହଞ୍ଚିଥିଲେ ରାଧାରାଣୀ । କିନ୍ତୁ ମନ୍ଦିର ସେବାୟତମାନେ ତାଙ୍କୁ ବାଟରୁ ଅଟକାଇ ଦେଇଥିଲେ ଏବଂ ଜଗନ୍ନାଥଙ୍କ ଦର୍ଶନ କରାଇଦେଇନଥିଲେ । ଏଥିରେ ରାଗିଯାଇ ରାଧାରାଣୀ ମନ୍ଦିରକୁ ଅଭିଶାପ ଦେଇଥିଲେ ଯେ, ଆଜିଠୁ କୌଣସି ଅବିବାହିତ ଯୋଡ଼ି ଯଦି ମନ୍ଦିର ଭିତରକୁ ଆସନ୍ତି ତେବେ ସେମାନଙ୍କର ସମ୍ପର୍କ ଭାଙ୍ଗିଯିବା ସହ ବିବାହ ହୋଇପାରିବ ନାହିଁ । ଶୁଭଙ୍କରଙ୍କ ଏଭଳି କିଛି ଅବାନ୍ତର ଦାବି ସମ୍ପର୍କୀତ ଏକ ଭିଡିଓ ଭାଇରାଲ୍ ହେବା ପରେ ଓଡ଼ିଶାବାସୀଙ୍କ ସମେତ ଜଗନ୍ନାଥପ୍ରେମୀମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।



## ଆମେରିକାରେ ୬.୦ ତୀବ୍ରତାର ଭୂକମ୍ପନ

**ଆଲସ୍କା, ୨୮।୧୧/ଏଜେନ୍ସି:** ଆମେରିକାରେ ଶୁକ୍ରବାର ୬.୦ ତୀବ୍ରତାର ଏକ ଭୟଙ୍କର ଭୂକମ୍ପ ଅନୁଭୂତ ହୋଇଛି । ଏହି ଭୂମିକମ୍ପ ସକାଳ ୮:୧୨ ମିନିଟ୍ ସମୟରେ ହୋଇଥିଲା । ଆଲାସ୍କାର ଆଙ୍କୋରେଜ୍ ମେଟ୍ରୋପଲିଟାନ୍ ଅଞ୍ଚଳରେ ଘଟିଥିବା କୁହାଯାଉଛି । ସୂଚନା ଅନୁସାରେ ଭୂକମ୍ପ କେନ୍ଦ୍ରସ୍ଥଳ ଆଲାସ୍କାର ସୁସିଟାନର ପଶ୍ଚିମ-ଉତ୍ତରପଶ୍ଚିମରେ ୧୨ କିଲୋମିଟର ଦୂର, ସହରରୁ ପ୍ରାୟ ୧୦୮ କି.ମି ଉତ୍ତର-ପଶ୍ଚିମରେ ରହିଥିଲା । ଭୂକମ୍ପ କେନ୍ଦ୍ରସ୍ଥଳ ୬୯ କିଲୋମିଟର ଗଭୀରରେ ଥିଲା । ଏଥିରେ କୌଣସି ବଡ କ୍ଷତି ହୋଇନଥିବା କୁହାଯାଇଛି । ଭୂକମ୍ପନର ଅନୁଭବ ଆଙ୍କୋରେଜ୍ ଏବଂ ପଡ଼ୋଶୀ ସମ୍ପ୍ରଦାୟଗୁଡ଼ିକରେ ମଧ୍ୟ ଅନୁଭୂତ ହୋଇଥିଲା । ୬.୦ ତୀବ୍ରତା ସତ୍ତ୍ୱେ ଜାତୀୟ ସୁନାମି କେନ୍ଦ୍ର ପକ୍ଷରୁ ସୁନାମୀ ସତର୍କ ସୂଚନା ଜାରି କରାଯାଇନଥିବାରୁ ଭୟଭୀତ ହେବାର ନାହିଁ ବୋଲି କୁହାଯାଇଛି ।

---

### ୨୩ତମ ଭାରତ–ରୁଷ୍ ବାର୍ଷିକ ଶିଖର ସମ୍ମିଳନୀ

## ୪ରେ ଭାରତ ଆସିବେ ପୁତିନ୍

**ମସ୍କୋ, ନୂଆଦିଲ୍ଲୀ, ୨୮।୧୧/ଏଜେନ୍ସି:** ୨୩ତମ ଭାରତ–ରୁଷ୍ ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେବା ଉଦ୍ଦେଶ୍ୟରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ଭାରତ ଗସ୍ତରେ ଆସିବେ । ମସ୍କୋ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ରାଷ୍ଟ୍ରପତି ପୁତିନ୍‌ଙ୍କ ଭାରତ ଗସ୍ତ ପାଇଁ ଡିସେମ୍ବର ୪-୫ ତାରିଖ ଧାର୍ଯ୍ୟ କରାଯାଇଛି । ଏହି ଅବସରରେ ଉଭୟ ନେତା ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବେ ବୋଲି ମଧ୍ୟ ସ୍ଥିରିକୃତ ହୋଇଛି । କେନ୍ଦ୍ର ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଏହି ଖବରକୁ ନିଶ୍ଚିତ କରାଯାଇଛି ।



ରିପୋର୍ଟ ଅନୁଯାୟୀ ରାଷ୍ଟ୍ରପତି ପୁତିନ୍‌ଙ୍କୁ ସ୍ୱାଗତ କରିବା ପାଇଁ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପକ୍ଷରୁ ରାଷ୍ଟ୍ରପତି ଭବନରେ ଏକ ରାତ୍ରଭୋଜିର ବ୍ୟବସ୍ଥା କରାଯିବ । ସୂଚନାଯୋଗ୍ୟ ପୁତିନ୍‌ଙ୍କ ଭାରତ ଗସ୍ତ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହେବ । ଏହା ଭାରତ ଏବଂ ରୁଷ୍ ଉଭୟ ଦେଶର ନେତୃତ୍ୱକୁ ସେମାନଙ୍କର ଦ୍ୱିପାକ୍ଷିକ ସମ୍ପର୍କର ପ୍ରଗତି ସମୀକ୍ଷା କରିବା ଏବଂ ରଣନୈତିକ ସହଭାଗୀତାକୁ ସୁଦୃଢ଼ କରିବା ପାଇଁ ଏକ ମାର୍ଗ ପ୍ରସ୍ତୁତ କରିବ । ଏହା ସହିତ ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମତ ଆଦାନପ୍ରଦାନ କରିବାର ସୁଯୋଗ ପ୍ରଦାନ କରିବ । ବିଶେଷକରି ପ୍ରତିରକ୍ଷା କ୍ଷେତ୍ରରେ, ଯାହା ଦୁଇ ଦୀର୍ଘକାଳୀନ ସହଯୋଗୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବ । ପିଟିଆଇ ରିପୋର୍ଟ ଅନୁଯାୟୀ, ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି କରିବାର ଉପାୟ, ରୁଷ୍ ବିରୁଦ୍ଧରେ ପାଶ୍ଚାତ୍ୟ ପ୍ରତିବନ୍ଧକ ସତ୍ତ୍ୱେ ଶକ୍ତି ସହଯୋଗକୁ ବୃଦ୍ଧି କରିବା, ପ୍ରତିରକ୍ଷା ସମ୍ପର୍କକୁ ଆହୁରି ବୃଦ୍ଧି କରିବା ଏବଂ ୟୁକ୍ରେନ୍ ବିବାଦ ଆଲୋଚନାରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ସେହିପରି ଭାରତ ରୁଷ୍ ଠାରୁ ଅତିରିକ୍ତ ବ୍ୟାଚ୍ ଏସ୍-୪୦୦ ଭୂପୃଷ୍ଠରୁ ଆକାଶ କ୍ଷେପଣାସ୍ତ୍ର ପ୍ରଣାଳୀ କ୍ରୟ କରିବାକୁ ବିଚାର କରୁଛି ବୋଲି ଜଣାପଡ଼ିଛି ।

ଗତ ଅଗଷ୍ଟ ମାସରେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ମସ୍କୋ ଗସ୍ତ ସମୟରେ ପୁତିନଙ୍କ ଭାରତ ଗସ୍ତ ନେଇ ଘୋଷଣା କରାଯାଇଥିଲା । ହେଲେ ସେତେବେଳେ ତାରିଖ ଚୂଡ଼ାନ୍ତ ହୋଇନଥିଲା । ପରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ପୁତିନ୍ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ସମ୍ମିଳନୀ ସମୟରେ ଚୀନରେ ସାକ୍ଷାତ କରିଥିଲେ । ଉଭୟ ଏକ କାରରେ ବସି ହୋଟେଲକୁ ଯିବା ସହ ଏକ ଘଣ୍ଟା ପାଇଁ ପୃଥକ୍ ଆଲୋଚନା ମଧ୍ୟ କରିବା ଦେଖିବାକୁ ମିଳିଥିଲା । ପ୍ରକାଶ, ପୁତିନ୍‌ଙ୍କ ଭାରତ ଗସ୍ତ ଏପରି ଏକ ସମୟରେ ହେବାକୁ ଯାଉଛି ଯେତେବେଳେ କି ରୁଷ ଠାରୁ ତୈଳ ଆମଦାନୀ କରୁଥିବାରୁ ଆମେରିକା, ଭାରତ ଉପରେ ଭାରୀ ଶୁଳ୍କ ଲଗାଇଥିଲା । ଏହି ସମୟରେ ଭାରତ ଓ ଆମେରିକା ମଧ୍ୟରେ ଥିବା ସମ୍ପର୍କରେ ତିକ୍ତତା ଆସିଥିବା ବେଳେ ରୁଷ୍ ସହିତ ଭାରତର ସମ୍ପର୍କ ନିବିଡ଼ ହୋଇଥିଲା ।

# ନୟାହାଟ ଫାଣ୍ଡିରେ ତ୍ରିନାଥ ମେଳା



**ନୟାହାଟ,୨୮।୧୧/ଏନ୍ଏନ୍ଏସ୍:** ଗୋପ ଥାନା ଅନ୍ତର୍ଗତ ନୟାହାଟ ଫାଣ୍ଡିରେ ୧୫ତମ ତ୍ରିନାଥ ମେଳା ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପ୍ରାଚୀ ନଦୀରୁ କଳସୀରେ ତ୍ରିନାଥ କମିଟିର ସଭ୍ୟମାନେ ପାଦରେ ଚାଲିକରି ଯାଇ ପାଣିଆଣି ତ୍ରିନାଥ ମଣ୍ଡପରେ ସ୍ଥାପନ କରିଥିଲେ। ସକାଳ ୮ଟାରୁ ପୂଜା ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ପୂର୍ଣ୍ଣାହୁତି ଶେଷ ହୋଇଥିଲା। ଏଥିରେ କର୍ତ୍ତା ଶ୍ରୀଧର ମଲ୍ଲିକ ଓ ତାଙ୍କ ପତ୍ନୀ କର୍ତ୍ତ୍ରୀ ଭାବେ ବସିଥିଲେ। ପୂଜାକାର୍ଯ୍ୟ ସମାପନ ପରେ ୬ଟି ପଞ୍ଚାୟତର ସାଧାରଣ ଜନତା, ସରପଞ୍ଚ, ସମିତି ସଭ୍ୟା ଓ ବରିଷ୍ଠ ନାଗରିକ ସଭ୍ୟ, ବଜାର କମିଟିର ସଭାପତି ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

# ସାତକୋଶିଆ ଅଭୟାରଣ୍ୟରେ ଗୟଳ ଶିକାର, ଜଣେ ଗିରଫ

**ଗଣିଆ,୨୮।୧୧/ଏନ୍ଏନ୍ଏସ୍:** ସାତକୋଶିଆ ଆଭୟାରଣ୍ୟର ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ, ନୟାଗଡ ଛାମୁଣ୍ଡିଆ ବନାଞ୍ଚଳର ବେଠିଆସାହି ଗ୍ରାମ ନିକଟସ୍ଥ ବଡ଼ମୂଳ ଖେସରା ଜଙ୍ଗଲରେ ଗୁରୁବାର ଶିକାରୀ ବିଦ୍ୟୁତ୍ ତାର ଫାଶ ପକାଇ ଏକ ଗୟଳ ଶିକାର କରାଯାଇଥିବା ବନ୍ୟପ୍ରାଣୀ ବିଭାଗ ତରଫରୁ ସୂଚନା ମିଳିଛି। ଏହି ଘଟଣାରେ ସହଯୋଗୀ ଶିକାରୀ ବେଠିଆସାହି ଗ୍ରାମର ଏକ ବ୍ୟାଗରେ ମାଂସ ଭର୍ତ୍ତି କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ନାରାୟଣ ପଣ୍ଡା, ବଡ଼ମୂଳ ସେକ୍ସନ ଫରେଷ୍ଟର କାଳନ୍ଦୀ ସାଥୁଆ, ଛାମୁଣ୍ଡିଆ ଫରେଷ୍ଟର ଗାୟତ୍ରୀ ପରିଡ଼ା ଓ ଅନ୍ୟ ବନ କର୍ମଚାରୀମାନେ ଘଟଣାସ୍ଥଳରୁ ସହଯୋଗୀ ଶିକାରୀକୁ ଗିରଫ କରିଥିଲେ। ଗିରଫ ହୋଇଥିବା ଯୁବକ ଜଣଙ୍କ ହେଲେ ବେଠିଆସାହି ଗ୍ରାମର ବିରେନ ସାହୁ (୨୫)। ଗିରଫ ବିରେନକୁ ଶୁକ୍ରବାର ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ପରୀକ୍ଷା କରିବା ପରେ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି । ଚଢ଼ଉ ସମୟରେ ମୁଖ୍ୟ ଶିକାରୀ ବେଠିଆସାହି ଗ୍ରାମର ମାଗିରାମ ବେହେରା ବନବିଭାଗ କର୍ମଚାରୀମାନଙ୍କ ଉପରକୁ ଛୁରୀ ଫୋପାଡି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏସିଏଫ୍ (ସହକାରୀ ବନ୍ୟପ୍ରାଣୀ ସଂରକ୍ଷକ) ଦେବୀ ପ୍ରସାଦ ରାଉତଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ଶିକାର ହୋଇଥିବା ଅଣ୍ଡିରା ଗୟଳଟିର ବୟସ ୬ ବର୍ଷ ହେବ।



ଘଟଣାସ୍ଥଳରୁ ବିଦ୍ୟୁତ ଫାଶରେ ବ୍ୟବହାର ହୋଇଥିବା ତାର ଜବତ କରାଯାଇଛି। ଶୁକ୍ରବାର ସକାଳୁ ଘଟଣାସ୍ଥଳରେ ଏସିଏଫ୍, ରେଞ୍ଜ ଅଫିସରଙ୍କ ସହ ଗଣିଆ ପ୍ରାଣୀଧନ ନିରୀକ୍ଷକ କର୍ମଚାରୀ ପହଞ୍ଚି ଶବ ବ୍ୟବଚ୍ଛେଦ କରିବା ପରେ ଏହାର ପରୀକ୍ଷା କରିବା ପାଇଁ ଭୁବନେଶ୍ୱର ଓୟୁଏଟି ସେଣ୍ଟ୍ରାଲ୍ ଲ୍ୟାବ୍‌କୁ ନମୁନା ପଠାଯାଇଛି। ଏହି ଘଟଣାରେ ବନ୍ୟପ୍ରାଣୀ ବିଭାଗ ତରଫରୁ କେସ ନଂ ୦୧ ୨୫-୨୬ ରୁଜୁ କରି ଫେରାର ଥିବା ମୁଖ୍ୟ ଶିକାରୀକୁ ଗିରଫ ପାଇଁ ନନ୍‌ବେଲେବୁଲ ୱାରେଣ୍ଟ୍ ଇସ୍ୟୁ କରିବାକୁ କୋର୍ଟରେ ପ୍ରାର୍ଥନା କରାଯାଇଛି। ମହାନଦୀ ବନ୍ୟପ୍ରାଣୀ ଡିଭିଜନରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଭାବ ଯୋଗୁଁ ବହୁ ବିଟ୍ ହାଉସ ଖୋଲା ପଡ଼ିଛି। ଫଳରେ ଦିନକୁ ଦିନ ଶିକାରୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବା ଫଳରେ ବନ୍ୟଜନ୍ତୁ ଅସୁରକ୍ଷିତ ହୋଇପଡ଼ିଥିବା ପରିବେଶବିତ ମହଲରେ ଆଲୋଚନା ହେଉଛି।

# ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ



**କଣ୍ଟିଲୋ,୨୮।୧୧/ଏନ୍ଏନ୍ଏସ୍:** ଗତ ସୋମବାର କୁଞ୍ଜ ବିହାରୀ ନୋଡାଲ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ହାଉସ୍ କିପିଙ୍ଗ୍ ପୋଷାକ ବଣ୍ଟନ ହୋଇଥିଲା ବେଳେ ଆଜି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ନବମ ଓ ଦଶମ ଶ୍ରେଣୀର ଛାତ୍ରୀମାନଙ୍କୁ ଶୃଙ୍ଖଳାର ସହିତ 'ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ ଯୋଜନା'ରେ ୟୁନିଫର୍ମ ବଣ୍ଟନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷୟତ୍ରୀ ବାସନ୍ତୀ ପଣ୍ଡାଙ୍କ ଉପସ୍ଥିତିରେ ଏହା ବଣ୍ଟନ କରାଯାଇଥିବା ସଭାପତି ଶ୍ରୀ ସାହୁ ସୂଚନା ଦେଇଛନ୍ତି।

# ଭୀମପଡ଼ାରେ କୁରାଳ ପଞ୍ଚମୀ ପୂଜା ଉଦ୍‌ଯାପିତ

**ବୋଲଗଡ଼,୨୮।୧୧/ଏନ୍ଏନ୍ଏସ୍:** ବୋଲଗଡ଼ ବ୍ଲକ ଫସିଓଦା ପଞ୍ଚାୟତ ଅନ୍ତର୍ଗତ ଭୀମପଡ଼ା ଗ୍ରାମରେ କୁରାଳ ପଞ୍ଚମୀ ପୂଜା କମିଟି ଆନୁକୂଲ୍ୟରେ ୩ଦିନ ବ୍ୟାପି କୁରାଳ ପଞ୍ଚମୀ ପୂଜା ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମ ଦିବସରେ ମହିଳାମାନଙ୍କ ଦ୍ୱାରା କଳସ ଯାତ୍ରା କରାଯାଇ ପୂଜକ ଦେବବ୍ରତ ହୋତାଙ୍କ ଦ୍ୱାରା ସୂର୍ଯ୍ୟପୂଜା, ଗୋପୂଜା, ସମସ୍ତ ଦେବଦେବୀ ପୂଜା ଓ ହୋମ ଯଜ୍ଞାଦି କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଏହି ହୋମଦି ଯଜ୍ଞ କାର୍ଯ୍ୟରେ ମୁଖ୍ୟକର୍ତ୍ତା ଭାବେ ପର୍ଶୁରାମ ମୁଦୁଲି ଯୋଗଦେଇ ଭୀମପଡା ଗ୍ରାମ ସହ ବିଶ୍ୱର କଲ୍ୟାଣ ନିମନ୍ତେ ହୋମଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଭୀମପଡ଼ା, ଟାଙ୍ଗୀସାହି, କଳାମାଟିଆ, କୋଟପଲ୍ଲୀ ଦୀଘିରି, କୁସୁପଲ୍ଲୀ, ଦିବ୍ୟସିଂହପୁର ଓ କାଉତରା ଆଦି ଗ୍ରାମଗୁଡ଼ିକରୁ ଅନେକ ମାନସିକଧାରୀ ପରିବାରର ମଙ୍ଗଳ ପାଇଁ ହୋମ ଯଜ୍ଞରେ ସାମିଲ ହୋଇ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ବିଶେଷ କରି ଗ୍ରାମର କୁମ୍ଭକାର ପରିବାରମାନେ ଆନନ୍ଦ ଓ ଉତ୍ସାହର ସହ କୁରାଳ ପଞ୍ଚମୀ ପାଳନ କରିଛନ୍ତି। ଏହି ଉତ୍ସବ ଉପଲକ୍ଷେ ପ୍ରତି କୁମ୍ଭକାରମାନଙ୍କ ଘରେ ଘରେ ପିଠାପଣା, ପୂଜାର୍ଚ୍ଚନା ଓ ଚକ ପୂଜା, ଓଢ଼ଣୀ ଲାଗି ଚିତଉ ପିଠା ଓ ଦହି ପଖାଳ ଆଦି ନାନାଦି ଭୋଗରାଗ କରା ଯାଇଥାଏ। ଏହି ପୂଜା



ମାର୍ଗଶିର ମାସ ଶୁକ୍ଲପକ୍ଷ ପଞ୍ଚମୀ ତିଥିରୁ ସପ୍ତମୀ ତିଥି ପର୍ଯ୍ୟନ୍ତ କୁମ୍ଭକାରମାନେ ପବିତ୍ର କୁରାଳ ପଞ୍ଚମୀ ଉତ୍ସବ ପାଳନ କରିଥାନ୍ତି। ଉତ୍ସବରେ କୁମ୍ଭାର ସମ୍ପ୍ରଦାୟର ସମସ୍ତ ସଦସ୍ୟ ଓ ସଦସ୍ୟା ମାନେ ନୂତନ ବସ୍ତ୍ର ପରିଧାନ କରି ଆନନ୍ଦ ତଥା ଉଲ୍ଲାସର ସହ ପବିତ୍ର କୁରାଳ ପଞ୍ଚମୀଙ୍କୁ ମନଭରୀ ଉପଭୋଗ କରିଥାନ୍ତି ଏବଂ ଶ୍ରୀଜଗନ୍ନାଥ,ବଳଭଦ୍ର ଓ ଭଗ୍ନୀ ସୁଭଦ୍ରାଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ଏହି ଉତ୍ସବରେ ବିଭିନ୍ନ କଳାକାରମାନଙ୍କ ଦ୍ୱାରା ରାମ ନାଟକ ଓ ଭଜନ କୀର୍ତ୍ତନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶତାଧିକ ଦର୍ଶକ ମନଭରି ଉପଭୋଗ କରିଥିଲେ। ଅଭିମନ୍ୟୁ ମୁଦୁଲିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଆଇନଜୀବୀ ତଥା ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଲୋତକ ବିନ୍ଦୁ ପଟ୍ଟନାୟକ ଓ ସମ୍ମାନିତ ଅତିଥିଭାବେ ବିଜେପି ମଣ୍ଡଳ ସଭାପତି ସଞ୍ଜୟ ବେହେରା, ସମାଜସେବୀ ବିନୋଦ ମହାରଣା, ପୂର୍ବତନ ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝୀ, ସମାଜସେବୀ ଦିପନ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ରବୀନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ବସନ୍ତ ମୁଦୁଲି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜଗବନ୍ଧୁ ମୁଦୁଲି, ଶରତ, ମନୋଜ, ପ୍ରମୋଦ, ପ୍ରକାଶ ରମେଶ, କୁନି ଓ ଲିଜା ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ। ଶେଷରେ ପ୍ରଦୀପ୍ତ କୁମାର ମୁଦୁଲି ଧନ୍ୟବାଦ୍ ଦେଇଥିଲେ।

# ୨ ବାଲି ବୋଝେଇ ଟ୍ରାକ୍ଟର ଜବତ



**ଟାଙ୍ଗୀ,୨୮।୧୧/ଏନ୍ଏନ୍ଏସ୍:** ସରକାର ଚୋରା ବାଲି ରୋକ ଲଗାଇଥିବା ବେଳେ ଦିନ ଦିପହରେ ବିରୂପା ନଦୀ ରୁ ଶହ ଟ୍ରିପି ବାଲି ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳିଛି। ଯାହା ଫଳରେ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଥିବା ବେଳେ ଦାୟିତ୍ୱରେ ଥିବା ଖଣି ଅଧିକାରୀ ବାବୁ ମାନେ କୋଟିପତି ହେବାରେ ଲାଗିଛନ୍ତି। ମାତ୍ର ଖଣି ବିଭାଗ କାର୍ଯ୍ୟାଳୟଠାରୁ ୧୦କିଲୋ ମିଟର ଦୂର ନପଙ୍ଗ ପଞ୍ଚାୟତ ବିରୂପା ଘାଟରୁ ପ୍ରତିଦିନ ଟ୍ରାକ୍ଟର ଯୋଗେ ବାଲି ଚୋରା ଚାଲାଣ ହେଉଥିବା ଖଣି ବିଭାଗ ଜାଣି ଚୁପ୍ ରହିଥିବା ବେଳେ ଟାଙ୍ଗୀ ପୁଲିସ ଆଜି ସକାଳ ସମୟରେ ଚଢ଼ଉ କରି ଦୁଇଟି ବାଲି ବୋଝେଇ ଟ୍ରାକ୍ଟର୍ ଜବତ କରିଛି। ଖାଲି ନପଙ୍ଗ ନୁହେଁ ଭଟିମୁଣ୍ଡା ମୌଜା ବଡ ଭୀମରାଜପୁର, ମାଗୁରା ପଞ୍ଚାୟତ ଗଣେଶ୍ୱରପୁର ବିରୂପା ନଦୀରୁ ବେଧଡ଼କ ଭାବରେ ବାଲି ଚୋରା ଚାଲାଣ ହେଉଛି। ଖଣି ବିଭାଗ ଅଧିକାରୀମାନେ ମୁନାଫା କମା ବାରେ ବ୍ୟସ୍ତ ଥିବା ବେଳେ ବାଲି ମାଫିଆମାନେ ସରକାର ଙ୍କ ନିୟମକୁ ଆଖି ଠାର ମାରି ଚୋରା ବାଲି ଚାଲାଣ କରିବାରେ ହେଳା କରୁନାହାନ୍ତି।

# କୋଣାର୍କ ଉତ୍ସବ ଓ ବାଲୁକା କଳା ମହୋତ୍ସବର ପ୍ରସ୍ତୁତି ଅନୁଧ୍ୟାନ

**କୋଣାର୍କ,୨୮।୧୧/ଏନ୍ଏନ୍ଏସ୍:** ଆସନ୍ତା ୧ ତାରିଖରୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ମୁକ୍ତାକାଶ ରଙ୍ଗମଞ୍ଚରେ ୩୬ତମ କୋଣାର୍କ ନୃତ୍ୟ ଉତ୍ସବ ଓ ଚନ୍ଦ୍ରଭାଗାରେ ୧୫ ତମ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ଆରମ୍ଭ ହେବାକୁ ଯାଉଛି। ଏନେଇ ଶୁକ୍ରବାର ପୂର୍ବାହ୍ନରେ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର କୋଣାର୍କରେ ପହଞ୍ଚି କୋଣାର୍କ ଉତ୍ସବ ଓ ପରେ ଚନ୍ଦ୍ରଭାଗାରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବର ପ୍ରସ୍ତୁତି ବୁଲି ଅନୁଧ୍ୟାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଓ କୋଣାର୍କ ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଅମିୟ ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କୋଣାର୍କ ଉତ୍ସବ ନିମନ୍ତେ ମୁକ୍ତାକାଶ ରଙ୍ଗମଞ୍ଚ ଓ କୋଣାର୍କ ଯାତ୍ରୀ ନିବାସ ଠାରେ ଚାଲିଥିବା କାର୍ଯ୍ୟଗୁଡିକର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

# ଶିଖରପୁର ସଂରକ୍ଷିତ ଜଙ୍ଗଲରେ ହାତୀ ଆତଙ୍କ

**ଖଣ୍ଡପଡ଼ା,୨୮।୧୧/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବନାଞ୍ଚଳ ଅଧିନ ସାପୁଆ ସଂରକ୍ଷିତ ଜଙ୍ଗଲରେ ୪ ଟିକିଆ ହାତୀପଲକୁ ନେଇ ଗତ ୫ ଦିନ ହେଲା ସାଧାରଣରେ ଆତଙ୍କ ସୃଷ୍ଟି ହୋଇଥିବା ବେଳେ ବୁଧବାର ରାତିରେ ଯୋଗିଆପଲ୍ଲୀ ପଞ୍ଚାୟତ ଅଧିନ ଲକ୍ଷ୍ମୀପ୍ରସାଦ ଗ୍ରାମରେ ହାତୀ ପଲ ଅମଳ ହୋଇ ଖଳାରେ ରଖା ଯାଇଥିବା ଧାନ କଳେଇ ଗୁଡିକୁ ଦଳା ଚକଟା କରି ନଷ୍ଟ କରି ଦେଇଛନ୍ତି। ଗ୍ରାମବାସୀଙ୍କ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ବୁଧବାର ବିଳମ୍ବିତ ରାତିରେ ଲକ୍ଷ୍ମୀପ୍ରସାଦ ଗ୍ରାମର ଦୀନବନ୍ଧୁ ବରାଡ଼ଙ୍କ ବାଡିରେ ଅମଳ ନିମନ୍ତେ ରଖାଯାଇଥିବା ପ୍ରାୟ ୪ ଶହରୁ ଉର୍ଦ୍ଧ୍ୱ ଧାନ କଳେଇ ହାତୀପଲ ନଷ୍ଟ କରିଛନ୍ତି। ଗୁରୁବାର ଭୋର ସମୟରେ ଗାଁ ମୁହାଁ ହୋଇଥିବା ହାତୀପଲ ଫସଲ ନଷ୍ଟ କରିବା ପରେ ଗ୍ରାମ ନିକଟସ୍ଥ ରାସୋଳ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦିନତମାମ ଡେରା ପକାଇ ଥିବାରୁ ଗ୍ରାମବାସୀ ଏବେ ଭୟଭୀତ ଅବସ୍ଥାରେ ରହିଛନ୍ତି। ହାତୀ ପଲକୁ ଘଉଡ଼ାଇବା ନିମନ୍ତେ ବନ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଅଞ୍ଚଳବାସୀ ଏ ସମ୍ପର୍କରେ ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି। ସୂଚନା ଯୋଗ୍ୟ ହାତୀପଲଙ୍କ ଉପଦ୍ରବ ଯୋଗୁଁ ସମଗ୍ର ଯୋଗିଆପଲ୍ଲୀ ଓ ଶିଖରପୁର ପଞ୍ଚାୟତବାସୀ ଆତଙ୍କିତ ହୋଇ ପଡ଼ିଛନ୍ତି। ନୟାଗଡ ଜିଲ୍ଲା ଅଧିନ ଖେଡ଼ପଡ଼ା ସେକ୍ସନ ବନପାଳଙ୍କ ସହ ଯୋଗାଯୋଗ କରିବାରେ ବନବିଭାଗ ଟିମ୍ ସେଥିପ୍ରତି ସଜାଗ ଥିବା ନେଇ ସେ ସୂଚନା ଦେଇଛନ୍ତି।

# ଆବାସ ପାଇଁ ଜିଲ୍ଲାପାଳଙ୍କୁ ଗୁହାରି କଲେ ୫୦ ହିତାଧିକାରୀ

**ଅସ୍ତରଙ୍ଗ,୨୮।୧୧/ଏନ୍ଏନ୍ଏସ୍:** ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ କେନ୍ଦ୍ରାପାଟି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ପ୍ରାୟ ୫୦ ଜଣ ଯୋଗ୍ୟ ହିତାଧିକାରୀ ଥିବା ବ୍ୟକ୍ତି ଆବାସ ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଗୁହାରି କରିଛନ୍ତି। ସୂଚନା ଯୋଗ୍ୟ କି କେନ୍ଦ୍ରାପାଟି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୫୦ ଜଣ ଯୋଗ୍ୟ ହିତାଧିକାରୀ ଥିବା ଲିଖିତ ଅଭିଯୋଗ ଦର୍ଶାଇ ଆବାସ ମିଳିବ କହି ସରକାରୀ ଅଧିକାରୀ ଆମ୍ଭ କଚ୍ଚା ଘରକୁ ଆସି ବାରମ୍ବାର ଫଟୋ ଉଠାଇ ନେଇଥିଲେ ମଧ୍ୟ ଆବାସ ଦିଆଯାଇନାହିଁ। ଏନେଇ ୨୨ ତାରିଖରେ ଜିଲ୍ଲାପାଳଙ୍କ ଜନଶୁଣାଣିରେ କଣ୍ଟାପଡା ଗ୍ରାମର ରୀନା ବାଳା ଦାସଙ୍କ ସମେତ ଜିଲ୍ଲାପାଳଙ୍କୁ କଣ୍ଟାପଡା ଗ୍ରାମର ୧୨ ଜଣ , ବିଜିପୁର ଗ୍ରାମର ୧୫ ଜଣ, ନାମରୋ ଗ୍ରାମର ୩ ଜଣ, ଜିଓଳ ଗ୍ରାମର ୮ ଜଣ, କେନ୍ଦ୍ରାପାଟି ଗ୍ରାମର ୧୦ ଜଣ , ଜିଉଁନ୍ତି ଓ ଆଙ୍କୁଅ ଗ୍ରାମର ଜଣେ ଲେଖାଏଁ ହିତାଧିକାରୀ ନୂତନ ନିୟମ ଅନୁଯାଇ ସେମାନେ ଆବାସ ଗୃହ ପାଇବା ଯୋଗ୍ୟ ଥିବା ସେମାନେ ସେମାନଙ୍କର ଅଭିଯୋଗରେ ଦର୍ଶାଇଛନ୍ତି। ସେମାନଙ୍କୁ ଆବାସ ଗୃହ ଯୋଗାଇଦେବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

## ପୁରୀ ଏସ୍‌ପିଙ୍କ ପକ୍ଷରୁ ସାପ୍ତାହିକ ପରେଡ୍

# କ୍ୟାଣ୍ଟିନ୍, ବ୍ୟାରାକ୍ ଓ କ୍ୱାର୍ଟର୍ ଲାଇନ୍ ରିଭ୍ୟୁ

**ପୁରୀ,୨୮।୧୧/ଏନ୍ଏନ୍ଏସ୍:** ଆଜି ରିଜର୍ଭ ପୁଲିସ ଲାଇନ୍, ପୁରୀରେ ସୁଚାରୁ ଭାବେ ସାପ୍ତାହିକ ପରେଡ୍ ଆୟୋଜିତ ହୋଇଯାଇଛି। ଏହି ସାପ୍ତାହିକ ପରେଡ୍‌କୁ ପୁରୀ ଜିଲ୍ଲା ପୁଲିସ ଅଧୀକ୍ଷକ ପ୍ରତୀକ ସିଂ ଉପସ୍ଥିତ ହୋଇ ନିରୀକ୍ଷଣ କରିଥିଲେ। ରିଭ୍ୟୁ ସମୟରେ ଶ୍ରୀ ସିଂ ଅଧିକାରୀମାନଙ୍କୁ ଏବଂ ସମସ୍ତ ପୁଲିସ ଜବାନମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ ପୁରୀ ପୁଲିସଙ୍କ ପ୍ରାଥମିକ ଲକ୍ଷ୍ୟ ହେଉଛି ଜନସାଧାରଣଙ୍କ ସୁରକ୍ଷା, ସେବା ଓ ଭରସା। ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଜନସେବାରେ ପୁଲିସର ଭୂମିକାକୁ ସଶକ୍ତ କରିବା, ସାମାଜିକ କାର୍ଯ୍ୟ, ମହିଳା ଓ ଶିଶୁ ସୁରକ୍ଷା, ପର୍ଯ୍ୟଟକ ସୁରକ୍ଷା ଓ ଆଧୁନିକ ପୁଲିସିଙ୍ଗରେ କାର୍ଯ୍ୟ କରିବା ପାଇଁ ଜୋର ଦିଆଯାଇଥିଲା। ସାପ୍ତାହିକ ପରେଡ୍ ପରେ ପୁରୀ ଏସ୍‌ପି ପ୍ରତୀକ ସିଂ ପୁଲିସ ଲାଇନ୍‌ର ବିଭିନ୍ନ ସୁବିଧା ଓ ଅବସ୍ଥାର ପ୍ରତ୍ୟକ୍ଷ ନିରୀକ୍ଷଣ କରିଥିଲେ। ବାରାକ୍‌ଗୁଡ଼ିକର ରହଣୀୟ ବ୍ୟବସ୍ଥା, ପାଣି-ବିଦ୍ୟୁତ, ସୁରକ୍ଷା ଓ ଆବଶ୍ୟକୀୟ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। କ୍ୱାର୍ଟର୍ ଲାଇନ୍‌ରେ ପୁଲିସ ପରିବାରଙ୍କ ସୁବିଧା, ସାନିଟେସନ୍, ପରିବେଶ ଓ ମରାମତି କାମକାର୍ଯ୍ୟ ବ୍ୟବସ୍ଥା ନିରୀକ୍ଷଣ କରିଥିଲେ।



ଏଥିସହ ଶ୍ରୀ ସିଂ ସମସ୍ତ ସମସ୍ୟାର ସେହି ସ୍ଥାନରେ ନିରୀକ୍ଷଣ କରି ସମ୍ପର୍କିତ ବିଭାଗକୁ ଶୀଘ୍ର ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସାପ୍ତାହିକ ରିଭ୍ୟୁ ଓ ନିରୀକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସୁଶିଲ କୁମାର ମିଶ୍ର, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଅତିରିକ୍ତ ଏସ୍‌ପି. ସୌମ୍ୟ ରଞ୍ଜନ ମଲ୍ଲିକ, ଡିଏସ୍‌ପି ତପନ ଦାଶ, ଡିଏସ୍‌ପି ସ୍ମିତା କଳ୍ପନା କାଉଁରୀ, ଡିଏସ୍‌ପି ସସ୍ମିତା ବେହେରା, ଡିଏସ୍‌ପି ତିଲୋତ୍ତମା ରାଉତ, ଆର.ଆଇ. ଚିତ୍ତରଞ୍ଜନ ମହାନ୍ତି, ହବିଲଦାର ଓ କନ୍‌ଷ୍ଟେବଲ ଆସୋସିଏସନ୍‌ର ଅଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତି, ଉପାଧ୍ୟକ୍ଷ ସନ୍ତୋଷ ସାହୁ, ସୂର୍ଯ୍ୟତାପ ଜେନା, ଦିଲ୍ଲୀପ ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ। ସେମାନେ ପୁଲିସ ଜବାନମାନଙ୍କ ସମସ୍ୟା, ତଥ୍ୟ, ସୁବିଧା ଓ ଆବଶ୍ୟକତା ସମ୍ପର୍କରେ ଏସ୍‌ପିଙ୍କୁ ଅବଗତ କରିଥିଲେ। ପୁରୀ ପୁଲିସ ଜନସେବାର ଲକ୍ଷ୍ୟରେ ଦୃଢ଼ ସଙ୍କଳ୍ପବଦ୍ଧ ବୋଲି ଏସ୍‌ପି ଶ୍ରୀ ସିଂ ପ୍ରକାଶ କରିଥିଲେ।

# ଚାକିରି ଦେବା ନାଁରେ ଠକେଇ, ଯୁବକ ଗିରଫ

**ଦଶପଲ୍ଲା,୨୮।୧୧/ଏନ୍ଏନ୍ଏସ୍:** ସରକାରୀ ଚାକିରି ଦେବାପାଇଁ କହି ଠକେଇ ଅଭିଯୋଗରେ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି ବାଣୀଗୋଛା ପୁଲିସ। ଗିରଫ ଯୁବକଙ୍କ ନାମ ସନ୍ତୋଷ କୁମାର ନାଏକ ଓ ତାଙ୍କ ଘର ବୁରୁପାଲ ଗ୍ରାମରେ। ସନ୍ତୋଷ ସରକାରୀ ଚାକିରି କରାଇ ଦେବା ନାଁରେ ସେହି ଗ୍ରାମର ବବୁଲ ନାଏକ, ଗଙ୍ଗାଧର ନାଏକ, ବାସୁଦେବ ନାଏକ ଓ ରତିକେଶନ ନାଏକଙ୍କଠାରୁ ଟଙ୍କା ନେଇଥିଲେ। ଗତ ଜୁଲାଇ ୧୦ ତାରିଖରେ ସନ୍ତୋଷ ସମସ୍ତଙ୍କଠାରୁ ୧୫ ହଜାର ଟଙ୍କା ନେଇ ନିଯୁକ୍ତିପତ୍ର ଦେଇଥିଲା। ଏହା ପରେ ବବୁଲ, ଗଙ୍ଗାଧର,ରତିକେଶନ ଓ ବାସୁଦେବ କାର୍ଯ୍ୟରେ ଯୋଗ ଦେଇ କାମ କରିଥିଲେ ମଧ୍ୟ ସେମାନଙ୍କୁ କୌଣସି ଟଙ୍କା ମିଳି ନଥିଲା। ପରେ ସନ୍ତୋଷଙ୍କୁ ସେମାନେ ଟଙ୍କା ମାଗିବାରୁ ଗତ ସେପ୍ଟେମ୍ବର ୧୨ ତାରିଖରେ ଗଙ୍ଗାଧର, ବାସୁଦେବ ଏବଂ ରିତିକେଶନ ଙ୍କୁ ସନ୍ତୋଷ ୫ ହଜାର ଟଙ୍କା ଦେଇଥିବା ବେଳେ ବାକିଟଙ୍କା ପରେ ଦେବା ପାଇଁ କହିଥିଲା। ମାତ୍ର ବବୁଲ ନାଏକଙ୍କୁ କୌଣସି ଟଙ୍କା ଦେଇ ନଥିଲା। ଏପରିକି ପରବର୍ତ୍ତୀ ସମୟରେ ସନ୍ତୋଷ କାହାକୁ ଟଙ୍କା ଦେଇ ନଥିବା ବେଳେ ବବୁଲ, ଗଙ୍ଗାଧର, ବାସୁଦେବ ଓ ରିଟିକେଶନ ବାଣୀଗୋଛା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରିଥିବା ବେଳେ ସନ୍ତୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଆଦର୍ଶ ଗ୍ରୁପ ଅଫ୍ କମ୍ପାନୀ ଉପରେ ଇଡିର ଚଢ଼ଉ

**ନିଶ୍ଚିନ୍ତକୋଇଲି,୨୮।୧୧/ଏନ୍ଏନ୍ଏସ୍:** ଆଜି କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକର ଦୁଇ ଜାଗାରେ ପୃଥକ୍ ଭାବେ ଏକ ଘରୋଇ ଆଦର୍ଶ ଗ୍ରୁପ୍ ଅଫ୍ କମ୍ପାନୀର କାର୍ଯ୍ୟକର୍ତ୍ତା ଓ ଏମ୍‌ଡିଙ୍କ ବାସଭବନ ଉପରେ ସକାଳୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଚଢ଼ଉ ହୋଇଛି। ସୂଚନା ମୁତାବକ ଚଢ଼ଉରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ତିନୋଟି ଟିମ୍ ଆସି ଆଦର୍ଶ ଗ୍ରୁପ୍ ଅଫ୍ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ନତକାଇ ଗ୍ରାମର ବିଜୟ କୁମାର ରାଉତଙ୍କ ଘରେ ଏବଂ ଏହାର କାର୍ଯ୍ୟକାରୀ ପରିଚାଳକ ରାମକୃଷ୍ଣପୁର ଗ୍ରାମର ଅଭୟ କୁମାର ଓଝାଙ୍କ ଘରେ ଦୀର୍ଘ ୯ ଘଣ୍ଟା କାଳ ଚଢ଼ଉ କରି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଛନ୍ତି। ଯାଞ୍ଚ ସମୟରେ ଆଦର୍ଶ ଗ୍ରୁପ୍ ଅଫ୍ କମ୍ପାନୀ ସଂକ୍ରାନ୍ତ ବହୁ କାଗଜପତ୍ରକୁ ଇଡି ହସ୍ତଗତ କରିଛି। ଗତ ୧୯୯୮ ମସିହାରେ



ଆଦର୍ଶ ଗ୍ରୁପ୍ ଅଫ୍ ଫାଇନାନ୍ସ କମ୍ପାନୀ ଖୋଲାଯାଇ ଜମାକାରୀଙ୍କୁ ଆକର୍ଷଣୀୟ ସୁଧ ଦେବାର ପ୍ରଲୋଭନ ଦେଖାଇ ବିଭିନ୍ନ ସ୍ଥାନରେ ଶାଖା କାର୍ଯ୍ୟାଳୟ ଖୋଲି ଏଜେଣ୍ଟ୍‌ମାନଙ୍କ ଦ୍ୱାରା ଅର୍ଥ ନେଣ ଦେଣ କରାଯାଉଥିଲା। ଗତ ୨୦୧୪ ମସିହାରେ କମ୍ପାନୀ ପକ୍ଷରୁ ଜମାକାରୀମାନଙ୍କୁ ସେମାନଙ୍କର ମାଚ୍ୟୁରିଟ୍ ଅର୍ଥ ଫେରସ୍ତ ନ ଦେବାରୁ କେତେକ ଜମାକାରୀ ଆଇନର ଆଶ୍ରୟ ନେଇଥିଲେ। ପରବର୍ତ୍ତୀ ସମୟରେ ଏହି ମାମଲାକୁ ତଦନ୍ତ କରାଯାଇ ୨୯ କୋଟି ଟଙ୍କା ଠକେଇ ହୋଇଥିବା ଜଣାପଡ଼ିବା ପରେ ଏହାକୁ ସିବିଆଇ ହାତକୁ ଦିଆଯାଇଥିଲା। ସିବିଆଇ ପକ୍ଷରୁ ଏହାକୁ ତଦନ୍ତ କରାଯାଇ ୮ କୋଟି ଟଙ୍କା ଫେରସ୍ତ କରାଯାଇଥିବା ବେଳେ ଏହାର ପରିଚାଳକ ନିର୍ଦ୍ଦେଶକ ଶ୍ରୀ ରାଉତଙ୍କୁ ମଧ୍ୟ ଗିରଫ କରାଯାଇ ଥିଲା। ଜମାକାରୀମାନଙ୍କର ୨୧ କୋଟି ଟଙ୍କାକୁ ଫେରସ୍ତ କରାଯିବା ପାଇଁ ସିବିଆଇ ପାଖରୁ ଏହି ମାମଲାଟିକୁ ଇଡିକୁ ହସ୍ତାନ୍ତର କରାଯାଇଥିଲା। ଜମାକାରୀମାନେ ତାଙ୍କର ଗଚ୍ଛିତ ଥିବା ଟଙ୍କା ଫେରସ୍ତ ଆସିବା ଆଶା ବାନ୍ଧି ବସିଛନ୍ତି।

# ଖୋର୍ଦ୍ଧା କପ୍ ବ୍ୟାଡ଼୍‌ମିଣ୍ଟନ୍ ଉଦ୍‌ଯାପିତ

**ଖୋର୍ଦ୍ଧା,୨୮।୧୧/ଏନ୍ଏନ୍ଏସ୍:** ଖୋର୍ଦ୍ଧା ସ୍ଥିତ ବିଜୁ ପଟ୍ଟନାୟକ ବହୁ ମୁଖୀ ଇଣ୍ଡୋର ହଲ୍‌ଠାରେ ଖୋର୍ଦ୍ଧା ଜିଲ୍ଲା ଯୁବ ବ୍ୟାଡମିଣ୍ଟନ ଆସୋସିଏସନ ଦ୍ୱାରା ଆୟୋଜିତ ୯ମ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ଭବ୍ୟ ସମାପନୀ ସମାରୋହ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଅଣ୍ଡର-୧୩, ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ—ମୋଟ ତିନିଟି ଶ୍ରେଣୀରେ ସଂଚାଳିତ ହୋଇଥିଲା। ଅଣ୍ଡର-୧୩ ଶ୍ରେଣୀରେ କେ ତନିଷ୍ କୁମାର ବିଜେତା ଏବଂ ସାଇ ସୂର୍ଯ୍ୟାଂଶୁ ଉପବିଜେତା ହୋଇ ଅତିଥିମାନଙ୍କଠାରୁ ପୁରସ୍କାର ରାଶି ସହିତ ଟ୍ରଫି ଗ୍ରହଣ କରିଥିଲେ। ଜିଲ୍ଲାସ୍ତରରେ କହ୍ନେଇ ଘଡ଼େଇ ଓ ରଜତ୍ କୁମାର ରଣସିଂହ ବିଜେତା ହୋଇ ୮,୦୦୦ ଟଙ୍କା ପୁରସ୍କାର ରାଶି ସହିତ ଟ୍ରଫି ଗ୍ରହଣ କରିଥିଲେ। ଦିବ୍ୟଜ୍ୟୋତୀ କୁମାର ସେଠୀ ଓ ମଳୟ ବେହେରା ଉପବିଜେତା ହୋଇ ୬,୦୦୦ ଟଙ୍କା ପୁରସ୍କାର ରାଶି ସହିତ ଟ୍ରଫି ଗ୍ରହଣ କରିଥିଲେ। ରାଜ୍ୟସ୍ତରରେ ତନ୍ମୟ ସାହୁ ଓ ଅଭିଜିତ ମହାରଣା ବିଜେତା ହୋଇ ୧୨,୦୦୦ ଟଙ୍କା ପୁରସ୍କାର ରାଶି ସହିତ ଟ୍ରଫି ଗ୍ରହଣ କରିଥିଲେ। ଉପ ବିଜେତା ଭାବରେ ପାରଶ ମାଥୁର ଓ ଅନିର୍ବାଣ ମଣ୍ଡଳ ୮,୦୦୦ ଟଙ୍କା ପୁରସ୍କାର ରାଶି ସହିତ ଟ୍ରଫି ଗ୍ରହଣ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଖୋର୍ଦ୍ଧା ଶ୍ରୀନିବାସ ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବରେ ଉପ ଜିଲ୍ଲାପାଳ, ଖୋର୍ଦ୍ଧା କିଶୋର ଚନ୍ଦ୍ର ପଣ୍ଡା ଯୋଗଦାନ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ଯୁବ ବ୍ୟାଡମିଣ୍ଟନ ସଂଘର ସମ୍ପାଦକ ରାଜେଶ ଦାସଙ୍କ ଦ୍ୱାରା କାର୍ଯ୍ୟକ୍ରମ ସଫଳତାର ସହିତ ସମ୍ପନ୍ନ ହୋଇଥିଲା। ସଫଳତାର ସହିତ ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଥିବାରୁ ସଂଘର ସଭାପତି ରାଜେନ୍ଦ୍ର କୁମାର ସାହୁ ସଂଘର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ କୃତି ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।



**ନିତି ଭାରତୀ**

ମାନବିକତା ଉପରୁ ବିଶ୍ୱାସ ହରାଇବା ଉଚିତ ନୁହେଁ। ମାନବିକତା ହେଉଛି ଏକ ମହାସାଗର। ମହାସାଗରର କେତେ ବିନ୍ଦୁ ଜଳ ଯଦି ମଇଳା ହୁଏ, ତା'ହେଲେ ସମ୍ପୂର୍ଣ୍ଣ ମହାସାଗର ମଇଳା ହୋଇ ଯାଏନି। - **ମହାତ୍ମା ଗାନ୍ଧୀ**

NITIDIN
ନିତିଦିନ
ଶନିବାର, ୨୯ ନଭେମ୍ବର, ୨୦୨୫

# ବାଲିରେଣୁ ମହାବନ୍ଧ ସୃଜନେ ହୋ...



**ମୌସୁମୀ ପରିଡ଼ା**

ଏବେକାର ସମାଜ ବିପର୍ଯ୍ୟସ୍ତ ନୌକା ପରି ଏଣେତେଣେ ଭ୍ରମିତ। ନା ଅଛି ସ୍ଥିରତା, ନା ଅଛି ସ୍ୱଚ୍ଛବାଦିତା। ସତ୍ୟ-ମିଥ୍ୟା, ନ୍ୟାୟ-ଅନ୍ୟାୟ କେବଳ ଗୋଟେ ଲେଖାଏଁ ଶବ୍ଦ ବନି ଯାଇଛନ୍ତି। କାରଣ, ଲୋକମାନଙ୍କ ଗ୍ରହଣୀୟତା ବୃଦ୍ଧି ପାଇଛି। ଯେତେ ଦୁଃଖରେ ରଖି, ଯନ୍ତ୍ରଣାରେ ମୂକ ଓ ବଧିର ବନେଇ ମରଣାନ୍ତକ କଷ୍ଟରେ ଛଟପଟ କଲେ ବି ମଣିଷ ସହି ଯାଇ ପାରିବ। ତାହା ହିଁ ତା'ର ଦୁର୍ବଳତା!

ନିଜ ବିଚାରକୁ ବଳି ଦେଇ ଭୌତିକ ସୁଖ ଓ ଲୌକିକ ଆନନ୍ଦ ପାଇଁ ଜୀବନାଦର୍ଶକୁ ବିସ୍ମରଣ କରି ନିଜେ ବସ୍ତୁ ପାଲଟି ଯାଇଛି। କ୍ଷଣସ୍ଥାୟୀ ଜୀବନରେ ନିଜକୁ ଅମର ମନେ କରି ନିଜ ଜିଦ୍ ଓ ଅହମିକାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ଅନ୍ୟକୁ କଷ୍ଟ ଦେଇ ସୁଖୀ ହେଉଛି। ମଣିଷ ଭିତରେ ଜାନ୍ତବ କ୍ଷୁଧା ଅନ୍ୟକୁ ପଦାନତ କରିବା ପାଇଁ। ତା' ଭିତରେ ସମୁଦ୍ରେ ପ୍ରାୟ ତୃଷା ଅନ୍ୟକୁ କ୍ଷତାକ୍ତ କରି ତୃପ୍ତ ହେବା ପାଇଁ! ଆଉ ସେ ଧର୍ମଭୀରୁ ହୋଇ ନାହିଁ। ତା' ପୂର୍ବରୁ ସେ ନିଜ ବିବେକକୁ ମାରି ସାରିଛି। ଏବେ ସେ ମାନବତାହୀନ ପଶୁପ୍ରାୟ!

ଆମ ପୂର୍ବଜମାନେ ଭିନ୍ନ ଥିଲେ। ସେମାନେ ଈଶ୍ୱରଙ୍କ ଉପରେ ନ୍ୟାୟ ଅନ୍ୟାୟ, ଭଲମନ୍ଦ, ଉଚିତ୍ ଅନୁଚିତ୍‌କୁ ସମର୍ପଣ କରିଦେଇ ଅହଙ୍କାରଶୂନ୍ୟ ହୋଇ ଯାଉଥିଲେ। ସବୁ ବାଦବିବାଦକୁ ତାଙ୍କ ପଦାରବିନ୍ଦରେ ସମର୍ପି ଦେଇ ଶାନ୍ତି ପାଉଥିଲେ। ଏବେ ସମୟ ବିପରୀତ। ସେମାନେ ନିଜକୁ ଈଶ୍ୱର ମନେ କରନ୍ତି। ଇଟାର ଜବାବ୍ ପଥରରେ ଦେଇ ଶାନ୍ତି ଲଭନ୍ତି। ତେଣୁ ପ୍ରକୃତରେ ଆଉ ଆଗ ପରି ମାନସିକ ଶାନ୍ତି ପାଇଁ କେହି ବି ଭଗବତ୍ ଆରାଧନା କରୁନାହାନ୍ତି। କାରଣ, ସେମାନଙ୍କ ଭିତରୁ କିଛି କ୍ଷମତାଶାଳୀ ନିଜେ ନିଜକୁ ଭଗବାନ ବୋଲି ମନେକରି ଆତ୍ମସନ୍ତୋଷ ଲଭନ୍ତି। କାରଣ ସେମାନଙ୍କ ହାତରେ କ୍ଷମତାର ପ୍ରାଚୁର୍ଯ୍ୟ, ଯାହାଦ୍ୱାରା ଅନ୍ୟମାନଙ୍କୁ ନିଜ ଇଚ୍ଛାମତେ ନଚେଇ ହେବ। ଲୋକେ ବି ସେମାନଙ୍କ ଅନୁସାରେ ମାଙ୍କଡ଼ ନାଚ କରନ୍ତି ଟିକେ ସୁବିଧା ପାଇବାକୁ। ସମୟ ସେମାନଙ୍କ ହାତରେ ପ୍ରଭୂତ କ୍ଷମତା ଦେଇ ସେମାନଙ୍କୁ ଅନ୍ଧ ବନେଇ ଦେଇଥିବାରୁ ସମାଜରେ ଅନେକ ବିଷମତା, ଅଶାନ୍ତି, ଈର୍ଷା, ଦ୍ୱେଷ, ପକ୍ଷପାତିତା।

କ୍ଷମତାଲିପ୍ସୁ ଲୋକମାନେ ଆଧାତ୍ମିକତାର ସଂଜ୍ଞା ନିଜ ସୁବିଧା ଅନୁସାରେ ବଦଳାଇ ଦେଉଛନ୍ତି। ନ୍ୟାୟ ଅନ୍ୟାୟ ଦ୍ୱାହିରେ ସମାଜକୁ ଛଳି ନିଜକୁ ପରାକ୍ରମୀ ମଣୁଛନ୍ତି। ଅନ୍ୟର ଭୁଲ୍ ଦର୍ଶାଇବାକୁ ଯାଇ ନିଜେ ବାଟବଣା ସାଜିଛନ୍ତି। ବିନା ଆଦର୍ଶରେ ସେ ଗିରି ଲଂଘି ପାରୁଛି ବୋଲି ଭଗବାନଙ୍କୁ ସ୍ୱୀକାର କରୁନାହିଁ। କାରଣ ତାକୁ ଅହଙ୍କାର ଓ ସ୍ୱାର୍ଥପରତାର ଅଜଗର ଗିଳି ସାରିଛି। ମନକୁ ଆୟତ୍ତ କରିବା ବଦଳରେ ମନ ଦ୍ୱାରା ପରିଚାଳିତ ହୋଇ ଗୁଡ଼େ ଅପକର୍ମ କରି ବାହାବା ନେଉଛି। ନିଜ ଆତ୍ମତୃପ୍ତି ପାଇଁ ନିଜ ସହିତ ଛଳନା କରୁଛି। ଏମିତି ଦିନେ ମଣିଷ ଯାନ୍ତ୍ରିକ ପାଲଟିବ। ଯନ୍ତ୍ରକୁ ସେ ପରିଚାଳିତ କରୁଥିଲା, କିନ୍ତୁ ଏବେ ସେ ଯନ୍ତ୍ର ଦ୍ୱାରା ପରିଚାଳିତ ହେବ। ଅନ୍ୟାୟ ହିଁ ତା'ର କର୍ମ ଓ ସ୍ୱାର୍ଥାନ୍ଧତା ତା'ର ଧର୍ମ ପାଲଟିବ। ଏସବୁ କଥା ମହାପୁରୁଷମାନେ କହି ଯାଇଛନ୍ତି। ସେମାନେ ନିଜ ଦିବ୍ୟଦୃଷ୍ଟି ବଳରେ ଅବକ୍ଷୟମୁଖୀ ସମାଜର ରୂପରେଖ ବର୍ଣ୍ଣନା କରି ଯାଇଛନ୍ତି।

ଏହି ପ୍ରସଙ୍ଗରେ ଶାନ୍ତିଲତା ଛୋଟରାୟଙ୍କ ସୁଲଳିତ ସ୍ୱରରେ ବାଲିରେଣୁ ମହାବନ୍ଧ ସୃଜନେ ହୋ... ଭଜନଟି ବେଶ୍ ମନେପଡ଼େ। ପରିବର୍ତ୍ତନଶୀଳ ସମୟରେ ତନ୍ତୀ ବାପୁଡ଼ାକୁ ତନ୍ତ ଓ ଚଷାକୁ ତା' ନିଜ ଲଙ୍ଗଳ ଗିଳିଲାଣି। ଅର୍ଥାତ୍ ଲୋକେ ନିଜର କୌଳିକ ବୃତ୍ତିକୁ ଭୁଲି ଯାଇଛନ୍ତି। ତନ୍ତ ଓ ଲଙ୍ଗଳ ଦ୍ୱାରା କାମ କରିବା ବ୍ୟୟବହୁଳ ହୋଇଗଲାଣି। ଚାଷକାମ ବ୍ୟାହତ ହେଉଛି, କାରଣ ପାଣିପାଗ ସାଥ୍ ଦେଉନାହିଁ। ପରିବେଶ ପ୍ରଦୂଷଣ ପାଇଁ ପ୍ରକୃତି ଭୟଙ୍କର ରୂପ ନେଇଛି। ପ୍ରତି ବର୍ଷ ଏକାଧିକ ବାତ୍ୟା ଓ ବନ୍ୟାରେ ଚାଷୀ କୁଳ କ୍ଷତିଗ୍ରସ୍ତ ହେଉଛନ୍ତି। ସେଥିପାଇଁ ଚାଷକୁ ଆଗ୍ରହ କରୁ ନାହାନ୍ତି ଆଜିକାଲିର ପିଢ଼ି। ତନ୍ତୀ ଆବଶ୍ୟକୀୟ କଞ୍ଚାମାଲ ଉପଯୁକ୍ତ ମୂଲ୍ୟରେ ପାଉ ନଥିବାରୁ ଓ ଦରଦାମ୍ ବୃଦ୍ଧି ବାଧକ ସାଜିଥିବାରୁ ତନ୍ତବୁଣା ପରିଧାନ ପିନ୍ଧିବା ବ୍ୟୟବହୁଳ ହୋଇ ପଡ଼ିଛି। ତେଣୁ ଚାଷୀକୁ ଲଙ୍ଗଳ ଓ ତନ୍ତୀକୁ ତନ୍ତ ବୁକେଇ ଯାଇଛି।

ବୃକ୍ଷକୁ ଫଳ ଗିଳି ଦେଉଛି, ଅର୍ଥାତ୍ ଫଳ ଉପୁଜାଇବା ପାଇଁ ବୃକ୍ଷ ନିଜକୁ ବଳି ପକାଇ ଦେଉଛି। ସେ ଅନୁସାରେ ଜନ୍ମିତ ସନ୍ତାନସନ୍ତତି ଜନ୍ମଦାତା ଓ ଜନ୍ମଦାତ୍ରୀଙ୍କ ପାଇଁ କାଳ ବନୁଛନ୍ତି। ବାର୍ଦ୍ଧକ୍ୟ ଅବସ୍ଥାରେ ହାତ ଛାଡ଼ି ଅସହାୟ କରି ଦେଉଛନ୍ତି ସେମାନଙ୍କୁ। ଆଜିକାର ଯୁଗରେ ସାମାନ୍ୟ ବେଙ୍ଗଟିଏ ବିଶାଳ ହାତୀ ଉପରେ ବସି ହାତୀକୁ ନିର୍ଦ୍ଦେଶ ଦେବା ପରି ଅବସ୍ଥା ଉପୁଜିଛି! ହୀନ ଓ ମନ୍ଦବୁଦ୍ଧିଧାରୀ ଲୋକମାନେ କ୍ଷମତା ଉପଭୋଗ କରି ଚାଲିଥିବା ବେଳେ ପ୍ରକୃତ ଜ୍ଞାନୀମାନେ ନିଜ ସମ୍ମାନକୁ ଭୟ କରି ନିରବ ରହିବାକୁ ବାଧ ହେଉଛନ୍ତି। ଶାସ୍ତ୍ରରେ ଅଛି, ଯେଉଁଠାରେ ବ୍ୟକ୍ତିକୁ ସମ୍ମାନ ମିଳେନାହିଁ, ସେ ସ୍ଥାନକୁ ଯିବା ଅନୁଚିତ୍। ଆଜିକାଲି ଜ୍ଞାନୀଗୁଣୀ କିଏ ଜଣା ପଡ଼େନା। ବେଶ୍ କିଛି ସଂଖ୍ୟକ ଲୋକ ନିଜକୁ ଜ୍ଞାନୀଗୁଣୀ ମନେ କରନ୍ତି। ବେଙ୍ଗସମ ବିରକ୍ତିକର ଆୱାଜ୍ ମାଧ୍ୟମରେ ସେମାନେ ହାତୀକୁ ଆୟତ୍ତ କରି ରଖନ୍ତି।

 କିନ୍ତୁ ପ୍ରକୃତି ଭିନ୍ନ ଭାବରେ ଗଢ଼ିଛି ତା' ନିଜକୁ। ବାଘ ଘାସ ଖାଏନି କିମ୍ବା ହରିଣ ମାଂସ ଖାଏନି। କିଛି ଲୋକ କୌଣସି ସ୍ଥିତିରେ ନିଜ ଜୀବନାଦର୍ଶକୁ ଭୁଲନ୍ତିନି। ସେଥିପାଇଁ ବେକ କଟୁ ପଛେ। କାରଣ ସେମାନେ ନିଜ ଆଦର୍ଶ ସହିତ ସନ୍ଧି କରି ପାରନ୍ତିନି। ପାଣି ସିନା ନିଜ ନମନୀୟତା ପାଇଁ ଆକାର ବଦଳାଏ, କିନ୍ତୁ ଲୁହା ପରି ଧାତବ ଜିନିଷଗୁଡ଼ିକୁ ନିର୍ଦ୍ଦିଷ୍ଟ ଉତ୍ତାପ ଦ୍ୱାରା ଆକାର ଦିଆଯାଏ। ସୁନାକୁ ଅଳଙ୍କାର ହେବା ପାଇଁ କେତେ ପ୍ରକାରର ଭାଙ୍ଗିରୁଜି ତରଳାଇବାକୁ ପଡ଼ିଥାଏ।

ମଣିଷ ପାଣି ପରି ସ୍ଥିତି ଅନୁସାରେ ବଦଳିବା ଉଚିତ୍। କିନ୍ତୁ ନିଜ ମୌଳିକତାକୁ ଭୁଲିଯିବା ଅନୁଚିତ୍। କାରଣ ମଣିଷ ଚିହ୍ନା ହୁଏ ନିଜ ବ୍ୟକ୍ତିତ୍ୱ ଓ ଗୁଣ ଯୋଗୁଁ। ସ୍ୱାର୍ଥ ପାଇଁ ବାରବାର ନିଜକୁ ବଦଳାଉ ଥିବା ଲୋକମାନେ ଏଣ୍ଡୁଅ ପ୍ରଜାତିର, ଯେଉଁମାନଙ୍କୁ ଭରସା କରି ହୁଏନା। ଆଜିକାଲି ସମାଜରେ ଅଜସ୍ର ବେଙ୍ଗ, ଏଣ୍ଡୁଅ- ଯେଉଁମାନେ କୌଶଳ କରି ହାତୀ ଉପରେ ବସି ନିଜ ପ୍ରାଧାନ୍ୟ ବିସ୍ତାର କରନ୍ତି। ଭୋକିଲା ବାଘକୁ ମାଂସ ଟୁକୁଡ଼ା ଦେଖାଇ ଜଙ୍ଗଲ ବାହାରକୁ ନେଇ ଆସିବାରେ ଏମାନେ ପ୍ରବୀଣ। ତା' ପରେ ସେମାନେ ଭୋକିଲା ବାଘକୁ କେଇଟା ମାଂସ ଟୁକୁଡ଼ା ବଦଳରେ ସର୍କସ ମାଲିକକୁ ବିକ୍ରି କରିଦେବାକୁ ବି ପଛାନ୍ତିନି। ମଣିଷର ବୁଦ୍ଧି ଆଜିକାଲି ମାତ୍ର କିଛି ଅର୍ଥ ବିନିମୟରେ ବିକ୍ରି ହୋଇ ଯାଉଛି। ଯେଉଁମାନେ କ୍ଷମତାଲିପ୍ସାରେ ଅନ୍ୟର ବୁଦ୍ଧିକୁ ବ୍ୟବହାର କରି ଉପରକୁ ଉଠିବାର ସାହସ ରଖନ୍ତି, ସେମାନେ ବୁଦ୍ଧିମାନଙ୍କ ଠିକଣା ବି ମନେ ରଖିଥାନ୍ତି।

ସମାଜର ବିପରୀତ ରୀତି ଅନୁସାରେ ଜ୍ଞାନୀ ଲୋକମାନେ ସିନା ଉପେକ୍ଷିତ, ଅବହେଳିତ, କିନ୍ତୁ ସେମାନଙ୍କ ବୁଦ୍ଧିକୁ କିଛି ନେଣଦେଣ ସୂତ୍ରରେ ବ୍ୟବହାର କରାଯାଇ କାମରେ ଲଗାଯାଉଛି। କ୍ଷମତାଶାଳୀମାନେ କ୍ଷମତା ଉପଭୋଗ କରିବା ଲାଳସାରେ ଅନ୍ୟମାନଙ୍କୁ ନିଜ ନିଜ ଭିତରେ ଲଢ଼େଇ ଦେଉଛନ୍ତି। ବିଡ଼ମ୍ବନାର କଥାଟି ହେଉଛି- ସବୁ ସତ୍ୟ ପ୍ରାୟ ଦୃଶ୍ୟମାନ ହେଉଛି। କିନ୍ତୁ ସତ୍ୟକୁ ଗ୍ରହଣ କରିବାର ସତ୍‌ସାହସ ଟିକକ କାହା ପାଖରେ ବି ନାହିଁ। ବିଲେଇ ଆଉ ଆଜିକାଲି ଆଖି ବୁଜି କ୍ଷୀର ପିଉନି। ସେ ଜାଣିଛି ଯେ ସେ ନ ଦେଖିବାକୁ ଚାହିଁଲେ ବି ଅନ୍ୟମାନେ ଦେଖି ପାରିବେ। ସେ ସାହସ ସେ କେବେଠୁ ହାତେଇ ସାରିଲାଣି। କୁକୁରମାନେ ବୁଝି ଗଲେଣି ସେମାନଙ୍କ ମୂଲ୍ୟ। ଘର ଜଗିବା ଆଉ ସେମାନଙ୍କ କାମ ନୁହେଁ। ଭିନ୍ନ ଭିନ୍ନ ଯନ୍ତ୍ରମାନଙ୍କ କାମ। ସେମାନେ ମାଲିକର ଆଗ ପଛେ ବୁଲି ବିଶ୍ୱସ୍ତତା ଦେଖେଇଲେ ହିଁ ଯଥେଷ୍ଟ। କାରଣ ମଣିଷ ନିଜ ପାଇଁ ଅନୁଗତଟିଏ ଲୋଡ଼େ। ମଣିଷଙ୍କୁ ଭାବି ପାରେନା, କାରଣ ସେ ନିଜେ ବି ମଣିଷଟିଏ। ନିଜ ଭାବଧାରା ପରି ଅନ୍ୟମାନେ। ତନ୍ମଧ୍ୟରୁ ଅନୁଗତଟିଏ କେଉଁଠୁ ଆସିବ!

ସେଥିପାଇଁ ସେ ପଶୁମାନଙ୍କ ସହିତ ଭାବ ଲଗାଏ। କିନ୍ତୁ ବାପା ମାଆଙ୍କୁ ଜରା ନିବାସ ଯିବାକୁ ପରୋକ୍ଷରେ ବାଧ କରେ ବା ନିଜ ଘର ବୃଦ୍ଧ ପିତାମାତାଙ୍କ ପାଇଁ ଏକ ପ୍ରକାରର ଜରା ନିବାସରେ ପରିଣତ ହୋଇ ସାରିଥାଏ। ଏପଟେ କୁକୁର ପାଇଁ ନିର୍ଦ୍ଦିଷ୍ଟ ଖାଦ୍ୟ ମଗା ଚାଲିଥାଏ। ମଣିଷର ଦାୟିତ୍ୱହୀନତା ବଢ଼ିନି, ବରଂ ତା' ଭିତରର ବିଚାର ଶକ୍ତି ହ୍ରାସ ପାଇ ଚାଲିଛି। ସେ ବୁଝି ସାରିଛି ସେ କେଉଁଥିରେ ସୁଖୀ ହେବ! ପାର୍ଥିବ ସୁଖ ତାର ନିତାନ୍ତ ପ୍ରୟୋଜନ। ସେଥିପାଇଁ କେତେ ଅନ୍ୟାୟ, ଡକାୟତି, ମିଛ ତସ୍କରୀରେ ଭର୍ତ୍ତି ଏ ସଂସାର। ଅଥଚ ଆମେସବୁ ଆଖିରେ ପଟି ଭିଡ଼ି ସତ୍ ପଥରେ ଅଛୁ ବୋଲି ଚିତ୍କାର କରି ଚାଲିଛୁ। ଅଥଚ ସତ୍ୟଠୁ କୋଶ କୋଶ ଦୂରରେ। ଆମେ ଜାଣିଶୁଣି ବୋକା ବନି ଯାଇଛୁ। ତାହା ହିଁ ଏ ଯୁଗରେ ଠିକ୍ ମନେହୁଏ। କାରଣ ସତ୍ୟ କହିବାରେ ବିପଦ ବହୁତ। ଜଣେ ଜାଣିଶୁଣି ବିପଦକୁ ବରିନେବ କାହିଁକି ? ସେ ଜାଣିଛି, ଖାଲି ବାଲି ଦ୍ୱାରା ମହାବନ୍ଧ ବନେଇ ହେବନି। ସମୁଦ୍ରର ଉତ୍ତାଳ ଲହରୀମାଳା ତାକୁ ଧସେଇ ନେବ। କିଛି ସମୟ ପରେ ଧରାଶାୟୀ ହେବ ମହାବନ୍ଧ। ଅବଶ୍ୟ ବାଲିରେଣୁ ବନ୍ଧ ବନେଇବାର ଅନ୍ୟତମ ଉପାଦାନ ହୋଇପାରେ, କିନ୍ତୁ ଏକମାତ୍ର ଉପାଦାନ ନୁହେଁ। ଏ ସଂସାର ଅନେକ ଉପାଦାନରେ ତିଆରି। କିନ୍ତୁ ଶ୍ରେଷ୍ଠତାକୁ ଗ୍ରହଣ କରିବାରେ ଅସଂଖ୍ୟ ପ୍ରତିବନ୍ଧକ। ସେଥିପାଇଁ ଏଠି ବେଙ୍ଗ ରାଜା ଓ ହାତୀ ତା'ର ବାହନ ପାଲଟିଛନ୍ତି।



ମୋ: ୯୪୩୭୩୧୭୦୨୬

# ଟେଷ୍ଟ କ୍ରିକେଟ୍ ଓ ମୁକୁଳା ୱିକେଟ୍

ସାମ୍ପ୍ରତିକ ସମୟରେ ଭାରତର ଗଳିକନ୍ଦିରେ କ୍ରିକେଟ୍ ସର୍ବାଧିକ ଲୋକପ୍ରିୟ ଖେଳ। ଏଥିପାଇଁ ଅତୀତର କେତେ ଜଣ ମହାନ ଭାରତୀୟ କ୍ରିକେଟ୍ ଖେଳାଳିଙ୍କର ଅବଦାନ ରହିଛି। ତେବେ ନିକଟରେ ଶେଷ ହୋଇଥିବା ଭାରତ ମାଟିରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ସହିତ ଦୁଇ ଗୋଟି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ କେବଳ ଏହି ଖେଳପ୍ରେମୀଙ୍କୁ ନିରାଶ କରିନାହିଁ, ବରଂ ଭାବିବାକୁ ବାଧ କରିଛି ନୂଆ କିଛି ପଦକ୍ଷେପ ନେବାକୁ, ଯେହେତୁ ଟେଷ୍ଟ ଅର୍ଥାତ୍ କ୍ରିକେଟ୍‌ର ପ୍ରକୃତ ପରୀକ୍ଷାରେ ଭାରତୀୟ ଟିମ୍ ସମ୍ପୂର୍ଣ୍ଣ ବିଫଳ ହୋଇଛି ଏବଂ ସବୁଠୁ ବଡ଼କଥା ହେଉଛି, ଘରୋଇ ମାଟିରେ ଲଗାତର ଦୁଇ ଥର, ଅର୍ଥାତ୍ ୨୦୨୪ରେ ଭ୍ରମଣକାରୀ ନ୍ୟୁଜିଲ୍ୟାଣ୍ଡଠାରୁ ୩-୦ରେ ଏବଂ ଏବେ ଦକ୍ଷିଣ ଆଫ୍ରିକାଠାରୁ ୨-୦ରେ ସିରିଜ୍ ମୂଳପୋଛର ସମ୍ମୁଖୀନ ହୋଇଛି। ଗତ ୧୩ ମାସ ଭିତରେ ୭ଟି ଟେଷ୍ଟରୁ ଘରୋଇ ମାଟିରେ ପଞ୍ଚମ ପରାଜୟ ଭାରତୀୟ କ୍ରିକେଟ୍ ଟିମ୍ କେତେ ନିମ୍ନଗାମୀ ହୋଇଛି, ତାକୁ ଦର୍ଶାଉଛି। ବିରାଟ କୋହଲି, ରୋହିତ ଶର୍ମା ଏବଂ ରବିଚନ୍ଦ୍ରନ୍ ଅଶ୍ୱିନଙ୍କ ଭଳି ତିନି ଜଣ ବରିଷ୍ଠ ଖେଳାଳିଙ୍କ ଅବସର ପରେ ଭାରତୀୟ କ୍ରିକେଟ୍ ଟିମ୍ ଏକ ପୁନର୍ଗଠନ ପର୍ଯ୍ୟାୟ ଦେଇ ଗତି କରୁଛି ବୋଲି କୁହାଯାଇପାରେ ଯେତେବେଳେ କି ଏହା ଇଂଲଣ୍ଡ ଗସ୍ତରେ ଯାଇ ସେଠାରେ ସିରିଜ୍‌କୁ ୨-୨ରେ ବରାବର କରି ଫେରିଥିଲା ଏବଂ ସେଥିରେ କ୍ୟାପ୍‌ଟେନ୍ ଭାବରେ ଯୁବ ଖେଳାଳି ଶୁବମନ୍ ଗିଲ୍ କେବଳ ସର୍ବାଧିକ ରନ୍ ସ୍କୋର୍ କରି ନଥିଲେ, ବରଂ ବେଶ୍ କେତେକ ବିଶ୍ୱ ରେକର୍ଡ ମଧ୍ୟ ସ୍ଥାପନ କରିଥିଲେ। ତେବେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟର ଅଧିକାଂଶ ଭାଗରେ ତାଙ୍କର ଅନୁପସ୍ଥିତିକୁ ସମସ୍ୟାର ଗୋଟିଏ ଅଂଶ ବୋଲି କୁହାଯାଇପାରେ। ପରୀକ୍ଷା ନେଉଥିବା ଏକ ଦୀର୍ଘକାଳୀନ ଫର୍ମାଟ୍‌ର ଖେଳ ପାଇଁ ବିଶେଷଜ୍ଞତା ହାସଲ କରି ନଥିବା କେତେକ ଖେଳାଳିଙ୍କ ଦ୍ୱାରା ଦୟନୀୟ ପ୍ରଦର୍ଶନ, ବ୍ୟାଟିଂ ଅର୍ଡରରେ ବାରମ୍ବାର ପରିବର୍ତ୍ତନ, ଧଳା ବଲ୍‌ରେ ଟପ୍ ଅର୍ଡର ଖେଳାଳିମାନଙ୍କ ଉପରେ ଅତ୍ୟଧିକ ପରିମାଣର ନିର୍ଭରଶୀଳତା 'ଉପଯୋଗୀ ଖେଳାଳି'ମାନେ, ଯେଉଁମାନଙ୍କୁ କୃତ୍ରିମ ଅଲ୍‌ରାଉଣ୍ଡର ଭାବରେ ଉପସ୍ଥାପନ କରାଗଲା, ପେସ୍ ଏବଂ ସ୍ପିନ୍ ବୋଲରମାନେ, ଯେଉଁମାନଙ୍କୁ ଦକ୍ଷିଣ ଆଫ୍ରିକାର ବ୍ୟାଟସ୍‌ମ୍ୟାନ୍‌ମାନେ ନିର୍ବିଘ୍ନ ଭାବରେ ଖେଳି ପାରିଲେ, ଏମିତିକି ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ନେତୃତ୍ୱାଧୀନ ଟିମ୍ ପରିଚାଳକମାନଙ୍କ ଆଦେଶରେ ପ୍ରସ୍ତୁତ କରା ଯାଇଥିବା ପିଚ୍‌ରେ ମଧ୍ୟ ଏବଂ ରିଷଭ୍ ପନ୍ତଙ୍କ ଦୁର୍ବଳ ଅଧିନାୟକତ୍ୱ ଥିଲା ମୁଖ୍ୟ କାରଣ ସମୂହ, ଯେଉଁଥିପାଇଁ ଟିମ୍ ଇଣ୍ଡିଆ ଏହିଭଳି ବୁଡ଼ିଗଲା।

ଏକ ଦ୍ୱନ୍ଦ୍ୱାତ୍ମକ ଆଭିମୁଖ୍ୟ ଅନେକ ଖେଳାଳିଙ୍କୁ ଟେଷ୍ଟ ମ୍ୟାଚ୍‌ରେ ସେମାନଙ୍କ ସ୍ଥାନ ସମ୍ପର୍କରେ ଅନିଶ୍ଚିତତାର ଘେରରେ ପକାଇ ଦେଲା। ଏହି ସିରିଜ୍ ପାଇଁ ହୋଇଥିବା ରଣକୌଶଳ ଦ୍ୱାରା ସୃଷ୍ଟ ବିପର୍ଯ୍ୟୟ ବେଶ୍ ସ୍ପଷ୍ଟ ଏବଂ ଆଶ୍ଚର୍ଯ୍ୟଚକିତ କରିଦେବା ଭଳି ଥିଲା, କାରଣ ଟିମ୍ ଏକ ଟେଷ୍ଟ ଏକାଦଶରେ ତିନି ଜଣ ୱିକେଟ୍ କିପର ଏବଂ ତିନି ଜଣ ସ୍ପିନରଙ୍କୁ ଖେଳାଇବାକୁ ଆଗେଇ ଆସିଥିଲା। ଭାରତୀୟ କ୍ରିକେଟ୍ ଟିମ୍‌ରେ ଏକ ପୂର୍ବ ନିର୍ଦ୍ଧାରିତ ପିଢ଼ିଗତ ପରିବର୍ତ୍ତନ ଆଣିବା ନିମନ୍ତେ ବରିଷ୍ଠ ଅଭିଜ୍ଞ ଖେଳାଳିମାନଙ୍କୁ ଜୋର ଜବରଦସ୍ତ ଅବସର ପ୍ରଦାନ କରାଯିବା ଘରୋଇ ମାଟିରେ ଏଭଳି ଦୟନୀୟ ପ୍ରଦର୍ଶନକୁ ଆମନ୍ତ୍ରଣ କରିଛି ଯେ ଟେଷ୍ଟ ଖେଳର କୋଚ୍ ଭାବରେ ଗୌତମ ଗମ୍ଭୀରଙ୍କ କ୍ୟାରିଅର୍ ମଧ୍ୟ ସର୍ବସମ୍ମୁଖରେ ଉନ୍ମୋଚନ କରି ଦେଇଛି। ସହାୟତା ପ୍ରଦାନକାରୀ ବ୍ୟକ୍ତିବିଶେଷଙ୍କ ଚୟନ କ୍ଷେତ୍ରରେ ସମ୍ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯିବା ସହିତ ପ୍ଲେଇଂ ଏକାଦଶକୁ ଚୟନ କରିବା ପାଇଁ ଅଜିତ୍ ଅଗରକରଙ୍କ ନେତୃତ୍ୱାଧୀନ ମନୋନୟନକାରୀମାନଙ୍କୁ ମଧ୍ୟ ଯଥେଷ୍ଟ ସ୍ୱାଧୀନତା ପ୍ରଦାନ କରାଯିବା, ଯେଉଁମାନଙ୍କୁ କି ରାଜନୀତିକ ପ୍ରଭାବ ବଳରେ କରାଯାଇଥିବା ବିବେଚନା କରାଯାଉଛି, ତାହା ମୋଟାମୋଟି ଟେଷ୍ଟ କ୍ରିକେଟ୍ ସମ୍ପର୍କରେ ଅନଭିଜ୍ଞତାକୁ ପ୍ରମାଣିତ କରିଛି। ଖେଳାଳିମାନଙ୍କୁ ନେଇ ଗମ୍ଭୀରଙ୍କ ପରୀକ୍ଷା ନିରୀକ୍ଷା- ସେମାନଙ୍କର ଭୂମିକା ଏବଂ ବ୍ୟାଟିଂ ଅର୍ଡରରେ ସେମାନଙ୍କର ସ୍ଥାନ ଧଳା ବଲ୍ କ୍ରିକେଟ୍‌ରେ ଯଥେଷ୍ଟ ସଫଳ ପ୍ରମାଣିତ ହୋଇଛି, ଯେଉଁଥିରେ କି କେତେକ ମ୍ୟାଚ୍‌ରେ ବିଜୟ ହାସଲ ହୋଇଛି। କିନ୍ତୁ ଟେଷ୍ଟ କ୍ରିକେଟ୍‌ରେ, ଯେଉଁଠି ରଣନୀତି ଏବଂ କୌଶଳର ଯଥେଷ୍ଟ ଆବଶ୍ୟକତା ପଡ଼ିଥାଏ, ସେଠି ଗମ୍ଭୀର ଏକ ବଡ଼ ଫ୍ଲପ୍ ଶୋ' ଭାବରେ ପ୍ରମାଣିତ ହୋଇଛନ୍ତି।

ଟିମ୍ ଇଣ୍ଡିଆ ଦକ୍ଷିଣ ଆଫ୍ରିକାର ପେସ୍ ବୋଲର ମାର୍କୋ ଜାନ୍‌ସେନ୍‌ଙ୍କ ଦ୍ୱାରା ସମ୍ପୂର୍ଣ୍ଣ ପରାଭୂତ ହୋଇଛି, ଯିଏକି ଦେଖାଇ ଦେଇଛନ୍ତି ଯେ ସର୍ଟ ବଲ୍ ଖେଳିବାରେ ଭାରତୀୟ ବ୍ୟାଟସ୍‌ମ୍ୟାନ୍‌ମାନେ ବେଶ୍ ଦୁର୍ବଳ ଓ ଅସ୍ୱଚ୍ଛନ୍ଦ। ସେମାନେ ସେନୁରନ୍ ମୁଥୁସାମିଙ୍କଠାରୁ ଶିକ୍ଷା କରିବା ଆବଶ୍ୟକ, ଯିଏକି ଦେଖାଇ ଦେଇଥିଲେ ଯେ ସଫଳତା ହାସଲ କରିବା ନିମନ୍ତେ କେଉଁ ଧରଣର କୌଶଳ ଏବଂ ମାନସିକତାର ଆବଶ୍ୟକତା ରହିଛି। ସେମାନଙ୍କୁ ସ୍ପିନ୍ ବୋଲର ସାଇମନ୍ ହାର୍ମର ଘାଇଲା କରିଦେଲେ, ଯିଏ ଦର୍ଶାଇ ପାରିଥିଲେ ଯେ ପାରମ୍ପରିକ ଧୀମା ସ୍ପିନ୍ ବୋଲିଂର କାହିଁକି ଏତେ ଗୁରୁତ୍ୱ ରହିଛି; ଦୁଇଗୋଟିଯାକ ଟେଷ୍ଟରେ ତାଙ୍କର ୧୭ଟି ୱିକେଟ୍ ନେବା ଜରିଆରେ, ଯେତେବେଳେ କି ସବୁ ଭାରତୀୟ ସ୍ପିନର ଟର୍ଣ୍ଣ ଏବଂ ବାଉନ୍ସ ପାଇଁ ଏକ ଦ୍ରୁତ ଗତିରେ ବୋଲିଂ କରିଥିଲେ। ଏହା ବାଦ୍ ଖେଳାଳିମାନଙ୍କ ମଧ୍ୟରେ ଖେଳ ସମୟରେ ପରସ୍ପରର ଖେଳୁଆଡ଼ ମନୋଭାବରେ ବ୍ୟାଘାତ ସୃଷ୍ଟି କରିବା ପାଇଁ କରାଯାଉଥିବା ଆକ୍ଷେପ ପ୍ରତିଆକ୍ଷେପ ମଧ୍ୟ କାନକୁ ସୁହାଇବା ଭଳି ନଥିଲା। ଭାରତର ମହାନ ପେସ୍ ବୋଲର ଯଶପ୍ରୀତ୍ ବୁମ୍ରା ଭ୍ରମଣକାରୀ ଦଳର କ୍ୟାପ୍‌ଟେନ୍‌ଙ୍କୁ 'ବାମନ' କହିବା କୌଣସି ଦୃଷ୍ଟିରୁ ସ୍ପୃହଣୀୟ ନୁହେଁ। ସେହିପରି ଆଫ୍ରିକୀୟ କୋଚ୍ ଶୁକ୍ରି କନ୍‌ରାଡ୍ ମଧ୍ୟ ଭାରତୀୟ ଟିମ୍ ଉଦ୍ଦେଶ୍ୟରେ 'ମଥା ପିଟିବା' ଶବ୍ଦର ପ୍ରୟୋଗ କରିଥିଲେ ଯାହା ବର୍ଣ୍ଣବୈଷମ୍ୟବାଦ ସହିତ କେତେକାଂଶରେ ସଂଶ୍ଳିଷ୍ଟ। ସେ ଯାହାହେଉ, ମୋଟାମୋଟି ଭାରତ ଏଭଳି ଏକ ବିପର୍ଯ୍ୟୟରୁ ଉଧୁରି ଏକ ପୁନଃନିର୍ମାଣ କରିବାକୁ ଯାଉଥିବା ବେଳେ ସେମାନଙ୍କଠାରୁ ଭଲ ବ୍ୟବହାର ଆଶା କରାଯାଏ, ଠିକ୍ ଯେମିତି ଆମେ ଆଶା କରୁ ଇନ୍ଦ୍ରଧନୁର ରାଷ୍ଟ୍ର ଭାବରେ ପରିଚିତ ଏକ ଚାମ୍ପିଅନ୍ ଟିମ୍‌ଠାରୁ।

# 'ରିଲ୍' ମାୟାରେ ବାୟା





**ଡ. ମୃଣାଳ ଚାଟାର୍ଜୀ**

ଏବେ ଆମେ ଏକ ଅଦ୍ଭୁତ ସମୟ ଭିତରେ ବାସ କରୁଛୁ। ପ୍ରଯୁକ୍ତି, ସ୍ମାର୍ଟଫୋନ୍, ସାମାଜିକ ଗଣମାଧ୍ୟମର ଜୁଆରରେ ଆମେ ସମସ୍ତେ କ୍ରମଶଃ ରିଲ୍ ଦୁନିଆ ଭିତରକୁ ଠେଲିହେଇ ଚାଲି ଯାଉଛୁ। ଗାଁ ଗହଳିଠୁ ସହର, ସହରଠୁ ମହାନଗର- ସମାଜର ପ୍ରତ୍ୟେକ ସ୍ତରର ମଣିଷ ଏହି ଭର୍ଚୁଆଲ ସୁନାମିରେ ଭାସି ଯାଉଛନ୍ତି।

ରିଲ୍ ବା ସର୍ଟ ଭିଡିଓ ମାତ୍ର କୋଡ଼ିଏ ବର୍ଷ ହେଲା ଡିଜିଟାଲ ଦୁନିଆରେ ସାନ୍ଦ୍ର ଭାବରେ ଆସିଛି। ୨୦୦୫ ଅଗଷ୍ଟ ୫ ତାରିଖରେ ଇନ୍‌ଷ୍ଟାଗ୍ରାମ ୫୦ଟି ଦେଶରେ ଏହାକୁ ଆରମ୍ଭ କଲା। ପାଖାପାଖି ଏକ ସମୟରେ ଟିକ୍‌ଟକ୍ ଭିଡିଓ ଆରମ୍ଭ ହେଲା। ପରେ ପରେ ୟୁ ଟ୍ୟୁବ୍‌ରେ ମଧ୍ୟ ଏପରି କରାଗଲା। ମାତ୍ର ୨୦ ବର୍ଷ ଭିତରେ ଏହା ସମାଜର ପ୍ରାନ୍ତୀୟ ସ୍ତର ଯାଏ ପହଞ୍ଚି ଗଲାଣି।

ଶିଶୁମାନେ ଖଡ଼ିଛୁଆଁ ବୟସରୁ ହିଁ ମୋବାଇଲ ହାତକୁ ନେଉଛନ୍ତି। ତରୁଣମାନେ ଦିନରାତି ମୋବାଇଲର ସାନ ପରଦାରେ ଆଖି ରଖି ଦିନ କାଟୁଛନ୍ତି; ଆଉ ପ୍ରବୀଣମାନେ ସମୟ କଟେଇବା ପାଇଁ ଭରସା କରୁଛନ୍ତି ହ୍ୱାଟସ୍‌ଆପ୍, ୟୁ ଟ୍ୟୁବ୍ ଆଉ ଫେସବୁକ୍ ଭିଡିଓ ଉପରେ। ଆଜି ଆମେ ସମସ୍ତେ ନେଟିଜେନ୍, ଅର୍ଥାତ୍ ଡିଜିଟାଲ ନେଟୱର୍କର ନାଗରିକ। କିଣା କଟାଠୁ ଆରମ୍ଭ କରି ଶିକ୍ଷା, ଚିତ୍ତ ବିନୋଦନ, ଏମିତିକି ସମ୍ପର୍କ ଓ ସୋହାଗ ବି ଆଜି ମୋବାଇଲ ଓ ଇଣ୍ଟରନେଟ୍‌ର ଡାଟା ପ୍ୟାକ୍ ଭିତରେ ବନ୍ଦୀ।

ଗୋଟେ ସମୟରେ ସାଙ୍ଗମାନଙ୍କ ସହିତ ଘଣ୍ଟା ଘଣ୍ଟା ଗପସପ ହେଉଥିଲା। ଆଜି ଆଉ ନାହିଁ। ସେ ଗପସପ ମୋବାଇଲ ଭିତରେ ସୀମାବଦ୍ଧ। ଆଗେ ଉତ୍ସବର ମାନେ ଥିଲା, ଏକାଠି ଆନନ୍ଦ କରିବା। ଏବେ ଉତ୍ସବର ମାନେ ହେଉଛି ରିଲ୍ ବନେଇ ତାକୁ ଅପଲୋଡ୍ କରିବା। ଧୀରେ ଧୀରେ ଆମେ ଅନୁଭୂତିଠୁ ପ୍ରତିକ୍ରିୟା (ରିଆକ୍ସନ)କୁ ଅଧିକ ଗୁରୁତ୍ୱ ଦେବାକୁ ଲାଗିଛୁ।

ଏହି ରିଲ୍ ବା ସର୍ଟ ଭିଡ଼ିଓଗୁଡ଼ିକ ଇଣ୍ଟରନେଟ୍ ମଞ୍ଚରେ ଏମିତି ଭାବରେ ସଜା ହୋଇଥାଏ, ଯେମିତିକି ପ୍ରତ୍ୟେକ ଭିଡିଓ ଶେଷରେ ମସ୍ତିଷ୍କରେ ସାମାନ୍ୟ 'ଡୋପାମିନ' ନିଃସୃତ ହୁଏ। ମୁହୂର୍ତ୍ତ ବା ଦି' ମୁହୂର୍ତ୍ତରେ ଆନନ୍ଦ ବା ତୃପ୍ତିର ଅନୁଭୂତି ଦିଏ। ଏ ଅନୁଭୂତିଟି ଆମକୁ ଆଉ ଗୋଟିଏ, ତା'ପରେ ଆଉ ଗୋଟିଏ ଭିଡିଓ ଦେଖିବା ପାଇଁ ବାଧ କରେ। ଫଳରେ ଆମେ ଗୋଟିଏ ରିଲ୍ ଦେଖିବାକୁ ଯାଇ ଘଣ୍ଟା ପରେ ଘଣ୍ଟା ସ୍କ୍ରଲ୍ କରିବାରେ ଲାଗିଥାଉ। ଆମର କାମ, ମନଯୋଗ, ସମୟ- ସବୁକିଛି ଏକ ଅଦୃଶ୍ୟ ନିଶା ଭିତରେ ହଜିଯାଏ।

ସାଂପ୍ରତିକ ଏକ ସମୀକ୍ଷାରେ ଦେଖାଯାଇଛି ଯେ ଭାରତରେ ଯେତେ ଲୋକ ସ୍ମାର୍ଟଫୋନ୍ (ଇଣ୍ଟରନେଟ୍ ସଂଯୁକ୍ତ ହୋଇ ପାରୁଥିବା ମୋବାଇଲ ଫୋନ) ବ୍ୟବହାର କରୁଛନ୍ତି, ସେମାନଙ୍କ ମଧ୍ୟରୁ ୯୨ ଶତାଂଶ ବ୍ୟବହାରକାରୀ ରିଲ୍ ବା ସର୍ଟ ଭିଡିଓକୁ ଅଧିକ ପସନ୍ଦ କରୁଛନ୍ତି। ଆହୁରି ଚମକପ୍ରଦ ତଥ୍ୟ ହେଲା, ସ୍ମାର୍ଟଫୋନ୍ ବ୍ୟବହାର କରୁଥିବା ଲୋକମାନଙ୍କ ଭିତରୁ ପ୍ରାୟ ୯୭ ଶତାଂଶ ଲୋକ ପ୍ରତିଦିନ ଅନ୍ତତଃ ଥରେ ଏ ଧରଣର ଭିଡିଓ ଦେଖନ୍ତି।

କେବଳ ବଡ଼ ସହରରେ ନୁହେଁ, ଛୋଟ ସହର ଏବଂ ଗ୍ରାମାଞ୍ଚଳରେ ବି ରିଲ୍‌ସର ଜନପ୍ରିୟତା ଦ୍ରୁତ ବଢ଼ି ଚାଲିଛି। ଗୋଟେ ରିପୋର୍ଟ ଅନୁସାରେ, ଭାରତରେ ଅନ୍ତତଃ ୭୦ ଶତାଂଶ ବ୍ୟବହାରକାରୀ ପ୍ରତିଦିନ ଇନଷ୍ଟାଗ୍ରାମ୍, ୟୁ ଟ୍ୟୁବ୍, ଫେସବୁକ୍‌ରେ ରିଲ୍ ଦେଖି ସମୟ କଟାନ୍ତି। ଏହି ପ୍ରବଣତା ନିଛକ ଚିତ୍ତ ବିନୋଦନ ବାହାରକୁ ଯାଇ ଏବେ ସମାଜ ଓ ସଂସ୍କୃତି ଉପରେ ବି ପ୍ରଭାବ ପକେଇବା ଆରମ୍ଭ କରିଛି।

ଗୋଟିଏ ରିଲ୍ ସାଧାରଣତଃ ୫୦/୬୦ ସେକେଣ୍ଡରୁ ଅଧିକ ହୁଏ ନାହିଁ। ଏହି ସ୍ୱଳ୍ପ ସମୟ ଭିତରେ ହିଁ ଆମେ ହସୁ, କାନ୍ଦୁ, ରାଗୁ, ପ୍ରେମରେ ପଡ଼ିଯାଉ, ହିଂସ୍ର ହୋଇ ଉଠୁ। ଆମେ ସତ ଆଉ ମିଛର ପାର୍ଥକ୍ୟ ଆମେ ଭୁଲିଯାଉ। ଗୋଟେ କୌତୁକର ରିଲ୍ ଦେଖି ଆମେ ଦିନସାରା ଆନନ୍ଦ ପାଉ। ଗୋଟେ ଇମୋସନାଲ ଭିଡିଓ ଦେଖି ଅକାରଣରେ ବିଷଣ୍ଣ ହୋଇଯାଉ। ଏମିତି କ୍ରମଶଃ ଆମ ମନୋଜଗତ ରିଲ୍ ନିର୍ଭର ହୋଇ ଉଠୁଛି। ଆମେ ଆବେଗ ନୁହେଁ, ଆଲଗୋରିଦମ୍ ଦ୍ୱାରା ପରିଚାଳିତ ହେଉଛୁ। ଘରର ଛୋଟ ପିଲାମାନେ ଅଜା ଆଈଙ୍କ ସହିତ ସମୟ କଟେଇବା ବଦଳରେ ମୋବାଇଲରେ ରିଲ୍ ଦେଖୁଛନ୍ତି କିମ୍ବା ଗେମ୍ ଖେଳୁଛନ୍ତି; ବୟସ୍କ ଲୋକମାନେ, ଯେଉଁମାନେ ନାତି ନାତୁଣୀମାନଙ୍କ ସହିତ ଗପସପ କରୁଥିଲେ, ସେମାନେ ବି ଆଜିକାଲି ରିଲ୍ ଦେଖି ସମୟ କଟାଉଛନ୍ତି। ଧୀରେ ଧୀରେ ଆମର ଚାରି ପାଖର ମଣିଷମାନଙ୍କ ସହିତ ସଂଯୋଗ ବିଚ୍ଛିନ୍ନ ହୋଇ ଯାଉଛି।

ରିଲ୍ କେବଳ ଏକ ଚିତ୍ତ ବିନୋଦନର ମାଧ୍ୟମ ନୁହେଁ; ବରଂ ଏକ ଡିଜିଟାଲ ନିଶା। ଡୋପାମିନ ଚାଳିତ ସ୍କ୍ରଲିଂ ମନକୁ କ୍ରମଶଃ ଅସ୍ଥିର କରି ଦେଉଛି, ମନଯୋଗର ସମୟ କମେଇ ଦେଉଛି ଏବଂ ଧୈର୍ଯ୍ୟ ଓ ବାସ୍ତବ ଜୀବନରେ ଆନନ୍ଦ ଅନୁଭବ କରିବାର କ୍ଷମତା ମଧ୍ୟ କମେଇ ଦେଉଛି। ତରୁଣ ପ୍ରଜନ୍ମ ମଧ୍ୟରେ ଦେଖାଯାଉଛି ଆତ୍ମସମ୍ମାନବୋଧର ସଂକଟ, କାରଣ ସେମାନେ ତାଙ୍କ ନିଜକୁ ମାପୁଛନ୍ତି ଅନ୍ୟମାନଙ୍କର ଉଠେଇ ଥିବା ରିଲ୍ ମାପକାଠିରେ।

ଏହି ଫିଲଟରଡ୍ ରିୟଲିଟି ବା ପରିଷ୍କୃତ ବାସ୍ତବତାର ଦୁନିଆରେ ପ୍ରକୃତ ବାସ୍ତବତା କ୍ରମଶଃ ଧୂମିଳ ହୋଇ ଯାଉଛି, ଯାହାର ପ୍ରଭାବ ପଡୁଛି ଶିକ୍ଷା, ପାରସ୍ପରିକ ସମ୍ପର୍କ ଆଉ ମାନସିକ ସ୍ୱାସ୍ଥ୍ୟ ଉପରେ। ଆଗରୁ ସହରାଞ୍ଚଳରେ ସାମାଜିକ ବନ୍ଧନ ହୁଗୁଳା ଥିଲା, ଗ୍ରାମୀଣ ସମାଜରେ ଏହା ଦୃଢ଼ ଥିଲା। କଥୋପକଥନ ଥିଲା ଏ ବନ୍ଧନର ମୂଳ ଭିତ୍ତି। ଏବେ କଥୋପକଥନ କମି ଯାଉଛି। ବାସ୍ତବ ଉତ୍ସବ ଓ ମାନବିକ ସମ୍ପର୍କ ଧୀରେ ଧୀରେ ଡିଜିଟାଲ ଶୋ'ର ରୂପ ନେଉଛି।

ଯେଉଁ ଗ୍ରାମ ଗୋଟେ ସମୟରେ ତଥ୍ୟ ବଞ୍ଚିତ ଥିଲା, ଆଜି ସେଠାରେ ଶସ୍ତା ସ୍ମାର୍ଟଫୋନ୍ ଆଉ ରିଲ୍ ସୌଜନ୍ୟରେ ତିଆରି ହୋଇଛି ଏକ ନୂଆ ଡିଜିଟାଲ ପ୍ରଲୋଭନର ଜଗତ। ଅଳ୍ପ ଶିକ୍ଷିତ ତରୁଣମାନେ ରିଲ୍‌କୁ ନିଜ ଜୀବନର ଲକ୍ଷ୍ୟ ମନେ କରୁଛନ୍ତି। ବାସ୍ତବ ପରିଶ୍ରମ ବା ଉତ୍ପାଦନଶୀଳ କାମରୁ ଖସି ଭାଇରାଲ ହେବା ଏବଂ ସେଥିରୁ ପ୍ରଚୁର ଅର୍ଥ ଉପାର୍ଜନର ସ୍ୱପ୍ନରେ ବିଭୋର ହୋଇ ଯାଉଛନ୍ତି। ଫଳରେ ଗ୍ରାମୀଣ ଶ୍ରମ ବଜାରରେ ଦେଖାଯାଉଛି ହତାଶା, ହୀନମନ୍ୟତା ଆଉ ଏକ ଭୋଗବାଦୀ ମାନସିକତା। ତରୁଣ ତରୁଣୀମାନେ ରାତି ରାତି ଉଜାଗର ହୋଇ ଚିତ୍ତ ବିନୋଦନ ପାଇଁ ରିଲ୍ ଦେଖୁଛନ୍ତି ଆଉ ସେଇଠୁ ସେମାନେ ନୂଆ ଟ୍ରେଣ୍ଡ, ଫେସନ ଆଉ ମନୋରଞ୍ଜନର ଖୋରାକ ସଂଗ୍ରହ କରୁଛନ୍ତି। ବୟସ୍କମାନେ ତାଙ୍କର ଥୋଡ଼ ବଡ଼ି ଖଡ଼ା, ଖଡ଼ା ବଡ଼ି ଥୋଡ଼ ଜୀବନରୁ ମୁକ୍ତି ପାଇବା ପାଇଁ ଏ ଡିଜିଟାଲ ଦୁନିଆ ଭିତରକୁ ପଶି ଯାଉଛନ୍ତି। ଫଳରେ ପରିବାର ଏବଂ ସମାଜରେ ମାନବିକ ଯୋଗାଯୋଗ କମିଯାଉଛି। ତିଆରି ହେଉଛି ଏକ ଧରଣର ଦୂରତ୍ୱ। ମଣିଷ ବାସ୍ତବ ସମ୍ପର୍କ ଭୁଲି ଭର୍ଚୁଆଲ ଜଗତରେ ସୀମାବଦ୍ଧ ହୋଇ ଯାଉଛି।

ତଥ୍ୟ ଏବଂ ସମ୍ବାଦ ଜଗତରେ ବି ଏହାର ପ୍ରଭାବ ପଡୁଛି। ମିଛ ଖବର ଓ ବିଭ୍ରାନ୍ତିକର ତଥ୍ୟର ଦୌରାତ୍ମ୍ୟ ଆଜି ଏମିତି ପର୍ଯ୍ୟାୟରେ ପହଞ୍ଚିଛି ଯେ ମଣିଷ ରିଲ୍‌ରେ ଯାହା ଦେଖା ଯାଉଛି, ତାକୁ ବାସ୍ତବ ମନେକରି ପ୍ରତିକ୍ରିୟା ଜଣାଉଛନ୍ତି। ଏହି ଭ୍ରାନ୍ତ ପ୍ରତିକ୍ରିୟା ପରିବାରଠୁ ଆରମ୍ଭ କରି ସମାଜ ପର୍ଯ୍ୟନ୍ତ ଏକ ମାନସିକ ବିଭାଜନର ପରିବେଶ ସୃଷ୍ଟି କରୁଛି। ଭାରତ ଭଳି ଦେଶରେ, ଯେଉଁଠି ଏବେ ବି ୮୦ ଶତାଂଶ ଲୋକ ଇଣ୍ଟରନେଟ୍‌କୁ କେବଳ ଚିତ୍ତ ବିନୋଦନର ମାଧ୍ୟମ ଭାବରେ ଦେଖନ୍ତି, ସେଠି ଡିଜିଟାଲ ସାକ୍ଷରତା ଏବଂ ସଚେତନତାର ଅଭାବ ସବୁଠୁ ବଡ଼ ଚ୍ୟାଲେଞ୍ଜ। ଶିକ୍ଷା, ତଥ୍ୟ ବା ଦକ୍ଷତା ଅର୍ଜନ ବଦଳରେ ତରୁଣ ପିଢ଼ିର ସଂଖ୍ୟାଗରିଷ୍ଠ ସମୟ ବ୍ୟୟ କରୁଛନ୍ତି କେବଳ ରିଲ୍ ଦେଖିବା ଆଉ ସେୟାର କରିବା ପାଇଁ।

ଏ ଅଭ୍ୟାସ ଯଦି ନିୟନ୍ତ୍ରଣକୁ ନଆସେ, ତେବେ ଭବିଷ୍ୟତରେ ସମାଜର ମନସ୍ତତ୍ତ୍ୱ ଏବଂ ସଂସ୍କୃତି- ଉଭୟ ଗଭୀର ସଂକଟରେ ପଡ଼ିବେ। ପ୍ରୟୋଜନ ସଚେତନତା, ସଠିକ୍ ବ୍ୟବହାର ଏବଂ ପ୍ରଯୁକ୍ତିକୁ ସକାରାତ୍ମକ କାମରେ ଲଗେଇବା। ଏ ଡିଜିଟାଲ ଯୁଗରେ ପ୍ରଯୁକ୍ତିକୁ ଦୋଷ ଦେଇହେବ ନାହିଁ, ବରଂ ବ୍ୟବହାରର ଭାରସାମ୍ୟ ରକ୍ଷା କରିବାର ଆବଶ୍ୟକତା ରହିଛି। ପ୍ରୟୋଜନ ଡିଜିଟାଲ ଡିଟକ୍ସ। ଦିନକୁ ଅନ୍ତତଃ ଦୁଇ ତିନି ଘଣ୍ଟା ମୋବାଇଲରୁ ଦୂରରେ ରହି ପରିବାର ସହିତ କଥାବାର୍ତ୍ତା କରିବା, ପ୍ରକୃତି ସହିତ ସମୟ କଟେଇବା, ବହି ପଢ଼ିବା।

ସ୍କ୍ରିନ୍ ଆଲୁଅ ନୁହେଁ, ଆମକୁ ସୂର୍ଯ୍ୟାଲୋକକୁ ଫେରି ଆସିବା ପାଇଁ ପଡ଼ିବ। ଜହ୍ନ ଆଲୁଅରେ ଗାଧୋଇବା ପାଇଁ ପଡ଼ିବ।



ସଂଚାର ମାର୍ଗ, ଢେଙ୍କାନାଳ

# ଆଲୁଅ ଜାଳି ଅନ୍ଧାର ଖୋଜୁ !

ଧର୍ମପୀଠରେ ବହୁ ଲୋକଙ୍କ ଗହଳି। ଅନେକ ଲୋକଙ୍କ ହାତରେ ଧୂପ, ଦୀପ, ଫୁଲ, ଭୋଗଡାଲା ଥିଲା। କିଛି ଦୂରରେ ମଣିଷଟିଏ ବସିଥାଏ। ଚାରିପାଖରେ ଚାରିଟା ବଡ଼ ବଡ଼ ଦୀପ ଜାଳୁଥାଏ। ଆଉ ଭଗବାନଙ୍କୁ ପ୍ରାର୍ଥନ କରୁଥାଏ- 'ହେ ପ୍ରଭୁ, ମତେ ଅନ୍ଧାର ଦିଅ।' ଲୋକେ ଆଶ୍ଚର୍ଯ୍ୟ ହେଉଥିଲେ। ଏ ଲୋକଟା ପାଗଳ ନା କ'ଣ! ରାତିରେ ଦୀପ ଜଳେଇ ଅନ୍ଧାର ଖୋଜୁଛି! ଦୀପ ଲିଭେଇଲେ ତ ଅନ୍ଧାର ହୋଇଯିବ। କେହି ଦୀପ ଲିଭେଇ ଦେଲେ ମଣିଷଟା ଦୀପକୁ ପୁଣି ଲଗେଇ ଦେଇ ଚିତ୍କାର କରୁଥିଲା- 'ପ୍ରଭୁ, ମତେ ଅନ୍ଧାର ଦିଅ।'

ଶିଷ୍ୟ ସହିତ ଗୁରୁ ବି ପହଞ୍ଚିଲେ ସେଇ ଧର୍ମପୀଠରେ। ଏ ମଣିଷର କଥା କିଛି ବୁଝି ହେଉ ନଥିଲା। ମଣିଷଟା ବି ପୂରା ହୋସ୍‌ରେ ଥିଲା। କିଛି ନିଶା ଖାଇ ନଥିଲା। ଗୁରୁ ତାଙ୍କ ଶିଷ୍ୟକୁ କହିଲେ- 'ଏତେ ଲୋକଙ୍କ ଭିତରେ ଅସଲ ପାଗଳ କିଏ ? ଯିଏ ଧର୍ମାନୁଷ୍ଠାନରେ ପରମାତ୍ମାଙ୍କୁ ଦୀପ ଦେଉଛନ୍ତି, ନା ବାହାରେ ବସିଥିବା ଏ ମଣିଷ ?' ଶିଷ୍ୟଟି ନିରୁତ୍ତର ରହିଲା। ଗୁରୁ କହିଲେ- 'ଏଇ ଧର୍ମପୀଠରେ ଭିଡ଼ ଜମେଇଥିବା ଲୋକମାନେ ହିଁ ପ୍ରକୃତ ପାଗଳ। ଏମାନେ ଦୀପ ଜଳାଉଛନ୍ତି, କିନ୍ତୁ ଅନ୍ଧାରକୁ ମାଗୁଛନ୍ତି, ଠିକ୍ ଏଇ ମଣିଷ ଭଳି। ଏ ମଣିଷ ତ ହୋସ୍‌ରେ ଅଛି। ଦୀପ ଲିଭିଲେ ଅନ୍ଧାର ହୁଏ ଜାଣୁଛି। ତଥାପି ଆମକୁ ଚେତେଇ ଦେବାକୁ ଏ ଲୀଳା କରୁଛି। ଆମେ ପରମାତ୍ମାଙ୍କ ପାଖରେ ଦୀପଟିଏ ଜାଳିଦେଇ କେବେ ଧନ, ସମ୍ପତ୍ତି ତ କେବେ ଚାକିରି, କୋଠା, ପ୍ରମୋସନ୍, ଆଉ କେବେ ରୋଗରୁ ମୁକ୍ତି ହେବା ଇତ୍ୟାଦି ସୁଖ ଆଶାରେ କିଛି ନା କିଛି ମାଗିଥାଉ। ଆମେ ପରମାତ୍ମାଙ୍କୁ ଯାହା ମାଗୁ, ତହିଁରୁ ଅଳ୍ପ ସମୟ ସୁଖ ମିଳେ। ପୁଣି ଚାଲିଯାଏ। ଆମେ ଭାବୁ ଜମିଟିଏ ମିଳିଗଲେ ଦୁଃଖ ଚାଲିଯିବ। ଜମି ମିଳିଯାଏ। ସେଇ ଜମିରେ ଘର କରିବା ପରେ ନୂଆ ଦୁଃଖ ଜନ୍ମ ନିଏ। ଘର ହୋଇଗଲେ ଆଉ କିଛି ନୂଆ ସମସ୍ୟା ଆସେ। ସବୁବେଳେ ଆମେ ଭଗବାନଙ୍କୁ ସୁଖ ମାଗି ମାଗି ଚାଲିଥାଉ। ସେ ସୁଖ କିଛି ଦିନ ପରେ ଦୁଃଖ ହୋଇ ଠିଆହୁଏ।



'ଜଣେ ପିଲା ତା' ବାପାଙ୍କୁ 'ବାପା'ବୋଲି ଡାକେ। ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବି 'ବାପା' କୁହେ। ତାଙ୍କୁ ଭାଇ, ମଉସା ବା ଅନ୍ୟ କିଛି କୁହେନା। କାରଣ ବାପା ହିଁ 'ବାପା'। ସେମିତି ସୁଖ ସବୁବେଳେ ସୁଖ। ଆଜି ଯିଏ ସୁଖ, ସିଏ କାଲିକି ଦୁଃଖ ହେବ କେମିତି ? ଲିମ୍ବ ମିଠା ନୁହେଁ କି ଆଖୁ ପିତା ନୁହେଁ। ସୁଖଟିଏ ଦୁଃଖ ନୁହେଁ କି ଦୁଃଖଟିଏ ସୁଖ ନୁହେଁ। ଯଦି ସୁଖଟିଏ ଦୁଃଖ ହୋଇ ଠିଆ ହେଉଛି, ତେବେ ଏଯାଏଁ ଆମକୁ ଅସଲ ସୁଖ ମିଳିନି। ଅସଲ ସୁଖ ପାଇଁ ପରମାତ୍ମାଙ୍କୁ ନିବେଦନ କରିବା। ତାଙ୍କ ପାଖରେ ନିଜକୁ ସମର୍ପିତ କରିବା। ଦୀପ ଆଲୁଅ ଜାଳି ପ୍ରଭୁଙ୍କୁ ଦୁଃଖ ରୂପକ ଅନ୍ଧାର ମାଗିବାନି। ବରଂ ଜ୍ଞାନ ଓ ଚେତନାର ଆଲୁଅ ମାଗିବା। ଅସଲ ସୁଖର ସନ୍ଧାନ କରିନେବା। ଯାହା ପ୍ରକୃତ ସୁଖ, ତାହା ହିଁ ଖୋଜିନେବା। ଦୀପ ଜାଳି ଦୁଃଖର ଅନ୍ଧାର ମାଗିବାର ଅର୍ଥ ଆଲୁଅ ଜାଳି ଅନ୍ଧାର ଖୋଜିବା।

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

## ବିଦ୍ୟୁତ୍ ବିଭାଗର ବେପରୁଆ ନୀତି

# ବିପଦସଙ୍କୁଳ ଅବସ୍ଥାରେ ଟ୍ରାନ୍ସଫର୍ମର

**କେନ୍ଦ୍ରାପଡା,୨୮।୧୧/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ବିଦ୍ୟୁତ୍ ବିଭାଗର ବେପରୁଆ ନୀତି ସହରର ମୁଖ୍ୟ ରାସ୍ତା ଓ ଛକ ଜାଗା ଗୁଡିକରେ ପ୍ରାୟ ୨୦ରୁ ଅଧିକ ଜାଗାରେ ବିପଦସଙ୍କୁଳ ଅବସ୍ଥାରେ ବସିଛି ଟ୍ରାନ୍ସଫର୍ମର। କେବଳ ଜିଲ୍ଲା ସଦର ମହୁକମା ନୁହେଁ ବିଭିନ୍ନ ସ୍ଥାନରେ ଏଭଳି ବିପଦଜନକ ଭାବେ ତାର ଝୁଲି ରହିଥିବା ସହିତ ଖୋଲାମେଲାରେ ବିଦ୍ୟୁତ ଟ୍ରାନ୍ସଫର୍ମର ବସିଥିବା ଦେଖିବାକୁ ମିଳିଛି। ହେଲେ ଅଦ୍ୟାବଧି ସଜାଡିବାକୁ ଉଚିତ ମନେ କରୁନି ବିଭାଗ। କେନ୍ଦ୍ରାପଡାରେ ବି ଏମିତି ଅନେକ ସ୍ଥାନରେ ବିପଦସଙ୍କୁଳ ଅବସ୍ଥାରେ ରହିଛି ବିଦ୍ୟୁତ ସେବା । କେଉଁଠି ତାର କମ୍ ଉଚ୍ଚରେ ଝୁଲୁଛି ତ ଆଉ କେଉଁଠି ଖୁଣ୍ଟି ଭାଙ୍ଗିଗଲାଣି । କେତେକ ସ୍ଥାନରେ ଖୁଣ୍ଟି ବଦଳରେ ବାଉଁଶ ଅବା କାଠିଢିରା ଦେଇ କାମ ଚଳାଇ ନେଉଛନ୍ତି । ବାରମ୍ବାର ଅଭିଯୋଗ ପରେ ବି ମରାମତି ହୋଇପାରୁନି । ସୂଚନା ଅନୁଯାୟୀ, କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ ୨ଟି ଡିଭିଜନରେ ରହିଛି ମୋଟ ୨୪ଟି ସେକ୍ସନ। କେନ୍ଦ୍ରାପଡା ଡିଭିଜନ ଅଧୀନ ୭ଟି ସେକ୍ସନ ରହିଛି । ଏସବୁ ସେକ୍ସନ ଜରିଆରେ ବିଭାଗ ସେବା ଯୋଗାଇ ଦେଇଆସୁଛି । କେନ୍ଦ୍ରାପଡାରେ ବିଦ୍ୟୁତ ଉପଭୋକ୍ତା ରହିଛନ୍ତି ପ୍ରାୟ ୨ଲକ୍ଷ ୭୪ ହଜାର । ସେଥିରୁ କେନ୍ଦ୍ରାପଡା ଡିଭିଜନ୍ ଅଧୀନ ୧ ଲକ୍ଷ ୮୭ ହଜାର ଏବଂ ମାର୍ଶାଘାଇ ଡିଭିଜନ ଅନ୍ତର୍ଗତ ପ୍ରାୟ ୮୭ ହଜାର ଉପଭୋକ୍ତା ଥିବାର ଜଣାପଡିଛି । ହେଲେ ଅଞ୍ଚଳରେ ଥିବା ବିଦ୍ୟୁତ ଭିତ୍ତିଭୂମିକୁ ନେଇ ବହୁ ସମୟରେ ଉଠିଛି ପ୍ରଶ୍ନବାଚୀ । ସାଧାରଣତଃ ବିଦ୍ୟୁତ୍ ନିୟାମକ ଆଇନ ୧୯୭୬ ଅନୁଯାୟୀ ୧୧ କେଭି ତାରଗୁଡିକ ଭୂତପନଠାରୁ ରାସ୍ତାକଡ ଦେଇ ୧୯ ଫୁଟ୍ ରାସ୍ତା ପୃଥକ କରୁଥିବା ସ୍ଥଳରେ ୧୯ରୁ ୨୦ ଫୁଟ୍, ଗ୍ରାମ୍ୟ ବିଲ ଆଦିରେ ୧୯ ଫୁଟ୍ ପର୍ଯ୍ୟନ୍ତ ରହିବା କଥା। ହେଲେ ତାହା ଏଠାରେ ପାଳନ ହେଉନି । ଏଲଟି ଲାଇନ ରୋଡ ଅତିକ୍ରମ କରୁଥିବା ବେଳେ ୧୬ ଫୁଟ୍ ଯାଏ ରହିବା କଥା । ଦୂର ସ୍ଥାନ ତ ଭିନ୍ନ କଥା ଖୋଦ୍ କେନ୍ଦ୍ରାପଡା ମୁଖ୍ୟାଳୟରେ ଏଯାଏ ସୁରକ୍ଷିତ ବିଦ୍ୟୁତ ସେବା ମିଳିପାରିଲାନି । କେଉଁଠି ନା କେଉଁଠି ଛପରହିଛି ବିପଦ । କେଉଁଠାରେ ଜନବହୁଳ ସ୍ଥାନରେ ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ ଟ୍ରାନ୍ସଫର ଅଛି ତ ଆଉ କେଉଁଠାରେ ମାଳମାଳ ତାର ଝୁଲି ରହିଛି । ସହରର କାକଟ, ଚାଟରାପାଟଣା, ମହିପାଳ, ସଙ୍ଗୀତ ସ୍କୁଲ ଛକ, ସାନମଙ୍ଗଳା, ଇଚ୍ଛାପୁର, କଜଳା, ମୀରପାଟଣା ଆଦି ୨୦ ରୁ ଅଧିକ ସ୍ଥାନରେ ରାସ୍ତା ଉପରେ ଖୋଲାମେଲାରେ ବିପଦଜ୍ଜନକ ଭାବେ ବିଦ୍ୟୁତ ଟ୍ରାନ୍ସଫର୍ମର ବସିଛି । ତିନିମୁହାଣି-ଅଙ୍ଗୁଳାଇର ମୁଖ୍ୟ ରାସ୍ତାରେ ବି ଟ୍ରାନ୍ସଫର୍ମରକୁ ମୁକୁଳା ଛାଡି ଦିଆଯାଇଛି । ନାଁକୁ କେବଳ ଯାହା କେଇଖଣ୍ଡ ବାଉଁଶ ପାତିଆ ଢିରା ଦେଇଛନ୍ତି । ପୁଣି କଜଳା ଜ୍ଞାନପୀଠ ପାଖରେ ବି ସେମିତି ଗୁଡେଇ ତୁଡେଇ ହୋଇଯାଇଛି ବିଦ୍ୟୁତ ତାର । ସହର ପୁରୁଣା ବସ୍‌ଷ୍ଟାଣ୍ଡ ବି ଷ୍ଟକଚର ଅବ୍ୟବସ୍ଥିତ ହୋଇଛି । ପ୍ରତିଦିନ ସହରକୁ ବିଭିନ୍ନ ଅଞ୍ଚଳର ଲୋକ ଆସିବା ସହ ସହରବାସୀ ବି କାରବାର କରୁଛନ୍ତି । ତା'ପରେ ବି ସୁରକ୍ଷା ପ୍ରତି ଆଖି ବୁଜି ଦିଆଯାଇଛି । ପ୍ରତ୍ୟେହ ଏକ ଅନିଶ୍ଚିତ ଭବିଷ୍ୟତ ମଧ୍ୟଦେଇ ଗତି କରୁଛନ୍ତି ଅଞ୍ଚଳବାସୀ। ଏସବୁର ଯଥାସମ୍ଭବ ମରାମତି ନ କଲେ କେତେବେଳେ ଯେ ମୃତ୍ୟୁର ବାହକ ସାଜିବ ତାହାକୁ ଏଡାଇ ଦେଇହେବନି । କେନ୍ଦ୍ରାପଡାରେ ଯେଉଁସବୁ ସ୍ଥାନରେ ବିପଦସଙ୍କୁଳ ଅବସ୍ଥାର ତାର ଝୁଲି ରହିଛି ଅଥବା ବିପଦସଙ୍କୁଳ ଅବସ୍ଥାରେ ଅଛି ସେସବୁର ସର୍ଭେ କରାଯାଇ ଏହାର ଚ୍ଚରିକଡେ ବାଡାବନ୍ଦି କରାଯିବ ବୋଲି ନିର୍ବାହୀଯନ୍ତ୍ରୀ ପ୍ରକାଶ କରିଛନ୍ତି । ତୁରନ୍ତ ରାସ୍ତାକଡ ଜନଗହଳି ଛକ ଜାଗାମାନଙ୍କର ଖୋଲା ଜାଗାରେ ଥିବା ଟ୍ରାନ୍ସଫର୍ମର ଗୁଡିକୁ ସ୍ଥାନାନ୍ତରିତ କରି ସୁରକ୍ଷିତ କରିବାକୁ ସାଧାରଣ ଜନତାଙ୍କ ପକ୍ଷରୁ ଦାବି ହେଉଛି ।



# ଇତିହାସ ରଚିଲା ପାରାଦୀପ ବନ୍ଦର




**ପାରାଦୀପ,୨୮।୧୧/ଏନ୍‌ଏନ୍‌ଏସ୍:** ପାରାଦୀପ ବନ୍ଦର ଚଳିତ ଆର୍ଥିକ ବର୍ଷ ନଭେମ୍ବର ୨୭ତାରିଖ ଦିନ ୧୦୦ମିଲିୟନ ମେଟ୍ରିକ୍ ଟନ୍ (ଏମଏମଟି) ପଣ୍ୟ ପରିଚାଳନା କରି ପୁନର୍ବାର ଇତିହାସ ସୃଷ୍ଟି କରିଛି। ଲଗାତାର ୯ମ ବର୍ଷ ବନ୍ଦର ୧୦୦ ଏମ୍‌ଏମ୍‌ଟି ଲକ୍ଷ୍ୟ ଅତିକ୍ରମ କରି ୧୦୦.୧୫ ଏମ୍‌ଏମ୍‌ଟି ହାସଲ କରି ବାର୍ଷିକ ଆଧାରରେ ୪.୭୮% ଅଭିବୃଦ୍ଧି ପ୍ରଦର୍ଶନ କରିଛି। ଏହି କୀର୍ତ୍ତିମାନ ଗତ ଆର୍ଥିକ ବର୍ଷ ତୁଳନାରେ ୧୨ ଦିନ ପୂର୍ବରୁ ହାସଲ ହୋଇଛି। ଯାହା ଭାରତୀୟ ବୃହତ ବନ୍ଦର କ୍ଷେତ୍ରରେ ଏକ ଇତିହାସ। ଗତ ଆର୍ଥିକ ବର୍ଷରେ ୨୫୩ ଦିନ ତୁଳନାରେ ଚଳିତ ଆର୍ଥିକ ବର୍ଷରେ ୨୪୧ ଦିନରେ ଏହି ରେକର୍ଡ ହାସଲ କରାଯାଇଥିଲା। ବଜାରରେ ପ୍ରତିଯୋଗିତା ସତ୍ତ୍ୱେ, ପାରାଦୀପ ବନ୍ଦର ନୂତନ ମାନଦଣ୍ଡ ସ୍ଥାପନ କରିଚାଲିଛି। ଦ୍ରୁତ କାର୍ଯ୍ୟ ଶୈଳୀ, ପଦ୍ଧତିରେ ଉନ୍ନତି ଏବଂ ଅଂଶୀଦାରମାନଙ୍କଠାରୁ ସ୍ଥିର ସମର୍ଥନ ପାରାଦୀପ ବନ୍ଦର ପ୍ରାଧିକରଣକୁ ଆଗରେ ରହିବାରେ ସାହାଯ୍ୟ କରିଛି। ଉପକୂଳ ତାପଜ କୋଇଲା, କଣ୍ଟେନର ପଣ୍ୟ, ଜିପସମ ଏବଂ ଫ୍ଲକ୍ସ, ପିଓଏଲ ଏବଂ ଷ୍ଟିଲ୍ ପଣ୍ୟରେ ଅଭିବୃଦ୍ଧି ଏକ ଅଗ୍ରଣୀ ଉପକୂଳ ଜାହାଜ ଚଳାଚଳ ହବ୍ ଭାବରେ ପାରାଦୀପ ବନ୍ଦର ସ୍ଥିତିକୁ ସୁଦୃଢ଼ କରିଛି। ବନ୍ଦରରେ ମୋଟ୍ କାର୍ଗୋ ପରିମାଣର ପ୍ରାୟ ୪୫% କୋଇଲା ପଣ୍ୟ ପରିଚାଳନା ଏବଂ ଏହା ପୂର୍ବ ଆର୍ଥିକ ବର୍ଷର ସମାନ ସମୟ ତୁଳନାରେ ୩.୭୬ ପ୍ରତିଶତ ଅଭିବୃଦ୍ଧି ଦେଖାଇଛି। ସେହିପରି ଚଳିତ ଆର୍ଥିକ ବର୍ଷରେ କଣ୍ଟେନର କାର୍ଗୋ ପରିମାଣ ୩୨ ପ୍ରତିଶତ, ଜିପସମ ଏବଂ ଫ୍ଲକ୍ସ ପରିମାଣ ୨୪ ପ୍ରତିଶତ, ଷ୍ଟିଲ୍ କାର୍ଗୋ ୩୫ ପ୍ରତିଶତ ଏବଂ ପିଓଏଲ ୩୧ ପ୍ରତିଶତ ବୃଦ୍ଧି ପାଇଛି। ଏହିପରି ପାରାଦୀପ ବନ୍ଦର ଦେଶରେ ଏକ ଉପକୂଳ ଜାହାଜ ଚଳାଚଳ ହବ୍ ଭାବରେ ଉଭା ହେଉଛି। ଏହି ସଫଳତା ପାଇଁ, ପାରାଦୀପ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ ସ୍ଥାନୀୟ ଗଣମାଧ୍ୟମ ସହିତ ଆଲୋଚନା କରିବା ସମୟରେ କେନ୍ଦ୍ର ବନ୍ଦର, ଜାହାଜ ଓ ଜଳପଥ ମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି, ଯାହାଙ୍କ ପ୍ରେରଣା, ଗତିଶୀଳ ନେତୃତ୍ୱ ଏବଂ ମାର୍ଗଦର୍ଶନରେ ପାରାଦୀପ ବନ୍ଦର ଏହି ଅବିଶ୍ୱସନୀୟ ସଫଳତା ହାସଲ କରିପାରିଛି।ଏହି ସଫଳତା ଅବସରରେ ପାରାଦୀପ ବନ୍ଦର ପ୍ରଶାସନିକ ଭବନ ବୋର୍ଡ ରୁମରେ ବନ୍ଦର ଉପାଧ୍ୟକ୍ଷ ଟି. ଭେନୁ ଗୋପାଲ, ଟ୍ରାଫିକ ପରାମର୍ଶଦାତା ଏକେ. ବୋଷ, ଟ୍ରାଫିକ ମ୍ୟାନେଜର ଜି.ଏଡିସନ ଏବଂ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ବନ୍ଦର ଅଧ୍ୟକ୍ଷ କେକ୍ କାଟିଥିଲେ। ଦକ୍ଷତା ଏବଂ ଅଭିବୃଦ୍ଧି ଉପରେ ସ୍ପଷ୍ଟ ଧ୍ୟାନ ଦେଇ ପାରାଦୀପ ବନ୍ଦର ଚଳିତ ଆର୍ଥିକ ବର୍ଷରେ ସର୍ବକାଳୀନ ସର୍ବୋଚ୍ଚ ଲକ୍ଷ୍ୟ ହାସଲ କରିବା ପାଇଁ ଆଗ୍ରଗତି କରୁଥିବା ନେଇ ବନ୍ଦର ଅଧ୍ୟକ୍ଷ ସୂଚନା ଦେଇଥିଲେ।

## ଗ୍ରାମାଞ୍ଚଳ ପାଇଁ ଆସୁଥିବା ଅର୍ଥ ଯାଉଛି କୁଆଡ଼େ ?



**ତାଳଚେର,୨୮।୧୧/ଏନ୍‌ଏନ୍‌ଏସ୍:** ଗ୍ରାମାଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ଗାଁ କଲ୍ୟାଣ ସମିତି ମାଧ୍ୟମରେ ବିଭିନ୍ନ ପଞ୍ଚାୟତକୁ କିଛି ଅର୍ଥ ଯୋଗାଇ ଦେଇଥାନ୍ତି। ଜାତୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟମିଶନ ଜରିଆରେ ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ସୁନ୍ଦର ପରିବେଶ ସହ ଗ୍ରାମ ଗୁଡ଼ିକୁ ସଫାସୁତରା କରିବା ଉଦ୍ଦେଶ୍ୟରେ ସରକାରଙ୍କ ତରଫରୁ ଗାଁ କଲ୍ୟାଣ ସମିତ ଗଠନ ହୋଇଛି। ଏହି ସମିତି ଗାଁରେ ପରିଷ୍କାର ପରିଚ୍ଛନ୍ନ ସହ ସ୍ୱାସ୍ଥ୍ୟ ସଚେତନତା ବାର୍ତ୍ତାର ପ୍ରସାର କରି ଅସହାୟଙ୍କୁ ସାହାଯ୍ୟ କରିବାରେ ଏହାର ମୁଖ୍ୟଲକ୍ଷ୍ୟ। ତାଳଚେର ଉପଖଣ୍ଡର ଦୁଇଟାଇ ବ୍ଲକ ତାଳଚେର ଓ କଣିହାଁରେ ୪୮ଟି ପଞ୍ଚାୟତର ରହିଛି। ବିଭିନ୍ନ ଗ୍ରାମରେ ଗାଁ କଲ୍ୟାଣ ନିମନ୍ତେ ଗାଁ କଲ୍ୟାଣ ସମିତି ଗଠନ ହୋଇଛି। ହେଲେ ସମିତିକୁ ଆସୁଥିବା ଅର୍ଥ ସୂଚାରୁପେ ସମିତିମାନଙ୍କୁ ବଣ୍ଟନ ହେଉଥିବା ବେଳେ ଏହି ଅର୍ଥ କୌଣସି ଜନହିତକର କାର୍ଯ୍ୟରେ ଆସୁନଥିବା ଅଭିଯୋଗ ହେଉଛି। ଫଳରେ ରାଜ୍ୟ ସରକାରଙ୍କର ମହତ ଯୋଜନା ଏଠାରେ ବାଟବଣା ହୋଇଥିବା କୁହାଯାଉଛି। ସମିତିରେ ଗ୍ରାମର ତିନିମୁଖ୍ୟଙ୍କ ସହ ୱାର୍ଡସଭ୍ୟ, ଆଶାକର୍ମୀ ରହିବାର ଆବଶ୍ୟକତା ରହିଛି। ଏହାର ପରିଚାଳନା ପାଇଁ ମାସିକ ବୈଠକ ହେବାର ମଧ୍ୟ ବ୍ୟବସ୍ଥା ରହିଛି। ଏଥିପାଇଁ ପ୍ରତି ସମିତିକୁ ୧୦ହଜାର ଟଙ୍କା ଅନୁଦାନ ମିଳିଥାଏ। ମାସିକ ବୈଠକରେ ଏହି ଅର୍ଥରୁ ଆଶାକର୍ମୀଙ୍କୁ ୧୫୦ଟଙ୍କା, ଅଙ୍ଗନାବାଡ଼ିକର୍ମୀ ୧୦୦ଟଙ୍କା ଓ ୱାର୍ଡ଼ସଭ୍ୟଙ୍କୁ ୫୦ଟଙ୍କା ମିଳିଥାଏ। ବଳକା ଟଙ୍କାରେ ଗାଁର ପ୍ରବେଶ ଦ୍ୱାରରେ ସ୍ୱାସ୍ଥ୍ୟ ସଚେତନତା ପ୍ରଚାର, ଅଳିଆକୁଣ୍ଡ, ସରକାରୀ କୂଅରେ ବ୍ଲିଚିଙ୍ଗ ପକାଇବା ଓ ଗାଁକୁ ସଫାସୁତରା ରଖିବା ମୂଳଲକ୍ଷ୍ୟ ବୋଲି କୁହାଯାଉଛି। ମାତ୍ର ସରକାର ଦେଉଥିବା ଏହି ଅର୍ଥରାଶି କୌଣସି କାର୍ଯ୍ୟରେ ନଲାଗି କୁଆଡ଼େ କେବଳ କାଗଜପତ୍ରରେ ଉପଖଣ୍ଡରେ ଏସବୁ କାର୍ଯ୍ୟ ହେଉଥିବା ଦର୍ଶାଇ ଆସୁଥିବା ଟଙ୍କାକୁ ବାଟମାରଣା ହେଉଛି ବୋଲି ଅଭିଯୋଗ ହେଉଛି। ତେବେ ବର୍ତ୍ତମାନ ତାଳଚେର ଅଞ୍ଚଳରେ ଡ଼େଙ୍ଗୁର ଭୟ ରହିଥିବା ବେଳେ ଗ୍ରାମାଞ୍ଚଳ ଗୁଡିକରେ ଘାସବୁଦା, ଅନାବନା ଗଛଲତା, ଡ୍ରେନେଜ୍ ବ୍ୟବସ୍ଥା, ବିପର୍ଯ୍ୟ ଅବସ୍ଥାରେ ପଡ଼ି ରହିଥିବା ଦେଖିବାକୁ ମିଳିଛି। ଆସୁଥିବା ସରକାରୀ ଅନୁଦାକୁ ସଠିକ ଭାବେ ଖର୍ଚ୍ଚ ହେଉଛି କି ନାହିଁ ଉପଖଣ୍ଡରେ ତାର ତଦାରଖ କରାଯାଉ ନାହିଁ। ତେବେ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ବୋଧହୁଏ ଏସମସ୍ୟା ଗୁଡ଼ିକର ସମାଧାନ ହୋଇପାରିବ ବୋଲି ଗ୍ରାମାଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

## ଶୂନ ମୃତାହତ ପକ୍ଷ ପାଳନ

**ବଡଚଣା,୨୮।୧୧/ଏନ୍‌ଏନ୍‌ଏସ୍:** ସଡ଼କ ଦୁର୍ଘଟଣା ଏବଂ ଏହା ଜନିତ ମୃତାହତ ସଂଖ୍ୟା କମାଇବା ପାଇଁ ରାଜ୍ୟ ସରକାରଙ୍କ ସଡକ ପରିବହନ ବିଭାଗ ପକ୍ଷରୁ ନଭେମ୍ବର ୧୬ରୁ ୩୦ପର୍ଯ୍ୟନ୍ତ ଶୂନ ମୃତାହତ ପକ୍ଷ ପାଳନ କରୁଛନ୍ତି। ଏହି ପକ୍ଷରେ ୪ଟି ରେ ଯଥା ଏନ୍‌ଫୋର୍ସମେଣ୍ଟ, ଇଞ୍ଜିନିୟରିଂ, ଏଜୁକେସନ୍, ଓ ଏମର୍ଜେନ୍ସି କେୟାରକୁ ପ୍ରାଧାନ୍ୟ ଦିଆଯାଇଛି। ଏନେଇ ରାଜ୍ୟ ବାଣିଜ୍ୟ ସଡ଼କ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସଚେତନାତ୍ମକ କାର୍ଯକ୍ରମ ଆୟୋଜିତ ହେଉଛି। ଏହି ପକ୍ଷରେ ସଡ଼କ ନିୟମ ଉଲଂଘନକାରୀଙ୍କ ବିରୋଧରେ ଶୂନ ସହନଶୀଳତା ନୀତି ଅବଲମ୍ବନ କରାଯିବ। ସାରା ରାଜ୍ୟରେ ଗାଡି ଯାଞ୍ଚ କଡାକଡି କରାଯିବା ସହିତ ବେପରୁଆ ଗାଡି ଚାଳନା କରି ବିପଦ ସୃଷ୍ଟି କରୁଥିବା ବ୍ୟକ୍ତି ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରତ୍ୟେକଟି ଜୀବନ ମୂଲ୍ୟବାନ, ଏହାର ସୁରକ୍ଷା ଆମ ସମସ୍ତଙ୍କର ବୋଲିଏକ ସଚେତନତା ଶୋଭାଯାତ୍ରା ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଠାରୁ ଛତିଆ ପର୍ଯ୍ୟନ୍ତ ଯାଇଥିଲା। ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ଶିଶିର କୁମାର ସାହୁ, ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଖଗେଶ୍ୱର ମୁର୍ମୁ, ଅତିରିକ୍ତ ପରିବହନ ଅଧିକାରୀ ପ୍ରାଚୀ ପ୍ରଜ୍ଞା ଲେଙ୍କା, ଏମ୍‌ଭିଆଇ, ପଦ୍ମଜା ମହାନ୍ତି, ଟିଆଇ ଯୁଗଳ କିଶୋର ତିରିଆ, ବଡଚଣା ଥାନା ଭାରପ୍ରାପ୍ତ ଅଧିକାରୀ ସୁରେନ୍ଦ୍ର କୁମାର ଜେନା, ଏସ୍‌ଆଇ ଶାନ୍ତନୁ କୁମାର ମିଶ୍ର, ଚଣ୍ଡିଖୋଲ ଫାଣ୍ଡି, ବୈରୀ ଥାନା ଛତିଆ ବିଟ୍ ହାଉସ, ଶ୍ରୀରାମ ପୁର ଟୋଲ ପ୍ଲାଜାର କର୍ମଚାରୀ ସହଯୋଗ କରିଥିଲେ। ଆସନ୍ତା ୩୦ରେ ଶୂନ ମୃତାହତ ପକ୍ଷ ଉଦ୍‌ଯାପିତ ହେବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଶିଶିର କୁମାର ସାହୁ କହିଛନ୍ତି।



## କୁମାରୀ ଗ୍ରାମରେ କୁରାଳ ପଞ୍ଚମୀ ପୂଜା



**ଧର୍ମଶାଳା,୨୮।୧୧/ଏନ୍‌ଏନ୍‌ଏସ୍:** ଧର୍ମଶାଳା ବ୍ଲକ୍ କୁମାରୀ ଗ୍ରାମରେ କୁମ୍ଭକାରମାନଙ୍କର ପ୍ରମୁଖ ପର୍ବ କୁରାଳ ପଞ୍ଚମୀ ପୂଜା ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ପର୍ବରେ କୁମ୍ଭକାରମାନେ ସେମାନଙ୍କ ମାଟିହାଣ୍ଡି ଗଢ଼ା କାର୍ଯ୍ୟ ବନ୍ଦ କରି ଉତ୍ସବକୁ ପାଳନ କରିଥାନ୍ତି। ଗତ ୨୫ ତାରିଖ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା କୁରାଳ ପଞ୍ଚମୀ ପୂଜା ଆସନ୍ତାକାଲି ବିଷର୍ଜନ କରଯିବ। ମଙ୍ଗଳବାର ସକାଳୁ କୁରାଳ ପଞ୍ଚମୀ ପୂଜା କମିଟି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଗ୍ରାମ ପୋଖରୀରୁ କଳସରେ ଜଳ ଆଣାଯାଇ ଲକ୍ଷ୍ମୀନାରାୟଣଙ୍କ ମୃଣମୟୀ ମୁର୍ତ୍ତୀକୁ ମଣ୍ଡପରେ ସ୍ଥାପନ କରାଯାଇ ପୂଜାକାର୍ଯ୍ୟ କରାଯାଇଛି। ପୂଜକ ପଣ୍ଡିତ ବିଭୁପ୍ରସାଦ ପଣ୍ଡା ଓ ସ୍ୱରୁପ କୁମାର ଦାଶ ପୂଜାର୍ଚ୍ଚନା କରୁଥିବା ବେଳେ କର୍ତ୍ତାଭାବେ ଲକ୍ଷ୍ମଣ ରଣା ଓ କର୍ତ୍ତୀ ଭାବେ ଗୀତାଞ୍ଜଳୀ ରଣା ସଂକଳ୍ପ ଆସନରେ ବସିଥିଲେ। ରବିନ୍ଦ୍ର ସାହୁ, ଭରତ ସାହୁ, ଜଗନ ରଣା, ଗଗନ ରଣା, ଅକ୍ଷୟ କୁମାର ବେହେରା, ଅଶୋକ ରଣା, ଗୋକୁଳ ବେହେରା, ଆକୁଳ ବେହେରା, ଚରଣୀ ବେହେରା, ଇନ୍ଦ୍ରମଣୀ ବେହେରା, ଶିବ ବେହେରା, ଅର୍ଜୁନ ବେହେରା, ଶୁଶାନ୍ତ ବେହେରା, ପବିତ୍ର ବେହେରା, ପ୍ରଶାନ୍ତ ବେହେରା, ପ୍ରଭାତ ବେହେରା, ନୀଳମଣୀ ବେହେରା, ଚନ୍ଦ୍ରମଣୀ ବେହେରା, ନିରଞ୍ଜନ ବେହେରା, ଗିରିଧାରୀ ବେହେରା, ଅଜୟ ବେହେରା, ଲକ୍ଷ୍ମୀଧର ବେହେରା, ପଦ୍ମନାଭ ରଣା, ନିତ୍ୟାନନ୍ଦ ରଣା, ଗୁରୁଚରଣ ବେହେରା, ରାଇଚରଣ ବେହେରା, ନକୁଳ ରଣା ସମରେନ୍ଦ୍ର ବେହେରା ଉପସ୍ଥିତ ରହି ପୂଜାକର୍ମ କରିଥିଲେ। ପ୍ରଥମ ଦିବସରେ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ମଣ୍ଡପ ସମ୍ମୁଖରେ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ, କିର୍ତ୍ତନ, ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି । ଆଖପାଖ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ପୂଜା ମଣ୍ଡପରେ ଠାକୁରଙ୍କୁ ଦର୍ଶନ କରିବା ସହ ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରୁଛନ୍ତି। ଆସନ୍ତାକାଲି ଠାକୁରଙ୍କୁ ବିଷର୍ଜନ କରାଯିବା ସହ ସନ୍ଧ୍ୟାରେ ଭଷାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଅବସରପ୍ରାପ୍ତ କର୍ମଚାରୀଙ୍କ ବନ୍ଧୁମିଳନ



**ତାଳଚେର,୨୮।୧୧/ଏନ୍‌ଏନ୍‌ଏସ୍:** ଏନ୍‌ଟିପିସି ତାଳଚେର ଥର୍ମାଲ ପାୱାର ପ୍ଲାଣ୍ଟ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନେଇ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୫ଶହ କର୍ମୀ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା। ଯେଉଁମାନେ ପୂର୍ବରୁ ସେମାନଙ୍କ ଅତୁଳନୀୟ ସମର୍ପଣ ସହ ଟିଟିପିଏସର ଅଭିବୃଦ୍ଧି ଏବଂ ସଫଳତାକୁ ଶିର୍ଷ ସ୍ଥାନରେ ପହଞ୍ଚାଇ ପାରିଥିଲେ। ଏହି ଉତ୍ସବ ସକାଳ ୧୦ଘଟିକାରେ ଆରମ୍ଭ ହୋଇଥିଲା। ଅବସରପ୍ରାପ୍ତ କର୍ମଚାରୀଙ୍କୁ ଗୋପାଲା ଫୁଲ, ତିଳକ, ବସ୍ତ୍ର ଏବଂ ମିଠା ପ୍ୟାକେଟ୍ ଦେଇ ସ୍ୱାଗତ କରାଯାଇଥିଲା। ଯାହା ଶ୍ରଦ୍ଧାର ଏବଂ ସ୍ନେହରେ ପରିପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା। ଏହି ସମାବେଶ ପ୍ରକଳ୍ପର ଦୃଢ଼ ମୂଳଦୁଆ ପକାଇଥିବା କର୍ମଚାରୀଙ୍କୁ ସମ୍ମାନୀତ କରିଥିଲା। ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟ ଚାନ୍ଦ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରି ତାଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଟିଟିପିଏସ ଗଠନରେ ପ୍ରତ୍ୟେକ ଅବସରପ୍ରାପ୍ତ କର୍ମଚାରୀଙ୍କ ସ୍ଥାୟୀ ଅବଦାନ ବିଷୟରେ ପ୍ରକାଶ କରିଥିଲେ। ଡଃ ଜେପି ରାଏ ମହାପ୍ରବନ୍ଧକ ପ୍ରକଳ୍ପ, ପ୍ରବୀର କୁମାର ମେକାନିକାଲ ଇରେକସନ୍, ରୋହିତ କୁମାର ଅତିରିକ୍ତ ମହାପ୍ରବନ୍ଧକ ମାନବ ସମ୍ବଳ, ସମସ୍ତ ବିଭାଗ ମୁଖ୍ୟ ଏବଂ ଏନ୍‌ଟିପିସି ଟିଟିପିଏସ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ପନିପରିବା ଦର୍ ଆକାଶଛୁଆଁ, ଖାଉଟି ହନ୍ତସନ୍ତ



**ତାଳଚେର,୨୮।୧୧/ଏନ୍‌ଏନ୍‌ଏସ୍:** ସରକାର ଜନସାଧାରଣଙ୍କ ସମସ୍ତ ସୁବିଧା କରିବା ନିମନ୍ତେ ପ୍ରଚାର ପ୍ରସାର ମାଧ୍ୟମରେ ସର୍ବସ୍ୱ କରିଥିଲେ ମଧ୍ୟ ଆଜି ପନିପରିବାର ଦର ଏତେଶୟ ବୃଦ୍ଧି ପାଇଛି ଯେ ଯଦି କୌଣସି ଯୋଗୀ କିମ୍ବା ଭିକ୍ଷୁକ ଭିକ୍ଷାଗ୍ରହଣ କରିବାକୁ ଆସୁଛନ୍ତି ସେମାନଙ୍କୁ ପନିପରିବା ଟିଏ ଦାନକରି ହେଉନି କିମ୍ବା କୌଣସି ଶୁଦ୍ଧକ୍ରିୟା କାର୍ଯ୍ୟ ସମୟରେ ଛଞ୍ଚାରେ ପୁରୋଧାଙ୍କୁ ପନିପରିବାଟିଏ ଦେବା ପାଇଁ ଲୋକଙ୍କ ପକ୍ଷେ ସମ୍ଭବ ହେଉନି। ଆଜିର ଦିନରେ ପନିପରିବାର ଦରଦାମ ଏତେ ଆକାଶଛୁଆଁ ହୋଇଛି ଯେ ହଜାର ଟଙ୍କା ହାଟକୁ ଧରି ଗଲେ ମଧ୍ୟ ପରିବା ବ୍ୟାଗଟି ପୂର୍ଣ୍ଣ ହେଉନାହିଁ। ବର୍ତ୍ତମାନ ଆଳୁ ୩୦ରୁ ୩୫ଟଙ୍କା ରହୁଥିବା ବେଳେ ପିଆଜ ୪୫ରୁ ୫୦, ବାଇଗଣ ୭୦, ଟମାଟୋ ୭୦, ଭେଣ୍ଡି ୮୦, କଞ୍ଚାକଦଳୀ ୭୦, ଶାଗବିଡ଼ା ୧୦, ଧୂଡ଼ଙ୍ଗ ୮୦, କଖାରୁ କେଜି ପ୍ରତି ୪୦, ଦେଶୀ କାଙ୍କଡ଼ ୨୦୦ ହୋଇଥିବା ବେଳେ ବିଦେଶୀ କାଙ୍କଡ଼ ୮୦, କଞ୍ଚା ଲଙ୍କା ୧୫୦, ସାରୁ ୩୦ରୁ ୪୦, ଖୁମ୍ବଆଳୁ ୬୦, ବିନ୍ ୬୦, କାକୁଡ଼ି ୮୦, କଲରା ୭୦ଟଙ୍କା ହୋଇଥିବା ବେଳେ ସେହିଭଳି ଫଳମୂଳ ଦାମ ନକହିବା ଭଲ।ସେହିଭଳି ଉଷୁନା ଚାଉଳ କେଜି ୩୦, ଅରୁଆ ଚାଉଳ ୩୦, ସୋରିଷ ତେଲ, ରିଫାଇନ୍ ତେଲ, ସୁଜି, ମୁଗଡ଼ାଲି, ବୁଟଡ଼ାଲି, ବୁଟ, ମଟର, ଚିନି, ହରଡ଼ଡ଼ାଲି, ଅଟା, ବେସନ, ଶୁଖିଲା ଲଙ୍କା, ଲୁଣ ଇତ୍ୟାଦିର ଦର ଆହେତୁକ ବୃଦ୍ଧି ପାଇଥିବା ବେଳେ ବଜାର ଆମିଷ ଦର ମଧ୍ୟ କିଛି କମ ନୁହେଁ। ଛେଳି ମାଂସ କେଜି ୭ଶହ, ବ୍ରଏଲର୍ କୁକୁଡ଼ା ୨୫୦, ମାଛ ୨ଶହ, ଚିଙ୍ଗୁଡ଼ି ୬ଶହ, ଅଣ୍ଡା ଗୋଟି ୭ଟଙ୍କା ଏବଂ କ୍ଷିର ଲିଟର୍ ପ୍ରତି ୬୫ରୁ ୭୦ ଟଙ୍କା ରହିଛି ବୋଲି ବଜାର ଦରରୁ ଜଣାପଡ଼ିଛି। ତେବେ ଲୋକେ ଖାଇବେ କ'ଣ ଚଳିବେ କେମିତି। ବଡ଼ବଡ଼ିଆ ତରି ଯାଉଥିବା ବେଳେ ଦିନମଜୁରୀଆ ଯେନେତେନେ ଉପାୟରେ ଚଳିଯାଉଛନ୍ତି। ମାତ୍ର ମଧ୍ୟବିତ ପରିବାରର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ଓଡ଼ିଶାରେ ଡବଲଇଞ୍ଜିନ ସରକାର ଚାଲୁଥିବା ବେଳେ ଗାଡ଼ି ଧିମେଇ ଯାଉଛି ଓ କେନ୍ଦ୍ର ସରକାରଙ୍କ ସେହି ଆଛାଦିନ ନାରା ଆଉ ଶୁଭୁନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଠିକାଦାର ମହାସଂଘର କର୍ମକର୍ତ୍ତା ଚୟନ

**ନାଉଗାଁ,୨୮।୧୧/ଏନ୍‌ଏନ୍‌ଏସ୍:** ଜିଲ୍ଲାସ୍ତରରେ ଠିକାଦାର ମହାସଙ୍ଘ ସାଧାରଣ ପରିଷଦର ବୈଠକ ପରେ ବିଭିନ୍ନ ବ୍ଲକ୍‌ରେ ଆରମ୍ଭ ହୋଇଛି ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ଚୟନ। ଆଜି ମଧ୍ୟାହ୍ନ ସମୟରେ ଠିକାଦାର ମହାସଂଘର ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ଏହି ବୈଠକ ଓ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଥିବା ବେଳେ ଆଜି ମହାସଂଘର ସମସ୍ତ କର୍ମକର୍ତ୍ତା ସହମତି କର୍ମେ ସଙ୍ଘର ସଭାପତି ରୂପେ ପବିତ୍ର ମୋହନ ନାୟକଙ୍କ ନାମ ଚୟନ କରାଯାଇଥିବା ବେଳେ ସେହିପରି ଉପସଭାପତି ରୂପେ ଅମରେଶ୍ୱର ଦାସ, ସମ୍ପାଦକ ରୂପେ ଦେବୀ ପ୍ରସାଦ ଲେଙ୍କା ଓ କ୍ୟାସିୟରେ ରୂପେ ଦେବ ମୁଦୁଲିଙ୍କ ନାମକୁ ଚୟନ କରାଯାଇଥିଲା। ଅନ୍ୟପଟେ ଏହି ମହାସଂଘରେ ନାଉଗାଁ ବ୍ଲକ୍‌ର ସମସ୍ତ ଠିକାଦାରମାନେ ଉପସ୍ଥିତ ରହି କିପରି ଭାବେ ଆଗାମୀ ଦିନରେ ମହାସଂଘକୁ ସୁଦୃଢ କରାଯାଇପାରିବ ଓ ଅତ୍ୟଧିକ ଲେସ୍‌ରେ ଟେଣ୍ଡର ନପକାଇ ଭଲ ଭାବେ ଯେପରି କାର୍ଯ୍ୟକୁ କରାଯାଇ ପାରିବ ସେ ସମ୍ବନ୍ଧରେ ସମସ୍ତ ସଂକଳ୍ପବୋଧ ହୋଇଥିଲେ।

# ଆୟୁଷ ଡାକ୍ତରଙ୍କ ସମସ୍ୟାର ସମାଧାନ ପାଇଁ ଦାବି



**କେନ୍ଦ୍ରାପଡା,୨୮।୧୧/ଏନ୍‌ଏନ୍‌ଏସ୍:** ଓଡିଶା ଆୟୁଷ ଡାକ୍ତର ମିଳିତ କ୍ରିୟାନୁଷ୍ଠାନ କମିଟି (ଏମ୍‌ଏଚ୍‌ୟୁ ଆୟୁଷ ଡାକ୍ତର, କଲୋକେଟେଡ଼ ପ୍ରାଥମିକ ସ୍ୱାସ୍ଥକେନ୍ଦ୍ର / ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର / ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆୟୁଷ ଡାକ୍ତର ଏବଂ ଆର୍‌ବିଏସ୍‌କେ ଆୟୁଷ ଡାକ୍ତର) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର. ଆୟାରଙ୍କୁ ଏକ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ ପ୍ରାୟ ୩ହଜାର ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତର ଓ ଆୟୁଷ ବିଭାଗ ପ୍ରତି ସରକାରଙ୍କ ଉଦାସୀନତା, ଅବହେଳା ଓ କାଳକ୍ଷେପଣ ନୀତି ପାଇଁ ମିଳିତ କ୍ରୀୟାନୁଷ୍ଠାନ କମିଟି ଦୁଃଖ ପ୍ରକାଶ କରି ସମସ୍ୟାର ଆଶୁ ସମାଧାନ ପାଇଁ ସରକାରଙ୍କୁ ନିବେଦନ କରିଛି। ସ୍ୱାସ୍ଥ୍ୟ ବିଭାଗ ଅନ୍ତର୍ଗତ ରାଜ୍ୟ ସରକାରଙ୍କ ଅଧୀନରେ ଏମଏଚୟୁ ୨୦୦୧ ଓ ଏନଏଚଏମ ଅଧୀନରେ ଆୟୁଷ ଓପିଡିରେ ୨୦୦୭, ୨୦୧୩ ରେ ଆର ବି ଏସ କେ ଦୀର୍ଘ ୨୪ ବର୍ଷରୁ ଉର୍ଦ୍ଧ୍ୱ ହେବ ଆୟୁଷ ଡାକ୍ତରମାନେ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଥିଲେ ହେଁ ଆଜି ପର୍ଯ୍ୟନ୍ତ ସେମାନଙ୍କ ଚାକିରୀ ନିୟମିତ କରାଯାଇ ନାହିଁ। ଦୈନନ୍ଦିନ ରୋଗୀ ସେବା ସହିତ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା, ବାତ୍ୟା ଓ କୋଭିଡ ଭଳି ମହାମାରି ସମୟରେ ନିଜ ଜୀବନକୁ ଉତ୍ସର୍ଗ କରି ସ୍ୱାସ୍ଥ୍ୟସେବା ଯୋଗାଇଦେବା ସତ୍ତ୍ୱେସରକାରଙ୍କ ଅବହେଳା ଆୟୁଷ ଡାକ୍ତରଙ୍କ ମନୋବଳକୁ ଭାଙ୍ଗି ଦେଇଛି। ମାତୃ ଓ ଶିଶୁ ମୃତ୍ୟୁହାର କମାଇବା, ଅଙ୍ଗନବାଡିର ଶିଶୁ ମାନଙ୍କ ଜଟିଳ ରୋଗ ଚିହ୍ନଟ ଓ ଚିକିତ୍ସାସେବା ଯୋଗାଇଦେବା, ମହାବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ତଦାରଖ ଓ ସେବାପ୍ରଦାନ, ଜାତୀୟ ଟିକାକରଣ ଓ ଇନ୍ଦ୍ରଧନୁସର ସଫଳ ରୂପାୟନ, ପୋଲିଓର ସମ୍ପୂର୍ଣ୍ଣ ମୂଳୋତ୍ପାଟନ, କୁଷ୍ଠ ଓ ରାଜଯକ୍ଷ୍ମାର ନିରାକରଣ, ଅଣ ସଂକ୍ରାମକ ରୋଗର ନିୟନ୍ତ୍ରଣ ସଂଜୀବନୀ ମାଧ୍ୟମରେ ରୋଗର ନିଦାନ ଓ ଚିକିତ୍ସା ଯୋଗାଇ ଦେଇ ଆସୁଥିବା ଆୟୁଷ ଡାକ୍ତରଙ୍କ ଅବଦାନକୁ ନ୍ୟୂନ କରି ଗୋଟିଶ୍ରମିକ ଭାବେ ଅଳ୍ପ ପାରିଶ୍ରମିକ ଦେଇ ୨୦୦୧ ମସିହାରୁ ଆଜି ପର୍ଯ୍ୟନ୍ତ ଠିକାରେ ଖଟାଯାଉଛି। ଓଡିଶାରେ ମାତ୍ର ୧,୩୫୮ ଜଣ ନିୟମିତ ଆୟୁଷ ଡାକ୍ତର (ଏଏମଓ+ଏଚଏମଓ) ଅଛନ୍ତି। ଯେଉଁମାନେ ୪.୨ କୋଟି ଲୋକଙ୍କୁ ସେବା ଯୋଗାଇ ଦେଉଛନ୍ତି। ଅର୍ଥାତ୍ ଜଣେ ଆୟୁଷ ଡାକ୍ତର ପ୍ରାୟ ୩୧ ହଜାର ଲୋକଙ୍କ ଦାୟିତ୍ୱ ବହନ କରୁଛନ୍ତି। ଯାହା କୌଣସି ସ୍ୱାସ୍ଥ୍ୟ ମାନଦଣ୍ଡ ସହିତ ସମନ୍ୱୟ ରଖେ ନାହିଁ ବୋଲି କୁହାଯାଇଛି। ସେମାନଙ୍କ ଦାବି ଗୁଡିକୁ ଯୁଦ୍ଧ କାକାଳ ଭିତ୍ତିରେ ପୁରଣ କରିବାକୁ ଓଡ଼ିଶା ଆୟୁଷ ଡାକ୍ତର ମିଳିତ କ୍ରିୟାନୁଷ୍ଠାନ କମିଟି ଦୃଢ ଦାବି ଉପସ୍ଥାପନ କରିଛି। ସେମାନଙ୍କର ଦାବି ଗୁଡିକ ମଧ୍ୟରେ ଦୀର୍ଘ ବର୍ଷର ଚୁକ୍ତି ଭିତ୍ତିକ ଚାକିରୀକୁ ସ୍ଥାୟୀ କରାଯିବା, ସ୍ଥାୟୀ ହେବା ପର୍ଯ୍ୟନ୍ତ ନିୟମିତ ଆୟୁଷ ଡାକ୍ତରଙ୍କ ସହ ସମାନୁପାତିକ ହାରରେ ବର୍ଦ୍ଧିତ ଦରମା ପ୍ରଦାନ, ୧୧ ମାସିଆ ଚୁକ୍ତି ବ୍ୟବସ୍ଥାର ସମ୍ପୂର୍ଣ୍ଣ ଉଚ୍ଛେଦ, ରାଜ୍ୟର ସମସ୍ତ ଆୟୁଷ ଡାକ୍ତରଙ୍କୁ ସ୍ୱତନ୍ତ୍ର ଆୟୁଷ ବିଭାଗରେ ଅନ୍ତର୍ଭୁକ୍ତ କରାଯାଇ ନିୟମିତ ଆୟୁଷ ଔଷଧ ଯୋଗାଣ ସହ ଆୟୁଷ ସହାୟକ ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ସମାନ ଅନୁପାତରେ ଏକକାଳୀନ ମୃତ୍ୟୁ ସହାୟତା, ଦୁର୍ଘଟଣାରେ ଅକର୍ମଣ୍ୟ ବା ମୃତ୍ୟୁ ହେଲେ ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ସମାନୁପାତିକ ସହାୟତା ପ୍ରଦାନ, ଜାତୀୟ ସ୍ୱାସ୍ଥ୍ୟ ମିଶନରେ ଥିବା ସମସ୍ତ କର୍ମଚାରୀଙ୍କ ପରି ମୋବାଇଲ ହେଲଥ ୟୁନିଟର ଡାକ୍ତରଙ୍କୁ ଇପିଏଫ ପରିଷର ଭୁକ୍ତ କରାଯିବା ପ୍ରଭୃତି ଦାବି ଗୁଡିକ ରହିଛି। ଯଦି ଏହି ନାର୍ଯ୍ୟ ଦାବି ଗୁଡିକ ଆସନ୍ତା ଡିସେମ୍ବରମାସ ୨ତାରିଖ ସୁଦ୍ଧା ପୁରଣ ନହୁଏ ତେବେ ଆସନ୍ତା ୩ତାରିଖ ଠାରୁ ଗଣତାନ୍ତ୍ରିକ ଉପାୟରେ ଆୟୁଷ ଡାକ୍ତରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଓଡିଶା ଆୟୁଷ ଡାକ୍ତର ମିଳିତ କ୍ରିୟାନୁଷ୍ଠାନ କମିଟି ଜିଲ୍ଲା ଶାଖା ସଭାପତି ଡା. ବି.କେ. ପ୍ରଶାନ୍ତ କୁମାର, ଜିଲ୍ଲା ବରିଷ୍ଠ ଉପଦେଷ୍ଟା ଡା. ଖଗେଶ୍ୱର ନାୟକ, ଜିଲ୍ଲା ସମ୍ପାଦକ ଡା. ପ୍ରଦୀପ କୁମାର ଚମ୍ପତି, ଜିଲ୍ଲା ସଞ୍ଚାଳକ ଡା. ସୌହାର୍ଦ୍ଦ୍ୟ ନାୟକ, ସମ୍ପାଦକ ଡା. ଅସିଫ ହୁସେନ, କୋଷାଧ୍ୟକ୍ଷ ଡା. ରଘୁନାଥ ଓଝା, ଉପଦେଷ୍ଟା ଡା. ଅଯୋଦ୍ଧାନାଥ ଶର୍ମା, ସଞ୍ଚାଳକ ଡା. ସୀତାକାନ୍ତ କର, ଜିଲ୍ଲା ସଞ୍ଚାଳିକା ଡା. ପ୍ରିୟମ୍ବଦା ମିଶ୍ର, ସଭାପତି ଡା. ଶାରଦା ପ୍ରସାଦ କର ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ଓ ଶିଶୁ ବିକାଶ ବିଭାଗର ଦୟନୀୟ ସ୍ଥିତି

# ମୌଳିକ ସୁବିଧାରୁ ବଞ୍ଚିତ ଅଙ୍ଗନବାଡ଼ି ପ୍ରି-ସ୍କୁଲର୍ ଛାତ୍ରଛାତ୍ରୀ




**ରାଜନଗର,୨୮।୧୧/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍‌ରେ ମହିଳା ଓ ଶିଶୁ ବିକାଶ ବିଭାଗର ଦୟନୀୟ ସ୍ଥିତି ଦେଖିବାକୁ ମିଳିଛି । ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ଅଙ୍ଗନବାଡି ପ୍ରି-ସ୍କୁଲର ଛାତ୍ରଛାତ୍ରୀ । କେଉଁଠି କେନ୍ଦ୍ରର ନିଜସ୍ୱ ଘର ନାହିଁ ତ, କେଉଁଠି ନିଜସ୍ୱ ଘର ଥିଲେ ବି ବିଦ୍ୟୁତକରଣ ହୋଇନାହିଁ । ଏପରିକି ପାନୀୟଜଳ ଓ ଶୌଚାଳୟରୁ ବଞ୍ଚିତ ଅଧାରୁ ଅଧିକ ପ୍ରି-ସ୍କୁଲର ଛାତ୍ରଛାତ୍ରୀ । ଏହି ବ୍ଲକ୍‌ର ଶିଶୁ ବିକାଶ ପ୍ରକଳ୍ପ ଅଧିନରେ ୨୭୪ଟି ଅଙ୍ଗନବାଡି କେନ୍ଦ୍ର ରହିଛି । ସେଥିମଧ୍ୟରୁ ୧୨୭ଟି କେନ୍ଦ୍ରର ନିଜସ୍ୱ ଗୃହ ଥିବା ବେଳେ ୧୪୭ଟି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ । କେନ୍ଦ୍ର ଚାଲିଥିବା ନିଜସ୍ୱ ଗୃହ ୧୨୭ ମଧ୍ୟରୁ ୯୪ଟିରେ ବିଦ୍ୟୁତ ସଂଯୋଗ କରାଯାଇଥିବା ବେଳେ ୩୩ଟି କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ । ଏହି କେନ୍ଦ୍ରଗୁଡିକ ମଧ୍ୟରୁ ଶତାଧିକ କେନ୍ଦ୍ରରେ ଶୌଚାଳୟ ନିର୍ମାଣ କରାଯାଇନାହିଁ । ଟିଭି, ପାନୀୟଜଳ ସଂଯୋଗ, ପାଣି ମଟର, ସୋଲାର ପ୍ରଭୃତି ସାମଗ୍ରୀ କେବଳ କାଗଜ କଲମରେ ଦର୍ଶାଯାଇ କୋଟିକୋଟି ଟଙ୍କା ହରିଲୁଟ ହୋଇଥିବା ଅଭିଯୋଗ ହୋଇଛି । ସବୁଠାରୁ ବଡକଥା ହେଉଛି ୫ଟି ଅଙ୍ଗନବାଡି କେନ୍ଦ୍ର ୫ବର୍ଷ ତଳୁ ନିର୍ମାଣ ସରିଥିଲେ ମଧ୍ୟ ସେଥିରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି । ନିର୍ମାଣ ସରିଥିବା ଏହି କେନ୍ଦ୍ରଗୁଡିକର କାନ୍ଥରୁ ରଙ୍ଗ ଛାଡିବା ସହିତ ଫାଟ ଦେଖାଦେଲାଣି । ବ୍ଲକ୍ ପ୍ରଶାସନ କେନ୍ଦ୍ରର ଗୃହ ସିନା ନିର୍ମାଣ କରିଦେଲା । ତାକୁ ହସ୍ତାନ୍ତର କରୁନାହିଁ । କନିଷ୍ଠ ଯନ୍ତ୍ରୀମାନେ କେନ୍ଦ୍ରର ଗୃହ ନିର୍ମାଣ ଦାୟିତ୍ୱରେ ରହିଥିଲେ ମଧ୍ୟ ଗାଁର ପେଟି ଠିକାଦାରଙ୍କ ହାତକୁ ଟେକି ଦେଇ ସମସ୍ତ ଅର୍ଥ ହଡପ କରିଥିବାରୁ ସେମାନେ ତାଲା ଖୋଲୁନାହାଁନ୍ତି । ଏପରିକି ନିଜସ୍ୱ ଗୃହ ନଥିବା ଅଙ୍ଗନବାଡି କେନ୍ଦ୍ର ସ୍କୁଲ ବାରଣ୍ଡା, କର୍ମୀ ଓ ସହାୟିକାଙ୍କ ଘର, ଗାଁର କ୍ଲବ ଘର ଓ ଭାଗବତ ଟୁଙ୍ଗିରେ ଚାଲୁଛି । ବିଦ୍ୟାଳୟମାନଙ୍କରେ ଚାଲୁଥିବା କେନ୍ଦ୍ରଗୁଡିକ ସକାଳ ୭ଟାରୁ ଆରମ୍ଭ ହୋଇ ସ୍କୁଲ ଆରମ୍ଭ ସକାଳ ୧୦ଟାରେ ବନ୍ଦ କରାଯାଉଛି । ଏପରି ସ୍ଥିତିରେ ପ୍ରି-ସ୍କୁଲର ମୂଳ ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ । ଏହି ଅଙ୍ଗନବାଡି କେନ୍ଦ୍ରଗୁଡିକରେ ଗର୍ଭବତୀ, ପ୍ରସୂତି ଓ କିଶୋରୀ ବାଳିକାମାନଙ୍କୁ ବସିବାକୁ ଜାଗା ନଥିବାରୁ ଦସ୍ତଖତ କରି ଟିଏଚଆର ଖାଦ୍ୟ ନେଉଥିବା ଅଭିଯୋଗ ହେଉଛି । ଏହା ମଧ୍ୟରେ ୨୪ବର୍ଷର ସରକାର ବଦଳିଲା । ନୂତନ ସରକାର ଗଠନକୁ ଦେଢ ବର୍ଷ ବିତିଲାଣି । ମାତ୍ର ଅଙ୍ଗନବାଡି କେନ୍ଦ୍ରଗୁଡିକର ସ୍ଥିତି ନବଦଳିବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି । ରାଜ୍ୟ ସରକାର ଅଙ୍ଗନବାଡିଗୁଡିକ ସମ୍ପର୍କରେ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

# ନାବାଳିକା ଦୁଷ୍କର୍ମକାରୀଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ

**ଢେଙ୍କାନାଳ,୨୮।୧୧/ଏନ୍‌ଏନ୍‌ଏସ୍:** ତୁମୁସିଂହା ଥାନା ଅଞ୍ଚଳରେ ୨୦୨୪ ମସିହାରେ ଘଟିଥିବା ଜଣେ ନାବାଳିକାକୁ ଦୁଷ୍କର୍ମ ମାମଲାର ବିଚାର କରି ଢେଙ୍କାନାଳ ଜିଲ୍ଲା ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି ସୁଶିଲ୍ କୁମାର ସାହୁ ଆଜି ଅଭିଯୁକ୍ତ ଶରତ ନାଏକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଏଥିସହିତ ୧୫ହଜାର ଟଙ୍କା ଜୋରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅଧିକ ୬ମାସ କାରାଦଣ୍ଡାଦେଶ ଶୁଣାଇଛନ୍ତି । ସୂଚନା ଅନୁଯାୟୀ, ତୁମୁସିଂହା ଥାନା ଅଞ୍ଚଳର ଶରତ ନାଏକ (୫୬) ୨୦୨୪ ମସିହା ଅଗଷ୍ଟ ମାସ ୧୨ ତାରିଖ ଅପରାହ୍ନ ୨ ଘଟିକା ସମୟରେ ସେହି ଗ୍ରାମର ଜଣେ ନାବାଳିକାକୁ ଚକୋଲେଟ୍ ଦେଇ ନିଜ ଘରକୁ ଡାକିନେଇ ଅସଦାଚରଣ ସହ ଦୁଷ୍କର୍ମ କରିଥିଲା । ନାବାଳିକା ସେଠାରୁ ଖସି ଆସି ମା'ଙ୍କୁ କାନ୍ଦି କାନ୍ଦି ଘଟଣା ସମ୍ପର୍କରେ କହିଥିଲା । ଏ ନେଇ ପୀଡ଼ିତାଙ୍କ ମା' ଶ୍ରୀମତୀ ପଧାନ ତୁମୁସିଂହା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ୍ କେଶ୍ ନଂ-୨୧୬/୨୪ରେ ଏତଲାକୁ ରେଜିଷ୍ଟ୍ରି କରି ଅଭିଯୁକ୍ତ ଶରତକୁ ଗିରଫ ପରେ କୋର୍ଟଚାଲାଣ କରିଥିଲା । ଏହି ମାମଲାର ସିଟି ସ୍ପେଶାଲ୍ ପୋକ୍ସୋ କେଶ୍ ନଂ-୩୩/୨୦୨୪କୁ ବିଚାର କରି ୨୨ଜଣଙ୍କ ସାକ୍ଷ ପ୍ରମାଣ ଓ ୩୨ଟି ଦସ୍ତାବିଜ୍ ଆଧାର କରି ଅଭିଯୁକ୍ତ ଶରତକୁ କାରଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପୋକ୍ସୋ ଓକିଲ ନିରଞ୍ଜନ ସାହୁ ମାମଲାକୁ ପରିଚାଳନା କରିଥିଲେ ।

# ଅଷ୍ଟଶମ୍ଭୁ ସଂସ୍କୃତ ବିଦ୍ୟାପୀଠରେ ଅବସରକାଳୀନ ସମ୍ବର୍ଦ୍ଧନା



**ରାଜନଗର,୨୮।୧୧/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକର କୁରୁଣ୍ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରଶିଖର ସ୍ଥିତ ଅଷ୍ଟଶମ୍ଭୁ ସଂସ୍କୃତ ବିଦ୍ୟାପୀଠରେ ବିଭିନ୍ନ ସଂସ୍କୃତ ଅନୁଷ୍ଠାନରୁ ଅବସର ନେଇଥିବା ଶିକ୍ଷକ ଓ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରଧାନ ପଣ୍ଡିତ ରତ୍ନାକର ଦାସଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ସଭାର ପ୍ରାରମ୍ଭରେ ମୁଖ୍ୟ ଅତିଥି ଭାବେ ନିଖିଳ ଉତ୍କଳ ସଂସ୍କୃତ ମହାମଣ୍ଡଳର ସଭାପତି ଶୈଳେନ୍ଦ୍ର ପାଢୀ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଅଧ୍ୟାପକ ରାଜକିଶୋର ପାଣି ବେଦମନ୍ତ୍ର ପାଠ କରିଥିଲେ । ଛାତ୍ରଛାତ୍ରୀମାନଙ୍କଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀ ପାଢୀ , ମୁଖ୍ୟ ବକ୍ତା ଆର୍ତ୍ତତ୍ରାଣ ତ୍ରିପାଠୀ ନିଖିଳ ଉତ୍କଳ ସଂସ୍କୃତ ମହାମଣ୍ଡଳ ସମ୍ପାଦକ ଓ ସମ୍ମାନିତ ବକ୍ତା ଭାଗୀରଥୀ ସାହୁ ସଭାରେ ଉପସ୍ଥିତ ରହି ସଂସ୍କୃତ ଅନୁଷ୍ଠାନଗୁଡିକରୁ ଅବସର ଗ୍ରହଣ କରିଥିବା ବିଦ୍ୱାନ ମାନଙ୍କର ଆନ୍ତରିକ ଉଦ୍ୟମ , ତ୍ୟାଗ ଓ ବଳିଦାନ ଯୋଗୁ ସଂସ୍କୃତି ସମ୍ପର୍ଣ୍ଣ ଆଦି ଭାଷା ସଂସ୍କୃତର ବ୍ୟାପକ ପ୍ରଚାର ପ୍ରସାର ହୋଇ ଆମ ଭାରତୀୟ ସଂସ୍କୃତିର ଜୟଗାନ କରିପାରିଛି । ଅବସର ପ୍ରାପ୍ତ ସଂସ୍କୃତ ବିଦ୍ୱାନମାନଙ୍କୁ ଜୀବନର ଶେଷରକ୍ତ ବିନ୍ଦୁଥିବା ପର୍ଯ୍ୟନ୍ତ ଆଦିଭାଷା, ଦେବଭାଷା ସଂସ୍କୃତର ପ୍ରଚାର ଓ ପ୍ରସାର ପାଇଁ ବ୍ରତୀ ରହିବାକୁ ଅନୁରୋଧ କରିଥିଲେ । ସମ୍ମାନୀତ ଅତିଥି ଭାବେ ସିଆରସିସି ବୈଲୋଚନ ଦାସ, ନୋଡାଲ ପ୍ରଧାନଶିକ୍ଷକ ଶୁଭ୍ରଜକୁମାର ବରାଳ, ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କା , ସରପଞ୍ଚ ଶସ୍ମିତା ମହାନ୍ତି, ସମିତି ସଭ୍ୟା ପ୍ରେମଲତା ଦାସ, ସତ୍ୟ ଶିବ ସୁନ୍ଦରର ପ୍ରଧାନ ପଣ୍ଡିତ ବଳରାମ ବାଗ , ଲକ୍ଷ୍ମୀବରାହ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା ଓ ତୁଳସୀ ସଂସ୍କୃତ ବିଦ୍ୟାଳୟର ପ୍ରଧାନ ପଣ୍ଡିତ ସୁବାଷ ଚନ୍ଦ୍ର ପାଣି ଯୋଗଦେଇ ସଂସ୍କୃତ ବିଦ୍ୟାପୀଠରୁ ଅବସର ନେଇଥିବା ପଣ୍ଡିତ, ଶିକ୍ଷକ ମାନଙ୍କ ଶୂନ୍ୟ ସ୍ଥାନରେ କିପରି ସରକାରୀ ସ୍ତରରେ ନୂତନ ନିଯୁକ୍ତି ହେବ ସେ ସଂକ୍ରାନ୍ତରେ ମହାମଣ୍ଡଳର କର୍ମକର୍ତ୍ତାମାନେ ତ୍ୱରିତ ପଦକ୍ଷେପ ନେବାକୁ ସଂଘର ସଭାପତି ଓ ସମ୍ପାଦକଙ୍କୁ ଅନୁରୋଧ କରିଥିଲେ । ବହୁ ସଂସ୍କୃତ ବିଦ୍ୟାପୀଠ ଗୁଡିକ ଶିକ୍ଷକ ଅଭାବରୁ ବନ୍ଦ ହୋଇଗଲାଣି । ଯଦି ସରକାର ନୂତନ ନିଯୁକ୍ତି ନ ଦିଅନ୍ତି ତେବେ ସଂସ୍କୃତ ଶିକ୍ଷାନୁଷ୍ଠାନ ଗୁଡିକ କିଛି ବର୍ଷପରେ ବନ୍ଦ ହୋଇଯିବ ଓ ସଂସ୍କୃତ ଭାଷା ସଂପୂର୍ଣ୍ଣ ବିଲୁପ୍ତ ହୋଇଯିବ । ଏହି ଅନୁଷ୍ଠାନରୁ ଅବସର ନେଇଥିବା ପ୍ରଧାନ ପଣ୍ଡିତ କୃଷ୍ଣ ଚନ୍ଦ୍ର ଷଡଙ୍ଗୀ, ସହକାରୀ ପଣ୍ଡିତ ନାରାୟଣ ପ୍ରଧାନ, ସହକାରୀ ଶିକ୍ଷକ ଘନଶ୍ୟାମ ପରିଡା, ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବସନ୍ତ କୁମାର ହାତି, ଲିପିକ ରମାକାନ୍ତ ରାଉତ, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର , ସତ୍ୟଶିବସୁନ୍ଦର ସଂସ୍କୃତ ବିଦ୍ୟାଳୟର ଅବସର ପ୍ରାପ୍ତ ସହକାରୀ ଶିକ୍ଷକ ଧନେଶ୍ୱର ଯତି, ଲକ୍ଷ୍ମୀନାରାୟଣ ସଂସ୍କୃତ ବିଦ୍ୟାଳୟର ଶିକ୍ଷିକା ଅଞ୍ଜଳିପ୍ରଭା ନାୟକଙ୍କୁ ପୁଷ୍ପଗୁଚ୍ଛ , ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପଣ୍ଡିତ ବରଦାକାନ୍ତ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ପଣ୍ଡିତ ଶରତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ନଳିନୀକାନ୍ତ କର ଓ ବିଶ୍ୱନାଥ ରାଉତ ସଭା ପରିଚାଳନାରେ ସହାୟତା କରିଥିଲେ ।

# ମା'ଚର୍ଚ୍ଚିକା ମନ୍ଦିରରୁ ଚୋରି

**ଜଗତ୍‌ସିଂହପୁର,୨୮।୧୧/ଏନ୍‌ଏନ୍‌ଏସ୍ :** ଗୁରୁବାର ବିଳମ୍ବିତ ରାତ୍ରରେ ଜଗତସିଂହପୁର ପୌରପରିଷଦ ଅନ୍ତର୍ଗତ ଖେରସ ସ୍ଥିତ ମା'ଚର୍ଚ୍ଚିକା ଠାକୁରାଣୀ ମନ୍ଦିରରୁ ଅନେକ ସାମଗ୍ରୀ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଶୁକ୍ରବାର ପୂଜକ ପ୍ରଫୁଲ୍ଲ କୁମାର ନାୟକ ଓ ଗ୍ରାମବାସୀ ସଦର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗରେ ମାଆଙ୍କ ନାଟ ମଣ୍ଡପର ଦ୍ୱାରର କୋଲପ ସହିତ ମାଆଙ୍କ ଦ୍ୱାରର କୋଲପ ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଅଭିଯୋଗ ହୋଇଛି । ଚୋରୀ ହୋଇଥିବା ସାମଗ୍ରୀ ମଧ୍ୟରେ ମାଆଙ୍କ ୨ଟି ରୁପା ମୁକୁଟ(୧ଟି ଛୋଟ ଓ ୧ଟି ବଡ), ସୁନା ଚକ୍ଷୁ ୮ମୁର୍ତ୍ତିର, ସୁନା ଆଖିପତା ୨ଟି, ସୁନା ଚିତା ୩ଟି, ରୁପାଜଙ୍କିଆ ୧ମୁର୍ତ୍ତି, ରୁପା ପାଟି ୧ମୂର୍ତ୍ତି ଇତ୍ୟାଦି ଚୋରି କରି ନେଇଥିବା ଅଭିଯୋଗ ହୋଇଛି । ଆଭିଯୋଗପାଇ ସଦର ପୁଲିସ ଓ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଛନ୍ତି । ସନ୍ଧାନୀ କୁକୁର ନିକଟସ୍ଥ ପୋଷ୍ଟମଟମ ଗୃହ ନିକଟରେ ରହିଥିବା ଆଦିବାସୀ ସାହିରେ ପଶିଥିଲେ ହେଁ ପୁଲିସ କାହାରିକୁ ଗିରଫ କରି ପାରି ନଥିବା ପୁଲିସ ପକ୍ଷରୁ ଜଣାଯାଇଛି ।

# ମିଥ୍ୟା ଶ୍ରମିକ ଦର୍ଶାଇ ସରକାରୀ ଟଙ୍କାକୁ ହରିଲୁଟ୍ ଅଭିଯୋଗ




**ଢେଙ୍କାନାଳ,୨୮।୧୧/ଏନ୍‌ଏନ୍‌ଏସ୍:** ମିଥ୍ୟା ଶ୍ରମିକ ଦର୍ଶାଇ ସରକାରୀ ଟଙ୍କାକୁ ହରିଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍ ରାସୋଳ ପଞ୍ଚାୟତ ଅନ୍ତର୍ଗତ ନାଉକିଆରୀ ହରିଜନସାହି ଠାରୁ ଶଙ୍କରଗୁଣ୍ଡ ରାସ୍ତା ନିର୍ମାଣ କାର୍ଯ୍ୟ କିଛିଦିନ ତଳେ କରାଯାଇଛି । ଏହି ରାସ୍ତାରେ କାମ କରୁଥିବା ଶ୍ରମିକମାନଙ୍କ ମଧ୍ୟରୁ ମଷ୍ଟରରୋଲରେ ନାମ ଦିଆଯାଇଥିବା ବହୁ ଶ୍ରମିକଙ୍କ ନାମ ମିଥ୍ୟା ଅଟେ । ଯାହାର ସଂପୂର୍ଣ୍ଣ ତଥ୍ୟ ସୂଚନାଆଇନ୍ ବଳରେ ହସ୍ତଗତ ହୋଇଛି । ସୂଚନା ଆଇନ୍ ବଳରେ ମଗାଯାଇଥିବା ତଥ୍ୟ ଅନୁଯାୟୀ ଯେଉଁ ଶ୍ରମିକ କାମ କରିଥିବା ନେଇ ସୂଚନାରେ ଦର୍ଶାଯାଇଛି ପ୍ରକୃତରେ ସେମାନଙ୍କ ମଧ୍ୟରୁ ବହୁ ଶ୍ରମିକ ବାହାର ରାଜ୍ୟରେ ଯାଇ ଦାଦନ ଖଟୁଛନ୍ତି । ଏବଂ କେତେକ ବ୍ୟକ୍ତି ବ୍ୟବସାୟ କରି ନିଜର ଗୁଜୁରାଣ ମେଣ୍ଟାଉଥିବାବେଳେ ସେ କାମ କରୁଥିବା ନେଇ ମଧ୍ୟ ତାଙ୍କ ନାମ ଶ୍ରମିକମାନଙ୍କ ତାଲିକାରେ ଦର୍ଶାଯାଇଛି । ନାଉକିଆରୀ ହରିଜନସାହି ଠାରୁ ଶଙ୍କରଗୁଣ୍ଡ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ଯେଉଁ ଶ୍ରମିକମାନେ ବାହାର ରାଜ୍ୟରେ ଯାଇ ଦାଦନ ଖଟୁଛନ୍ତି । ସେହି ଶ୍ରମିକମାନେ ଏହି ରାସ୍ତା କାମ କରୁଥିବା ନେଇ ସୂଚନାଆଇନ୍ ବଳରେ ଯେଉଁ ମିଥ୍ୟା ତଥ୍ୟ ଦିଆଯାଇଛି ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେମାନେ ବାହାର ରାଜ୍ୟରେ ଥାଇ ଭିଡିଓ କନଫରେନ୍ସ ମାଧ୍ୟମରେ କାମ କରୁଥିଲେ ବୋଲି କି ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି । ସୂଚନାଆଇନ୍ ବଳରେ ତଥ୍ୟ ଦିଆଯାଇଥିବା କେତେକ ହିତାଧିକାରୀଙ୍କୁ ଯୋଗାଯୋଗ କରିବାରେ ଆମେ କାର୍ଯ୍ୟ କରିବାକୁ ଆଦୌ ଯାଇ ନାହୁଁ । ସେମାନେ କିପରି ଆମ ନାମ ଶ୍ରମିକମାନଙ୍କ ତାଲିକାରେ ଦର୍ଶାଇଛନ୍ତି ବୋଲି ଓଲଟା ପ୍ରଶ୍ନ କରିବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

# ଚିରୁଳେଇ ଗ୍ରାମକୁ ପଞ୍ଚାୟତ ମାନ୍ୟତା ଦାବି



**ଢେଙ୍କାନାଳ,୨୮।୧୧/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ୍ କାବରା ଗ୍ରାମ ପଞ୍ଚାୟତ ଚିରୁଳେଇ ରାଜସ୍ୱ ଗ୍ରାମକୁ ପଞ୍ଚାୟତ ମାନ୍ୟତା ଦେଇ ଗ୍ରାମ ପଞ୍ଚାୟତ ଭାବେ ଘୋଷଣା କରିବା ପାଇଁ ଗ୍ରାମବାସୀମାନେ ଆଜି ଓଡିଶା ସରକାରଙ୍କ ପଞ୍ଚାୟତରାଜ ମନ୍ତ୍ରୀ ରବି ନାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନା ଅନୁସାରେ ପ୍ରାୟ ୪୦୦୦ ଜନସଂଖ୍ୟା ବିଶିଷ୍ଟ ଚିରୁଳେଇ ରାଜସ୍ୱ ଗ୍ରାମଟି ହରଡବେରଣା ,ଚମଦଳ, ଡାହିସାହି ଓ ଜୁଆଙ୍ଗ ସାହି ପଡା ଗ୍ରାମକୁ ନେଇ ଗଠିତ ପ୍ରାୟ ୧୧ ବର୍ଗ କିମି ପରିଧି ମଧ୍ୟରେ ସୀମିତ ଅଛି । ସ୍ୱାଧିନତାର ୭୮ ବର୍ଷ ବିତିଯାଇଥିଲେ ମଧ୍ୟ ପଡା ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ । ପାନୀୟଜଳ ସମସ୍ୟା ଲାଗି ରହିଥିବା ବେଳେ ସ୍ୱାସ୍ଥ୍ୟ ସେବା ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ବ୍ୟବସ୍ଥା ନାହିଁ । ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ବେଳେ ହାତୀ ଓ ବଣ୍ୟଯନ୍ତୁ କବଳିତ ଏହି ଗ୍ରାମଗୁଡିକୁ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ନାହିଁ । ଫଳରେ ଅନେକ ଥର ହାତୀ ଗ୍ରାମ ମଧ୍ୟରେ ପ୍ରବେଶ କରିବାର ନଜିର ରହିଛି । ଏତେ ସବୁ ସମସ୍ୟାର ସମସ୍ୟା ସମାଧାନ ପାଇଁ ସମସ୍ତ ଗ୍ରାମବାସୀମାନେ ବାରମ୍ବାର ବୈଠକ କରି ଗ୍ରାମକୁ ଗ୍ରାମ ପଞ୍ଚାୟତ ମାନ୍ୟତା ଦେବା ପାଇଁ ସହମତି ପ୍ରକାଶ କରିଛନ୍ତି । ଗ୍ରାମ ସଭାପତି ବେଣୁଧର ସାମଲଙ୍କ, ବିଶିଷ୍ଟ ଶ୍ରମିକ ନେତା ଶ୍ରୀନିବାସ ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱରରେ ମନ୍ତ୍ରୀଙ୍କୁ ଭେଟି ପଞ୍ଚାୟତ ପାଇଁ ସମସ୍ତ ଯୋଗ୍ୟତା ରଖୁଥିବା ଚିରୁଳେଇ ରାଜସ୍ୱ ଗ୍ରାମକୁ ପଞ୍ଚାୟତ ମାନ୍ୟତା ପ୍ରଦାନ କରି ଚିରୁଳେଇ ଗ୍ରାମ ପଞ୍ଚାୟତ ଭାବେ ଘୋଷଣା କରିବା ପାଇଁ ନିବେଦନ କରିଛନ୍ତି ।

# ବିରିରେ ଜଉଆ ଓ କାଳିମୁଣ୍ଡି ପୋକ, ଚିନ୍ତାରେ ଚାଷୀ



**ରାଜନଗର,୨୮।୧୧/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ ଧୋୟା ଅଞ୍ଚଳ ଭାବେ ପରିଚିତ ବନ୍ଧପଡା, ଓସ୍ତିଆ, ବେଲପାଳ, ରାଜପୁର ଓ କେରଡାଗଡ ପଞ୍ଚାୟତ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିଲା । ଧାନ ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । କାଁ ଭାଁ ଚାଷୀ ବନ୍ୟା ପରେ ବହୁ କଷ୍ଟରେ ତଳି ସଂଗ୍ରହ କରି ଧାନ ଚାଷ କରିଥିଲେ । ପୁନର୍ବାର ବନ୍ୟା ଆସିବା ଫଳରେ ଚାଷୀଙ୍କର ଆଶା ଭରଷା ଧୋଇ ନେଇଗଲା । ଚାଷୀଟି ରବି ଋତୁରେ ବିରି ବୁଣି ଭଲ ଅମଳ ଆଶା କରିଥିଲା । ବିରି ମଧ୍ୟ ଭଲ ହୋଇଥିଲା । ଏହି ଫସଲରେ ଜଉଆ ଓ କାଳିମୁଣ୍ଡି ପୋକ ଲାଗି ଯାଇଛନ୍ତି । ଏହି ପୋକଗୁଡିକ ପତ୍ରକୁ ଖାଇ ଧଳା ପକାଇ ଦେବା ପରେ ଗଛଗୁଡିକ ପତ୍ରଶୂନ୍ୟ ହୋଇଯାଉଛି । ଯାହାକି ଚାଷୀଙ୍କ ଚିନ୍ତା ବଢାଇ ଦେଇଛି । ଧାନ ଫସଲ ନଷ୍ଟ ହେବାପରେ ଚାଷୀମାନେ ବିରି ଫସଲ କରି ଭଲ ଦି ପଇସା ରୋଜଗାର କରିବ ବୋଲି ଆଶା ବାନ୍ଧିଥିବା ବେଳେ ଜଉଆ ଓ କାଳିମୁଣ୍ଡି ପୋକ ଭରଷା ତୁଟାଇ ଦେଲାଣି । ଏନେଇ ବ୍ଲକ୍ କୃଷି ଅଧିକାରୀ ଦେବବ୍ରତ ସେଠୀଙ୍କୁ ପଚାରିବାରୁ ଏ ଅଭିଯୋଗ ପାଇଛି । ଚାଷୀମାନଙ୍କୁ ଔଷଧ କିଣି ପକାଇବା ପାଇଁ ପରାମର୍ଶ ଦେଇଥିଲି । ମୁଁ ସେଠାକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ପରେ ଯାହାକିଛି ପ୍ରତିକାର କରିବାର ବ୍ୟବସ୍ଥା କରିବି ବୋଲି କହିଛନ୍ତି ।

# ନୂଆଗଡ଼ରେ ପୋଷାକ ବିତରଣ ଉତ୍ସବ

**ଢେଙ୍କାନାଳ,୨୮।୧୧/ଏନ୍‌ଏନ୍‌ଏସ୍:** ଗଁଦିଆ ବ୍ଲକ୍‌ର ଦିଗାମ୍ବରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ନୂଆଗଡରେ ପୋଷାକ ବିତରଣ ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟାନନ୍ଦ ପାଣିଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ସ୍ମାର୍ଟ ଶ୍ରେଣୀ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ବିଜୟ କୁମାର ସାମନ୍ତ, ପୁରାତନ ଛାତ୍ର ସଂସଦ ସଭାପତି ତୁଷାର କାନ୍ତ ବରାଳ , ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ସଭାପତି ହରିହର ସାହୁ ଉପସ୍ଥିତ ହୋଇ ପୋଷାକ ବିତରଣ କରିଥିଲେ । ବିଦ୍ୟାଳୟର ପରିବେଶ କ୍ଲବର ତତ୍ତ୍ୱାବଧାରକ ଅଭୟ କୁମାର ଶତପଥି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିବାଳା ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଶିକ୍ଷୟିତ୍ରୀ ଦିପିକା ପଢ଼ିଆରି ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ ତପସ୍ୱିନୀ ସାହୁ , ଅତିଥି ଶିକ୍ଷକ ଡମ୍ବରୁଧର ସାହୁ ଉପସ୍ଥିତ ଥିଲେ, କର୍ମଚାରୀ ଗୋବର୍ଦ୍ଧନ ବେହେରା ସହଯୋଗ କରିଥିଲେ ।

CAD-2501 **Annexure-II**

**Office of the District Manager**
**Odisha State Civil Supplies Corporation Ltd. (OSCSC)**
**Sundargarh (District)**
**Phone: 94382-00060**
**District Website:https://sundargarh.odisha.gov.in/**
**Tender No. 3925 Dt. 27.11.2025**

District Manager, Odisha State Civil Supplies Corporation Ltd., Sundargarh invites tenders in Double Cover System through **ONLINE MODE ONLY** for the works below :-

| | | |
|---|---|---|
| 1 | Name of the work | Selection and appointment of Level-II Transport Contractor for transportation of food grains under PDS from RRCs to Retail Centres (FPS) for Rajgangpur Block & Rajgangpur MPL under Sundergarh district for the biennial 2025-27. |
| 2 | Availability of bid document in the portal | From Dt. 29.11.2025 |
| 3 | Pre-Bid conference of tenderers | Dt. 02.12.2025 at 11:00 AM<br>Place: Office Chamber of Chief CSO, Sundargarh |
| 4 | Last Date/ Time for receipt of bids in the portal | Dt. 10.12.2025 up-to 05:30 PM |
| 5 | Date/Time of Opening of Technical Bid | Dt. 11.12.2025 at 11:00 AM<br>Place: O/o- ADM (General), Sundargarh |
| 6 | Name and address of the Officer Inviting Tender | District Manager, OSCSC Ltd., Sundargarh |

Tender documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments/ Corrigendum/ Cancellation/ Re-tenders etc. if any shall be published only in above websites.

District Manager,
OSCSC Ltd., Sundargarh

OIPR-07017/11/0011/2526

## AFFIDAVIT

I, Sudhanshu Bala Nayak, W/o- Prafulla Kumar Nayak, resident of ward no-49, Bhubaneswar, Po/Ps- Khandagiri, Dist- Khordha, Pin-751030, Odisha declare by this affidavit No. 54 dtd. 28.11.2025 that now onwards I shall be known as **SUDHANSUBALA NAYAK** for all future purposes.

## AFFIDAVIT

By virtue of an affidavit sworn before the Notary Public, Bhubaneswar vide Sl. No. 874, dt. 10.09.2025, I, Samir Nahak resident of Village/Town - Niladri Vihar, Plot No.343, P.O-. Sailashree Vihar, P.S.- Chandrasekharpur, Bhubaneswar, Dist- Khordha, Pin-751021, Odisha declare that I have changed my name from Samir Nayak to Samir Nahak. Henceforth I shall be known as **Samir Nahak** for all purposes. **Samir Nahak**

## AFFIDAVIT

By virtue of an affidavit sworn before Executive Magistrate Bhadrak, dated 24/11/2025, I Manini Nayak, W/o- Atesh Nayak Address Vill- Kurikana, Po- Sarasada, Ps- Bhandaripokhari, Dist- Bhadrak, declare that I have changed my minor daughter's name from SUSHIL SANGITA NAYAK to SUSHREE SANGEETA NAYAK. Hence forth, she wiil be known as **SUSHREE SANGEETA NAYAK** for all purposes.

**Sd/- Manini Nayak**

## AFFIDAVIT

By virtue of an affidavit sworn before the Notary Public, Bhubaneswar, dtd. 11.02.2025, I, Kuber Kumar Sahoo, S/o- Radha Charan Sahoo, Plot No.121, Sahid Nagar infront of police out post, Bhubaneswar, Ps- Sahid Nagar, Dist-Khordha, Odisha-751007 hereby declare that my minor son name have changed from M.K Laxmi Prasad (old name) to MK Laxmi Prasad Sahoo (new name). Henceforth, he shall be known as MK Laxmi Prasad Sahoo for all purposes. **Sd/- Kuber Kumar Sahoo**

## AFFIDAVIT

By virtue of an affidavit sworn before the EXECUTIVE MAGISTRATE, KEONJHAR, dated 25/11/2025 I, SUJATA NAIK, W/o- Prabhakar Naik of Vill- Satahalia, Po- Jamudalak, Ps- Champua, Dist- Keonjhar, Pin-758041 Declare that I have changed my son's name from PIRANHAU NAIK to PRIYANSU NAIK. Hence forth, he shall be known as **PRIYANSU NAIK** for all purposes. **SUJATA NAIK**

**ପୂର୍ବ ତଟ ରେଳପଥ**
**ଇ-କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ.MCS/Stores/Tender Notice/PP/RMPU/392, ତା.24.11.2025ରିଖ

**କ୍ରମ ସଂ.1:** ଟେଣ୍ଡର ସଂ. **92256018**, ବିବରଣୀ : **LHB EOG** କୋଚ୍‌ଗୁଡ଼ିକ ନିମନ୍ତେ ରୁଫ୍ ମାଉଣ୍ଟେଡ୍ ଏସି ପ୍ୟାକେଜ୍ ୟୁନିଟ୍ (RMPU) ଟାଇପ୍-I ର ଯୋଗାଣ, ପରିମାଣ : **10** ସେଟ୍ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.**22.12.2025** ରିଖ **1500** ଘଟିକାରେ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ ।

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ,
ରେଳ ଡବା ମରାମତି କାରଖାନା,
ମଞ୍ଚେଶ୍ୱର

PR-842/Q/25-26

**AN INVESTOR EDUCATION AND AWARENESS INITIATIVE**

Do join us to learn more about Mutual Funds.

**Date and Venue:**

Wednesday, 3rd December 2025; 6:00 p.m. onwards.
at Hotel Hindustan International, A-112, Janpath, Unit – 3, Kharvel Nagar, Kharabela Nagar, Bhubaneshwar - 751 001, Orissa.
For registration, please contact: Mitali Maharana, Mobile : 89081 20343.
Registration is compulsory. The registration time will be from 9:30 a.m. to 5:00 p.m.
No walk-ins will be allowed.

HDFC MUTUAL FUND
BHAROSA APNO KA
An Investor Education and Awareness Initiative

Visit https://www.hdfcfund.com/information/key-know-how to know more about the process to complete a one-time Know Your Customer (KYC) requirement to invest in Mutual Funds. Investors should only deal with registered Mutual Funds, details of which can be verified on the SEBI website (www.sebi.gov.in/intermediaries.html). For any queries, complaints & grievance redressal, investors may reach out to the AMCs and / or Investor Relations Officers. Additionally, investors may also lodge complaints directly with the AMCs. If they are not satisfied with the resolutions given by AMCs, they may raise complaint through the SCORES portal on https://scores.sebi.gov.in. SCORES portal facilitates investors to lodge complaint online with SEBI and subsequently view its status. In case the investor is not satisfied with the resolution of the complaints raised directly with the AMCs or through the SCORES portal, they may file any complaint on the Smart ODR on https://smartodr.in/login.

**Mutual Fund investments are subject to market risks, read all scheme related documents carefully.**

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୨୨୨୨୫/ଭୁ.ଉ.କ.,ଭୁବନେଶ୍ୱର ତା.୧୩.୧୧.୨୦୨୫ରିଖ
EB-V-262/78

**ସୂଚନା**

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରଗଡ ହାଉସିଂ ସ୍କିମ୍, ବରଗଡ, ଭୁବେଶ୍ୱର ଅନ୍ତର୍ଗତ ଗୃହ ନଂ- EB-140 କୁ ଜ୍ୟୋସ୍ନାପ୍ରଭା ମହାପାତ୍ର, ସ୍ୱାମୀ-ସୁଦର୍ଶନ ମହାପାତ୍ର, ଗ୍ରାମ-ବେଣ୍ଣପୁର, ପୋଷ୍ଟ-ଚଷାପଡ଼ା, ଥାନା-ବାଲିକୁଦା, ଜିଲ୍ଲା-ଜଗତସିଂହପୁର ଆବଣ୍ଟନ କରାଯାଇଅଛି । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଜ୍ୟୋସ୍ନାପ୍ରଭା ମହାପାତ୍ର ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ରୋଜି ଦାସ, ସ୍ୱାମୀ-ଅନିଲ କୁମାର ଦାସ, ରଘୁପତି ନଗର, ତୃତୀୟ ଗଳି, ଫାଷ୍ଟ ଗେଟ୍, ଦିଗପହଣ୍ଡି ରୋଡ୍, ବ୍ରହ୍ମପୁର, ଜିଲ୍ଲା-ଗଞ୍ଜାମ, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା/-ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0400/2526 CAD-2494

# ଖୋର୍ଦ୍ଧା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ



**ଖୋର୍ଦ୍ଧା,୨୮।୧୧/ଏନ୍‌ଏନ୍‌ଏସ୍:** ରାଜ୍ୟ ସାମ୍ବାଦିକ ସଂଘ ଅଧିନରେ ପରିଚାଳିତ ଖୋର୍ଦ୍ଧା ଜିଲ୍ଲା ଶାଖାର ବାର୍ଷିକ ଉତ୍ସବ ବିଜେବି ହାଇସ୍କୁଲ ନିକଟ ଶ୍ୟାମା ମାଧବ ବାସନ୍ତୀ ଦେବୀ ମେମୋରିଆଲ ପାଠାଗାରରେ ସମାରୋହରେ ପାଳିତ ହୋଇଯାଇଛି । ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ସଦସ୍ୟଙ୍କ ସମେତ ଯାଜପୁର, କଟକ, ନୟାଗଡ଼, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନେ ଯୋଗଦେଇଥିଲେ ।

ଉତ୍ସବରେ ଅତିଥି ଭାବେ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଅଭିଶେଷ ସିଂହସାମନ୍ତ, ସମାଜସେବୀ ସଞ୍ଜୟ କୁମାର ପଟ୍ଟନାୟକ, ଅଜିତ୍ କୁମାର ସାମନ୍ତରାୟ ଯୋଗଦେଇ ସମାଜର ୪ର୍ଥ ସ୍ତମ୍ଭ ସାମ୍ବାଦିକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟନିଷ୍ଠାକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଅତିଥି ଭାବେ ରାଜ୍ୟ ସାମ୍ବାଦିକ ସଂଘ ଓଡ଼ିଶା ପ୍ରାନ୍ତର ସଭାପତି କୈଳାସ ଚନ୍ଦ୍ର ନାୟକ ଯୋଗଦେଇ ସାମ୍ବାଦିକମାନଙ୍କ ସୁରକ୍ଷା, ପେନସନ ଓ ବୀମାରାଶି ବୃଦ୍ଧି ସମ୍ପର୍କରେ ରାଜ୍ୟ ସରକାରଙ୍କ ସହ କରାଯାଇଥିବା ଆଲୋଚନା ସମ୍ପର୍କରେ ବିଭିନ୍ନ ଉପାଦେୟ କଥା ରଖିଥିଲେ । ଉତ୍ସବରେ ଜିଲ୍ଲାର ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ ମହାନ୍ତି ବାର୍ଷିକ ବିବରଣୀ ପାଠ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ବିଭିନ୍ନ ଜିଲ୍ଲାରୁ ଆସିଥିବା ସଭାପତିମାନେ ନିଜର ଅଭିଜ୍ଞତା ସମ୍ପର୍କରେ ଉପସ୍ଥିତ ସାମ୍ବାଦିକମାନଙ୍କୁ ଅବଗତ କରାଇଥିଲେ । ଜାତୀୟ ସାଧାରଣ ସମ୍ପାଦକ ଡ଼.ଚିନ୍ତାମଣୀ ପାଢୀ, ରାଜ୍ୟ କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ଗଗନ ବିହାରୀ ସାହୁ, ରାଜ୍ୟ ଯୋଗାଯୋଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଶଶିଭୁଷଣ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଜିଲ୍ଲା ସଂଗଠନକୁ ମଜଭୁତ କରିବା ପାଇଁ ବିଭିନ୍ନ କଥାବସ୍ତୁ ରଖିଥିଲେ । ଜିଲ୍ଲା କାର୍ଯ୍ୟକାରୀ ସଭାପତି ଗୋବିନ୍ଦଚନ୍ଦ୍ର ପଣ୍ଡା ସଭା ପରିଚାଳନା କରିଥିବାବେଳେ ଖୋର୍ଦ୍ଧା ଜିଲ୍ଲା ସଂଘର କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ମହାନ୍ତି ଧନ୍ୟବାଦ୍ ଦେଇଥିଲେ ।

## ପ୍ରଥମ ପୃଷ୍ଠାରୁ

### କୃଷି, ସାମାଜିକ କ୍ଷେତ୍ର ...

ନବୀକରଣ ପାଇଁ ୨୩ କୋଟି ଟଙ୍କା ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏଫ୍‌ଆରବିଏମ୍ ଆକ୍ଟର ଅନୁପାଳନ କରାଯାଇଛି । ସଞ୍ଚୟ କିମ୍ବା ସମର୍ପଣ ଆକାରରେ ଅତିରିକ୍ତ ସମ୍ବଳ ବ୍ୟବସ୍ଥା କରାଯାଇଛି । ଏହି ଅତିରିକ୍ତ ବଜେଟ୍ ସହିତ ରାଜସ୍ୱ ବଳକା ସ୍ଥିତି ବଜାୟ ରହିବା ସହ ବିତ୍ତୀୟ ନିଅଣ୍ଟକୁ ଏଫ୍‌ଆର୍‌ବିଏମ୍‌ର ୩% ମଧ୍ୟରେ ସୀମିତ ରହିବ ଏବଂ ବର୍ଷ ଶେଷରେ ଋଣ-ଜିଏସ୍‌ଡିପିର ଅନୁପାତକୁ ୨୫% ମଧ୍ୟରେ ବଜାୟ ରହିବା ପାଇଁ ଆକଳନ କରାଯାଇଛି । ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ଋଣ-ଜିଏସ୍‌ଡିପିର ଅନୁପାତ ୧୧.୯% ଏବଂ ସୁଧ ଦେୟ-ରାଜସ୍ୱ ପ୍ରାପ୍ତିର ଅନୁପାତ ୨.୨% ରହିଛି । ଅତିରିକ୍ତ ବ୍ୟବସ୍ଥା ସହିତ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପୁଞ୍ଜି ବ୍ୟୟବରାଦ ଜିଏସ୍‌ଡିପିର ୬ ପ୍ରତିଶତରୁ ଅଧିକ ହେବ । ଏହା ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ଏବଂ ଏଥିସହିତ ରାଜ୍ୟ ବିଭିନ୍ନ ବିକାଶମୂଳକ ଏବଂ କଲ୍ୟାଣମୂଳକ କାର୍ଯ୍ୟକ୍ରମକୁ ଆଗକୁ ନେବାରେ ସକ୍ଷମ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଅତିରିକ୍ତ ବଜେଟ୍ ଆଗତ ପରେ ବାଚସ୍ପତି ସୁରମା ପାଢ଼ୀ ଶନିବାର ସାଢ଼େ ଦଶ ପର୍ଯ୍ୟନ୍ତ ଗୃହକୁ ମୁଲତବି କରିଥିଲେ ।

### ୨ୟ ତ୍ରୈମାସରେ ଅଭିବୃଦ୍ଧି ...

ବୃଦ୍ଧି କରିଛି । ପ୍ରକାଶ, ୨୦୧୩-୧୪ରେ ଭାରତ ଜିଡିପି ଆଧାରରେ ୧୧ତମ ସ୍ଥାନରେ ଥିଲା କିନ୍ତୁ ବର୍ତ୍ତମାନ ଭାରତ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି ସାଜିଛି । ଗତ ଦଶନ୍ଧିରେ ଭାରତ ଆର୍ଥିକ ଆକାର ଦୃଷ୍ଟିରୁ ଅନେକ ଦେଶକୁ ପଛରେ ପକାଇଛି । ଅନ୍ୟପକ୍ଷେ ଭାରତକୁ ଏହି ସ୍ଥିତାବସ୍ଥା ବଜାୟ ରଖିବାକୁ ହେଲେ ବର୍ତ୍ତମାନ ପ୍ରତି ମୁଣ୍ଡପିଛା ଆୟ ଦୃଷ୍ଟିରୁ ପ୍ରଗତି ଜାରି ରଖିବାକୁ ପଡିବ । ବିଶ୍ଳେଷକଙ୍କ ମତରେ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ସ୍ୱପ୍ନ ବା ଦୃଷ୍ଟିକୋଣକୁ ସାକାର କରିବା ପାଇଁ, ଭାରତକୁ ପ୍ରାୟ ଏକ କିମ୍ବା ଦୁଇ ଦଶନ୍ଧି ପାଇଁ ସ୍ଥିର ମୂଲ୍ୟରେ ହାରାହାରି ପ୍ରାୟ ୮% ଅଭିବୃଦ୍ଧି ହାର ହାସଲ କରିବାକୁ ପଡିବ ବୋଲି ଚଳିତ ବର୍ଷ ଜାନୁଆରୀ ୩୧ ତାରିଖରେ ଉପସ୍ଥାପିତ ୨୦୨୪-୨୫ ପାଇଁ ଅର୍ଥନୈତିକ ସର୍ଭେ ରିପୋର୍ଟରେ କୁହାଯାଇଥିଲା ।

### ବଢ଼ିଲା ମାଓ ଆତ୍ମସମର୍ପଣ ...

ଜୋନାଲ କମିଟି ସଦସ୍ୟ ଆତ୍ମସମର୍ପଣ କଲେ ୫୫ଲକ୍ଷ ଟଙ୍କା ମିଳିବ ବୋଲି ସରକାର ଘୋଷଣା କରିଛନ୍ତି । ରିଜିଓନାଲ୍ କମିଟି ସଦସ୍ୟଙ୍କୁ ୩୩ଲକ୍ଷ, ଡିଜିଜନାଲ କମିଟି ସଦସ୍ୟଙ୍କୁ ୨୭.୫ଲକ୍ଷ ଟଙ୍କା ଓ ଡିଭିଜନାଲ କମିଟି ମେମ୍ବର ଆତ୍ମସମର୍ପଣ କଲେ ୨୨ଲକ୍ଷ ଟଙ୍କା ମିଳିବ । ଅସ୍ତ୍ରଶସ୍ତ୍ର ଛାଡି ମାଓବାଦୀଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ପାଇଁ ଲକ୍ଷ୍ୟ ରଖିଛନ୍ତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର । ଏନେଇ ଆତ୍ମସମର୍ପଣ ରାଶିକୁ ବୃଦ୍ଧି କରାଯାଇଛି ।

### ଦୁର୍ଘଟଣାରେ ୩ ଯୁବକ ...

ଅଞ୍ଚଳର ଏକ ହୋଟେଲର କର୍ମଚାରୀ ବୋଲି ଜଣାପଡ଼ିଛି । ସ୍କୁଟି ଯୋଗେ ସମ୍ପୃକ୍ତ ୩ଜଣ ଢେଙ୍କାନାଳରୁ ଚୌଦ୍ୱାର ଯାଉଥିବା ବେଳେ ପଛପଟୁ କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଯାଇଥିବା ଜଣାପଡ଼ିଛି । ଗୋବିନ୍ଦପୁର ଫାଣ୍ଡି ପୁଲିସ ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରି ତଦନ୍ତଚଳାଇଛି । ସେହିପରି ଗତକାଲି ବିଳମ୍ବିତ ରାତିରେ ସଦର ଥାନା ପଞ୍ଚୁବଟୀ ଠାରେ ଆଉ ଏକ ବାଇକକୁ ଅଜଣା ଟ୍ରକ ଧକ୍କା ଦେବା ଫଳରେ ବାଇକ ଆରୋହୀ ସଦର ଥାନା ସଦାଶିବପୁର ଗ୍ରାମର ଜଙ୍ଘଶ ମିଶ୍ରଙ୍କ ମୃତ୍ୟୁ ହୋଇଛି ।

### ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲିବା ...

ଥିବା ସହ ଖଣ୍ଡୋଲାଇଟ୍ ପଥର ଲଗା କାମ ବାକି ଥିବା ଦର୍ଶାଇଛନ୍ତି । ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିର ପରିସର ଉଦ୍ୟାନଗୁଡିକ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ସଫେଇ ଏବଂ ଉନ୍ନତିକରଣ ଜରୁରୀ ଥିବା ବରିଷ୍ଠ ସୁପରଭାଇଜର୍ ରିପୋର୍ଟ ଦେଇଛନ୍ତି । ଏହାକୁ ବିଚାରକୁ ନେଇ ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲାଯିବା ନିଷ୍ପତ୍ତିକୁ ପରବର୍ତ୍ତୀ ଆଦେଶ ଯାଏଁ ସ୍ଥଗିତ ରଖିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ଼ ଅରବିନ୍ଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି ।

### ବିଶ୍ୱର ସର୍ବୋଚ୍ଚ 'ରାମ' ...

ସାହାଯ୍ୟ କରିବା । ପ୍ରଧାନମନ୍ତ୍ରୀ ଏଠାରେ ରାମାୟଣ ଉପରେ ଆଧାରିତ ଏକ ଥିମ୍ ପାର୍କ ମଧ୍ୟ ଉଦଘାଟନ କରିଥିଲେ ଏବଂ କହିଥିଲେ ଯେ ନୂତନ ସଂଯୋଜିତଗୁଡ଼ିକ ଆଗାମୀ ପିଢ଼ି ପାଇଁ ଧ୍ୟାନ, ପ୍ରେରଣା ଏବଂ ଭକ୍ତିର ସ୍ଥାୟୀ କେନ୍ଦ୍ର ହେବ ।

କାର୍ଯ୍ୟକ୍ରମରେ ଗୋଆ ରାଜ୍ୟପାଳ ଅଶୋକ ଗଜପତି ରାଜୁ, ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଏବଂ ମଠର ଶ୍ରୀମଦ୍ ବିଦ୍ୟାଧୀଶ ତୀର୍ଥ ସ୍ୱାମୀ ଉପସ୍ଥିତ ଥିଲେ । ପ୍ରସିଦ୍ଧ ମୂର୍ତ୍ତିକାର ରାମ ସୁତାର ଏହି ରାମ ପ୍ରତିମାକୁ ନିର୍ମାଣ କରିଛନ୍ତି । ଗୁଜରାଟର ଷ୍ଟାଚ୍ୟୁ ଅଫ୍ ୟୁନିଟି (ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ମୂର୍ତ୍ତି)କୁ ମଧ୍ୟ ସେ ନିର୍ମାଣ କରିଛନ୍ତି । ପ୍ରକାଶ, ଶ୍ରୀ ସଂସ୍ଥାନ ଗୋକର୍ଣ୍ଣ ଜୀବୋତ୍ତମ ମଠ ଭାରତର ସର୍ବପୁରାତନ ମଠ ପ୍ରତିଷ୍ଠାନ ମଧ୍ୟରୁ ଏକ, ଯାହା ଏହାର ଆଧାତ୍ମିକ, ସାଂସ୍କୃତିକ ଏବଂ ସାମାଜିକ ଅବଦାନ ପାଇଁ ଜଣାଶୁଣା ଏବଂ ସାରସ୍ୱତ ସମ୍ପ୍ରଦାୟରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି ।

# ଜାପାନ ଆଇଟି କମ୍ପାନୀରେ ନିଯୁକ୍ତି ପାଇଲେ ଚନ୍ଦ୍ରଶେଖର ଏକାଡେମୀର ୨ ଛାତ୍ର





**ପୁରୀ ସଦର,୨୮।୧୧/ଏନ୍‌ଏନ୍‌ଏସ୍:** ଜାପାନର ଆଇଟି କମ୍ପାନିରେ ନିଯୁକ୍ତି ପାଇଛନ୍ତି ପୁରୀ କୋଣାର୍କ ମେରାଇନ ଡ୍ରାଇଭି ରୋଡସ୍ଥିତ ଚନ୍ଦ୍ରଶେଖର ଏକାଡେମୀର ୨ ଛାତ୍ର । ସେମାନେ ଡିସେମ୍ବର ୨ ତାରିଖରେ ଜାପାନ ଯିବେ । ଲଗାତାର ୨ ବର୍ଷ ଧରି ଦୁଇ ଛାତ୍ର ଜାପାନ ଭାଷା ସହିତ ଆଇଟି ପାଠ୍ୟକ୍ରମ ଅଧ୍ୟୟନ କରୁଥିଲେ । ସେମାନଙ୍କୁ ଜାପାନର ଏକ ଆଇଟି କମ୍ପାନୀ ମନୋନୀତ କରିଥିବା ଏକାଡେମୀର ଚେୟାର ମ୍ୟାନ ତଥା ଇଣ୍ଡିଆ- ଜାପାନ ଫ୍ରେଣ୍ଡ୍ ସିପ ସେଣ୍ଟର ସଭାପତି ଶ୍ରୀମନ୍ତ କୁମାର ଦାଶ ସୂଚନା ଦେଇଛନ୍ତି । ଦୁଇ ଛାତ୍ର ହେଲେ ରାକେଶ କୁମାର ବେହେରା ଓ ପ୍ରକାଶ ଚନ୍ଦ୍ର ବରାଳ । ଏହାକୁ ନେଇ ଏକାଡେମୀ ସମେତ ପୁରୀ ସହରରେ ଖୁସିର ଲହରି ଖେଳିଯାଇଛି । ଏହି ୨ ଛାତ୍ରଙ୍କ କୃତିତ୍ୱ ଯୋଗୁଁ ଏକାଡେମୀ ଆଜି ଗର୍ବିତ ବୋଲି ଶ୍ରୀ ଦାଶ ମତବ୍ୟକ୍ତ କରିଛନ୍ତି । ଏନେଇ ରାକେଶ କୁହନ୍ତି, ଯାଜପୁରରୁ ଆସି ପୁରୀରେ ରହିବା ପରେ ଚନ୍ଦ୍ରଶେଖର ଏକାଡେମୀରେ ଗରିବ ଓ ମେଧାବୀ ପିଲାମାନଙ୍କୁ ଜାପାନ ଭାଷା ଓ ଆଇଟି ଶିକ୍ଷା ଲାଭ କରିବା ପରେ ଜାପାନ କମ୍ପାନୀରେ ନିଯୁକ୍ତି ମିଳୁଥିବା ଶୁଣିଥିଲି । ସେହି ଆଶା ନେଇ ଏକାଡେମୀରେ ୨ ବର୍ଷ ଧରି ଅଧ୍ୟୟନ କରିବା ପରେ ଆଜି ମୋ ଲକ୍ଷ୍ୟ ପୂରଣ ହୋଇଛି । ଅନୁଷ୍ଠାନ ନିକଟରେ ମୁଁ ଚିର ଋଣୀ ରହିବି ବୋଲି କହିଛନ୍ତି ରାକେଶ । ସେହିପରି ପ୍ରକାଶ କୁହନ୍ତି ଗ୍ରାମାଞ୍ଚଳରୁ ଆସି ମୁଁ ଆଜି ଜାପାନ କମ୍ପାନୀରେ ଚାକିରି ମିଳିବା ଭାଗ୍ୟର କଥା । ଏକାଡେମୀ ଯୋଗୁ ଆଜି ତାହା ସମ୍ଭବ ହୋଇପାରିଛି । ଏହି ଅବସରରେ ଜାପାନ, ତୋତରୀ ସରକାରଙ୍କ ବାଣିଜ୍ୟ ପରାମର୍ଶଦାତା ତଥା ପୁରୀ ସିଟି ବ୍ରାଣ୍ଡ୍ ଆମ୍ବାସାଡ଼ର କୁନା ଦାଶ ନିଯୁକ୍ତି ପାଇଥିବା ଦୁଇ ଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସୂଚନାଯୋଗ୍ୟ, ଗତ ୫ ବର୍ଷ ମଧ୍ୟରେ ଏକାଡେମୀରୁ ୨୫ରୁ ଅଧିକ ଛାତ୍ର ଜାପାନରେ ନିଯୁକ୍ତି ପାଇଛନ୍ତି ।

# ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ଅଭିଯାନ



**ଚାରିଛକ,୨୮।୧୧/ଏନ୍‌ଏନ୍‌ଏସ୍:** ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଚାରିଛକ, ପୁରୀ ଆନୁକୂଲ୍ୟରେ 'ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ଅଭିଯାନ -୨୦୨୫ 'ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ର ଏହି ଅଭିଯାନର ଶୁଭାରମ୍ଭ କରି ମାଦକ ଦ୍ରବ୍ୟର କୁପରିଣାମ ସମ୍ପର୍କରେ ସମୁଦାୟ ସମାଜକୁ ସଚେତନ କରାଇବା ଏକ ବିରାଟ ଆହ୍ୱାନ ଏବଂ ଏହି ଆହ୍ୱାନର ସଠିକ ମୁକାବିଲା ଉପରେ ନିର୍ଭର କରେ ମାନବ ସମାଜର ଭବିଷ୍ୟତ ବୋଲି ଅଭିହିତ କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡକ୍ଟର ଅଭିନନ୍ଦନ ମହାପାତ୍ର, ଡକ୍ଟର ମନୋରଞ୍ଜନ ମହାପାତ୍ର ଓ ଡକ୍ଟର ମିତାଲି ମୁଧୁସ୍ମିତା ପ୍ରଧାନ ଯୋଗଦେଇ ଛାତ୍ରୀମାନଙ୍କୁ ନିଶା ସେବନର କୁପରିଣାମ ଏବଂ ତାର ନିରାକରଣ ଉପରେ ସଚେତନ କରାଇବା ସହ ଶିକ୍ଷାନୁଷ୍ଠାନକୁ ତମାଖୁମୁକ୍ତ ରଖିବା ପାଇଁ ଆହ୍ୱାନ ରଖିଥିଲେ । ଏହି ଅଭିଯାନ ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସଂସ୍କୃତ ବିଭାଗ ଅଧ୍ୟାପକ ଶ୍ରୀମାନ ଜୀବନ ଦାଶ କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ସମସ୍ତଙ୍କୁ 'ତମାଖୁମୁକ୍ତ ସମାଜ ଗଢ଼ିବା' ପାଇଁ ସଂକଳ୍ପ ପାଠ କରାଇଥିଲେ । କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପ୍ରସାରଣ ଅଧିକାରୀ ସଂଯୁକ୍ତା ପାତ୍ର, ମହାବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ କାନନବାଳା ନନ୍ଦ, ଶିକ୍ଷା ବିଭାଗ ମୁଖ୍ୟ ଡ଼ଃ ଶ୍ରିଲେଖା ନାୟକ, ଇତିହାସ ବିଭାଗ ମୁଖ୍ୟ ମେଜର ପୁଷ୍ପଲତା ଦତ୍ତ, ଓଡିଆ ବିଭାଗ ମୁଖ୍ୟ ଡ଼ଃ ଶର୍ମିଷ୍ଠାରାଣୀ ମହାନ୍ତି, ବରିଷ୍ଠ ଅଧ୍ୟାପିକା ଇତିଶ୍ରୀ ସାହୁ, ଅଧ୍ୟାପିକା କଲ୍ୟାଣୀ ସ୍ୱାଇଁ ଅଧ୍ୟାପକ ସୁରେଶ ଚନ୍ଦ୍ର କର ପ୍ରଭୃତି ଉପସ୍ଥିତ ରହି ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ । ଛାତ୍ରୀମାନଙ୍କ ମଧ୍ୟରେ ନିଶା ନିବାରଣ ଉପରେ ଏକ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଇଂରାଜୀ ବିଭାଗ ଅଧ୍ୟାପିକା ସଙ୍ଗୀତା ଦାଶ ଧନ୍ୟବାଦ୍ ଦେଇଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ରହି 'ନିଶାକୁ ନା, ଜୀବନକୁ ହଁ' ବୋଲି ଶପଥ ନେଇଥିଲେ ।

# ରାଜ୍ୟସ୍ତରୀୟ ସାରସ୍ୱତ ଉତ୍ସବ



**କୁଆଁପାଳ,୨୮।୧୧/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଞ୍ଚାୟତର ପାଣ୍ଡିଆ ଗ୍ରାମସ୍ଥିତ ବୃନ୍ଦାବନ ନିବାସ ଠାରେ ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱର ସାହିତ୍ୟ ସଂସଦ, ପାଣ୍ଡିଆ, ଭଦ୍ରେଶ୍ୱର, କଟକ ତରଫରୁ ୩୩ତମ ସାରସ୍ୱତ ସମାରୋହ ଓ ଅନ୍ନପୂର୍ଣ୍ଣା ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ କବିତା ପାଠୋତ୍ସବ, ସାହିତ୍ୟ ଆଲୋଚନା, କଞ୍ଜକଳିକା ଲୋକାର୍ପଣ,ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ଘାଟିକା ଭାବେ ଭଦ୍ରେଶ୍ୱର ଥାନା ଅଧିକାରିଣୀ ସନ୍ଧ୍ୟାରାଣୀ ସିଂହ ଯୋଗଦେଇ ସାହିତ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ବିଦ୍ୟୁଲତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପ୍ରାଧ୍ୟାପକ ବିରୁପାକ୍ଷ ରାୟ, ଅଧ୍ୟାପକ ଉମାକାନ୍ତ ପ୍ରଧାନ,ପ୍ରବାଚକ ଶରତ ଚନ୍ଦ୍ର ରଥ, ବିପିନିବିହାରୀ କର ପ୍ରମୁଖ ଯୋଗଦେଇଥିଲା ବେଳେ ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତିର ସମ୍ପାଦକ ଗୌତମ ଚରଣ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ସର୍ବଶ୍ରୀ ପ୍ରଫୁଲ୍ଲ କୁମାର ସାହୁ, ବିଜୟ କୁଅଁର, କଲ୍ଲୋଳ ଚନ୍ଦ୍ର ମହାନ୍ତି, କୁଳମଣି ସାହୁ, ଅଜିତ୍ କୁମାର ସାହୁ, ଅମୀୟ କୁମାର ବରାଳ, ସୁଶାନ୍ତ କୁମାର ନାୟକ, ରାମଚନ୍ଦ୍ର ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଦ୍ୱିତୀୟ ଅଧିବେସନ ଆଲୋଚନାଚକ୍ର କବି ଭକ୍ତଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶାସନ ସଚିବ ଡକ୍ଟର ଉପେନ୍ଦ୍ର ନାଥ ବେହେରା, ବିଶିଷ୍ଟ ଅତିଥିଭାବେ ଶରତକର ଓ ଅନିମା କର ଫାଉଣ୍ଡେସନର ଅଧ୍ୟକ୍ଷ ଶୋଭନ କର, ମୁଖ୍ୟବକ୍ତା ଭାବେ ପଣ୍ଡିତ ହୃଷିକେଶ ରଥ, ସମ୍ମାନିତ ଅତିଥି ଭାବେ ନିର୍ଭୀକ ପତ୍ରିକାର ସମ୍ପାଦକ ଅବନି ଚନ୍ଦ୍ର ଦାସ, ଅଧ୍ୟାପକ ଡକ୍ଟର ନିଖିଳେଶ ମହାନ୍ତି, ଉତ୍କଳ ସାହିତ୍ୟ ସମାଜ ସମ୍ପାଦକ ରାଜିବ୍ ଷଡ଼ଙ୍ଗୀ, ଡଃ. ଏକାଦଶୀ ପ୍ରଧାନ, ଶ୍ରୀକାନ୍ତ ମିଶ୍ର, ଉତ୍କଳ ସାହିତ୍ୟ ସମାଜର ସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ପ୍ରମୁଖ ଯୋଗଦେଇ ରାଜକିଶୋର ମିଶ୍ରଙ୍କ ଉଦ୍ୟମକୁ ପ୍ରଶଂଶା କରିଥିଲେ । ଓଡ଼ିଆରେ ପଢ଼, ଲେଖ ତେବେ ଓଡ଼ିଆ ଭାଷାସାହିତ୍ୟର ଉନ୍ନତି ସମ୍ଭବ ହୋଇପାରିବ ବୋଲି ମତ ଦେବା ସହ ସ୍ୱର୍ଗତ ଅନ୍ନପୂର୍ଣ୍ଣା ମିଶ୍ରଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ପ୍ରମୋଦ କୁମାର ନାୟକ ଅତିଥିପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମାନସ ପ୍ରଧାନ,ଶ୍ରୀଧରଶେଖର ମହାପାତ୍ର, ସୁବାଷ ଚନ୍ଦ୍ର ମହାନ୍ତି, ଚୌ.ଜ୍ଞାନରଂଜନ ପ୍ରହରାଜ, ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ସମେତ ବହୁ ସାହିତ୍ୟିକ ଓ କବି ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଅତିଥିମାନେ ସଂସଦର ମୁଖପତ୍ର 'କୁଞ୍ଜକଳିକା', କବି ସଦାଶିବ ଦାସଙ୍କ ରଚିତ 'ନବଦିଗନ୍ତ' ଓ ପ୍ରବନ୍ଧ 'ଶାନ୍ତିର ପଥ' ଲୋକାର୍ପଣ କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଅମିୟ ବରାଳ, ଶୀତିକଣ୍ଠ ରାୟ, ନିହାରିକା ବଳ, ବିଶ୍ୱରଞ୍ଜନ କର, ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀ, ଅନନ୍ତ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ନଳିନୀକାନ୍ତ ମିଶ୍ର, ପ୍ରଶାନ୍ତ ମିଶ୍ର, ସୁମନ୍ତ କୁମାର ମିଶ୍ର ଓ ପରିବାର ବର୍ଗ ସହଯୋଗ କରିଥିଲେ । ରାଜକିଶୋର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲାବେଳେ କବି ପ୍ରଫୁଲ୍ଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୪୦ ହାଇୱା ଜବତ, ୧୩ ଲକ୍ଷ ୨୫ ହଜାର ଜୋରିମାନା



**ଆଠଗଡ଼,୨୮।୧୧/ଏନ୍‌ଏନ୍‌ଏସ୍:** ଆକ୍ସନ ମୁଡ୍‌ରେ ଆଠଗଡ଼ ପ୍ରଶାସନ । ଗୋଟିଏ ରାତିରେ ୪୦ ହାଇୱା ଜବତ କରି ୧୩ ଲକ୍ଷ ୨୫ ହଜାର ଜୋରିମାନା କରାଯାଇଛି । ଏଠାରେ ପ୍ରକାଶ ଯୋଗ୍ୟ ଆଠଗଡ଼ ଦେଇ ପ୍ରତିଦିନ ଅବାଧ ଚାଲାଣ ହେଉଥିଲା ଲଘୁ ଖଣିଜ ପଦାର୍ଥ । ବାଲି ମୋରମ୍‌ଠାରୁ ଆରମ୍ଭ କରି କଳା ମେଣ୍ଟାଲ ଏବଂ ଚିପ୍ସ ହାଇୱା ମାଧ୍ୟମରେ ଜିଲ୍ଲା ତଥା ଜିଲ୍ଲା ବାହାରକୁ ଅବାଧ ଚୋରା ଚାଲାଣ ହେଉଥିଲା । ଏ ବାବଦରେ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରଣ ହେବା ପରେ ମଧ୍ୟ ଆଠଗଡ଼ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିଲା । ଏସବୁ ଖଣି ବିଭାଗର କାମ କହି ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ଝାଡ଼ି ଝୁଡ଼ି ହୋଇ ବସି ଯାଉଥିଲା । କିନ୍ତୁ ଗତକାଲି ରାତିରେ ହଠାତ୍ ଆକ୍ସନ ମୁଡ୍‌ରେ ଆସିଲା ଆଠଗଡ଼ ପ୍ରଶାସନ । ଆଠଗଡ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ନେତୃତ୍ୱରେ ୨୦ ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୪୦ ଟି ହାଇୱା ଜବତ କରିଛି । ସବୁଥିରେ ଚିପ୍ସ, କ୍ରସର ଗୁଣ୍ଡ ଭଳି ଲଘୁ ଖଣିଜ ପଦାର୍ଥ ରହିଥିଲା । କିଛି ଗାଡ଼ିର କାଗଜପତ୍ରଠାରୁ ଆରମ୍ଭ କରି ଚାଲାଣ କାଗଜ ଓ୍ୱାଇ ଫର୍ମ ଥିବା ବେଳେ ସବୁଥିରେ କିନ୍ତୁ ଗାଡ଼ିର କ୍ଷମତାଠାରୁ ଅଧିକ ବୋଝେଇ ହୋଇଥିଲା । ପ୍ରଶାସନ ପକ୍ଷରୁ ସବୁ ଗାଡ଼ିକୁ ମହୋତ୍ସବ ପଡ଼ିଆକୁ ଆଣି ପରିବହନ ବିଭାଗ ଏବଂ ଖଣି ବିଭାଗକୁ ଖବର ଦେଇଥିଲା । ପରିବହନ ବିଭାଗ ପକ୍ଷରୁ ଇନ୍‌ସପେକ୍ଟର ରଞ୍ଜନ କୁମାର ଦୋରା ଗାଡ଼ିଗୁଡ଼ିକୁ ଯାଞ୍ଚ କରି ୩ଟି ଗାଡ଼ିର କାଗଜପତ୍ର ଠିକ୍ ଥିବାରୁ ସେଗୁଡ଼ିକ ଛାଡି ଦେଇଥିଲା । ବାକି ୩୩ଟି ଗାଡ଼ିରୁ ସମୁଦାୟ ୧୩୨୫୮୨୪ ଟଙ୍କା ଜୋରିମାନା ଭାବରେ ଚାଲାଣ କଟାଯାଇଛି । ଏଗୁଡ଼ିକ ମଧ୍ୟରୁ ଗୋଟିଏ ଗାଡ଼ି ନଂ ଓଡି -୦୫- ବିଏକ୍ସ -୧୬୬୬ ର କୌଣସି କାଗଜପତ୍ର ଠିକ୍ ନ ଥିବା ଯୋଗୁଁ ତା' ଉପରେ ୫୦ ହଜାର ଜୋରିମାନା ଚାଲାଣ କାଟି ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି । ଗତକାଲି କଟକ ଜିଲ୍ଲାପାଳ ଆଠଗଡ଼ ଉପଜିଲ୍ଲାପାଳଙ୍କ ସମେତ ଜିଲ୍ଲାର ୩୬ ଜଣ ଅଧିକାରୀଙ୍କ ଦରମା ବନ୍ଦର ଏହା ପାର୍ଶ୍ୱ ପ୍ରତିକ୍ରିୟା ବୋଲି ସାଧାରଣରେ ଆଲୋଚନା ହେଉଛି ।

# ଜାଭିୟର୍ ହାଇସ୍କୁଲ୍‌ରେ ବିଜ୍ଞାନ ମେଳା



**ଫୁଲନଖରା,୨୮।୧୧/ଏନ୍‌ଏନ୍‌ଏସ୍:** ବାରଙ୍ଗ ବ୍ଲକ କୁରାଙ୍ଗପ୍ରଧାନ ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣଝରିଲୋଠାରେ ଥିବା ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଘାଟିତ ହୋଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ଶେଖ କଲିମୁଦ୍ଦିନ ଓ ଶିକ୍ଷାବିତ ହିମାଂଶୁଭୂଷଣ ତ୍ରିପାଠୀ ଯଥାକ୍ରମେ ଉଦ୍‌ଘାଟକ ଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଫେସର୍ ସତ୍ୟନାରାୟଣ ସାହୁ ମୁଖ୍ୟବକ୍ତା, ଅବସରପ୍ରାପ୍ତ ଶିକ୍ଷା ବିଭାଗ ଅଧିକାରୀ ମହମ୍ମଦ ମୁସ୍ତାକ ଅଲ୍ଲୀ, ସମ୍ପାଦିକା ଇଂ. ଯସ୍ମିନ ବେଗମ ଓ ପରିଚାଳନା କମିଟି ସଦସ୍ୟ ଶେଖ ତବରୁଦ୍ଦିନ ସମ୍ମାନିତ ଅତିଥିରୂପେ ମଞ୍ଚାସୀନ ରହି ଉଦବୋଧନ ଦେଇଥିଲେ । ବିଜ୍ଞାନ, ଗଣିତ, ପରିବେଶ ଓ ସାମାଜିକ ବିଜ୍ଞାନ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କଦ୍ୱାରା ପ୍ରସ୍ତୁତ ଶତାଧିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଚାରକମାନେ ଉକ୍ତ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିବା ସହିତ ସେଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ । ବିଦ୍ୟାଳୟ ଅଧ୍ୟକ୍ଷ ସୟଦ ସେହରିୟାର ଅଲ୍ଲୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଶିକ୍ଷୟିତ୍ରୀ ପ୍ରିୟଙ୍କା ନାୟକ, ସବିହା ବେଗମ ଓ ପ୍ରିୟଙ୍କା ନାୟକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ସିରିଜ୍ ଦୁର୍ଘଟଣା: ଜଣେ ମହିଳାଙ୍କ ସମେତ ୫ ଗୁରୁତର

**ପିପିଲି,୨୮।୧୧/ଏନ୍‌ଏନ୍‌ଏସ୍:** ଆଜି ମଧ୍ୟାହ୍ନ ସାଢ଼େ ୧୨ଟାରେ ପିପିଲି ଚାନ୍ଦୁଆ ବଜାରରେ ସିରିଜ ଦୁର୍ଘଟଣା ଘଟାଇଛି କାର । ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏହି କାର ଦୁଇ ଦୁଇଟି ବାଇକ୍ ସାମ୍ନା ପଟୁ ଧକ୍କା ଦେଇ ଏକ ଜଳଖିଆ ଦୋକାନ ଉପରକୁ ମାଡ଼ିଗଲା । ଜଳଖିଆ ଦୋକାନୀ ନାରାୟଣ ସିଂହ (୩୪)ଙ୍କ ଜୀବନ ଅଳ୍ପକେ ବର୍ତ୍ତିଥିବା ବେଳେ ଦୁର୍ଘଟଣାରେ ଜଣେ ମହିଳା ସମେତ ୫ ଜଣ ଗୁରୁତର ଆହତ ହୋଇଛନ୍ତି । ଘଟଣା ସ୍ଥଳରେ ପିପିଲି ପୁଲିସ ପହଞ୍ଚି କାର ସହ ଡ୍ରାଇଭର କୁ ଅଟକ ରଖି ପଚରାଉଚରା ଜାରି ରଖିଛି । ସେପଟେ କାର ଭିତରେ ମଦ ବୋତଲ ଥିବାରୁ କାର ଚାଳକ ମଦ ପିଇ ବେପରୁଆ ଗାଡ଼ି ଚଳାଉଥିବା ପ୍ରତ୍ୟକ୍ଷଦର୍ଶୀ ଅଭିଯୋଗ କରିଛନ୍ତି । ଆହତମାନଙ୍କୁ ପିପିଲି ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି । ସୂଚନାଯୋଗ୍ୟ ଆଜି ମଧ୍ୟାହ୍ନରେ ପିପିଲି ଚାନ୍ଦୁଆ ବଜାର ମୁଖ୍ୟ ରାସ୍ତାରେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାତ୍ରା କରୁଥିବା କାର (ଓଡି -୦୨-ଏ ଓ୍ୱାଇ ୫୦୫୪) ଦ୍ରୁତ ଗତିରେ ସାମ୍ନା ପଟୁ ଆସୁଥିବା ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ଦେଇଥିଲା । ପରେ କାରଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଜଳଖିଆ ଦୋକାନ ଉପରକୁ ମାଡ଼ି ଯାଇଥିଲା । ଏଥିରେ ଦୋକାନ ମାଲିକ ନାରାୟଣ ସିଂହ ଦୋକାନ ଭିତରେ ଚାପି ହୋଇ ଯାଇଥିବା ବେଳେ ଦୋକାନର ସମସ୍ତ ଆସବାବପତ୍ର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ତାଙ୍କ ଦେହରେ ଗରମ୍ ତେଲ ଓ ଗରମ ସିରା ପଡ଼ିଯାଇ ଏବେ ସେ ଗୁରୁତର ଥିବା ତାଙ୍କ ଭାଇ କହିଛନ୍ତି । ଅନ୍ୟ ଦୁଇ ବାଇକ୍ ଆରୋହୀଙ୍କ ସହ ଜଣେ ମହିଳା ଗୁରୁତର ହୋଇ ପିପିଲି ମେଡିକାଲରେ ପ୍ରଥମିକ ଚିକିତ୍ସା ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଆହତମାନେ ହେଲେ ସରସ୍ୱତୀ ମଦୁଲି (୨୨), ତାଙ୍କ ବାପା କାର୍ତ୍ତିକ ମୁଦୁଲି (୫୫), ଲିଙ୍ଗରାଜ ପୃଷ୍ଟି (୩୨), ସନ୍ତୋଷ କୁମାର ଦାସ(୫୫) । ସେପଟେ କାର ଚାଳକକୁ ଅଟକ ରଖି ତଦନ୍ତ ଜାରି ରଖିଥିବା ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି । କାରଟି ଜଟଣୀ ନିକଟ କନ୍ତିଆ ଅଞ୍ଚଳର ବୋଲି ଜଣାଯାଇଛି ।

# ଟିପିସିଓଡିଏଲ୍‌କୁ ଓଡ଼ିଶା ସିଏସ୍‌ଆର୍ ଏକ୍ସେଲେନ୍ସ ପୁରସ୍କାର



**ଭୁବନେଶ୍ୱର,୨୮।୧୧/ଏନ୍‌ଏନ୍‌ଏସ୍:** ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍)କୁ ଓଡ଼ିଶା ସିଏସ୍‌ଆର୍ ଫୋରମ୍ ଦ୍ୱାରା ଓଡ଼ିଶା ସିଏସଆର ଏକ୍ସେଲେନ୍ସ ପୁରସ୍କାର - ୨୦୨୫ ରେ ସମ୍ମାନିତ କରାଯାଇଛି । ଏହାର ଅତ୍ୟନ୍ତ ପ୍ରଭାବଶାଳୀ ଫ୍ଲାଗସିପ୍ କାର୍ଯ୍ୟକ୍ରମ 'ଅଧିକାର – ସରକାରୀ ଯୋଜନା ସମୂହକୁ ପ୍ରବେଶ ପଥ'କୁ ସ୍ୱୀକୃତି ଦେଇ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ନୟାଗଡ଼ ଏବଂ ଢେଙ୍କାନାଳରେ କାର୍ଯ୍ୟକାରୀ ହୋଇଥିବା 'ଅଧିକାର' କାର୍ଯ୍ୟକ୍ରମ ହଜାର ହଜାର ସାଧାରଣ ଲୋକଙ୍କୁ ବିଭିନ୍ନ ସରକାରୀ ଯୋଜନାର ଲାଭ ପାଇବାରେ ସାହାଯ୍ୟ କରିଛି, ଯାହା ଫଳରେ ତୃଣମୂଳ ସ୍ତରରେ ସାମାଜିକ ନିରାପତ୍ତା ଏବଂ ସାମାଜିକ ସଶକ୍ତିକରଣ ସମ୍ଭବ ହୋଇପାରିଛି । ଏହି ସ୍ୱୀକୃତି ସେବାଯୋଗାଣ ଅଞ୍ଚଳରେ ଗୋଷ୍ଠୀର ବିକାଶ, ଅନ୍ତର୍ଭୁକ୍ତିକରଣ ଅଭିବୃଦ୍ଧି ଏବଂ ପରିବର୍ତ୍ତନର କ୍ଷମତା ରଖୁଥିବା ବିଭିନ୍ନ ସିଏସଆର ହସ୍ତକ୍ଷେପ ପାଇଁ ଟିପିସିଓଡିଏଲ୍‌ର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

ବିଶ୍ୱାସ କରିବା ଏକ ଗୁଣ। କିନ୍ତୁ ଅବିଶ୍ୱାସ କରିବା ଦୁର୍ବଳତାର ପରିଚୟ।
- ଗାନ୍ଧୀ ବାଣୀ



ନିତିଦିନ NITIDIN

# ୫ ନୁହେଁ ୬



ବ୍ରାଜିଲରେ ଏଭଳି ଏକ ପରିବାର ଅଛନ୍ତି ଯେଉଁ ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କ ଗୋଟିଏ ଗୋଟିଏ ହାତ ଓ ପାଦରେ ୫ଟି ନୁହେଁ ୬ଟି ଲେଖାଏଁ ଆଙ୍ଗୁଠି ରହିଛି। ଏହା ବିଚିତ୍ର ଲାଗୁଥିଲେ ହେଁ ସତ। ସାଧାରଣତଃ ଯଦି କାହାର ହାତ ବା ପାଦରେ ଗୋଟିଏ ଅଧିକ ଆଙ୍ଗୁଠି ଥାଏ। ତେବେ ତାହା ସ୍ୱାଭାବିକ ବଢ଼ିନଥାଏ ବା ଅନ୍ୟ ଆଙ୍ଗୁଠିଗୁଡ଼ିକ ଭଳି କାର୍ଯ୍ୟ କରିନଥାଏ। କିନ୍ତୁ ଡି-ସିଲ୍‌ଭା (ସାଙ୍ଗିଆ) ପରିବାରର ସମସ୍ତଙ୍କ ଅତିରିକ୍ତ ଆଙ୍ଗୁଠିଗୁଡ଼ିକ ଅନ୍ୟ ଆଙ୍ଗୁଠି ଭଳି ସ୍ୱାଭାବିକ ଓ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ଥାଏ। ଡି-ସିଲ୍‌ଭା ପରିବାରର ୩ ପିଢ଼ିର ସଦସ୍ୟଙ୍କ ହାତ ଓ ଗୋଡ଼ରେ ଏଭଳି ଅତିରିକ୍ତ ଆଙ୍ଗୁଠି ରହିଛି। ଏସବୁ ଆଙ୍ଗୁଠି ସେମାନଙ୍କ ପାଇଁ ବୋଝ ହୋଇନଥାଏ, ବରଂ ସେଗୁଡ଼ିକ କିଛି ଅଧିକ କାମ କରିବାରେ ସାହାଯ୍ୟ କରିଥାଏ। ଚକ୍ଷକ୍ଷଛୟବମଗ୍ବଛକ୍ଷଛ ନାମକ ଅନୁବଂଶୀୟ ରୋଗ କାରଣରୁ ଏହି ପରିବାର ସଦସ୍ୟଙ୍କ ଏଭଳି ଗୋଟିଏ ଲେଖାଏଁ ଅତିରିକ୍ତ ଆଙ୍ଗୁଠି ରହିଛି।

# ଭାରତ ମହାସାଗରର ମୁକ୍ତା



ଶ୍ରୀଲଙ୍କାକୁ 'ଭାରତ ମହାସାଗରର ମୁକ୍ତା' କୁହାଯାଏ। ପ୍ରାକୃତିକ ସୌନ୍ଦର୍ଯ୍ୟ, ରତ୍ନପଥର, ସୁଦୃଶ୍ୟ ଚା' ବଗିଚା, ପ୍ରାଚୀନ ସାଂସ୍କୃତିକ ପରମ୍ପରା, ଐତିହ୍ୟ, ପୁରାତନ ବାଣିଜ୍ୟ ଇତିହାସ ଆଦି ପାଇଁ ଶ୍ରୀଲଙ୍କାକୁ ଏପରି ନାମ ଦିଆଯାଇଛି। ଏହାଛଡ଼ା ସ୍ୱର୍ଣ୍ଣାଭ ବେଳାଭୂମି, ସବୁଜ ବନଭୂମି, ପ୍ରାଚୀନ ମନ୍ଦିର ଏବଂ ବିଶ୍ୱ ପ୍ରସିଦ୍ଧ ସିଲୋନ ସାଫାୟାର (ନୀଳକାନ୍ତ ମଣି) ପାଇଁ ଶ୍ରୀଲାଙ୍କା ଖୁବ୍ ପ୍ରସିଦ୍ଧ। ପ୍ରାକୃତିକ ସଂପଦରେ ଭରପୂର ହୋଇଥିବାରୁ ସେଠାକୁ ପୂର୍ବରୁ ଆସୁଥିବା ବଣିକ, ପରିବ୍ରାଜକ, ଆବିଷ୍କାରକମାନେ ଶ୍ରୀଲଙ୍କାର ଏଭଳି ନାମକରଣ କରିଛନ୍ତି। ସୁନ୍ଦର ସୁନ୍ଦର ଜଳ ପ୍ରପାତ, ପ୍ରବାଳ ପ୍ରାଚୀର, ସୁଦୃଶ୍ୟ ପର୍ବତମାଳା ପାଇଁ ଶ୍ରୀଲଙ୍କା ଖୁବ୍ ପ୍ରସିଦ୍ଧ।

## ଆମ ଗର୍ବ, ଆମ ଗୌରବ



### ମହେନ୍ଦ୍ର ବିଶୋଇ

**ଜନ୍ମ ତାରିଖ: ୭ ସେପ୍ଟେମ୍ବର ୧୯୭୨**
**ଜନ୍ମସ୍ଥାନ/ଠିକଣା: କୁମ୍ଭାରପଡ଼ା, ପୁରୀ-୨**
**ମୋ: ୯୧୭୮୧୭୯୧୩୫**

ରାଜ୍ୟର ଜଣେ ଆଗଧାଡ଼ିର ଶିଶୁସାହିତ୍ୟକ। ଜଣେ ଶିଶୁସାହିତ୍ୟକ ସଂଗଠକ ରୂପେ ମଧ୍ୟ ବେଶ୍ ପରିଚିତି ହାସଲ କରିଛନ୍ତି। 'ଗାଉଥିବା ଗୀତ ଭଳିକି ଭଳି' ତାଙ୍କର ଏକ ଲୋକପ୍ରିୟ କବିତା ସଂକଳନ। ଶିଶୁସାହିତ୍ୟ କ୍ଷେତ୍ରକୁ ଅତୁଳନୀୟ ଅବଦାନ ପାଇଁ ଶ୍ରୀକ୍ଷେତ୍ର ଶ୍ରୀ ସମ୍ମାନ, ଶିଶୁ ସମାଚାର ସମ୍ମାନ, ପୁରୀ ରୋଟାରୀ କ୍ଲବ୍ ସମ୍ମାନ, ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ଗୁରୁ ସମ୍ମାନ ଆଦି ବହୁ ପୁରସ୍କାରରେ ସମ୍ମାନିତ।

**ଆମ ପ୍ରଶ୍ନ:** ଓଡ଼ିଆ ଶିଶୁସାହିତ୍ୟରେ କିଛି ସଂସ୍କାର ଜରୁରୀ କି?

**ଆପଣଙ୍କ ଉତ୍ତର:** ଓଡ଼ିଆ ଶିଶୁସାହିତ୍ୟରେ ନିଶ୍ଚିତ ଭାବେ କେତେକ ସଂସ୍କାରର ଆବଶ୍ୟକତା ରହିଛି। ଗତାନୁଗତିକତାରୁ ଲେଖକମାନେ ଅଧିକ ଆଗକୁ ଯାଇପାରୁନଥିବାରୁ ଓଡ଼ିଆ ପତ୍ରପତ୍ରିକା 'ଜହ୍ନମାମୁ' ଭଳି ଲୋକପ୍ରିୟତା ହାସଲ କରିବାରେ ବିଫଳ ହେଉଛନ୍ତି। ଶିଶୁସାହିତ୍ୟ ଉପରେ ଅଧିକରୁ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ଅଧିକ ରହସ୍ୟ କାହାଣୀ, ରୋମାଂଚକର ଗଳ୍ପ, ଉପନ୍ୟାସ, ନାଟକ ଓ ଭ୍ରମଣ କାହାଣୀ ପ୍ରକାଶ ପାଇବା ଜରୁରୀ। ଅନୁବାଦ ଶିଶୁସାହିତ୍ୟ ଉପରେ ଅଧିକ ଗୁରୁତ୍ୱ ପ୍ରଦାନର ଆବଶ୍ୟକତା ରହିଛି। ଲବ୍ଧପ୍ରତିଷ୍ଠ ଶିଶୁସାହିତ୍ୟିକମାନେ ଅଧିକରୁ ଅଧିକ ଗବେଷଣାତ୍ମ ପୁସ୍ତକ ପ୍ରକାଶ କଲେ ତାହା ଓଡ଼ିଆ ଶିଶୁସାହିତ୍ୟକୁ ଆଉ କିଛି ଆଗକୁ ନେଇଯାଇପାରନ୍ତା।

## ପରିବାର

ବାପାଙ୍କ ବାପା ଜେଜେବାପା
ବୋଉଙ୍କ ବାପା ଅଜା
ଅଜାଙ୍କ ସଙ୍ଗେ ବଜାର ବୁଲା
ଲାଗଇ ଭାରି ମଜା।
ବାପାଙ୍କ ବୋଉ ଆମ ଜେଜେ ମା'
ବୋଉଙ୍କ ବୋଉ ଆଈ
ବୋଉଙ୍କ ଭାଇ ମାମୁ ଆମର
ମାମୁଙ୍କ ପୁଅ ଭାଇ।
ବାପାଙ୍କ ଭଉଣୀ ପିଉସୀ ନାନୀ
ବୋଉଙ୍କ ଭଉଣୀ ମାଉସୀ
ଅବୁଝା ହେଲେ ସେ ବୁଝାଇ ଦିଅନ୍ତି
ମୋ ପିଠି ଗାଲକୁ ଆଉଁସି।
ବାପାଙ୍କଠୁ ବଡ଼ ମୋ ବଡ଼ବାପା
ବାପାଙ୍କଠୁ ସାନ ଦାଦା
ପାଠପଢ଼ାରେ ନକର ହେଳା
ବୁଝାଇ କହନ୍ତି ସଦା।
ବାପା, ମା, ଭାଇ, ଭଉଣୀ ଆମେ
ଗୋଟିଏ ପରିବାର
ପରିବାରଠୁ ନହେବି ଭିନ୍ନ
ଆଜି ଶପଥ ମୋର।

# 'ଗୁଇମାମା' ରାଗିଲେ



ଇଂ. ପ୍ରେମାନନ୍ଦ ନାୟକ

ନିଶିଧା ପ୍ରିନାର୍ସରୀରେ ପଢ଼େ। ସବୁଦିନ ସେ ଜେଜେବାପାଙ୍କ ସାଙ୍ଗରେ ସ୍କୁଲ୍‌କୁ ଯାଏ ଆଉ ଫେରେ। ଫେରିଲା ବେଳେ କେତେକଥା ଗପେ। ଜେଜେବାପା ସବୁ କଥା ବୁଝିପାରନ୍ତିନି କିନ୍ତୁ 'ହଁ' ମାରି ଦିଅନ୍ତି। ଆଜି ଫେରିଲା ବେଳେ ନିଶିଧା ଗୁମ୍‌ସୁମ୍ ଜଣାପଡୁଥିଲା। ଘରେ ପହଞ୍ଚି, ଜୋତା ନ ଖୋଲି ସିଧା ତା ଶୋଇବା ଘରକୁ ଚାଲିଗଲା। ଜେଜେବାପା ମନକୁ ମନ କହିଲେ ଆଜି ଇଏ କୋଉ ପିଲା ସାଙ୍ଗରେ ଗଣ୍ଡଗୋଳ କରିଥିବ! ମିସ୍ ଗାଳି ଦେଇଥିବେ!
ଜେଜେବାପା ନିଶିଧାକୁ କୋଳେଇ ଧରି ପଚାରିଲେ- ମୋ' ମାମା କାହିଁକି ମନ ଦୁଃଖ କରିଚି? ସତ କହିବୁ ମାମା କ'ଣ ହେଇଛି? ନିଶିଧା କାନ୍ଦୁଣୁ-ମାନ୍ଦୁଣୁ ହେଇ କହିଲା- ଆଜି ସ୍କୁଲରେ ଗୁଇମାମା ରାଗିଲେ (ସେହି ସ୍କୁଲରେ ଶିକ୍ଷୟିତ୍ରୀ ଥିବା ତା ଖୁଡ଼ିଙ୍କୁ ନିଶିଧା ଗୁଇମାମା ବୋଲି ଡାକେ)। ଜେଜେବାପା କହିଲେ ଓଃ ଏମିତି କଥା! ଠିକ୍ ଅଛି, ଗୁଇମାମା ଆସୁ ମୁଁ ତାକୁ ପଚାରିବି। ଗୁଇମାମା ଘରକୁ ଫେରିଲେ। କହିଲେ- ବାପା, ଆପଣଙ୍କ ଗେହ୍ଲୀ ନାତୁଣୀ କ୍ଲାସ୍‌ରେ କ'ଣ କରୁଛି ଜାଣିଛନ୍ତି? ଜେଜେବାପା କିଛି ନ କହି ଗୁଇମାମାକୁ ଅନେଇଲେ। ଗୁଇମାମା ପୁଣି କହିଲେ- ବାପା, ଆଠଦିନ ହେବ ଇଏ ରିସେସ୍‌ରେ ନିଜ ଟିଫିନ୍ ଚଟାପଟ୍ ଖାଇ ଦେଇ ତା' ସାଙ୍ଗ ପିଲାଙ୍କୁ ଟିଫିନ୍ ମାଗୁଛି। ସାଙ୍ଗ ପିଲା ନ ଦେଲେ ତାଙ୍କ ଟିଫିନ୍ ଡବାରେ ଛେପ ପକେଇ ଦଉଛି। ଏକଥା ପିଲାଙ୍କ ପ୍ୟାରେଣ୍ଟସ୍ ଉର୍ମିଳା ମିସ୍‌ଙ୍କ ପାଖରେ କମ୍ପ୍ଲେନ୍ କରିଛନ୍ତି। ଉର୍ମିଳା ମିସ୍ ଆକୁ ବୁଝେଇବା ସତ୍ତ୍ୱେ ଆଜି ଇଏ ତା ସାଙ୍ଗ ସାନ୍‌ଭି ଆଉ ରୁଇଁକୁ ଟିଫିନ୍ ମାଗିଛି। ସେ ଦି'ଜଣ ଟିଫିନ୍ ନଦେବାରୁ, ତାଙ୍କ ଟିଫିନ୍ ଡବାରେ ଛେପ ପକେଇ ଦେଇଛି। ରୁଇଁ କାନ୍ଦିବାରୁ ଉର୍ମିଳା ମିସ୍ ମୋତେ ଡାକି ସବୁକଥା କହିଲେ। ମୋତେ ଭାରି ଖରାପ ଲାଗିଲା। ମୁଁ ରାଗି ଯାଇ ଆକୁ ଧମକେଇଲି।
ଗୁଇମାମା ଚାଲିଗଲେ। ଜେଜେବାପା ନିଶିଧାକୁ ପଚାରିଲେ- ମାମା, ତୋ ଟିଫିନ୍ ଡବାରେ କେହି ସାଙ୍ଗ ଛେପ ପକେଇ ଦେଲେ ତୁ ସେ ଟିଫିନ୍‌କୁ ଖାଇବୁ? ନିଶିଧା କହିଲା- ଛି, ଅ...। ମୋତେ ବାନ୍ତି ଲାଗିବ। ଜମା ଖାଇବିନି ମୁଁ। ଜେଜେବାପା କହିଲେ- ତୁ ତୋ ସାଙ୍ଗମାନଙ୍କ ଟିଫିନ୍ ଡବାରେ ଛେପ ପକେଇ ଦଉଛୁ, ସେମାନେ ନଖାଇ ଓପାସ୍ ରହୁଥିବେ। ତାଙ୍କୁ କଷ୍ଟ ହଉଥିବ! ଜଣେ ସାଙ୍ଗ କ'ଣ ତା ସାଙ୍ଗମାନଙ୍କୁ ଏମିତି ହଇରାଣ କରେ? ଏମିତି କଲେ, କୋଉ ପିଲା ତୋ' ସାଙ୍ଗରେ ସାଙ୍ଗ ହେବେନି! କୋଉ ମିସ୍ ତୋତେ ଭଲ ପାଇବେନି। ସମସ୍ତେ କହିବେ, ନିଶିଧା ଗୋଟିଏ ନଟିଗାର୍ଲ! କହ, ତୋତେ ଭଲ ଲାଗିବ?
କିଛି ସମୟ ନିଶିଧା ଜେଜେବାପାଙ୍କ ମୁହଁକୁ ଅନେଇଲା। ତା' ଆଖି ଲୁହ ଛଳଛଳ ହେଇଗଲା। ସେ କାନ ଧରି କହିଲା- ସରି ଜେଜେବାପା। ମୁଁ ଆଉ କେବେ କୋଉ ସାଙ୍ଗ ପିଲାଙ୍କ ଟିଫିନ୍ ଡବାରେ ଛେପ ପକେଇବି ନି। ପ୍ରମିଜ୍...।

**ମାତୃନିଳୟ, ସାଲେପୁର, କଟକ- ୫୫୪୨୦୨**
**ମୋ: ୯୪୩୭୨୨୭୯୨୫**



## ଭରା ଚାନ୍ଦିନୀ ରାତି



ପର୍ଶୁରାମ ବେହେରା

ଛାଇ ଛାଇକା ଆକାଶ ତଳେ
ବଉଦ ଯାଏ ରହି
କାକର ଭିଜା ଫୁଲେଇ ଜହ୍ନ
ନଈକୁ ଦେଲା ଚାହିଁ
ନଈରେ ତାରା ଛାଇ
ପରଦେଶୀଆ ନାଉରୀ କିଏ
ଯାଉଛି ନାଆ ବାହି।
ସୁଲୁସୁଲିଆ ପବନ ବହେ
ଫୁଲ ପତର ଛୁଇଁ
ଆମ୍ବ ତୋଟାରେ ଅଜଣା କେଉଁ
ପକ୍ଷୀଟି ଦେଲା ଗାଇ
ଚହଟେ ଯାଇଯୁଇ
ଝାଉଁଳି ଯାଏ କାଶ ଅଗଣା
ମଉଳେ ନୀଳ କଇଁ।
ରହି ରହିକା ବଇଁଶୀ ବାଜେ
ସୁର କି ତାଳ ନାହିଁ
ତଥାପି କିଆଁ ହରଷେ ମନ
ଅଟକି ଯାଏ ତହିଁ
ରହ ବାଟୋଇ ଭାଇ
ଭରା ଚାନ୍ଦିନୀ ରାତିରେ ଆଜି
ଖେଳିବା ସାଥୀ ହୋଇ।
**ଲୋକାପଡ଼ା, ଆଳି, କେନ୍ଦ୍ରାପଡ଼ା**
**ମୋ: ୮୦୧୮୯୯୯୫୮୫**

## ଶୀତ ମାଉସୀ



ଗୀତାଞ୍ଜଳି ସ୍ୱାଇଁ

ଶୀତର ପସରା କାଖରେ କାଖେଇ
ମାଉସୀ ହେଲାଣି ଦାଣ୍ଡ ଦୁଆରେ
କନ୍ଥା, କମ୍ବଳ, ସାଲ, ସୁଇଟର
ଦେଖାଅ ତୁମର ଗରିମା ଥରେ।
ସବୁଦିନ ତୁମେ ମୁହଁ ଲୁଚେଇକି
ଆଲମାରୀ ସିନ୍ଦୁକ ଭିତରେ ଥାଇ
କିହେବ ଯତନେ ଶୋଇଲେ ସେଠାରେ
ଶୀତର ମଜା କି ଦେଖିବ ଭାଇ।
ବାଡ଼ି ବଗିଚାରେ ଫୁଲର ସମ୍ଭାର
ଗେଣ୍ଡୁ, ଡାଲିଆ, ସେବତୀ, କନିଅର
ପରିବା ଲୋଟିଛି ବାଡ଼ି ପଟ ବିଲେ
ଆଳୁ, କୋବି, ବିନ, ଟମାଟର
କେତେ ଓଷା ପର୍ବ ଦୁଆର ବାଡ଼ାନ୍ତି
ଲକ୍ଷ୍ମୀ ସାଆନ୍ତାଣୀ ଆସନ୍ତି ଆଗେ
ପ୍ରଥମାଷ୍ଟମୀ, ଧନୁ ସଂକ୍ରାନ୍ତି
ଏଣ୍ଡୁରି ପିଠା ଧନୁ ମୁଁଆ ସାଙ୍ଗେ।
ବିଦ୍ୟା ପ୍ରଦାୟିନୀ ମା ବୀଣାପାଣି
ଶ୍ରୀ ପଞ୍ଚମୀରେ ବିଦ୍ୟାଳୟେ ଆସି
ଢାଳନ୍ତି ଆଶିଷ ହେବା ପାଇଁ ଶିଷ୍ୟ
ବିଦ୍ୟାବନ୍ତ, ବୁଦ୍ଧିବନ୍ତ, ଯଶସ୍ୱୀ।
କୃଷକ କ୍ଷେତରୁ ଧାନ ବୋହିଆଣି
ଖଳାରେ ରଖି ଅମଳ କରଇ
ଧାନରେ ଅମାର ପୂରିଉଠେ ତା'ର
ଦେଶକୁ ଦିଏ ସେ ଦାନା ଯୋଗାଇ।
ବରଷକେ ଥରେ ଆସୁ ପଛେ ଶୀତ
ସାଥେ ଆଣି ଆସେ ନାନା ସମ୍ଭାର
ପୂଜା, ପର୍ବ, ବ୍ରତ, ଫୁଲ, ଫଳ, ଆଣେ
ଶୀତ ମାଉସୀଙ୍କୁ କୋଟି ଜୁହାର।
**କାନନବିହାର ଫେଜ-୨, ପଟିଆ,**
**ଭୁବନେଶ୍ୱର-୨୪**
**ମୋ: ୭୯୭୮୩୭୨୮୮୯**

## ଖୁସିରେ ଗାଇବା ଗୀତ



ଦେବାଶିଷ ଚକ୍ରବର୍ତ୍ତୀ

କାଲୁଆ ପବନ ଝୁଲଣାରେ ଶୀତ
ଆସିଅଛି ଧରାବୁଲି
ପରଶେ ତାହାର ଗାଆଁରୁ ସହର
ସଭିଏଁ ଯାଆନ୍ତି ଥରି।
ପତରର ମୁହଁ ଚହଟି ଉଠୁଛି
ଶିଶିର ମୁକୁତା ନାଇ
ପାଚିଲା ଧାନର ବଇଭବ ଚାଷୀ
ମନକୁ ନେଉଛି ମୋହି।
ଗୁଣୁ ଗୁଣୁ ଗୀତ ଗାଇ ମହୁମାଛି
ଉଡି ବୁଲେ ଫୁଲେ ଫୁଲେ
ସୋରିଷ ଫୁଲର ସୁନେଲି ଓଠରୁ
ଖୁସିର ଅବିର ଝରେ।
ଘର ଅଗଣାରେ ବିଛେଇ ପଡ଼ିଲେ
ସୁନା ଚିକ୍ ଚିକ୍ ଖରା
ଉଷୁମ ପରଶ ପାଇକି ସଭିଏଁ
ହୁଅନ୍ତି ଆତ୍ମହରା।
ଧନୁ ସଙ୍କରାନ୍ତି ବେଳେ ଭୋଗଲାଗେ
ସୁଆଦିଆ ଧନୁମୁଆଁ
ତାଠାରୁ ଅଧିକ ସୁଆଦ ଲାଗଇ
ସକାଳରେ ନିଆଁପୁଆଁ।
ବଇରି ନ ଭାବି ଆପଣାପଣରେ
ଶୀତକୁ ମଣିଲେ ମିତ
କାଲୁଆ ପବନ କଷଣ ଦେଲେ ବି
ଖୁସିରେ ଗାଇବା ଗୀତ।
**ମଣ୍ଡୁଆ, କେନ୍ଦୁଝର ଗଡ଼**
**ମୋ: ୯୪୩୭୭୫୨୩୯୫**

## ସରଗ ସମାନ ଆମ ଗାଆଁଟି



ଅନନ୍ତ କୁମାର ସେନାପତି

ଆମ ଗାଆଁ କଥା ନ ଥାଉ ପଛକେ କେଉଁ ପାଠରେ,
ସାକ୍ଷୀ ଅଛି ସେଇ ଗୋହିରୀ, କ୍ଷେତ
ପୁନିଅ ରାତିର ଅଗିରା ଯାତ
ଦିଶୁଥିଲା ଦୂରୁ ନାଲିପାଟରେ।
ଫଳୁଥିଲା କେନ୍ଦୁ, ତାଳ ଓ ତମାଳ, ପିଜୁଳି, ଜାମୁ,
ଖାଉଥିଲୁ ଲୁଚି ସାଥୀଙ୍କ ଗହଳେ
ଖୋଜୁଥିଲେ ଆସି ଟିକେ ଡେରି ହେଲେ
ଜେଜେ, କକା ଆମ ଲେଉଟି କାମୁ।
ବୁଡ଼ିଗଲେ ବେଳ ଭାଗବତ ଘରେ ସଞ୍ଜଟେ ଜାଳି,
ଜେଜେମା ନିଇତି ପଢୁଥିଲେ ଗୀତା
ଖୁଲଣା ସୁନ୍ଦରୀ, ଭାଗବତ କଥା
ବୁଝାଇ ଦିଅନ୍ତି ଭକତି ଢାଳି।
ଲାଉ, ଶିମ୍ବ, ଖଡ଼ା ଫୁଲଥିବା କ୍ଷେତେ ଯାହାକୁ ଯିଏ,
କଅଁଳ କାକୁଡ଼ି ଖାଉଥିଲୁ ତୋଳି
ମନ ମୋହି ନିଏ ବାଡ଼ି ବରକୋଳି
ତାହାର ସୁଆଦ କଳିବ କିଏ!
ମନେ ପଡୁଅଛି ସେଦିନର କଥା ପାରୁନି ଭୁଲି,
ଏଣ୍ଡୁରି, ଗଇଁଠା, ପୂରଦିଆ ପିଠା
ସାଇ ସାଇ ବୁଲି ହେଉଥିଲା ବଣ୍ଟା
ପଡୁଥିଲା କେତେ ମମତା ଝରି।
ସରଗ ସମାନ ଥିଲା ସେଇ ଆମ ଛୋଟ ଗାଆଁଟି,
ଭୁଲିପାରିନାହିଁ ଜନମମାଟିର
କେତେ ଯେ ମଧୁର ନାମଟି ତାହାର
ନଇଁଯାଏ ମୋର ମଥା ଛାଆଁଟି।
**ବାଣ୍ଟୁପଡ଼ା, ରାଜଗାଙ୍ଗପୁର, ସୁନ୍ଦରଗଡ଼**
**ମୋ: ୭୦୦୮୩୦୪୨୨୫**

## କ'ଣ, କେମିତି, କାହିଁକି?

### ଦେହକୁ ଥଣ୍ଡା ରଖେ ଉଷୁମ ପୋଷାକ



ନିହାର ରଞ୍ଜନ ସାବତ

ଶୀତଦିନେ ପଶମକନାରେ ତିଆରି ଜ୍ୟାକେଟ, ସ୍ୱେଟର, ମଫଲର, ଟୋପି ଓ ଚାଦର ଇତ୍ୟାଦି ପିନ୍ଧିଲେ ଆମେ ବହୁତ ଗରମ ଅନୁଭବ କରୁ। ଏହାର ଦୁଇଟି ମୁଖ୍ୟ କାରଣ ରହିଛି। ପ୍ରଥମ କାରଣ ହେଲା ଯେ ସାଧାରଣ କନା ବା ସୂତାଠାରୁ ପଶମ (ଙ୍କକ୍ସ୍କକ୍ଷ) ଅଧିକ ନରମ। ଏହା ମଧ୍ୟ ଅଧିକ ଫୋପ୍‌ସା। ଏଥିରେ ଅତି କ୍ଷୁଦ୍ର ଶୂନ୍ୟସ୍ଥାନ ସବୁ ରହିଥାଏ। ସେଗୁଡ଼ିକ ମଧ୍ୟ ଅତି ସୂକ୍ଷ୍ମ କୋଠରୀ ସଦୃଶ। ଏହି କୋଠରୀଗୁଡ଼ିକ ଏକାଠି ହୋଇ ହଜାର ହଜାର ଛୋଟ ଛୋଟ ଫାଙ୍କା ସ୍ଥାନ ସୃଷ୍ଟି କରି ତା' ଭିତରେ ବାୟୁକୁ ଆବଦ୍ଧ କରି ରଖିଥାନ୍ତି। ତୁମେ ଜାଣିଛ ଯେ ବାୟୁ ତାପର କୁପରିବାହୀ। ଅର୍ଥାତ୍ ଏହା ଗରମକୁ ସହଜରେ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ପଠାଇପାରେ ନାହିଁ। ତେଣୁ ଆମ ଶରୀରର ଉଷ୍ଣତା ଏହି ଆବଦ୍ଧ ବାୟୁଭିତରେ ଅଟକି ରହିଯାଏ ଏବଂ ବାହାରର ଥଣ୍ଡା ପବନ ଭିତରକୁ ସହଜରେ ପଶିପାରେ ନାହିଁ। ଏହି ଆବଦ୍ଧ ବାୟୁ ହିଁ ସବୁଠାରୁ ବଡ଼ ଆବରଣ ଭାବେ କାମ କରେ।
ଦ୍ୱିତୀୟ କାରଣ ହେଲା ପଶମକନା ନିଜେ ତାପର କୁପରିବାହୀ। ଲୁହା, ଆଲୁମିନିୟମ ଭଳି ଧାତୁ ଦ୍ରୁତଗତିରେ ତାପ ପରିବହନ କରନ୍ତି, କିନ୍ତୁ ପଶମକୋଠରୀଗୁଡ଼ିକ ତାପକୁ ବହୁତ ଧୀରେଧୀରେ ଛାଡ଼ିଥାନ୍ତି। ତେଣୁ ଶରୀରର ଉଷ୍ଣତା ପଶମକନା ମଧ୍ୟ ଦେଇ ବାହାରକୁ ଯାଇପାରେ ନାହିଁ।
ଏହି ଦୁଇ କାରଣରୁ ପଶମକନା ଅତି ଉତ୍ତମ ତାପନିରୋଧୀ ଆବରଣରେ ପରିଣତ ହୁଏ ଏବଂ ଆମର ଶରୀରରୁ ଜାତ ଉଷ୍ଣତାକୁ ସଂରକ୍ଷଣ କରି ଆମକୁ ଶୀତଦିନେ ଆରାମ ପ୍ରଦାନ କରେ।
ସଂଗଣକ ବିଜ୍ଞାନ ଏବଂ ପ୍ରୟୋଗ ବିଭାଗ (ସାଇମ୍)

**ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦**
**ମୋ: ୯୭୭୭୦୧୧୯୬୮**

## ତୁମ ପାଇଁ ବହି





### ଗେଲୁ

**ଲେଖକ: ରାଧାମାଧବ ରଥ**
**ପ୍ରକାଶକ: ଗାୟତ୍ରୀ, ୭୭୮ ବଡ଼ଗଡ଼, ଭୁବନେଶ୍ୱର-୧୮**
**ମୂଲ୍ୟ: ୨୫ ଟଙ୍କା**

ଏହା ଏକ ଶିଶୁ କିଶୋର ଉପନ୍ୟାସ। ଏହାର ମୁଖ୍ୟ ଚରିତ୍ର ହେଉଛି 'ଗେଲୁ'। 'ଗେଲୁ'କୁ ବେଙ୍ଗାଲୁରରୁ ରାସ୍ତା କଡ଼ରୁ ଆଣି ତାକୁ ମଣିଷ ପରି ମଣିଷଟିଏ ଗଢ଼ି ତୋଳିଛନ୍ତି ଅଦ୍ୱିତୀୟ କାବୁ। ରାସ୍ତା କଡ଼ରୁ ପାଣି ବୋତଲ ଗୋଟାଉଥିବା ପିଲା କିପରି ଏକ ସାମରିକ ଅଧିକାରୀ ରୂପେ ପ୍ରତିଷ୍ଠିତ ହୋଇପାରିଛି, ତାହାକୁ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି ଲେଖକ। ପିଲାଙ୍କ ପାଇଁ ଉପନ୍ୟାସଟି ବେଶ୍ ଉପଭୋଗ୍ୟ ହୋଇପାରିବ।

## କୁନାକୁନିଙ୍କ ଚିତ୍ର





ସାକ୍ଷୀ ନାୟକ
କ୍ଲାସ୍-୮, ସେଣ୍ଟ ଜାଭିୟର ହାଇସ୍କୁଲ, କେଦାର ଗୌରୀ, ଭୁବନେଶ୍ୱର



ଦେବହୁତି ବରଦାଲକ୍ଷ୍ମୀ ରାଉତ
କ୍ଲାସ୍-୨, ଦୀପ୍ତି କନଭେଣ୍ଟ ସ୍କୁଲ, ରାୟଗଡ଼ା



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

## ସରୋଜ ଶତପଥୀଙ୍କ ଶ୍ରଦ୍ଧାଞ୍ଜଳି ସଭା



**କଟକ,୨୮।୧୧/ଏନ୍‌ଏନ୍‌ଏସ୍:** ରଶ୍ମୀ ପ୍ୟାଲେସଠାରେ ଆଇନଜୀବୀ ସରୋଜ ଶତପଥୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଆଡଭୋକେଟ ଅମରେନ୍ଦୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ହାଇକୋର୍ଟ ବିଚାରପତି ଆଦିତ୍ୟ ମହାପାତ୍ର, ବରିଷ୍ଠ ଓକିଲ ସୁବୀର ପାଲିତ, ସିପିଆଇ ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ ମିଶ୍ର, ଜୟନ୍ତ ଦାସ, ବିପିନ ପାଢୀ, ଦୀପକ ମହାପାତ୍ର, ପ୍ରଶାନ୍ତ ଜେନା, ପଞ୍ଚାନନ ସାହୁ, ଡଃ ଜ୍ଞାନ ଗୁରୁ ଦାସ ଖଗେଶ୍ୱର ସେଠୀ, ଭବାନୀ ଦାସ ଭ୍ରମରବର ସାହୁ, ଅଶୋକ ତା,ତାପସ ଦ୍ୱିବେଦୀ, ବିପିନ ରାୟ, ଶରତ ଶତପଥୀ, ଉର୍ମିଳା ଆଚାର୍ଯ୍ୟ, ପ୍ରସନ୍ନ ମହାପାତ୍ର ପ୍ରଫେସର ଅଶୋକ ପଟ୍ଟନାୟକ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

### ବୟସସୀମା ୩ ବର୍ଷ କୋହଳ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

# ଚୟନ ପ୍ରକ୍ରିୟାରେ କୃତକାର୍ଯ୍ୟ ୭ ଜଣ ପାଇବେ ଚାକିରି



**କଟକ,୨୮।୧୧/ଏନ୍‌ଏନ୍‌ଏସ୍:** ଓଡ଼ିଶା ଅଗ୍ନିଶମ ସେବାର ଆଗ୍ନିକ ପଦରେ ନିଯୁକ୍ତି ନିମନ୍ତେ ଚୟନ ପ୍ରକ୍ରିୟାରେ କୃତକାର୍ଯ୍ୟ ହୋଇଥିବା ୭ ଜଣ ଆବେଦନକାରୀଙ୍କ ବୟସସୀମା ୩ ବର୍ଷ କୋହଳ କରିବା ନିମନ୍ତେ ହାଇକୋର୍ଟ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନେ ହେଲେ ମାନସ କୁମାର ରାଉଳ, ବିଜୟ କୁମାର ରାଉତ, ପପୁ ସାମଲ, କୃଷ୍ଣ ଚନ୍ଦ୍ର ନାୟକ, ଆଦିତ୍ୟ ସିଂହ, ପ୍ରସନ୍ନଜିତ୍ ଗୋଛାୟତ ଓ ପ୍ରିୟଦର୍ଶନ ରାୟ। ହାଇକୋର୍ଟର ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଏହି ୭ ଜଣଙ୍କ ପକ୍ଷରୁ ରୁଜୁ ମାମଲାର ବିଚାର ଶେଷ କରି ଆଜି ରାୟ ପ୍ରଦାନ କରିଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶନାମା ପାଇବାର ୨ ମାସ ମଧ୍ୟରେ ସମସ୍ତ ପ୍ରକ୍ରିୟା ଶେଷ କରି ସେମାନଙ୍କୁ ନିଯୁକ୍ତି ଦେବା ନିମନ୍ତେ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଓଡ଼ିଶା ଅଗ୍ନିଶମ ସେବାର ୮୨୬ ଆଗ୍ନିକ ଓ ୧୫୦ ଆଗ୍ନିକ ଡ୍ରାଇଭର ପଦରେ ନିଯୁକ୍ତି ନିମନ୍ତେ ୨୦୨୩ ଅଗଷ୍ଟ ୨୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ଆବେଦନ ନିମନ୍ତେ ସର୍ବୋଚ୍ଚ ବୟସ ସୀମା ୨୫ ବର୍ଷ ରହିଥିଲା। ମାତ୍ର ଉପରୋକ୍ତ ଆବେଦନକାରୀମାନେ ଉକ୍ତ ବୟସ ସୀମା ପାର କରିସାରିଥିବାରୁ ଉକ୍ତ ପଦରେ ଆବେଦନ କରିବାରୁ ବଞ୍ଚିତ ହୋଇଥିଲେ। ଫଳରେ ଏଥିରେ ଆବେଦନ ପାଇଁ ବୟସ ସୀମା କୋହଳ କରିବା ନିମନ୍ତେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନେ ଆବେଦନରେ ଦର୍ଶାଇଥିଲେ ଯେ ୨୦୧୫ ମସିହା ପରଠାରୁ ୨୦୨୩ ପର୍ଯ୍ୟନ୍ତ ଆଗ୍ନିକ ପଦରେ କୌଣସି ନିଯୁକ୍ତି ହୋଇନଥିଲା। ପୁଣି କୋଭିଡ୍-୧୯ ମଧ୍ୟ ବାଧକ ସାଜିଥିଲା। ଅପର ପକ୍ଷରେ ସିଭିଲ ସର୍ଭିସ ଭଳି ଅନ୍ୟ ସରକାରୀ ଚାକିରୀ କ୍ଷେତ୍ରରେ ବୟସ ସୀମା ଅଧିକ ରହିଛି। ତେଣୁ ସେମାନଙ୍କୁ ବୟସ ସୀମା କୋହଳ କରି ଚୟନ ପ୍ରକ୍ରିୟାରେ ଭାଗ ନେବାକୁ ଅନୁମତି ଦେବା ପାଇଁ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଥିଲେ। ହାଇକୋର୍ଟ ସେମାନଙ୍କ ପ୍ରାର୍ଥନାକୁ ଗ୍ରହଣ କରି ଚୟନ ପ୍ରକ୍ରିୟାରେ ଭାଗ ନେବା ନିମନ୍ତେ ସେମାନଙ୍କ ଆବେଦନପତ୍ର ଅଫ୍‌ଲାଇନ ଜରିଆରେ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଚୟନ ପ୍ରକ୍ରିୟାରେ ଏହି ୭ ଆବେଦନକାରୀ କୃତକାର୍ଯ୍ୟ ହୋଇଥିବା ବେଳେ ସେମାନଙ୍କୁ ଚାକିରି ଦିଆଯାଇନଥିଲା। ପୁଣି ସେମାନେ ଏ ବାବଦରେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହାଇକୋର୍ଟ ଏହାକୁ ବିଚାର କରି ଆବେଦନକାରୀମାନଙ୍କ ସପକ୍ଷରେ ରାୟ ପ୍ରଦାନ କରିଛନ୍ତି। ଆବେଦନକାରୀମାନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାଜୀବ ରଥ ମାମଲା ପରିଚାଳନା କରୁଥିଲେ।

### ପାଟଣାଗଡ଼ ଓ କଣ୍ଟାବାଞ୍ଜି ନିର୍ବାଚନୀ ଅନିୟମିତତା ମାମଲା

# ସାକ୍ଷୀ ଓ ନଥିପତ୍ର ତାଲିକା ଦାଖଲ ନିର୍ଦ୍ଦେଶ

**କଟକ,୨୮।୧୧/ଏନ୍‌ଏନ୍‌ଏସ୍:** ପାଟଣାଗଡ ନିର୍ବାଚନୀ ଅନିୟମିତତା ମାମଲାର ହାଇକୋର୍ଟରେ ଶୁଣାଣି ହୋଇଯାଇଛି। ଆବେଦନକାରୀ ସରୋଜ କୁମାର ମେହେରଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ମାମଲାର ଉଭୟ ପକ୍ଷଙ୍କୁ ସମସ୍ତ ସାକ୍ଷୀ ଓ ନଥିପତ୍ର ତାଲିକା ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ଆସନ୍ତା ଡିସେମ୍ବର ୧୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ପୂର୍ବରୁ ଏହି ମାମଲାରେ ଜବାବ ଦାଖଲ ପାଇଁ ଶ୍ରୀ ସିଂହଦେଓ ତାରିଖ ପରେ ତାରିଖ ଗଡ଼ାଇ ଚାଲିବା ଓ ନିର୍ଦ୍ଧାରିତ ସମୟରେ ଜବାବ ଦାଖଲ ନ କରିବା ସହ ଅଧିକ ସମୟ ନେଉଥିବାରୁ ହାଇକୋର୍ଟ ତାଙ୍କୁ ଏଥିପାଇଁ ୨ ହଜାର ଟଙ୍କା ଜରିମାନା କରିବାକୁ ଆଦେଶ ଦେଇଥିଲେ। ଉକ୍ତ ଜରିମାନା ରାଶି ହାଇକୋର୍ଟ ବାର୍ ଆସୋସିଏସନ କଲ୍ୟାଣପାଣ୍ଠିରେ ଜମା କରିବାକୁ ଅଦାଲତ ତାଙ୍କ ହାଇକୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ବଲାଙ୍ଗୀର ଜିଲା ପାଟଣାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଭାରତୀୟ ଜନତା ପାର୍ଟି ଟିକେଟ୍‌ରେ ୨୦୨୪ ମସିହାରେ ନିର୍ବାଚନ ଜିତିଥିଲେ। ହେଲେ ସେ ନିର୍ବାଚନରେ ଅନିୟମିତତା କରିଥିବା ନେଇ ବିଜେଡିର ପରାଜିତ ପ୍ରାର୍ଥୀ ସରୋଜ କୁମାର ମେହେର ତାଙ୍କ ବିରୋଧରେ ହାଇକୋର୍ଟରେ ମାମଲା ଦାୟର କରିଥିଲେ। ସିଂହଦେଓ ପ୍ରାର୍ଥିପତ୍ର ଦାଖଲ ବେଳେ ମିଥ୍ୟା ସତ୍ୟପାଠ ପ୍ରଦାନ କରିଛନ୍ତି। ତାଙ୍କ ବିରୋଧରେ ଥିବା ଫୌଜଦାରୀ ମାମଲାକୁ ଚପାଇବା ସହ ତାଙ୍କ ସମ୍ପତ୍ତିର ତାଲିକା ସମ୍ପର୍କରେ ଶ୍ରୀ ସିଂହଦେଓ ମିଥ୍ୟା ତଥ୍ୟ ପ୍ରଦାନ କରିଛନ୍ତି ବୋଲି ଆବେଦନକାରୀ ରୁଜୁ ମାମଲାରେ ଦର୍ଶାଇଛନ୍ତି।

ସେହିପରି ହାଇକୋର୍ଟରେ ଆଜି କଣ୍ଟାବାଞ୍ଜି ନିର୍ବାଚନ ଅନିୟମିତତା ସମ୍ପର୍କିତ ମାମଲାର ଶୁଣାଣି ହୋଇଯାଇଛି। ଆବେଦନକାରୀ ଗିରୀରାଜ ସିଂଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ମାମଲାର ଉଭୟ ପକ୍ଷଙ୍କୁ ସମସ୍ତ ସାକ୍ଷୀ ଓ ନଥିପତ୍ର ତାଲିକା ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ଆସନ୍ତା ଡିସେମ୍ବର ୧୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଥାଉକି ବିଧାୟକ ଶ୍ରୀ ଲକ୍ଷ୍ମଣ ବାଗ୍ ଏହି ନିର୍ବାଚନ ମଣ୍ଡଳୀରୁ ବିଜେଡିର ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପରାସ୍ତ କରିଛନ୍ତି। ଶ୍ରୀ ବାଗ୍ ୯୦,୮୭୬ ଖଣ୍ଡ ଭୋଟ ପାଇଥିବାବେଳେ ଶ୍ରୀ ପଟ୍ଟନାୟକ ୭୪,୫୩୨ ଖଣ୍ଡ ଭୋଟ ପାଇଥିଲେ। ତେବେ ଶ୍ରୀ ବାଗ୍ ଏହି ନିର୍ବାଚନରେ ଅନିୟମିତତା କରିଛନ୍ତି ବୋଲି ଦର୍ଶାଇ ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ଆବେଦନକାରୀ ଗିରୀରାଜ ସିଂ ମାଝୀ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ଅନ୍ୟପକ୍ଷରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଭୋଟର୍ ଗିରୀରାଜ ସିଂ ମାଝୀଙ୍କ ପକ୍ଷରୁ ଆଗତ ନିର୍ବାଚନୀ ମାମଲାକୁ ଖାରଜ କରିବାକୁ ବିଧାୟକ ଲକ୍ଷ୍ମଣ ବାଗ୍ ହାଇକୋର୍ଟରେ ଆବେଦନ କରିଛନ୍ତି।

# କମିଶନରେଟ୍ ପୁଲିସ ପକ୍ଷରୁ ରକ୍ତଦାନ ଶିବିର



**କଟକ,୨୮।୧୧/ଏନ୍‌ଏନ୍‌ଏସ୍:** ଇଣ୍ଡିଆନ ରେଡ଼କ୍ରସ ସୋସାଇଟିର ଆଂଚଳିକ ଶାଖା, କମିଶନରେଟ ପୋଲିସ ଏବଂ ଚୌଦ୍ୱାର ଥାନାର ମିଳିତ ଆନୁକୂଲ୍ୟରେ ଚୌଦ୍ୱାର କପାଳେଶ୍ୱରସ୍ଥିତ ମ୍ୟୁନିସିପାଲଟି କଲ୍ୟାଣମଣ୍ଡପଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରୁ ୧୦୨ୟୁନିଟ ରକ୍ତ ସଂଗୃହୀତ ହୋଇଛି। କଟକ ଡିସିପି ରିଶିକେଶ ଖିଲାରୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଶିବିରକୁ ଉଦଘାଟନ କରିବା ସହିତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସ୍ଥାନୀୟ ବାସିନ୍ଦା, ସ୍ୱେଚ୍ଛାସେବୀ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ବହୁ ସଂଖ୍ୟାରେ ଯୋଗଦେଇ ରକ୍ତଦାନ କରିଥିଲେ। କେନ୍ଦ୍ରୀୟ ରେଡ଼କ୍ରସ ରକ୍ତ ଭଣ୍ଡାର ଶାଖାର କର୍ମକର୍ତ୍ତାମାନେ ଏହି ରକ୍ତଦାନ ଶିବିରରେ ରକ୍ତ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ସହରାଞ୍ଚଳ ପୋଲିସର ଅତିରିକ୍ତ ଡିସିପି ଆର୍.କେ ପୃଷ୍ଟି, ଜୋନ-୧ ଏସିପି ଅରୁଣ ସ୍ୱାଇଁ, ଚୌଦ୍ୱାର ଥାନା ଅଧିକାରୀ ଇନ୍ସପେକ୍ଟର ଦୀପକ ଖଣ୍ଡାୟତରାୟ, ଇନ୍ସପେକ୍ଟର ନିରଞ୍ଜନ ଭୋଇ, ଇନ୍ସପେକ୍ଟର ସରସ୍ୱତୀ ସାହୁ, ଚୌଦ୍ୱାର ପୌରପାଳିକାର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଏବଂ ଆରଏସଏସ ସଂପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ। ଟୁଇନସିଟିର ରକ୍ତର ଆବଶ୍ୟକତାକୁ ପୂରଣ କରିବା ଉଦ୍ଦେଶ୍ୟରେ କମିଶନରେଟ ପୋଲିସ, ଭୁବନେଶ୍ୱର-କଟକର ରେଡ଼କ୍ରସ ଶାଖା ନିୟମିତ ବ୍ୟବଧାନରେ ଏଭଳି ରକ୍ତଦାନ ଶିବିରର ଆୟୋଜନ କରିଆସୁଛି।

# ଖ୍ରୀଷ୍ଟ କଲେଜ ଓଡ଼ିଆ ବିଭାଗର ବାର୍ଷିକ ପାଠଚକ୍ର




**କଟକ,୨୮।୧୧/ଏନ୍‌ଏନ୍‌ଏସ୍:** ଖ୍ରୀଷ୍ଟ କଲେଜ ଓଡ଼ିଆ ବିଭାଗର ବାର୍ଷିକ ପାଠଚକ୍ର ଅଧକ୍ଷା ମଧୁମିତା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପାଠଚକ୍ରର ମୁଖ୍ୟବକ୍ତା ବିଶିଷ୍ଟ ସାମ୍ବାଦିକ ଓ ସଂସ୍କୃତିବିଷାରଦ ବିଜୟମଲ୍ଲ 'ଗଣମାଧମ ଓ ସାହିତ୍ୟ' ସଂପର୍କିତ ବିଷୟ ଉପରେ ଆଲୋଚନା କରି ସଂପ୍ରତିକ ସମୟରେ ଗଣମାଧମର ଭାଷା ଓ ସାହିତ୍ୟର ସ୍ଥିତି ସଂପର୍କରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ପରିଚ୍ଛଳନା ସମିତିର ସଭାପତି ଅନୁପମ ପାତ୍ରବିଦ୍ୟାର୍ଥୀମାନଙ୍କୁ ସାହିତ୍ୟ ରଚନା କ୍ଷେତ୍ରରେ ଆଗ୍ରହୀ ହେବା ପାଇଁପ୍ରେରଣା ଦେଇଥିଲେ। ଓଡ଼ିଆ ବିଭାଗର ସୁସାହିତ୍ୟିକ ଛାତ୍ରୀ ତେଜସ୍ୱିନୀ ପଣ୍ଡାଙ୍କର ସୃଜନଶୀଳ ପ୍ରତିଭା, ଅତ୍ୟାଶା ପ୍ରତିହାରୀଙ୍କ ଅଭିନୟର ପାରଦର୍ଶିତା ଓ ନିତିଶ୍ କୁମାର ଦାଶଙ୍କ ମଧୁର ସଙ୍ଗୀତ ପରିବେଷଣର ଅପୂର୍ବସଫଳତା ପାଇଁ ବିଭାଗ ତରଫରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ବିଭାଗ ମୁଖ୍ୟ ଡଃକୃତିବାସ ଷଡଙ୍ଗୀ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରାଧ୍ୟାପକଡଃ ଦୈତ୍ୟାରି ଶୁକ୍ଳ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଓ ଅଧାପିକା ଡଃ ରୂପାଳି ମହାନ୍ତି ଧନ୍ୟବାଦ ଦେଇଥିଲେ। ପାଠଚକ୍ରର ସମସ୍ତ କାର୍ଯ୍ୟକ୍ରମକୁ ଅଧାପିକା ଡଃସ୍ମିତା ନାୟକ ଓ ଅଧାପକ ପୀତବାସ ଷଡଙ୍ଗୀ ପରିଚ୍ଛଳନାକରିଥିଲେ। ପରିଚ୍ଛଳନା ସମିତିସଭ୍ୟ, ଉପାଧକ୍ଷା, ବରିଷ୍ଠ ଅଧାପକ ଅଧାପିକା ଓ ଛାତ୍ରଛାତ୍ରୀମାନେ ପାଠଚକ୍ରରେ ଉପସ୍ଥିତ ଥିଲେ।

# ଓମା' ପକ୍ଷରୁ ହ୍ୟୁମାନ୍‌ଙ୍କୁ ଶ୍ରଦ୍ଧାଞ୍ଜଳି



**କଟକ,୨୮।୧୧/ଏନ୍‌ଏନ୍‌ଏସ୍:** ଓଡିଶା ମେଲୋଡି ଆସୋସିଏସନ (ଓମା) ପକ୍ଷରୁ ସ୍ଥାନୀୟ ଗୋପାଳପୁରଠାରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ନିଲୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ସ୍ୱର୍ଗତ ହ୍ୟୁମାନଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ରାଜ୍ୟର ବହୁ ବିଶିଷ୍ଟ ମେଲୋଡି କଳାକାର ଶ୍ରଦ୍ଧାଞ୍ଜଳି ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଅଜୟ କରଙ୍କ ପରିଚାଳନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କଳାକାରମାନେ ହ୍ୟୁମାନ ଗୀତକୁ ଗାଇବା ସହିତ ତାଙ୍କର ସ୍ମୃତି ଚାରଣ କରିଥିଲେ। ଏଥିରେ ଶ୍ୟାମ କୁମାର, ଅଞ୍ଜନ ମାହାନା, ଲୁଲୁ ମହାନ୍ତି, ସମ୍ପାଦକ ଦୀପକ ବାଜୁରିଆ, ସଭାପତି ବୀରେନ୍ଦ୍ର ଦାସ, ଅରବିନ୍ଦ ବଳିୟାର ସିଂହ, ପ୍ରଦୀପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପଦ୍ମ ଧରିଲେ ତାଳଚେରର ବହୁ ବିଜେଡି ନେତା



**ଭୁବନେଶ୍ୱର,୨୮।୧୧/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ବଢ଼ିଚାଲିଛି। ରାଜ୍ୟରେ ଡବଲ ଇଂଜିନ ସରକାରର ବିକାଶ ମଡେଲକୁ ଆଧାର କରି ସମସ୍ତେ ଏବେ ବିଜେପି ମୁହାଁ। ଦଳର ବିଚାରଧାରା ଉପରେ ଅନୁପ୍ରାଣିତ ହୋଇ ବିଜେପିରେ ନୂତନ କାର୍ଯ୍ୟକର୍ତ୍ତାଙ୍କ ଯୋଗଦାନ ବଢ଼ିବାରେ ଲାଗିଛି। ରାଜ୍ୟରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନିତ କରି ଓଡ଼ିଶାର ମୌଳିକ ସମସ୍ୟାର ସମାଧାନ ପାଇଁ ବିଜେପି କାର୍ଯ୍ୟ କରିବ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନଠାରୁ ଆରମ୍ଭ କରି ରାଜ୍ୟର ସାମଗ୍ରିକ ବିକାଶ କରିବାକୁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ତାଳଚେର ଓ ଅନୁଗୁଳ ହେଉଛି ଓଡ଼ିଶାର କେନ୍ଦ୍ରାଞ୍ଚଳ। ଏହି ମିଶ୍ରଣ ପରେ ତାଳଚେର ସମେତ ଅନୁଗୁଳ ଜିଲ୍ଲାରେ ଦଳର ସଂଗଠନ ଆହୁରୀ ଶକ୍ତିଶାଳୀ ହୋଇଯାଇଛି। ସଶକ୍ତ ସଂଗଠନ ଗଢି ତୋଳିବାର ଦାୟିତ୍ୱ ଆମ ସମସ୍ତଙ୍କର ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଏହି ଅବସରରେ ତାଳଚେର ପୌର ପରିଷଦର ନଗରପାଳ ପବିତ୍ର ଭୁତିଆ ବିଜେଡି ଦଳ ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ଶ୍ରୀ ଭୁତିଆଙ୍କ ସମେତ ତାଳଚେର ପୌର ପରିଷଦର ୧୩ ଜଣ କାଉନସିଲର, ଅନେକ ସଂଖ୍ୟାରେ ସରପଂଚ ଓ ନିର୍ବାଚିତ ଜନପ୍ରତିନିଧି ଏବଂ ବିଜେଡି ନେତା ଆନୁଷ୍ଠନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ବିଜେଡି ନେତାମାନଙ୍କ ଅଣଦେଖା ଓ ଅବହେଳା କାରଣରୁ ସ୍ଥାନୀୟ ଅଞ୍ଚଳର ବିକାଶ ବାଧାପ୍ରାପ୍ତ ହୋଇଛି। ବିଜେଡି ଲୋକଙ୍କୁ ଧୋକା ଦେଇଛି। ବିଜେପିର ଡବଲଇଞ୍ଜିନ ସରକାର ଗୋଟିଏ ପରେ ଗୋଟିଏ ବିକାଶମୂଳକ କାର୍ଯ୍ୟ କରିଚାଲିଛି। ତାଳଚେରର ସ୍ୱାର୍ଥ ଏବଂ ବିକାଶ ପାଇଁ ବିଜେପିରେ ସାମିଲ ହେଲୁ। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ଶ୍ରୀ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ କରିଛନ୍ତି। ଏହି ଅବସରରେ ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି, ବରିଷ୍ଠ ନେତା ରଞ୍ଜନ ପଟେଲ, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, କ୍ଷେତ୍ରୀୟ ମିଡିଆ ସଂଯୋଜକ ଶ୍ରୀ ପର୍ଶୁରାମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### 'ଦ ଏଡ୍ୟୁ ଡାଏଲୋଗ'ରେ କେନ୍ଦ୍ରମନ୍ତ୍ରୀ

# 'ବିଶ୍ୱବ୍ୟାପୀ ଜ୍ଞାନର ଅନ୍ୱେଷଣ ପାଇଁ ଓଡ଼ିଆ ପିଲାଙ୍କୁ ପ୍ରସ୍ତୁତ କରାଇବା'

**ଭୁବନେଶ୍ୱର, ୨୮।୧୧/ଏନ୍‌ଏନ୍‌ଏସ୍:** ଓଡ଼ିଆ ପିଲାମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଇବାକୁ ହେବ। ପରିବର୍ତ୍ତିତ ଟେକ୍ନୋଲୋଜି ଦୃଶ୍ୟପଟ୍ଟରେ ସେମାନଙ୍କ ମାଧ୍ୟମରେ ବିଶ୍ୱବ୍ୟାପୀ ଜ୍ଞାନର ଅନ୍ୱେଷଣ କରିବା ଆମର ପ୍ରୟାସ ରହିଛି। ଏହି ଲକ୍ଷ୍ୟରେ ବିଶ୍ୱର ଅଗ୍ରଣୀ ଅନୁଷ୍ଠାନ ତଥା ସିଙ୍ଗାପୁରର ଜିଏଫଟିଏନ୍, ଏଆଇଡିଏଫ ଏବଂ ନ୍ୟାସନାଲ୍ ୟୁନିଭର୍ସିଟି ଅଫ୍ ସିଙ୍ଗାପୁର ମିଳିତ ଭାବରେ ଏସଡିଆଇ, ଭୁବନେଶ୍ୱରରେ ଫିନଟେକ୍ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି, ଯାହା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶୁକ୍ରବାର ସ୍କିଲ ଡେଭଲପମେଣ୍ଟ୍ ସେଣ୍ଟର ଏବଂ ଜିଏଫଟିଏନର ମିଳିତ ସହଯୋଗରେ ଅନୁଷ୍ଠିତ "ଶିକ୍ଷା ସମ୍ବାଦ - ପ୍ରଯୁକ୍ତି ବିଦ୍ୟା ସହିତ ଭବିଷ୍ୟତ" କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ଶ୍ରୀ ପ୍ରଧାନ। ଏହି ଅବସରରେ ସେ ସମ୍ବାଦ ଅଧିବେଶନରେ ଭାଗ ନେଇ ନିଜର ମତାମତ ବ୍ୟକ୍ତ କରିଥିଲେ। ଶ୍ରୀ ପ୍ରଧାନ କହିଛନ୍ତି ଯେ କୃତ୍ରିମ ବୁଦ୍ଧିମତା (ଏଆଇ) ଏବଂ ଭର୍ଚୁଆଲ ରିଆଲିଟି (ଭିଆର) ଆମର ଶିକ୍ଷା, କାର୍ଯ୍ୟ ଏବଂ ଯୋଗାଯୋଗକୁ ବର୍ତ୍ତମାନ ସମୟରେ ରୂପାନ୍ତରିତ କରୁଛି। ଏହା ଏବେ କେବଳ ଏକ ବିଷୟ ନୁହେଁ ବରଂ ଆମ ଜୀବନଶୈଳୀର ଏକ ଅଂଶ ପାଲଟିଛି ; ଅଡିଓ କମ୍ୟୁନିକେସନରୁ ଆରମ୍ଭ କରି ଜଟିଳ ସମାଧାନ ପର୍ଯ୍ୟନ୍ତ ସବୁଠି ଏହାର ପ୍ରୟୋଗ ହେଉଛି। ଆମେ ବର୍ତ୍ତମାନ ଶିଳ୍ପ ବିପ୍ଳବ ୫.୦ ଆଡକୁ ଅଗ୍ରସର ହେଉଛୁ। ଭବିଷ୍ୟତର ଟେକ୍ନୋଲୋଜି ବିଶେଷ ଭାବରେ ୬ଜି ଏବଂ କ୍ୱାଣ୍ଟମ କମ୍ପ୍ୟୁଟିଂ ଆଗାମୀ ଦିନରେ ଏକ ନୂଆ ପରିଚୟ ସୃଷ୍ଟି କରିବ। ଏହି ବୈଷୟିକ ପରିବର୍ତ୍ତନର ସାମ୍ନା କରିବାକୁ ହେଲେ ଆମକୁ କେବଳ କ୍ୟାମ୍ପସ ନୁହେଁ ବରଂ ନୂଆ ଦକ୍ଷତା, ଉଚ୍ଚତା, ସ୍ୱପ୍ନ ଓ ଆକାଂକ୍ଷାକୁ ପ୍ରୋତ୍ସାହିତ କରୁଥିବା ଏକ ଶିକ୍ଷା ଓ କୌଶଳର ସଂସ୍କୃତି ତିଆରି କରିବାକୁ ପଡ଼ିବ। ଏହି ପରିପ୍ରେକ୍ଷୀରେ ଏସଡିଆଇ ଭୁବନେଶ୍ୱର ଆମର ଛାତ୍ରଛାତ୍ରୀଙ୍କୁ ବିଶ୍ୱସ୍ତରରେ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବାର ନିଷ୍ଠା ପ୍ରଶଂସନୀୟ।

ଏସଡିଆଇ ଭୁବନେଶ୍ୱର ଅନୁଷ୍ଠାନ



ଐତିହ୍ୟରେ ପରିପୂର୍ଣ୍ଣ ଅଞ୍ଚଳରେ ଅବସ୍ଥିତ। ମହାନ ଯୋଦ୍ଧା ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ହୋଇଥିବା ପାଇକ ବିଦ୍ରୋହର ପରମ୍ପରା ଏଠାରେ ରହିଛି। ଏହାର ପରମ୍ପରା ଓ ଭବିଷ୍ୟତର ଏକ ପ୍ରତୀକାତ୍ମକ ସଙ୍ଗମସ୍ଥଳ ଭାବରେ ଛିଡ଼ା ହୋଇଛି। ସେ କୋଣାର୍କ ସୂର୍ଯ୍ୟ ମନ୍ଦିର, ପୁରୀ ଶ୍ରୀ ମନ୍ଦିର ଏବଂ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ଉଦାହରଣ ଦେଇ କହିଥିଲେ ଯେ ଏହା କେବଳ ଏକ ସ୍ମାରକୀ ନୁହେଁ, ବରଂ ବୈଜ୍ଞାନିକ ଭାବରେ ପରିକଳ୍ପିତ ଏକ ସ୍ଥାପତ୍ୟ କଳା ଏବଂ ଆମ ପୂର୍ବପୁରୁଷଙ୍କ ଦ୍ୱାରା ପରିକଳ୍ପିତ ଏକ ବିଜ୍ଞାନ ପରୀକ୍ଷଣ। ଆମକୁ ଆଜିର ଆବଶ୍ୟକତାକୁ ବୁଝି ଭବିଷ୍ୟତ ପାଇଁ ଯୋଜନା କରିବାକୁ ପଡ଼ିବ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଭାଷା ଭିତ୍ତିରେ ଓଡ଼ିଶା ୨୦୩୬ରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ। ଏଣୁ ଆମର ଆଗାମୀ ୧୦ ବର୍ଷର ଲକ୍ଷ୍ୟ ସ୍ପଷ୍ଟ ହେବା ଆବଶ୍ୟକ। ଆମର ପ୍ରଥମ ଲକ୍ଷ୍ୟ ହେଉଛି ୨୦୩୫ ସୁଦ୍ଧା ଏକ ବିକାଶମୂଳକ ବାତାବରଣ ତିଆରି କରିବା, ଯେଉଁଠାରେ ଆମେ କେବଳ ନିଯୁକ୍ତି ଖୋଜିବା ନାହିଁ, ବରଂ ନିଯୁକ୍ତିଦାତା ଭାବେ ଉଭା ହେବା। ଏହି ଐତିହାସିକ ମୁହୂର୍ତ୍ତ ପାଇଁ ଆମକୁ ନିଜକୁ ପ୍ରସ୍ତୁତ କରିବାକୁ ପଡ଼ିବ। ଏହି ସମୟ ପାଇଁ ପ୍ରସ୍ତୁତ ହୋଇ ଓଡ଼ିଆ ଭାବେ ନିଜର ଦାୟିତ୍ୱବୋଧକୁ ଉପସ୍ଥାପନ କରିବାକୁ ପଡ଼ିବ। ଏହା କରିବାକୁ ହେଲେ ଆମକୁ ସାହସୀ ଓ ସ୍ୱାଭିମାନୀ ହେବା ସହ ପୁରୁଷାର୍ଥ ମାଧ୍ୟମରେ ସମୃଦ୍ଧି ଓ ସମ୍ପନ୍ନତା ଆଣିବାକୁ ହେବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହେଉଛି ସାମାଜିକ ଦାୟିତ୍ୱ। କାହାର ଅଧିକାର ସେତେବେଳେ ପୂରା ହୁଏ, ଯେତେବେଳେ କେହି ଦାୟିତ୍ୱ ନିଏ। ପୁଷ୍ଟିକର ଆହାର ଯୋଗାଇ ପୋଷଣ ଅଭାବରୁ ଅପପୁଷ୍ଟିର ଶିକାର ହେଉଥିବା ପିଲାମାନଙ୍କର ଧ୍ୟାନ ନେବା ଦ୍ୱାରା ହିଁ ଏକ ସୁସ୍ଥ, ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ହେବ। ଏହିପରି ଭାବେ, ଆମେ ବିକଶିତ ଓଡ଼ିଶା ମାଧ୍ୟମରେ ଏକ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିପାରିବା।

ପ୍ରକାଶ ଯେ, ନିକଟରେ ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଓ ସିଙ୍ଗାପୁର ସ୍ଥିତ ଗ୍ଲୋବାଲ ଫାଇନାନ୍ସ ଆଣ୍ଡ୍ ଟେକ୍ନୋଲୋଜି ନେଟୱାର୍କ(ଜିଏଫଟିଏନ) ସହଯୋଗରେ ଓଡ଼ିଶାର ଯୁବପିଢ଼ିଙ୍କୁ ଫିନଟେକ୍ କ୍ଷେତ୍ରରେ ଏକବିଂଶ ଶତାବ୍ଦୀର ସମ୍ପୂର୍ଣ୍ଣ ସୁଯୋଗ ନେବା ପାଇଁ 'ସମନ୍ୱିତ ବିଶ୍ୱ ଆର୍ଥିକ ପ୍ରଯୁକ୍ତିବିଦ୍ୟା ସାମର୍ଥ୍ୟ ହବ୍' ଭାରତନେତ୍ରର ଶୁଭାରମ୍ଭ ହୋଇଥିଲା। ଏହି କେନ୍ଦ୍ରର ମୂଳ ଲକ୍ଷ୍ୟ ହେଉଛି ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୭,୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପ୍ରଯୁକ୍ତିବିଦ୍ୟା, ରେଗୁଲେସନ ଏବଂ ବ୍ୟବସାୟର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ତାଲିମ ଦେବା। ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଆଗକୁ ନେବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ମତବିନିମୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ଶ୍ରୀ ପ୍ରଧାନ ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଛାତ୍ରଛାତ୍ରୀ, କର୍ମଚାରୀ, ପ୍ରଶିକ୍ଷକଙ୍କ ସହ କଥା ହୋଇଥିଲେ। ହରପ୍ରିୟା ରେଡ୍ଡି, ସୁମନ କୁମାର ସେନାପତି, ବିକାଶ କୁମାର, ଲିଜା ବେହେରା, ଅଭିଜିତ ନାଏକ, ଅଭିଜିତ ସାମନ୍ତରାୟ, ଗଙ୍ଗାଧର ଦାଶ, ଶାଶ୍ୱତ ମହାନ୍ତି ପ୍ରମୁଖ କେନ୍ଦ୍ର ମନ୍ତ୍ରୀଙ୍କ ସହ ମତ ବିନିମୟ କରିଥିଲେ। ଏସଡିଆଇ, ଭୁବନେଶ୍ୱରରେ ଆଲୋଚନା କାର୍ଯ୍ୟକ୍ରମ ଅବସରରେ ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀଙ୍କଠାରୁ ଲ୍ୟାବରେ ପ୍ରସ୍ତୁତ ହୋଇଥିବା ପେନ୍, ଏସଡ଼ିଆଇର ସ୍ମୃତିଚିହ୍ନ ଏବଂ ହାତ ତିଆରି କୁକିଜ୍ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଓସିଏଲ ଆର୍ ଆଣ୍ଡ୍ ଡି'ର ନିର୍ଦ୍ଦେଶକ ଆଲୋକ ଶର୍ମା, ଜିଏଫଟିଏନ, ସିଙ୍ଗାପୁରର ସିଇଓ ଜେମ୍ସ ବୋ, ଏନୟୁଏସର ଆଡଜଙ୍କ୍ଟ ପ୍ରଫେସର ଇଲେନ୍ ସୋର,ଏସଡ଼ିଆଇ ଭୁବନେଶ୍ୱରର ସିଇଓ ରଞ୍ଜନ ଭୌମିକ ପ୍ରମୁଖ ଉପସ୍ଥିତ ଥିଲେ।




**ଡିସେମ୍ବର ୨୧ରୁ ପାଞ୍ଚ ମ୍ୟାଚ୍‌ର ମହିଳା ଟି-୨୦ ସିରିଜ୍**

# ବାଂଲାଦେଶ ସ୍ଥାନରେ ଶ୍ରୀଲଙ୍କା ସହ ଖେଳିବ ଭାରତ



**ମୁମ୍ବାଇ,୨୮।୧୧/ଏଜେନ୍ସି:** ଭାରତୀୟ ମହିଳା ଟିମ୍ ଡିସେମ୍ବରରେ ଶ୍ରୀଲଙ୍କା ବିପକ୍ଷରେ ପାଞ୍ଚ ମ୍ୟାଚ୍‌ର ଟି-୨୦ ସିରିଜ୍ ଖେଳିବ। ପ୍ରଥମ ମ୍ୟାଚ୍ ଡିସେମ୍ବର ୨୧ରେ ହେବ। ଏହି ସିରିଜ୍ ବିଶାଖାପାଟଣା ଓ ତିରୁଅନନ୍ତପୁରମ୍‌ରେ ଆୟୋଜିତ ହେବ। ବିସିସିଆଇ ଶୁକ୍ରବାର ଏହାର କାର୍ଯ୍ୟକ୍ରମ ଜାରି କରିଛି। ଦିନିକିଆ ବିଶ୍ୱକପ୍ ଜିତିବା ପରେ ଭାରତୀୟ ଟିମ୍‌ର ଏହା ପ୍ରଥମ ସିରିଜ୍ ହେବ। ଏହା ପୂର୍ବରୁ ରାଜନୈତିକ ଉତ୍ତେଜନା କାରଣରୁ ଏହି ସମୟରେ ହେବାକୁ ଥିବା ଭାରତ-ବାଂଲାଦେଶ ମହିଳା ସିରିଜ୍‌କୁ ସ୍ଥଗିତ କରାଯାଇଥିଲା। ଏଥିରେ ତିନି ଦିନିକିଆ ଏବଂ ତିନି ଟି-୨୦ ମ୍ୟାଚ୍ ଖେଳାଯିବାର ଥିଲା।

ଶ୍ରୀଲଙ୍କା ଶେଷଥର ପାଇଁ ୨୦୨୧ରେ ଟି-୨୦ ସିରିଜ୍ ଖେଳିବାକୁ ଭାରତ ଆସିଥିଲା। ଏଥିରେ ଭାରତ କ୍ଲିନ୍ ସ୍ୱିପ୍ କରିଥିଲା। ଅନ୍ୟପକ୍ଷରେ ଭାରତ ନିଜର ଶେଷ ଟି-୨୦ ମ୍ୟାଚ୍ ଚଳିତ ବର୍ଷ ଜୁଲାଇରେ ଇଂଲଣ୍ଡରେ ଖେଳିଥିଲା ଏବଂ ପ୍ରଥମ ଥର ଇଂଲଣ୍ଡ ମାଟିରେ ୩-୨ରେ ଟି-୨୦ ସିରିଜ୍ ଜିତିଥିଲା। ଏହି ସିରିଜ୍ ଜାନୁଆରୀ ୨୦୨୬ରେ ଆରମ୍ଭ ହେବାକୁ ଥିବା ମହିଳା ପ୍ରିମିୟର୍ ଲିଗ୍ (ଡବ୍ଲ୍ୟୁପିଏଲ୍)ର ଠିକ୍ ପୂର୍ବରୁ ରଖାଯାଇଛି। ଡବ୍ଲ୍ୟୁପିଏଲ୍ ଜାନୁଆରୀ ୯ରୁ ନବୀ ମୁମ୍ବାଇରେ ଆରମ୍ଭ ହେବ ଏବଂ ପରେ ବଡ଼ୋଦରା ଯିବ। ଉଲ୍ଲେଖଯୋଗ୍ୟ, ଚଳିତ ଥର କୌଣସି ଡବ୍ଲ୍ୟୁପିଏଲ୍ ଟିମ୍‌ରେ ଶ୍ରୀଲଙ୍କାର ଜଣେ ବି ଖେଳାଳି ସାମିଲ ନାହାନ୍ତି। ଡବ୍ଲ୍ୟୁପିଏଲ୍ ପରେ ଫେବୃଆରୀ-ମାର୍ଚ୍ଚରେ ଭାରତ ଅଲ୍-ଫର୍ମାଟ୍ ଟୁର୍ ପାଇଁ ଅଷ୍ଟ୍ରେଲିଆ ଗସ୍ତ କରିବ।

**କାର୍ଯ୍ୟକ୍ରମ**

ପ୍ରଥମ ଟି-୨୦: ଡିସେମ୍ବର ୨୧ (ବିଶାଖାପାଟଣା)
ଦ୍ୱିତୀୟ ଟି-୨୦: ଡିସେମ୍ବର ୨୩ (ବିଶାଖାପାଟଣା)
ତୃତୀୟ ଟି-୨୦: ଡିସେମ୍ବର ୨୬ (ତିରୁଅନନ୍ତପୁରମ୍)
ଚତୁର୍ଥ ଟି-୨୦: ଡିସେମ୍ବର ୨୮ (ତିରୁଅନନ୍ତପୁରମ୍)
ପଞ୍ଚମ ଟି-୨୦: ଡିସେମ୍ବର ୩୦ (ତିରୁଅନନ୍ତପୁରମ୍)

**ବୋଲିଂ କୋଚ୍ ମୋର୍କେଲ୍‌ଙ୍କ ବଡ଼ ବୟାନ**

# ବିଶ୍ୱକପ୍ ଖେଳିପାରିବେ ରୋହିତ-କୋହଲି

**ରାଞ୍ଚି,୨୮।୧୧/ଏଜେନ୍ସି:** ପୂର୍ବତନ ଭାରତୀୟ କ୍ୟାପ୍ଟେନ୍ ରୋହିତ ଶର୍ମା ଏବଂ ବିରାଟ କୋହଲି ୨୦୨୭ରେ ହେବାକୁ ଥିବା ଦିନିକିଆ ବିଶ୍ୱକପ୍ ଖେଳିପାରିବେ ବୋଲି ଟିମ୍ ଇଣ୍ଡିଆ ବୋଲଂ କୋଚ୍ ମୋର୍ନେ ମୋର୍କେଲ୍ କହିଛନ୍ତି। ତେବେ ମାନସିକ ଓ ଶାରୀରିକ ଭାବେ ଫିଟ୍ ରହିବା ଏବଂ ସେମାନଙ୍କ ଶରୀର ଏଥିପାଇଁ ପ୍ରସ୍ତୁତ ଥିଲେ ଏଥିରେ କୌଣସି ଅସୁବିଧା ନାହିଁ। ରୋହିତ ଓ କୋହଲିଙ୍କ ଭବିଷ୍ୟତକୁ ନେଇ ଏକ ପ୍ରଶ୍ନର ଜବାବରେ ଭାରତୀୟ କୋଚ୍ ଏହା କହିଛନ୍ତି। ସୂଚନାଯୋଗ୍ୟ, ରୋହିତ ଓ କୋହଲି କେବଳ ଦିନିକିଆ କ୍ରିକେଟ୍ ହିଁ ଖେଳୁଛନ୍ତି। ଦୁହେଁ ଟି-୨୦ ଏବଂ ଟେଷ୍ଟ୍‌ରୁ ସନ୍ନ୍ୟାସ ନେଇସାରିଛନ୍ତି। ଏହାପରେ ଦୁହିଁଙ୍କ ଭବିଷ୍ୟ ଉପରେ ପ୍ରଶ୍ନ ଉଠିଥିଲା।



ଶୁକ୍ରବାର ରାଞ୍ଚିରେ ପ୍ରାକ୍ଟିସ୍ ସେସନ୍ ପରେ ମୋର୍କେଲ୍‌ଙ୍କୁ ପଚରା ଯାଇଥିଲା ଯେ କ'ଣ ସେ ଚାହାନ୍ତି ରୋହିତ ଓ କୋହଲି ଦିନିକିଆ ବିଶ୍ୱକପ୍‌ରେ ଖେଳନ୍ତୁ। ଏହାର ଉତ୍ତରରେ ମୋର୍କେଲ୍ କହିଛନ୍ତି, ଏବେ ଏଥିପାଇଁ ବହୁ ସମୟ ଅଛି। ସେ ଦୁହେଁ ମହାନ୍ ଖେଳାଳି। ଯେପର୍ଯ୍ୟନ୍ତ ରୋହିତ-କୋହଲି କଠିନ ପରିଶ୍ରମ କରୁଥିବେ ଏବଂ ଫିଟ୍‌ନେସ୍ ତାଙ୍କ ସାଥ୍ ଦେଉଥିବ ତେବେ କୌଣସି ଅସୁବିଧା ନାହିଁ। ମୁଁ ସର୍ବଦା ଅନୁଭବ ଉପରେ ଭରସା କରିଥାଏ। ସେ ଅନୁଭବ ଯାହା ଆପଣଙ୍କୁ ଆଉ କେଉଁଠି ମିଳିନଥାଏ। ମୋର୍କେଲ୍ ଆହୁରି କହିଥିଲେ, ରୋହିତ-କୋହଲି ଅନେକ ଟ୍ରଫି ଜିତିଛନ୍ତି। ସେମାନଙ୍କର ବଡ଼ ଟୁର୍ଣ୍ଣାମେଣ୍ଟ ଖେଳିବାର ଅନୁଭବ ରହିଛି। ହଁ, ସେମାନେ ବିଶ୍ୱକପ୍‌ରେ ନିଶ୍ଚିତ ଭାବେ ଖେଳିପାରନ୍ତି। ମୁଁ ସେମାନଙ୍କ ବିପକ୍ଷରେ କେତେକ ମ୍ୟାଚ୍ ଖେଳିଛି। ଯଦି ମାନସିକ ଏବଂ ଶାରୀରିକ ରୂପେ ସେମାନେ ପ୍ରସ୍ତୁତ, ତେବେ ୨୦୦୭ ବିଶ୍ୱକପ୍ ଦୂର ନୁହେଁ।

ରୋହିତ ଶର୍ମା ଓ ବିରାଟ କୋହଲି ୯ ମାସ ପରେ ଘରୋଇ ପଡ଼ିଆରେ ଏକାଠି ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ଖେଳିବେ। ଦୁହେଁ ଶେଷଥର ଚଳିତ ବର୍ଷ ଫେବୃଆରୀ ୧୨ରେ ଅହମଦାବାଦରେ ଇଂଲଣ୍ଡ ବିପକ୍ଷରେ ଖେଳିଥିଲେ।

ମୋର୍କେଲ୍ ପ୍ରାକ୍ଟିସ୍ ସେସନ୍ ପୂର୍ବରୁ କହିଥିଲେ ଯେ ଗତ ଦୁଇ ସପ୍ତାହ ନୈରାଶ୍ୟଜନ ରହିଥିଲା। କିନ୍ତୁ ଏବେ ନିଜକୁ ରିସେଟ୍ କରିବା ପାଇଁ ଆମ ପାଖରେ କିଛିଦିନ ରହିଛି। ଏବେ ଆମକୁ ନିଜର ପୂରା ଶକ୍ତି ଦିନିକିଆ କ୍ରିକେଟ୍‌ରେ ଲଗାଇବାକୁ ହେବ। ଗତ କିଛି ବର୍ଷ ଧରି ଟିମ୍ ଏହି ଫର୍ମାଟ୍‌ରେ ଉନ୍ନତ ଖେଳ ଦେଖାଇ ଆସୁଛି। ସେ କହିଛନ୍ତି, ଟେଷ୍ଟ୍ ସିରିଜ୍ ଜିତି ସାଉଥ୍ ଆଫ୍ରିକାର ଟିମ୍ ବହୁ ଆତ୍ମବିଶ୍ୱାସରେ ରହିଛି ଏବଂ ଏପରି ଟିମ୍ ସର୍ବଦା ଚ୍ୟାଲେଞ୍ଜିଂ ହୋଇଥାଏ। ରଙ୍ଗୀନ୍ ଜର୍ସି ଏବଂ ଧଳା ବଲ୍ ଅଲଗା ଶକ୍ତି ପ୍ରଦାନ କରିଥାଏ। କିନ୍ତୁ ସାଉଥ୍ ଆଫ୍ରିକା ଏବେ ପୂରା ଲୟରେ ରହିଛି। ଟେଷ୍ଟ୍ କ୍ୟାପ୍ଟେନ୍ ଶୁଭମନ ଗିଲ୍ ଏବଂ ଶ୍ରେୟସ୍ ଆୟର୍‌ଙ୍କ ଫିଟ୍‌ନେସ୍ ଉପରେ ମୋର୍କେଲ୍ କହିଛନ୍ତି, ଶୁଭମନ୍ ଉନ୍ନତ ରିକଭର କରୁଛନ୍ତି। ଦୁଇଦିନ ପୂର୍ବେ ତାଙ୍କ ସହିତ କଥା ହୋଇଥିଲା। ଶ୍ରେୟସ୍ ମଧ୍ୟ ରିହାବ୍ ଆରମ୍ଭ କରିଦେଇଛନ୍ତି।

# ଅଣ୍ଡର-୧୯ ଏସିଆ କପ୍: ମହାତ୍ରେ କ୍ୟାପ୍ଟେନ୍

**ଡିସେମ୍ବର ୧୪ରେ ଭାରତ-ପାକିସ୍ତାନ ମ୍ୟାଚ୍**



**ମୁମ୍ବାଇ,୨୮।୧୧/ଏଜେନ୍ସି:** ଅଣ୍ଡର-୧୯ ଏସିଆ କପ୍ ପାଇଁ ଭାରତୀୟ ଟିମ୍ ଘୋଷିତ ହୋଇଛି। ଶୁକ୍ରବାର ଘୋଷିତ ଟିମ୍‌ର ନେତୃତ୍ୱ ଆୟୁଷ ମହାତ୍ରେଙ୍କୁ ପ୍ରଦାନ କରାଯାଇଥିବା ବେଳେ ବିହାନ୍ ମାଲ୍‌ହୋତ୍ରାଙ୍କୁ ତାଙ୍କ ଡେପୁଟୀ କରାଯାଇଛି। ଟିମ୍‌ର ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ମଧ୍ୟ ସ୍ଥାନ ମିଳିଛି। ଭାରତ ଡିସେମ୍ବର ୧୨ରେ କ୍ୱାଲିଫାୟର-୧ ବିପକ୍ଷରୁ ନିଜ ଅଭିଯାନ ଆରମ୍ଭ କରିବ। ସେହିପରି ଟିମ୍ ଡିସେମ୍ବର ୧୪ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଡିସେମ୍ବର ୨୧ ତାରିଖରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟ୍ ଡିସେମ୍ବର ୧୨ରେ ଭାରତ ଓ କ୍ୱାଲିଫାୟର୍-୧ ମ୍ୟାଚ୍‌ରୁ ଆରମ୍ଭ ହେବ। ଟିମ୍ ଇଣ୍ଡିଆ ଗ୍ରୁପ୍-ଏ'ରେ ପାକିସ୍ତାନ, କ୍ୱାଲିଫାୟର୍-୧ ଓ କ୍ୱାଲିଫାୟର୍-୩ ସହିତ ସ୍ଥାନ ପାଇଛି। ସେହିପରି ଗ୍ରୁପ୍-ବି'ରେ ବାଂଲାଦେଶ, ଶ୍ରୀଲଙ୍କା, ଆଫଗାନିସ୍ତାନ ଓ କ୍ୱାଲିଫାୟର୍-୨ ରହିଛନ୍ତି।

ଅଣ୍ଡର-୧୯ ଏସିଆ କପ୍ ୧୯୮୯ରେ ବାଂଲାଦେଶରେ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଏହାର ୧୨ଟି ସଂସ୍କରଣ ଖେଳାସରିଥିବା ବେଳେ ଭାରତ ସର୍ବାଧିକ ୭ ଥର ଟାଇଟଲ୍ ଜିତଥିବା ବେଳେ ଥରେ ପାକିସ୍ତାନ ସହ ବିଜୟୀ ଟ୍ରଫି ଶେୟାର୍ କରିଛି। ବାଂଲାଦେଶ ଦୁଇ ଟାଇଟଲ୍ ଜିତିଥିବା ବେଳେ ପାକିସ୍ତାନ ଓ ଆଫଗାନିସ୍ତାନକୁ ୧-୧ ଟାଇଟଲ୍ ମିଳିଛି।

**ଅଣ୍ଡର-୧୯ ଭାରତୀୟ ଟିମ୍:** ଆୟୁଷ ମହାତ୍ରେ (କ୍ୟାପ୍ଟେନ୍), ବିହାନ୍ ମାଲ୍‌ହୋତ୍ରା (ଭାଇସ୍ କ୍ୟାପ୍ଟେନ୍), ବେଦାନ୍ତ ତ୍ରିବେଦୀ, ଅଭିଜ୍ଞାନ କୁଣ୍ଡୁ (ୱିକେଟ୍‌କିପର୍), ହରବଂଶ ସିଂହ, ଯୁବରାଜ ଗୋହିଲ୍, କନିଷ୍କ ଚୌହାନ୍, ଖିଲନ୍ ଏ ପଟେଲ୍, ନମନ ପୁଷ୍ପକ, ଦୀପେଶ ଦେବେନ୍ଦ୍ର, ହେନିଲ୍ ପଟେଲ୍, କିଶନ୍ କୁମାର ସିଂହ, ଉଦ୍ଧବ ମୋହନ ଏବଂ ଏରୋନ୍ ଜର୍ଜ।

**ଷ୍ଟାଣ୍ଡବାଇ:** ରାହୁଲ କୁମାର, ହେମଚୌଦେଶନ୍, ବିକେ କିଶୋର ଏବଂ ଆଦିତ୍ୟ ରାଓ୍ୱତ।

# ବାରବାଟୀ ଟି-୨୦କୁ ନେଇ ଓସିଏର ସମୀକ୍ଷା ବୈଠକ

**କଟକ,୨୮।୧୧/ଏନ୍ଏନ୍ଏସ୍:** ଡିସେମ୍ବର ୯ ତାରିଖରେ ବାରବାଟୀରେ ହେବାକୁ ଥିବା ଭାରତ-ସାଉଥ୍ ଆଫ୍ରିକା ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌କୁ ନେଇ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ)ର ଏକ ସମୀକ୍ଷା ବୈଠକ ଶୁକ୍ରବାର ବାରବାଟୀ ଷ୍ଟାଡିୟମ୍ ପରିସରରେ ଆୟୋଜିତ ହୋଇଯାଇଛି। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଭିନ୍ନ ସବ୍-କମିଟିର ଏହି ପ୍ରସ୍ତୁତି ବୈଠକରେ ସମ୍ପାଦକ ସଞ୍ଜୟ ବେହେରା ସାମଗ୍ରୀକ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ମ୍ୟାଚ୍ ପାଇଁ ସୁଗମ ସମନ୍ୱୟ, ବିସିସିଆଇ ପ୍ରୋଟୋକଲ୍ ପାଳନ ଏବଂ ଅନ୍ତର୍ଜାତୀୟ ମ୍ୟାଚ୍‌ର ମାନଦଣ୍ଡ ପୂରଣ କରିବା ପାଇଁ ସମୟୋଚିତ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାକୁ ଶ୍ରୀ ବେହେରା ସମସ୍ତ ସବ୍-କମିଟିକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ସୁରକ୍ଷା, ବିଦ୍ୟୁତ୍ ଯୋଗାଣ, ଚିକିତ୍ସା ସେବା, ପରିବହନ, ମାନ୍ୟତା, ଆତିଥ୍ୟ, ଆଇଟି ଏବଂ ଯୋଗାଯୋଗ, ଗେଟ୍ ନିୟନ୍ତ୍ରଣ, ଟିକେଟିଂ, ଫ୍ଲଡ୍ ଲାଇଟ୍ କାର୍ଯ୍ୟ, ନେଟ୍ ଅଭ୍ୟାସ ବ୍ୟବସ୍ଥା ଏବଂ ସାମଗ୍ରୀକ ମ୍ୟାଚ୍-ଡେ ସମନ୍ୱୟ ତଦାରଖ ପାଇଁ ବହୁବିଧ ସମନ୍ୱିତ ନିୟନ୍ତ୍ରଣ କକ୍ଷ ପ୍ରତିଷ୍ଠା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତ କୁମାର ଭୋଳ (ଯୁଗ୍ମ ସମ୍ପାଦକ), ବିକାଶ ପ୍ରଧାନ (କୋଷାଧ୍ୟକ୍ଷ), ପ୍ରତାପ ଚନ୍ଦ୍ର ପ୍ରଧାନ (ଆପେକ୍ସ କାଉନସିଲ ସଦସ୍ୟ - ଅନୁଗୁଳ ବିଧାୟକ), ସୁବ୍ରତ କୁମାର ବେହେରା (ସିଇଓ, ଓସିଏ), ଆଶୀର୍ବାଦ ବେହେରା, (ପୂର୍ବତନ ଓସିଏ ସମ୍ପାଦକ ଏବଂ ଫାଓ ସମ୍ପାଦକ) ଅଭିଜିତ ପଲ୍, (ଓଡ଼ିଶା ଅଲିମ୍ପିକ୍ ଆସୋସିଏସନ୍ ସମ୍ପାଦକ) ଏବଂ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର୍ ତଥା ଓସିଏ ସଦସ୍ୟ ସଞ୍ଜୟ ରାଉଳଙ୍କ ସମେତ ଓସିଏ ସଦସ୍ୟ, ସମସ୍ତ ସମ୍ପୃକ୍ତ ଉପ-ସମିତି ଏବଂ ପ୍ରମୁଖ ଅଂଶୀଦାରଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ।




# ମୁସ୍ତାକ ଅଲୀ ଟ୍ରଫି: ଓଡ଼ିଶାର କ୍ରମାଗତ ଦ୍ୱିତୀୟ ପରାଜୟ

**କଟକ,୨୮।୧୧/ଏଜେନ୍ସି:** ବିସିସିଆଇର ଘରୋଇ ଟି-୨୦ ଟୁର୍ଣ୍ଣାମେଣ୍ଟ ସୟଦ୍ ମୁସ୍ତାକ ଅଲୀ ଟ୍ରଫିରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ଶୁକ୍ରବାର ଲକ୍ଷ୍ନୌର ଇକାନା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ଟିମ୍‌କୁ ଆନ୍ଧ୍ରପ୍ରଦେଶ ୬୬ ରନ୍‌ରେ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ ପାଇଥିବା ଆନ୍ଧ୍ର ନିର୍ଦ୍ଧାରିତ ଓଭର୍‌ରେ ୭ ୱିକେଟ୍ ହରାଇ ୧୮୪ ରନ୍ କରିଥିଲା। ଜବାବରେ ଓଡ଼ିଶା ୧୭.୨ ଓଭର୍‌ରେ ୧୧୮ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି। ଏହା ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ବୁଧବାର ୧୦ ୱିକେଟ୍‌ରେ କେରଳଠାରୁ ପରାଜିତ ହୋଇଥିଲା। ଟିମ୍ ପରବର୍ତ୍ତୀ ମ୍ୟାଚ୍ ରବିବାର ବିଦର୍ଭ ବିପକ୍ଷରେ ଖେଳିବ। ୧୮୫ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଓଡ଼ିଶା ୫ ରନ୍ ମଧ୍ୟରେ ଶେଷ ତିନିଟି ୱିକେଟ୍ ହରାଇଥିଲା। ଟିମ୍ ପକ୍ଷରୁ ୱିକେଟ୍‌କିପର୍ ସୌରଭ ଗୌଡ଼ ସର୍ବାଧିକ ୨୪ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱସ୍ତିକ ସାମଲ ୧୮, ଗୌରବ ଚୌଧୁରୀ ୧୭, ସୁଭ୍ରାଂଶୁ ସେନାପତି ୧୬, କ୍ୟାପ୍ଟେନ୍ ବିପ୍ଳବ ସାମନ୍ତରାୟ ୫, ଗୋବିନ୍ଦ ପୋଦ୍ଦାର ୧୦, ସମ୍ବିତ ବରାଳ ୧୫ ରନ୍ କରିଥିଲେ। ଆନ୍ଧ୍ର ପକ୍ଷରୁ ପୃଥ୍ୱୀରାଜ ଯାରା ଓ ସୌରଭ କୁମାର ୩-୩ ୱିକେଟ୍ ନେଇଥିଲେ।

ଟସ୍ ହାରି ବ୍ୟାଟିଂ ପାଇଥିବା ଆନ୍ଧ୍ର ପ୍ରଦେଶ ପକ୍ଷରୁ କ୍ୟାପ୍ଟେନ୍ ରିକି ଭୁଇ ସର୍ବାଧିକ ୪୭ ରନ୍ କରିଥିବା ବେଳେ ଶ୍ରୀକର ଭରତ ୪୨, ଅଶ୍ୱିନ ହେବର୍ ୩୯ ଏବଂ ସେକ୍ ରଶିଦ୍ ୨୪ ରନ୍‌ର ଯୋଗଦାନ ଦେଇଥିଲେ। ଓଡ଼ିଶା ପକ୍ଷରୁ ବିପ୍ଳବ ସାମନ୍ତରାୟ ୩ଟି, ରାଜେଶ ମହାନ୍ତି ୨ଟି ୱିକେଟ୍ ନେଇଥିବା ବେଳେ ଭଗୀଶ ଶର୍ମା ଓ ପପୁ ରାୟଙ୍କ ୧-୧ ସଫଳତା ମିଳିଥିଲା।

# ପର୍ତ୍ତୁଗାଲ୍ ଅଣ୍ଡର-୧୭ ଫିଫା ବିଶ୍ୱକପ୍ ଚାମ୍ପିଅନ୍

**ଦୋହା,୨୮।୧୧/ଏଜେନ୍ସି:** ଫାଇନାଲ୍‌ରେ ଅଷ୍ଟ୍ରିଆକୁ ୧-୦ ଗୋଲ୍‌ରେ ହରାଇ ପର୍ତ୍ତୁଗାଲ୍ ଫିଫା ଅଣ୍ଡର-୧୭ ବିଶ୍ୱକପ୍ ଚାମ୍ପିଅନ୍ ହୋଇଛି। ଏହି ବୟସ ବର୍ଗରେ ପର୍ତ୍ତୁଗାଲ୍‌ର ଏହା ପ୍ରଥମ ବୈଶ୍ୱିକ ଟାଇଟଲ୍। ୪୮ ଦେଶକୁ ନେଇ ଆୟୋଜିତ ଟୁର୍ଣ୍ଣାମେଣ୍ଟ୍‌ର ଟାଇଟଲ୍ ମୁକାବିଲାରେ ବେନ୍‌ଫିକା ଫରୱାର୍ଡ ଅନିସିଓ କାବ୍ରୋଲ୍ ୩୨ତମ ମିନିଟ୍‌ରେ ଏକମାତ୍ର ଗୋଲ୍‌ଟି ସ୍କୋର୍ କରିଥିଲେ। ଏହା ପୂର୍ବରୁ ଇଟାଲୀ ତୃତୀୟ ସ୍ଥାନ ପାଇଁ ମ୍ୟାଚ୍‌ରେ ବ୍ରାଜିଲ୍‌କୁ ୪-୨ ଶୁଟ୍‌ଆଉଟ୍‌ରେ ହରାଇ ଶୀର୍ଷ ତିନି ସ୍ଥାନରେ ନିଜ ଦବ୍‌ଦବା ଜାହିର କରିଥିଲା। ମ୍ୟାଚ୍ ଡ୍ର'ରେ ଶେଷ ହେବା ପରେ ଗୋଲ୍‌କିପର୍ ଆଲେସେଣ୍ଡ୍ରୋ ଲୋଙ୍ଗୋନି ଦୁଇଟି ପେନାଲ୍ଟି ବଞ୍ଚାଇ ଇଟାଲୀର ବିଜୟ ପକ୍କା କରିଥିଲେ।




# ଗମ୍ଭୀରଙ୍କ ବୟାନରେ ବିସିସିଆଇ ଅସନ୍ତୁଷ୍ଟ !

**ନୂଆଦିଲ୍ଲୀ,୨୮।୧୧/ଏଜେନ୍ସି:** ଭାରତୀୟ ଟିମ୍‌କୁ ସାଉଥ୍ ଆଫ୍ରିକା ବିପକ୍ଷ ଦୁଇ ମ୍ୟାଚ୍‌ର ଟେଷ୍ଟ୍ ସିରିଜ୍‌ରେ ୦-୨ରେ ଶୋଚନୀୟ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି। କୋଲ୍‌କାତା ଟେଷ୍ଟ୍ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ୧୨୪ ରନ୍‌ର ଲକ୍ଷ୍ୟ ମଧ୍ୟ ହାସଲ କରିପାରିଲା ନାହିଁ ଏବଂ ୩୦ ରନ୍‌ରେ ମ୍ୟାଚ୍ ହାରିଲା। ପୁଣି ଗୁଆହାଟୀ ଟେଷ୍ଟ୍‌ରେ ଟିମ୍‌କୁ ୪୦୮ ରନ୍‌ର ବଡ଼ ବ୍ୟବଧାନରେ ପରାଜୟ ମିଳିଥିଲା। ଲଜ୍ଜାଜନକ ପରାଜୟ ପରେ ଟିମ୍ ଇଣ୍ଡିଆ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ସମାଲୋଚକଙ୍କ ଟାର୍ଗେଟ୍‌କୁ ଆସିଯାଇଛନ୍ତି। ହିନ୍ଦୁସ୍ତାନ ଟାଇମ୍ସ ରିପୋର୍ଟ ଅନୁସାରେ ଗୌତମ ଗମ୍ଭୀର ପ୍ରେସ୍ କନ୍‌ଫରେନ୍ସରେ ଯେଉଁ କଥା କହିଛନ୍ତି ତାହା ମଧ୍ୟ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)କୁ ପସନ୍ଦ ଆସିନାହିଁ। ଅବଶ୍ୟ ବିସିସିଆଇ ତାଙ୍କ ସାଥ୍ ଦେଉଛି। କିନ୍ତୁ ଆଗାମୀ ଟି-୨୦ ବିଶ୍ୱକପ୍ ୨୦୨୬ରେ ଭାରତୀୟ ଟିମ୍‌ର ଖରାପ ପ୍ରଦର୍ଶନ ତାଙ୍କ ଚୌକି ହଲାଇ ଦେଇପାରେ। ସାଉଥ୍ ଆଫ୍ରିକା ବିପକ୍ଷ ସିରିଜ୍ ପରାଜୟ ପରେ ଗମ୍ଭୀରଙ୍କୁ ନେଇ ହେଉଥିବା ସମାଲୋଚନା ତୀବ୍ର ହୋଇଛି। ଏପରି ସ୍ଥିତିରେ ଟି୨୦ ବିଶ୍ୱକପ୍ ଗମ୍ଭୀରଙ୍କ ଅଗ୍ନିପରୀକ୍ଷା ହେବ। ସିରିଜ୍ ପରାଜୟ ପରେ ଗମ୍ଭୀରଙ୍କ ପ୍ରେସ୍ କନ୍‌ଫରେନ୍ସ ସବୁଠୁ ବଡ଼ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଗମ୍ଭୀର ଏହି ପରାଜୟକୁ ସାମୂହିକ ଦାୟିତ୍ୱ ବୋଲି କହିଛନ୍ତି। ତେବେ ତାଙ୍କ ଆଟିଚ୍ୟୁଟ୍, ଜବାବର ସ୍ୱର ଏବଂ କେତେକ ବିରୋଧୀଭାସୀ ବୟାନ ବିସିସିଆଇର ବରିଷ୍ଠ ଅଧିକାରୀଙ୍କୁ ହଜମ ହୋଇନାହିଁ। ରିପୋର୍ଟ ଅନୁସାରେ କୋଲ୍‌କାତା ଟେଷ୍ଟ୍ ପରେ ଗମ୍ଭୀର ପିଚ୍‌କୁ ନେଇ ଟିପ୍ପଣୀ କରିଥିଲେ, ତାହା ମଧ୍ୟ ବୋର୍ଡକୁ ପସନ୍ଦ ଆସିନାହିଁ। ବିସିସିଆଇ ଗମ୍ଭୀରଙ୍କ ବୟାନ ଏବଂ ଟୋନ୍‌ରେ ସନ୍ତୁଷ୍ଟ ନୁହେଁ, ଯାହା ପଡ଼ିଆରେ ପଡ଼ିଆରେ ମିଳିଥିବା ହାର ସହିତ ଗ୍ରାଉଣ୍ଡ ବାହାରର ଟେନ୍‌ସନ୍ ମଧ୍ୟ ବୃଦ୍ଧି ପାଇଛି।

**ଟି-୨୦ ବିଶ୍ୱକପ୍ ହେବ ଅଗ୍ନିପରୀକ୍ଷା**



ସୋସିଆଲ୍ ମିଡିଆ ଏବଂ ପ୍ରଶଂସକଙ୍କ ମଧ୍ୟରେ ତାଙ୍କ ପ୍ରତି ଅସନ୍ତୋଷ ବଢ଼ିବାରେ ଲାଗିଛି। ଏପରିରେ ଯଦି ପରିସ୍ଥିତି ଶୀଘ୍ର ନସୁଧୁରେ, ତେବେ ବିସିସିଆଇ ମଧ୍ୟ ତାଙ୍କଠାରୁ ଦୂରେଇ ଯାଇପାରେ। ଗମ୍ଭୀରଙ୍କ ନେତୃତ୍ୱରେ ଭାରତ ଘରୋଇ ମାଟିରେ ଦୁଇଟି ଟେଷ୍ଟ୍ ସିରିଜ୍ ପରାଜିତ ହୋଇଛି। ସେହି ଦୁଇ ସିରିଜ୍‌ରେ ଭାରତ କ୍ଲିନ୍‌ସ୍ୱିନ୍ ହୋଇଛି, ଯାହା ରାହୁଲ ଦ୍ରାବିଡ୍ ଏବଂ ରବି ଶାସ୍ତ୍ରୀଙ୍କ ପରି ପୂର୍ବତନ କୋଚ୍‌ଙ୍କ ସମୟରେ ପ୍ରାୟତଃ ଅସମ୍ଭବ ମନେ ହେଉଥିଲା। ଏହି ରେକର୍ଡ ଏବେ ଗୌତମ ଗମ୍ଭୀରଙ୍କ ପାଇଁ ସବୁଠୁ ବଡ଼ ଆହ୍ୱାନ ହୋଇଛି। ପୂର୍ବତନ ଖେଳାଳି ଏବଂ କ୍ରିକେଟ୍ ବିଶେଷଜ୍ଞଙ୍କ କହିବା କଥା ହେଉଛି, ଗମ୍ଭୀର ଅଲ୍‌ରାଉଣ୍ଡର୍ ଏବଂ ପାର୍ଟଟାଇମ୍ ବିକଳ୍ପ ଉପରେ ଆବଶ୍ୟକତା ଠାରୁ ଅଧିକ ନିର୍ଭରଶୀଳ ରହୁଥିବା ବେଳେ ସ୍ପେଶାଲିଷ୍ଟ ବ୍ୟାଟର୍ ଏବଂ ବୋଲର୍ ବାହାରେ ବସୁଛନ୍ତି। ଏହି ନିଷ୍ପତ୍ତି ଟିମ୍‌ର ସ୍ଥିରତା ଏବଂ ଡେପ୍‌ଥ (ଗଭୀରତା)କୁ ଦୁର୍ବଳ କରିଛି, ଯାହା ଲାଲ୍ ବଲ୍ କ୍ରିକେଟ୍‌ର ଆଧାରଭୂତ ଆବଶ୍ୟକତା।

ଟେଷ୍ଟ୍ କ୍ରିକେଟ୍‌ରେ ମିଳିଥିବା ବିଫଳତାର ଚାପ ଏବେ ଗମ୍ଭୀରଙ୍କ ଉପରେ ପ୍ରବଳ ହେବାରେ ଲାଗିଛି। ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍‌ଶିପ୍ (ଡବ୍ଲ୍ୟୁଟିସି) ୨୦୨୫-୨୭ରେ ଭାରତର ଆଗାମୀ ସିରିଜ୍ ୨୦୨୬ ଅଗଷ୍ଟରେ ହେବାର ଥିବାରୁ ବୋର୍ଡ ଏବେ କୋଚିଂରେ ବଡ଼ ପରିବର୍ତ୍ତନ କରିବାକୁ ଚାହୁଁନାହିଁ। ଦେଖିବାକୁ ଗଲେ ହ୍ୱାଇଟ୍-ବଲ୍ କ୍ରିକେଟ୍‌ରେ ଗମ୍ଭୀରଙ୍କ ସଫଳତା ତାଙ୍କ ପାଇଁ ଢାଲ ହୋଇଛି। ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬ ଭାରତ ଏବଂ ଶ୍ରୀଲଙ୍କାର ମିଳିତ ଆୟୋଜନରେ ଖେଳାଯିବ। ଭାରତୀୟ ଟିମ୍ ନିକଟରେ ଏହି ଟୁର୍ଣ୍ଣାମେଣ୍ଟରେ ହୋମ୍ ଆଡ୍‌ଭାଣ୍ଟେଜ୍ ରହିବ। ଏପରିରେ ଯଦି ମ୍ୟାନ୍ ଇନ୍ ବ୍ଲ୍ୟୁର ପ୍ରଦର୍ଶନ ଆଶାନୁରୂପ ନହୁଏ, ତେବେ ତାଙ୍କ ଚୌକି ଯାଇପାରେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra